


ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ
▶ ଖେଳ ପୃଷ୍ଠା ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-259 ◆WEDNESDAY ◆18 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୫୯ ◆ବୁଧବାର ◆୧୮ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଆଫଗାନିସ୍ତାନ ଡାକ୍ତରଖାନାରେ ପାକିସ୍ତାନର ବୋମାମାଡ଼; ୪୦୦ ମୃତ

■ କାବୁଲ/ଇସ୍‌ଲାମାବାଦ୍/ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ଏକ ନିଶା ନିବାରଣ ହସ୍ପିଟାଲ ଉପରେ ପାକିସ୍ତାନୀ ଯୁଦ୍ଧ ବିମାନ ଭୟଙ୍କର ବୋମାମାଡ଼ କରିଛି । ଆକ୍ରମଣରେ ଅତିକମ୍‌ରେ ୪୦୦ ରୋଗୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଆଫଗାନିସ୍ତାନ ।।ରେ ତାଲିବାନ ସରକାରଙ୍କ ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ୯ଟା ସମୟରେ ପାକିସ୍ତାନୀ ଯୁଦ୍ଧ ବିମାନ କାବୁଲର ଏହି ହସପିଟାଲ ଉପରେ ବୋମାମାଡ଼ କରିଥିଲା । ଡାକ୍ତରଖାନାର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି । ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଏହାକୁ ଏକ 'ମାନବିକତା ବିରୋଧୀ ଅପରାଧ' ବୋଲି କହିଛନ୍ତି । ପାକିସ୍ତାନ ବାରମ୍ବାର ଆଫଗାନିସ୍ତାନର ଆକାଶପଥ ଉଲ୍ଲଂଘନ କରି ସାଧାରଣ ନାଗରିକ ଓ ଚିକିତ୍ସାଳୟକୁ ଟାର୍ଗେଟ କରୁଥିବା ସେ ଅଭିଯୋଗ କରିଛନ୍ତି । କିନ୍ତୁ ପାକିସ୍ତାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି । ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର କହିଛନ୍ତି ଯେ, ସେମାନେ କେବଳ କାବୁଲ ଓ ନଙ୍ଗରହାର ପ୍ରଦେଶରେ ଆତଙ୍କବାଦୀ ସଂଗଠନକୁ ସହାୟତା କରୁଥିବା ସାମରିକ ପ୍ରତିଷ୍ଠାନ ଓ ଗୋଳାବାରୁଦ ଭଣ୍ଡାର ଉପରେ ହିଁ ଆକ୍ରମଣ କରିଛନ୍ତି । କୌଣସି ହସ୍ପିଟାଲକୁ ଟାର୍ଗେଟ କରାଯାଇନାହିଁ । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଘୋଷଣା କରିଛନ୍ତି ଯେ, ପାକିସ୍ତାନ ବର୍ତ୍ତମାନ ଆଫଗାନିସ୍ତାନ ସହିତ 'ଖୋଲା ଯୁଦ୍ଧ' ସ୍ଥିତିରେ ରହିଛି । ଗତ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ଜାରି ରହିଛି, ଯାହା ଗତ ତିନି ସପ୍ତାହ ହେବ ଅଧିକ ଭୟଙ୍କର ରୂପ ଧାରଣ କରିଛି ।

**ଆକ୍ରମଣକୁ ଭାରତର ତୀବ୍ର ନିନ୍ଦା**



କାବୁଲ ମେଡିକାଲରେ ପାକିସ୍ତାନର ବିମାନ ଆକ୍ରମଣକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଛି । ଏହି ଆକ୍ରମଣକୁ ଭାରତ ବର୍ବର ଓ କାପୁରୁଷୋଚିତ ବୋଲି କହିବା ସହ ଏହା ଆଞ୍ଚଳିକ ଶାନ୍ତି ପ୍ରତି ସିଧାସଳଖ ବିପଦ ବୋଲି ବର୍ଣ୍ଣନା କରିଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚିକିତ୍ସାଳୟରେ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ଏକ ଅକ୍ଷମଣୀୟ ଅପରାଧ । କିନ୍ତୁ ପାକିସ୍ତାନ ଏହି ନରସଂହାରକୁ ସାମରିକ ଅପରେସନର ରୂପ ଦେବାକୁ ଚେଷ୍ଟା କରିଛି । ଭାରତ ଏହାକୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଏକ ଖୋଲଖୋଲି ଆକ୍ରମଣ ବୋଲି କହିଛି । ପାକିସ୍ତାନ ନିଜର ଅଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସୀମା ବାହାରେ ଏଭଳି ଅମାନବୀୟ କାର୍ଯ୍ୟ କରୁଛି । ପବିତ୍ର ରମଜାନ ମାସରେ ହସ୍ପିଟାଲ ଓ ରୋଗୀଙ୍କୁ ଟାର୍ଗେଟ କରିବା ଅତ୍ୟନ୍ତ ନିନ୍ଦନୀୟ । ଏଭଳି କାର୍ଯ୍ୟକୁ କୌଣସି ଧର୍ମ ସମର୍ଥନ କରେନାହିଁ ବୋଲି ଭାରତ କହିଛି ।

**ଏସ୍‌ସିବିରେ ନିଆଁ**

# ବିଧାନସଭାରେ ତାତି

## ରୋଗୀ ମୃତ୍ୟୁ ସମୟରେ ମନ୍ତ୍ରୀ ନାଚୁଛନ୍ତି: ବିରୋଧୀ

■ ଭୁବନେଶ୍ୱର,୧୭।୩(ସମିସ): ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ବିଧାନସଭା ଅଚଳ କରିଛନ୍ତି ବିରୋଧୀ । ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଦାବିରେ ବିରୋଧୀ ଗୃହକୁ କମ୍ପମାନ କରିଛନ୍ତି । ଅଭିଯୋଗ କରିଛନ୍ତି ଯେ ଏସସିବିରେ ରୋଗୀ ମରୁଥିବା ବେଳେ ମନ୍ତ୍ରୀ ରାଜ୍ୟସଭା ନିର୍ବାଚନ ଫଳାଫଳରେ ଉତ୍ସାହିତ ହୋଇ ନାଚୁଥିଲେ । ତାଙ୍କର ତୁରନ୍ତ ଇସ୍ତଫା ଦାବିରେ ବିରୋଧୀ ଜିଦ୍ ଧରିବାରୁ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨୨ ମିନିଟ ଚାଲିପାରିଛି ଓ ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟରେ ବିରୋଧୀ ଭାଗ ନେଇ ନାହାନ୍ତି । ଅପରାହ୍ନରେ ବିନା ବିରୋଧୀରେ ଦୁଇ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି ।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ହାତରେ ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ । ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରି ଗୃହରେ ନାରାବାଜି କରିଥିଲେ । କଂଗ୍ରେସର ବିଧାୟକମାନେ ସମାନ ପ୍ରସଙ୍ଗକୁ ନେଇ




ଗୃହର ମଧ୍ୟଭାଗରେ ପ୍ରବଳ ହୋ ହଲ୍ଲା କରିଥିଲେ । ପ୍ରଶ୍ନକାଳ ଅଚଳ ହୋଇ ଯାଇଥିଲା । ଫଳରେ ବାଚସ୍ପତି ୧୦ଟା ୩୭ରୁ ୧୨ଟା ଯାଏଁ ମୁଲତବୀ ରଖିଥିଲେ । ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଉଭୟ ଦଳର ସଦସ୍ୟ ଗୃହ ମଧ୍ୟରେ ତୁମୁଳ ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ୧୨ଟା ୧୫ରୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସମାନ ଭାବରେ ଗୃହରେ ହଟ୍ଟଗୋଳ, ନାରାବାଜି କରିବା ସହ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚଦାବୀ ଆଲୋଚନାରେ ଭାଗ ନେଇନଥିଲେ । ଏନେଇ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଯେଉଁ ବିକଳ ଚିତ୍ର ଆସୁଛି ସେନେଇ ସରକାର ସଚେତନ ଅଛନ୍ତି ତ ? ଏସସିବିରେ ନିଆଁ ଲାଗିବା ଏବଂ ଏଥିରେ ରୋଗୀ ପୋଡ଼ି ହୋଇ ମରିବା ▶ପୃଷ୍ଠା-୭

## ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ: ନବୀନ

■ ଭୁବନେଶ୍ୱର,୧୭।୩(ସମିସ): କଟକ ଏସସିବି ମେଡିକାଲ କଲେଜରେ ଭୟାବହ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ମଙ୍ଗଳବାର

- ଭୟଙ୍କର ବ୍ୟବସ୍ଥାଗତ ତ୍ରୁଟି
- 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବନି ସ୍ୱାସ୍ଥ୍ୟ ବିଭାଗ
- ମୃତକଙ୍କ ପରିବାର ପାଇଁ ଦିଆଯାଉ ୫୦ ଲକ୍ଷ ଟଙ୍କା ସହାୟତା



ବିଧାନସଭାର ଶୂନ୍ୟକାଳରେ ନବୀନ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜ ଭୟାବହ ଅଗ୍ନିକାଣ୍ଡ ଘଟଣା ମୋତେ ବ୍ୟଥିତ କରିଛି । ଗତକାଲି ମୁଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲି । ସେଠାରେ ମୁଁ ଯାହା ଦେଖିଲି, ତାହା କେବଳ ଏକ ଦୁଃଖଦ ଦୁର୍ଘଟଣାର ଦୃଶ୍ୟ ନ ଥିଲା, ବରଂ ଆମ ରାଜ୍ୟର ଏହି ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ଏକ ନଗ୍ନ ଚିତ୍ର ଥିଲା । ସୋମବାର ଭୋର ସମୟରେ ଟ୍ରମା କେୟାର ଆଇସିୟୁରେ ▶ପୃଷ୍ଠା-୭

**ଇରାନ ଯୁଦ୍ଧ: ହାତଛାଡ଼ିଲେ ସହଯୋଗୀ**

# ଟ୍ରମ୍ପଙ୍କୁ ଝଟ୍‌କା

■ ୱାସିଂଟନ, ୧୭ ।୩(ଏଜେନ୍ସି): ଇସ୍ରାଏଲ କଥାରେ ପଡ଼ି ଇରାନ ଉପରେ ଆକ୍ରମଣ କରି ସଙ୍କଟରେ ପଡ଼ିଯାଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆମେରିକା ଉପରେ ଇରାନ ଏମିତି ପାଲଟା ଆକ୍ରମଣ କରିବ ବୋଲି ସେ କେବେହେଲେ କଳ୍ପନା କରିନଥିଲେ । ଆଜି ଏହା ସ୍ୱୀକାର କରିଛନ୍ତି ଟ୍ରମ୍ପ । ଏଭଳି ସଙ୍କଟରେ ଇରାନର ମୁକାବିଲା ପାଇଁ ସେ ଆମେରିକାର ସହଯୋଗୀ ଦେଶ ଏବଂ ବିଶେଷ କରି ୟୁରୋପୀୟ ଦେଶଙ୍କ ଠାରୁ ସହାୟତା ଲୋଡ଼ିଥିଲେ । କିନ୍ତୁ ସହାୟତା କରିବାକୁ ସେମାନେ ରୋକଠୋକ ମନା କରିଦେଇଛନ୍ତି । ଏହାକୁ ନେଇ ଭୀଷଣ ବ୍ୟସ୍ତ ଓ ବିବ୍ରତ ଥିବା ଟ୍ରମ୍ପଙ୍କୁ ଆଜି ଆଉ ଏକ ଝଟକା ଲାଗିଛି । ଏହି ଝଟକା ଦେଇଛନ୍ତି ତାଙ୍କର ଘନିଷ୍ଠ ସହଯୋଗୀ ତଥା ଆମେରିକାର ଜାତୀୟ ଆତଙ୍କବାଦ ମୁକାବିଲା କେନ୍ଦ୍ର (କାଉଣ୍ଟର ଟେରୋରିଜମ୍ ସେଣ୍ଟର)ର ମୁଖ୍ୟ ଯୋଶେଫ କେଣ୍ଟ । ଇରାନ ଯୁଦ୍ଧର ପ୍ରତିବାଦ କରି ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେ କହିଛନ୍ତି ଯେ ଇରାନ କେବେହେଲେ ଆମେରିକା ପ୍ରତି ବିପଦ ନଥିଲା ଏବଂ ଇସ୍ରାଏଲ ଚାପରେ ପଡ଼ି ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରି ଭୁଲ କରିଛନ୍ତି । ଏଭଳି



- କାଉଣ୍ଟର ଟେରୋରିଜମ୍ ମୁଖ୍ୟ ପଦରୁ ଯୋଶେଫଙ୍କ ଇସ୍ତଫା
- ୟୁରୋପୀୟ ଦେଶ ମଧ୍ୟ ସମର୍ଥନ କରିବାକୁ ମନାକଲେ
- ଆମକୁ କାହାର ସାହାଯ୍ୟ ଦରକାର ନାହିଁ: ଟ୍ରମ୍ପ

ସ୍ଥିତିରେ ଟ୍ରମ୍ପ ପ୍ରଶାସନକୁ ସହାୟତା କରିବାରେ ବିବେକ ତାଙ୍କୁ ବାଧା ଦେଉଛି । ତେଣୁ ସେ ଇସ୍ତଫା ଦେବାକୁ ବାଧ ହେଉଛନ୍ତି ବୋଲି ଇସ୍ତଫା ପତ୍ରରେ ଯୋଶେଫ ଉ।।ଲ୍ଲେଖ କରିଛନ୍ତି ।

ଅନ୍ୟପଟେ ଇରାନ ଦ୍ୱାରା ଅବରୋଧ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ପୁନର୍ବାର ▶ପୃଷ୍ଠା-୭

# କ୍ରସ୍‌ଭୋଟିଂ: ଦଳ ପିଠିରେ ଛୁରି

## ୬ ବିଧାୟକଙ୍କୁ ବିଜେଡିର ନୋଟିସ୍

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ଉଲ୍ଲଂଘନ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ

**୩ ଦିନରେ ଉତ୍ତର ଦେବାକୁ ନିର୍ଦ୍ଦେଶ**

ଜାରି କରିଛି ବିଜେଡି । ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇଥିବା ଦୃଷ୍ଟିରୁ କାହିଁକି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଓ ଦଳରୁ ନିଲମ୍ବନ କରାଯିବ ନାହିଁ, ସେ ସମ୍ପର୍କରେ ୩ ଦିନ ମଧ୍ୟରେ ଉତ୍ତର ଦେବାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ



ଚିଠି ଲେଖିଛନ୍ତି । ଯଦି ୩ ଦିନ ମଧ୍ୟରେ ସେମାନେ ଏହାର ଉତ୍ତର ନ ଦିଅନ୍ତି, ତେବେ ସେମାନେ କୌଣସି ଉତ୍ତର ଦେବାକୁ ଚାହୁଁ ନାହାନ୍ତି ବୋଲି ଶ୍ରୀମତୀ ମଲ୍ଲିକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଦଳ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତଥା ଆଇନ ଓ ▶ପୃଷ୍ଠା-୭

## କଂଗ୍ରେସରୁ ୩ ବିଧାୟକ ନିଲମ୍ବିତ

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୩ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିରଦୋସଙ୍କୁ ଦଳରୁ ନିଲମ୍ବିତ କରିଛି କଂଗ୍ରେସ । ଦଳୀୟ ହୁଇପ୍ ଭଙ୍ଗ ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କୁ ନିଲମ୍ବନ କରାଯାଇଥିବା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ



ସୁଜିତ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ଅନୁରୂପ ଭାବରେ ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ କଟକ ନଗର ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳରୁ ବହିଷ୍କାର କରାଯାଇଛି ।

ଶ୍ରୀ ପାଢ଼ୀଙ୍କ ସୂଚନା ଅନୁସାରେ କଂଗ୍ରେସର ସମସ୍ତ ବିଧାୟକଙ୍କୁ ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହି ଯୋଗାଯୋଗରେ ରହିବାକୁ ହୁଇପ ଜାରି କରାଯାଇଥିଲା । ଏହାସହିତ ଦଳର ▶ପୃଷ୍ଠା-୭

**ଆମେରିକାର ଉଦ୍‌ବେଗ**

# ଓଡ଼ିଶାରେ ବଢୁଛି ସାଂପ୍ରଦାୟିକ ହିଂସା

## ରିପୋର୍ଟକୁ ନେଇ ପ୍ରତିବାଦ ଜଣାଇଲେ ଭାରତ ସରକାର

■ ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଓଡ଼ିଶା ସମେତ ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ରରେ ସାଂପ୍ରଦାୟିକ ହିଂସା ବୃଦ୍ଧି ପାଇବାରେ ଲାଗିଛି । ଏହାପଛରେ ଆର୍‌ଏସ୍‌ଏସ୍‌ର ସହଯୋଗୀ ସଂଗଠନ ବିଶ୍ୱ ହିନ୍ଦୁ ପରିଷଦର ହାତ ରହିଛି । ଏଭଳି ସଂଗଠନକୁ ନିଷିଦ୍ଧ କରାଯାଉ ବୋଲି ଆମେରିକାର ଧାର୍ମିକ ସ୍ୱାଧୀନତା କମିସନ ଟ୍ରମ୍ପ ପ୍ରଶାସନକୁ ସୁପାରିସ କରିଛି । ତେବେ ଆମେରିକୀୟ କମିସନ୍‌ର ଏଭଳି ରିପୋର୍ଟକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଭାରତ ସରକାର କହିଛନ୍ତି ଯେ କମିସନ୍ ମନଗଢ଼ା କାହାଣୀ ଶୁଣାଉଛି ଏବଂ ଏଥିରେ କୌଣସି ସତ୍ୟତା ନାହିଁ ।

ଆମେରିକା ସରକାରଙ୍କ ଦ୍ୱାରା ନିଯୁକ୍ତ ୟୁଏସ୍ କମିସନ ଅନ୍ ଇଣ୍ଟରନେସନାଲ ରେଲିଜିୟସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଗତକାଲି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲା । ଏଥିରେ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026

Empowering students for a brighter future

NURSING PROGRAMMES
■ B.Sc. (Nursing) (Basic)
■ B.Sc. (Nursing) (Post Basic)
■ M.Sc. (Nursing)

APPROVAL & RECOGNITIONS
■ Approved by UGC, ONMRC and INC
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC

NIRF INDIA RANKINGS 2025
■ 15th Best in University Category
■ 15th Best in Medical Category
■ 09th Best in Dental Category

INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିଶ୍ୱବ୍ୟାଙ୍କ ଋଣୀ ଦେଶ ସୂଚୀ ଶୀର୍ଷରେ ଭାରତ

## ଦେଶ ଉପରେ ୩.୬୩ଲକ୍ଷ କୋଟି ଋଣ ବୋଝ; ବର୍ଷକରେ ବଢ଼ିଲା ୧.୩୮ ଲକ୍ଷ କୋଟି ଟଙ୍କା

■ ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଦେଶ ଉପରେ ଦିନକୁ ଦିନ ବଢୁଛି କରଜ ବୋଝ । ଅନ୍ୟାନ୍ୟ ସୂତ୍ରରୁ ଓ ଖୋଲା ବଜାରରୁ କେନ୍ଦ୍ର ସରକାର ଯାହା ଋଣ ସହ ଭାରତ ବିଶ୍ୱବ୍ୟାଙ୍କରୁ ବିପୁଳ ଋଣ କରିଛି । ଗତବର୍ଷ ଭାରତ ଏହି ଋଣୀ ଦେଶ ସୂଚୀରେ ଶୀର୍ଷରେ ଥିଲା ଓ ଚଳିତ ବର୍ଷ ମଧ୍ୟ ପୂର୍ବ ପରି ଶୀର୍ଷରେ ରହିଛି । ତେବେ କୌତୂହଳର କଥା ହେଉଛି ଗତ ବର୍ଷକ ମଧ୍ୟରେ ଭାରତର ଋଣ ପରିମାଣ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି । ଗତବର୍ଷ ଭାରତ ଉପରେ ୨୪.୪ ବିଲିଅନ ଡ଼ଲାର ଋଣ ଥିବା ସମୟରେ ଏବେ ତାହା ବୃଦ୍ଧି ପାଇ ୩୯.୩ ବିଲିଅନ ଡ଼ଲାର ବା ୩.୬୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ବିଶ୍ୱବ୍ୟାଙ୍କ ସୂଚୀ ଅନୁସାରେ ତୁର୍କୀ, ମେକ୍ସିକୋ, ଚୀନ ଓ ଯୁଦ୍ଧ ବିଧ୍ୱଂସ ତୁର୍କୀ ପରି ଦେଶଗୁଡ଼ିକର ଋଣ ପୂର୍ବାପେକ୍ଷା ହ୍ରାସ ପାଇଛି ବା ସ୍ଥିର ରହିଛି । ସେହିପରି ପାକିସ୍ତାନ, ବ୍ରାଜିଲ୍, ବାଂଲାଦେଶ ପରି ଦେଶଗୁଡ଼ିକର ବିଶ୍ୱବ୍ୟାଙ୍କ ଋଣ ପରିମାଣ ଭାରତଠାରୁ ଯଥେଷ୍ଟ କମ୍ ରହିଛି ।

ପରିସଂଖ୍ୟାନ ଅନୁଯାୟୀ ଭାରତ ବିଶ୍ୱ ବ୍ୟାଙ୍କର ସବୁଠାରୁ ବଡ଼ ଋଣଗ୍ରସ୍ତ ରାଷ୍ଟ୍ର ଭାବରେ ଉଭା ହୋଇଛି । ଭାରତର ମୋଟ ଋଣ ପରିମାଣ ୨୦୨୬ ପ୍ରାରମ୍ଭରେ ୩୯.୩ ବିଲିୟନ୍ ଡଲାର (୩.୬୩ ଲକ୍ଷ କୋଟି ଟଙ୍କାରୁ ଅଧିକ) ରହିଛି । ୨୦୨୫ରେ ଭାରତର ମୋଟ ଋଣ ପରିମାଣ ୨୪.୪ ବିଲିୟନ୍ ଡଲାର (୨.୨୫ ଲକ୍ଷ କୋଟି ଟଙ୍କା) ରହିଥିଲା । ଭାରତ ବିଶ୍ୱ ବ୍ୟାଙ୍କରୁ ନେଇଥିବା ଏହି ଅର୍ଥ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବିକାଶ ପ୍ରକଳ୍ପ କ୍ଷେତ୍ରରେ ବ୍ୟବହାର କରୁଥିବା କୁହାଯାଉଥିଲେ ହେଁ ବାସ୍ତବତଃ ଏହାକୁ ମାଗଣା ବଣ୍ଟନ, ତୁଷ୍ଟୀକରଣ ଓ ଭୋଟ ପାଇଁ ବ୍ୟବହାର କରାଯାଉଥିବା ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି । ଏହି ଋଣ ଭାରତ ଉଭୟ ଅନ୍ତର୍ଜାତୀୟ ପୁନର୍ଗଠନ ଓ ବିକାଶ ବ୍ୟାଙ୍କ (ଆଇବିଆର୍‌ଡି) ଏବଂ ଆନ୍ତର୍ଜାତୀୟ ବିକାଶ ସଂଘ (ଆଇଡିଏ)ରୁ ନେଇଛି । ବିଶ୍ୱ ବ୍ୟାଙ୍କରୁ ଋଣ ନେବାରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଇଣ୍ଡୋନେସିଆ । ଏହି ଦେଶର ମୋଟ ଋଣ ପରିମାଣ ୨୨.୨ ବିଲିୟନ୍ ଡଲାର ।




ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣୀ ଦେଶ ସୂଚୀରେ ତୃତୀୟ ସ୍ଥାନରେ ରହିଛି ପାକିସ୍ତାନ । ପାକିସ୍ତାନର ମୋଟ ଋଣ ପରିମାଣ ୨୦ ବିଲିୟନ୍ ଡଲାର (୧.୮୪ ଲକ୍ଷ କୋଟି ଟଙ୍କା) । ୨୦୨୫ରେ ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣକାରୀ ୧୦ ଦେଶ ତାଲିକାରେ ପାକିସ୍ତାନ ନ ସ୍ଥାନ ପାଇନ ଥିଲା । ମାତ୍ର ଚଳିତ ବର୍ଷ ଏହା ସାରା ବିଶ୍ୱରେ ୩ୟ ଋଣୀ ରାଷ୍ଟ୍ର ଭାବରେ ଉଭା ହୋଇଛି । ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶ ଉପରେ ମୋଟ ୧୯.୮ ବିଲିୟନ୍ ଡଲାର(୧.୮୨ ଲକ୍ଷ କୋଟି ଟଙ୍କା) ଋଣଭାର ରହିଛି । ରୁଷ ସହ ଯୁଦ୍ଧରେ ଲିପ୍ତ ଥିବା ସତ୍ତ୍ୱେ ▶ପୃଷ୍ଠା-୭

# ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି



ବରଗଡ଼ ୧୭ ।୩(ସମିସ): ବରଗଡ଼ ଦାନୀକଟା ନିକଟସ୍ଥ ରଜକ ସମାଜର ଆରାଧ୍ୟ ଦେବୀ ମାଁ ନିତେଇ ଧୁବେଣୀଙ୍କ ନବ ନିର୍ମିତ ମନ୍ଦିରର ରତ୍ନମୁଦ ଉତ୍ସବ ପାଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଅର୍ଜୁନ ସେଟ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଜକ ସମାଜର ସମସ୍ତ ପ୍ରତିନିଧି ଓ ଶତାଧିକ ମାତୃ ଶକ୍ତି ଏକତ୍ରିତ ହୋଇ ଆସନ୍ତା ୨୩ ତାରିଖରେ ରତ୍ନମୁଦ ଉତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସମ୍ପାଦକ ଆନନ୍ଦ ସେଠ ଉତ୍ସବ କିପରି ଆଡମ୍ବରରେ ହେବଉପସ୍ଥିତ ମାଁମାନଙ୍କ ମତାମତ ଲୋଡ଼ିଥିବା ବେଳେ ରତ୍ନମୁଦ ଉତ୍ସବକୁ ଆନନ୍ଦ ଉଲ୍ଲାସରେ ପାଳନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇ ଥିଲା ।ଅନ୍ୟମାନଙ୍କ ମଧ୍ୟରେ ଉଦ୍ଧବ ସେଟ୍,ଅଧିକାରୀ ସେଠ ଓ ୱାର୍ଡ ନମ୍ବର-୧ର କାଉନସିଲର ବେଦମତି ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନି ରୋଷେଇ ଗ୍ୟାସ୍, ଗ୍ରାହକ ହନ୍ତସନ୍ତ

ପଦ୍ମପୁର,୧୭ ।୩ (ସମିସ): ପଦ୍ମପୁର ସହରରେ ରୋଷେଇ ଗ୍ୟାସ୍ ଯୋଗାଣରେ ଅନିୟମିତତା ଦେଖାଦେବାରୁ ଗ୍ରାହକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘରକୁ ଠିକ ସମୟରେ ଗ୍ୟାସ୍ ସିଲିଣ୍ଡର ଯୋଗାଣ ନହେବାରୁ ଦିନକୁ ଦିନ ଲୋକଙ୍କ ଅସନ୍ତୋଷ ବଢୁଛି ।ସ୍ଥାନୀୟ ଗ୍ରାହକମାନଙ୍କ କହିବା ଅନୁସାରେ ଆଗୁଆ ବୁକିଂ କରିଥିଲେ ହେଁ ଦୀର୍ଘ ଦିନ ହେଲେ ମଧ୍ୟ ସିଲିଣ୍ଡର ଘରକୁ ପହଞ୍ଚୁନାହିଁ। ଗ୍ରାହକ ବାଧ୍ୟ ହୋଇ ବିତରକ କେନ୍ଦ୍ରକୁ ଯାଇ ଲମ୍ବା ଲାଇନରେ ରେ ଛିଡା ହେଉଛନ୍ତି। ବିତରକଙ୍କ ପକ୍ଷରୁ ଗ୍ୟାସ ଯୋଗାଣରେ ବିଳମ୍ବର କାରଣ ସ୍ପଷ୍ଟ କରାଯାଉ ନଥିବାରୁ ଗ୍ରାହକମାନଙ୍କ ଅସନ୍ତୋଷ ବୃଦ୍ଧି ପାଉଛି ।ଏହା ସହ ଅନିୟମିତ ବିତରଣ ଅଭିଯୋଗ ଉଠିଛି। ଶୀଘ୍ର ଗ୍ୟାସ୍ ଯୋଗାଣ ସୁବ୍ୟବସ୍ଥିତ କରିବାକୁ ଯୋଗାଣ ବିଭାଗ,ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀଙ୍କୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ନେଇ ଗ୍ରାହକ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ୨୫ ଦୋକାନ ଘର

ଝାରବନ୍ଧ,୧୭ ।୩(ସମିସ)



ଝାରବନ୍ଧ ମୁଖ୍ୟରାସ୍ତା ଚାନ୍ଦିନୀଛକ ପାଶ୍ୱର୍ରେ ଥିବା ସରକାରୀ ଜମିର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଦୀର୍ଘଦିନ ଧରି ଏହି ସ୍ଥାନରେ ବିଭିନ୍ନ ଦୋକାନ ଘର କରି ଅନେକ ଲୋକ ପରିବାର ପରିପୋଷଣ କରୁଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୭ଜଣଙ୍କୁ ସ୍ଥାନ ଖାଲି କରିବା ପାଇଁ ଝାରବନ୍ଧ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନିୟମାନୁଯାୟୀ ନୋଟିସ ଜାରି କରାଯାଇଥିଲା ।ତଥାପି ଜଣେ ଦୋକାନୀ ହାଇକୋର୍ଟରୁ ସ୍ଥଗିତ ଆଦେଶ ଆଣିଥିବାରୁ ଦୁଇଟି ଦୋକାନ ଘରକୁ ଉଚ୍ଛେଦ କରାଯାଇନଥିଲା। ବାକି ୨୫ଟି ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। କୋର୍ଟ ନିର୍ଦ୍ଧାରିତ ସମୟସୀମା ସମାପ୍ତ ହେବା ପରେ ସେହି ଦୁଇଟି ଦୋକାନ ଘର ମଧ୍ୟ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଉଚ୍ଛେଦ କାର୍ଯ୍ୟ ସମୟରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା,ଅତିରିକ୍ତ ତହସିଲଦାର ବିଶ୍ୱକସେନ ପୁରୋହିତଙ୍କ ସହ ରାଜସ୍ୱ ପରିଦର୍ଶକ ନବୀନ ରାଉତ ଓ ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ଭୋଇ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଡ଼ିଙ୍କ ତତ୍ୱାବଧାନରେ ପୁଲିସ ଟିମ୍ ମୁତୟନ କରାଯାଇଥିଲା। ଉଚ୍ଛେଦ ପରେ ପ୍ରଭାବିତ ଦୋକାନୀମାନଙ୍କ ପୁନର୍ବାସ ବା ବ୍ୟବସ୍ଥା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟମାନଙ୍କ ମଧ୍ୟରେ ଦାବି ଉଠିଛି। ଏହା ସହିତ ପର୍ଯ୍ୟାୟ କ୍ରମେ ରାସ୍ତା ପାଶ୍ୱର୍ରେ ଥିବା ସମସ୍ତ ସରକାରୀ ଜମିର ଜବରଦଖଲ ହୋଇଥିବା ଦୋକାନ ଘର ଉଚ୍ଛେଦ କରାଯିବ ବୋଲି ଝାରବନ୍ଧ ତହସିଲଦାର ଅଲେଖ ଘୁଟା ସୂଚନା ଦେଇଛନ୍ତି।

# ପରୀକ୍ଷା ଦେଲେ ୪୨୧୦ ନବସାକ୍ଷର



ବରଗଡ଼ ,୧୭ ।୩(ସମିସ):ବରଗଡ଼ ବ୍ଲକ୍ ଶିକ୍ଷା ବିଭାଗ ଆନୁକୂଲ୍ୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି ।ବିଇଓ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକ୍‌ର ୫୮ ଟି ପରୀକ୍ଷା କେନ୍ଦ୍ରରେ ୪୨୧୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।୧୫ ବର୍ଷ ବୟସରୁ ଅଧିକ ସମସ୍ତ ନିରକ୍ଷରଙ୍କୁ ସାକ୍ଷର କରିବା ଲକ୍ଷ୍ୟ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ଉଲ୍ଲାସ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ ଏବିଇଓ ଙ୍କ ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ। ୫୮ ଟି ପରୀକ୍ଷା କେନ୍ଦ୍ରରେ ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ନିରୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ।

## ● ବରପାଲି ବ୍ଲକ୍

ବରପାଲି,୧୭ ।୩ (ସମିସ):ବରପାଲି ବ୍ଲକ୍ ୨୭ଟି କେନ୍ଦ୍ରରେ ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ହୋଇଯାଇଛି। ୨୦୨୫/୨୬ ବର୍ଷର ଦ୍ୱିତୀୟ ମୌଳିକ ସାକ୍ଷର ପରୀକ୍ଷା ହୋଇଥିଲା। ବରପାଲି ବିଇଓ ମୁକୁନ୍ଦ ମହାରା, ବିଆରସିସି ଦୁର୍ଯ୍ୟୋଧନ ସିଂହ ଓ ଏବିଇ ଓ ରତ୍ନ କୁମାର ଭୋଇ ପ୍ରମୁଖ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିବା ସହ ତର୍ଜମା କରିଥିଲେ। ବିଇଓ ମାହାରା ସାରଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ଦୀପକ ପଧାନ, ଉତ୍ତମ ଦେହୁରୀ, ଶ୍ରୀନିବାସ ପଧାନ, ମିଥୁନ ସାହୁ, କ୍ଷେତ୍ର ମେହେର, ରବିନାରାୟଣ ମହାପାତ୍ର, କୃଷ୍ଣ ଚନ୍ଦ୍ର ମେହେର, ବାଲକୃଷ୍ଣ ମେହେର, ଫକୀର ମେହେର, ଲଳିତ ମେହେର, ନିମାଇଁ ଦାଶ, ବିନୟ ଭୋଇ, ଅଶୋକ କୁମାର ସାହୁ ଓ ଅନିଲ ଦାଶ ନିଜ କ୍ଲଷ୍ଟର ପରିଦର୍ଶନ କରିଥିଲେ।

## ● ରାଜବୋଡାସମ୍ବର ବ୍ଲକ୍

ପଦ୍ମପୁର,୧୭ ।୩ (ସମିସ): ରାଜବୋଡାସମ୍ବର୍ ବ୍ଲକ୍‌ସ୍ତରୀୟ ଉଲ୍ଲାସ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନିରକ୍ଷର ମହିଳା,ପୁରୁଷ ଓ ତୃତୀୟ ଲିଙ୍ଗୀଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ବ୍ଲକ୍‌ର ମୋଟ ୧୪ଟି କ୍ଲଷ୍ଟରରୁ ପୁରୁଷ ୫୨୭ ମହିଳା ୧୩୩୦ ମୋଟ ୧୮୫୭ଶିକ୍ଷାର୍ଥୀ ପରୀକ୍ଷାରେ ଅଂଶ ଗ୍ରହଣ ଥିଲେ ।ବିଇଓ ଲୋକନାଥ ଭୋଇ,ନୋଡାଲ ଅଫିସର ରାମସିଂ ଭୋଇ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏଡିଇଓ ସରୋଜ କୁମାର ଭୁଏ ସ୍ୱତନ୍ତ୍ର ଭାବେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସଫଳ ରୂପାୟନ ନେଇ ନିରୀକ୍ଷଣ କରିଥିଲେ।

# ବେଆଇନ ୨୦ଟି ଗ୍ୟାସ୍ ସିଲିଣ୍ଡର ଜବତ

ଭେଡେନ,୧୭ ।୩(ସମିସ):ଭେଡେନ ଥାନା ରକ୍ଷୁଡ଼ା ଫାଣ୍ଡି ମହୁଲେଗ୍ରାମର ସୁଶାନ୍ତ ପଧାନଙ୍କ ଘରେ ଯୋଗାଣ ବିଭାଗ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ କରାଯାଇଥିବା ୨୦ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ଏଥିସହ ସୁଶାନ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗର ଚଢ଼ାଉରେ ଉପ ଜିଲ୍ଲାପାଳ ମଦନଲାଲ ପଣ୍ଡା,ଏସିଏସଓ ବରଗଡ ବ୍ୟାମକେଶ ମାଝୀ,ଏସିଏସଓ ବରଗଡ ପ୍ରଶାନ୍ତ ପ୍ରଧାନ, ଭେଡେନ ଯୋଗାଣ ନିରକ୍ଷକ ପିଙ୍କୁ ଭୁଏ,ବରଗଡ ଯୋଗାଣ ନିରୀକ୍ଷକ କବିରାଜ ଧରୁଆ,ଭେଡେନ ପୁଲିସ ଏଏସ୍‌ଆଇ ଇଜାଜ ଖାନ ପ୍ରମୁଖ ଉପସ୍ଥିତ ଥିଲେ।



# ଚୈତ୍ର ମଙ୍ଗଳବାରରେ ଶୀତଳ ଯାତ୍ରା

ବରଗଡ଼,୧୭ । ୩(ସମିସ):ବରଗଡ଼ସହର ଉପକଣ୍ଠସ୍ଥିତ ଗୁଡେଶିରା ଗ୍ରାମରେ ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାର ଅବସରରେ ମଧ୍ୟ ପାରମ୍ପରିକ ଶୀତଳ ଯାତ୍ରା ସମ୍ପନ୍ନ



ହୋଇଯାଇଛି। ଗ୍ରାମର ମଙ୍ଗଳ ଓ ଶାନ୍ତି କାମନା କରି ପୁରାତନ ପ୍ରଥାକୁ ଗ୍ରାମବାସୀ ଶ୍ରଦ୍ଧାର ସହ ପାଳନ କରିଛନ୍ତି। ନିମ୍ବ ଗଛର ଶାଖା ବା ଡାଳକୁ ମାଆଙ୍କ ସ୍ୱରୂପ ଭାବେ ଗ୍ରାମ ପରିକ୍ରମା ଓ ଶୀତଳ ଜଳ ଅର୍ପଣ ଉତ୍ସବ ଅବସରରେ ଗ୍ରାମର ଶତାଧିକ ଭକ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରିଥିଲେ। ଧୂପ, ଦୀପ ଓ ଆଧ୍ୟାତ୍ମିକ ଧ୍ୱନି ମଧ୍ୟରେ ସମଲେଶ୍ୱରୀଙ୍କ ସେବକ ସହିତ ଗ୍ରାମର ଯୁବକ ଓ ବୟୋଜ୍ୟେଷ୍ଠମାନେ ପବିତ୍ର ଜଳ ଓ ଶୀତଳ ସାମଗ୍ରୀ ଧରି ଗ୍ରାମ ପରିକ୍ରମା କରିଥିଲେ। ଭିନ୍ନ ଭିନ୍ନ ସାହିରେ ବୁଲି ଗ୍ରାମଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଧୂଆଁ ବା ସୁଗନ୍ଧିତ ଧୂପ ଦେଇ ଗ୍ରାମର ପରିବେଶକୁ ପବିତ୍ର କରାଯାଇଥିଲା ।କାର୍ଯ୍ୟକ୍ରମରେ ଗୁଡେଶିରା ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବଗୋଷ୍ଠୀ ସକ୍ରିୟଅଂଶଗ୍ରହଣ କରିଥିଲେ।

# ମା'ସମଲେଶ୍ୱରୀଙ୍କ ଶୀତଳ ଯାତ୍ରା



ବରଗଡ଼,୧୭ ।୩(ସମିସ):ମାଙ୍ଗଳବାର ବରଗଡ଼ ମା' ସମଲେଶ୍ୱରୀଙ୍କ ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଚୈତ୍ର ମାସ ଦ୍ୱିତୀୟ ମଙ୍ଗଳବାରରେ ମା'ସମଲେଶ୍ୱରୀ ମନ୍ଦିରରୁ ବାହାରି ଥିଲା ମା'ଙ୍କ ଶୀତଳ ଯାତ୍ରା। ମନ୍ଦିରରେ ନିମ୍ବଡାଳକୁ ପୂଜା କରିବା ପରେ ବରଗଡ଼ ସହର ପରିକ୍ରମା କରାଯାଇଥାଏ। ଆବାହନ କାଳରୁ ଚାଲିଆସୁଥିବା ଏହି ପରମ୍ପରାକୁ ଦେଖିବା ଓ ପାଣି ଢାଳିବା ପାଇଁ ବହୁଭକ୍ତ ନିଜ ଘର ସମ୍ମୁଖରେ ପାଣି ଧରି ଅପେକ୍ଷା କରିଥାନ୍ତି ଏବଂ ନିମ୍ବଡାଳରେ ପାଣି ଢାଳି ମା'ଙ୍କ ଆଶୀର୍ବାଦ ଲାଭ କରିଥାନ୍ତି। ଶୀତଋତୁରୁ ଗ୍ରୀଷ୍ମଋତୁକୁ ପ୍ରବେଶ ସମୟରେ ଅନେକ ପ୍ରକାରର ମହାମାରୀ ରୋଗ ଯଥା- ହାଡ଼ଫୁଟି, ହଇଜା, ମିଳିମିଳା ରୋଗରେ ଲୋକେ ଆକ୍ରାନ୍ତ ହୋଇଥାନ୍ତି ତେବେ ଏହି ରୋଗରୁ ରକ୍ଷା ପାଇବା ପାଇଁ ମା ସମଲେଶ୍ୱରୀ ମନ୍ଦିରରୁ ବାହାରୁଥିବା ଶୀତଳ ଯାତ୍ରା ନିମ୍ବଡାଳରେ ଶ୍ରଦ୍ଧାଳୁମାନେ ପାଣିଢାଳି ଥାନ୍ତି। ଶହ ଶହ ଭକ୍ତ ମା'ଙ୍କ ଦର୍ଶନ କରିବା ସହ ମା'ଙ୍କ ଆଶୀର୍ବାଦ ନେଇଥିଲେ।

# ପୁଲିସ ପାଟ୍ରୋଲିଂ ବଢ଼ାଇବାକୁ ଦାବି

ବରଗଡ଼,୧୭ ।୩(ସମିସ): ବରଗଡ଼ ଜିଲ୍ଲାର ବୃତ୍ତିଗତ ଗାଡ଼ି ଚାଳକମାନଙ୍କୁ ରାସ୍ତା ଉପରେ ହେଉଥିବା ଆକ୍ରମଣ କୁ ରୋକିବା ପାଇଁ ରାସ୍ତାରେ ପୁଲିସ ଗସ୍ତ ବୃଦ୍ଧି କରିବା ପାଇଁ ବରଗଡ଼ ଏସ୍‌ପି ଅଫିସ ଦ୍ୱାରସ୍ଥ ହେଲେ ଓଡିଶା ମୋଟର ଚାଳକ ସଂଘ। ସଂଘର ସଦସ୍ୟ ମଙ୍ଗଳବାର ଆଡିସନାଲ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ଜିଲ୍ଲାରେ କିଛି ଦିନ ଧରି କିଛି ଅସାମାଜିକ ତତ୍ତ୍ୱମାନଙ୍କ ଦ୍ୱାରା ଗାଡି ଚାଳକମାନଙ୍କ ଉପରେ ଆକ୍ରମଣ ଓ ଅସଦ୍‌ବ୍ୟବହାର ଘଟଣା ବଢ଼ିଚାଲିଛି ।ଫଳରେ ଗାଡି ଚାଳକମାନେ ଭୟ ଓ ଅସୁରକ୍ଷିତ ଭାବେ କାମ କରୁଛନ୍ତି ।ପୁଲିସ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରି ଏହାର ସମାଧାନ ପାଇଁ ଦାବି ସଂଘ ପକ୍ଷରୁ ଦାବି କରାଯାଇଛି।



# ସନାତନି ବ୍ରାହ୍ମଣ ସମାଜ ନୂତନ କର୍ମକର୍ତ୍ତା



ବରପାଲି,୧୭ ।୩(ସମିସ):ବରପାଲି ସହର ସନାତନୀ ବ୍ରାହ୍ମଣ ସମାଜ ଚଳିତ ବର୍ଷ ନୂତନ କର୍ମକର୍ତ୍ତା ମନୋନୀତ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଯାଇଛି। ବ୍ରାହ୍ମଣ ସମାଜ ବୈଠକ ବ୍ଲକ୍ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ନୂତନ କର୍ମକର୍ତ୍ତା ଭାବରେ ସଭାପତି ପିନାକୀ ଦାଶ, ଉପସଭାପତି ବିଭୂତି ଭୂଷଣ ମିଶ୍ର,ପଣ୍ଡିତ ସଦାନନ୍ଦ ଦାଶ, ସାଧାରଣ ସମ୍ପାଦକ ପ୍ରଦୀପ ଦାଶ,ସମ୍ପାଦକ ନିରଞ୍ଜନ ମିଶ୍ର, ରାଜେନ୍ଦ୍ର ପୁଝାରୀ, ଡକ୍ଟର ସରୋଜ କୁମାର ଦାଶ, ପଣ୍ଡିତ ଯୋଗେଶ ଦାଶ ମନୋନୀତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବରେ ରାଜୁ ଦାଶ ଓ ଅଧିର ଦାଶଙ୍କୁ ମନୋନୀତ କରାଯାଇଥିଲା ।କାର୍ଯ୍ୟକାରୀ କମିଟିରେ ୧୫ ଜଣ ସଭ୍ୟଙ୍କୁ ଚୟନ କରାଯାଇଥିଲା। ବୈଠକରେ ବ୍ଲକ୍ କାର୍ଯକାରୀ ସଭାପତି ନରେନ୍ଦ୍ର କୁମାର ହୋତାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଏପ୍ରିଲ ୧୧ ଓ ୧୨ ତାରିଖରେ ସମାଜ ପକ୍ଷରୁ ସାମୂହିକ ବ୍ରତ ଓ ପର୍ଶୁରାମ ଜୟନ୍ତୀ ବିଷୟକୁ ନେଇ ନୂତନ କର୍ମ କର୍ତ୍ତାଗଣ ସମସ୍ତ ସଭ୍ୟମାନଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଶେଷରେ ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସୋହେଲା,୧୭ ।୩(ସମିସ) ସୋହେଲାରୁ ରାୟପୁର ଯାଇଥିବା ଜାତୀୟ ରାଜପଥ ଡୁମ୍ବେରପାଲି ନିକଟରେ ରାସ୍ତା ପାଶ୍ୱର୍ରେ ଜଣେ ଯୁବକଙ୍କ ମୃତଦେହକୁ ସୋହେଲା ପୁଲିସ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୋରୁ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାର ପାଟ୍ରୋଲିଂ ଦଳ ସୋହେଲା ଥାନା ଡୁମ୍ବେରପାଲି ଗ୍ରାମନିକଟସ୍ଥ ରାସ୍ତାକଡ଼ରେ ଜଣେ ଯୁବକଙ୍କୁ ରକ୍ତାକ୍ତ ଭାବେ ପଡିଥିବା ଦେଖିବାକୁ ପାଇ ଘଟଣା ସମ୍ପର୍କରେ ସୋହେଲା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ସୋହେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଯୁବକଙ୍କ ମୃତ୍ୟୁହୋଇଥିବା ଜାଣିବା ପରେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ଥିଲେ। ମୃତ ଯୁବକ ବିଜେପୁର ଥାନା ସରଣ୍ଡାପାଲି ଗ୍ରାମର ପ୍ରଭାତ ସାହୁ (୩୫) ବୋଲି ପୁଲିସ ଜାଣିବାକୁ ପାଇଥିଲେ। ପୁଲିସ ଥାନା କେଶ ନମ୍ବର ୭୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସଫଳ ଚାଷୀ ତପସ୍ୱିନୀ ଭୋଇ

# ଫସଲ କରି ପାଲଟିଲେ ଲକ୍ଷପତି

ବରଗଡ଼,୧୭ ।୩(ସମିସ):ହାତ ପାହାନ୍ତାରେ ହୀରାକୁଦ କେନାଲ ।ନିକଟରେ ବୁରୋଗାଡ଼ ନାଳା ।ହେଲେ ଜମିକୁ ପାଣି ମାଡୁନଥିଲା। ଆଖି ଆଗରେ ପାଣି ବୋହି ଯାଉଥିଲେ ବି ଚାଷ ଜମିକୁ ଜଳସେଚନ ହୋଇପାରୁନଥିଲା। ଆଉ ଜମି ସବୁ ପଡିଆ ହୋଇ ଟାଙ୍ଗରା ଭୂଇଁରେ ପରିଣତ ହୋଇଥିଲା। ଦୀର୍ଘ ବର୍ଷ ପରେ ଶେଷରେ ଘରୁ ପାଦ କାଢ଼ିଥିଲେ ବରପାଲି ବ୍ଲକ୍ ବହିଆପଦର ଗାଁର ମହିଳା ତପସ୍ୱିନୀ ମାଝୀ(୩୪)। ଏସ୍‌ଡିଓ ଉଠା ଜଳସେଚନ ବିଭାଜନ ଅଧିକାରୀ ଶ୍ରୀକାନ୍ତ ରାଉତଙ୍କୁ ଭେଟି ପାଣି ସମସ୍ୟାର ସମାଧାନ ପାଇଁ କରିଥିଲେ।ଏହାପରେ ୨୦୧୬ ମସିହାରେ ଉଠାଜଳସେଚନ ବିଭାଗ ପକ୍ଷରୁ ବୁରୋଗାଡ଼ ନଦୀରେ ସ୍ୱତନ୍ତ୍ର ଭାବେ କମ୍ୟୁନିଟି ଉଠାଜଳସେଚ ପ୍ରକଳ୍ପ ସ୍ଥାପନ କରାଯାଇଥିଲା ।ଆଉ ଏହାପରେ ଟାଙ୍ଗରା




ଭୂଇଁକୁ ହୋଇଛି ଜଳସେଚନର ସୁବିଧା। ତପସ୍ୱିନୀ ୫ ଏକର ଟାଙ୍ଗରା ଭୂଇଁରେ ଅକ୍ଲାନ୍ତ ପରିଶ୍ରମ କରି କଲରା, କୋବି, ଧାନ ଚାଷ କରି ବର୍ଷକୁ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅପହଞ୍ଚ ଇଲାକାର ତପସ୍ୱିନୀ ନିଜେ ସ୍ୱାବଲମ୍ବୀ ହେବା ସହିତ ଗାଁର ୬ ଜଣ ଯୁବକଯୁବତୀଙ୍କୁ ଦେଇଛନ୍ତି କର୍ମ ନିଯୁକ୍ତିର ସୁଯୋଗ ଦେଇଛନ୍ତି। ନବମ ଶ୍ରେଣୀ ପାଠ ପଢିଥିବା ତପସ୍ୱିନୀ ତାଙ୍କ ଦୁଇ ଝିଅଙ୍କୁ ପାଠ ପଢ଼ାଇବା ସହିତ ଘରର ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି ।ତାଙ୍କୁ ଚାଷ କାମରେ ସ୍ୱାମୀ ଛତ୍ରଧର ପତ୍ନୀ ତପସ୍ୱିନୀଙ୍କୁ ପ୍ରୋତ୍ସାହନ କରିଥିଲେ। ଗାଉଁଲି ଗାଁର ସଫଳ ମହିଳା ଚାଷୀ ତପସ୍ୱିନୀ ମାଝୀ ଆଜି ବରଗଡ଼ ଜିଲ୍ଲାର ଅନ୍ୟ ମହିଳାମାନଙ୍କ ପାଇଁ ଆଦର୍ଶ ସାଜିଛନ୍ତି।



## ରାନୀଚୁଆଁ ଜଙ୍ଗଲରେ ମୟୂର ମୃତ୍ୟୁ ରହସ୍ୟ

# ୭ ରୁ ଅଧିକ ମୃତ ମୟୂର ଉଦ୍ଧାର

ଅମ୍ବାଭୋନା,୧୭ ।୩(ସମିସ)



ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ବାରପାହାଡ ଜଙ୍ଗଲ ଅଧୀନସ୍ଥ ରାନୀଚୁଆଁ ଅଞ୍ଚଳରେ ମୟୁର ମୃତ୍ୟୁକୁ ନେଇ ଚଞ୍ଚଳତା ସୃଷ୍ଟି ହୋଇଛି। ଅଞ୍ଚଳରେ ମୟୁର ଶିକାର ହେଉଥିବା ଅଭିଯୋଗ ଉଠିଥିବା ବେଳେ, ଜଙ୍ଗଲ ଭିତରୁ ୭ରୁ ଅଧିକ ମୃତ ମୟୁର ମିଳିବା ଘଟଣା ସ୍ଥାନୀୟଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରଶ୍ନ ଉଙ୍କିମାରୁଛି ।ସୂଚନା ଅନୁଯାୟୀ, ଦେଚୁଆଁଗ୍ରାମର ବାବା ଶଙ୍କର ଭୋଇ କୌଣସି କାମରେ ରାନୀଚୁଆଁ ଜଙ୍ଗଲକୁ ଯାଇଥିବା ବେଳେ ପ୍ରଥମେ ମୃତମୟୁରଙ୍କୁ ଦେଖିଥିଲେ ।ସେ ଏହି ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ପରେ ଘଟଣାସ୍ଥଳକୁ ଲୋକମାନଙ୍କ ଭିଡ଼ ଲାଗିଥିଲା ।ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ

### ବିଷାକ୍ତ ପାଣି ସନ୍ଦେହ

ରହିଥିଲେ ମଧ, ତୃଷ୍ଣା ଶାନ୍ତ କରିବା ପାଇଁ ମୟୁରମାନେ ପିଇଥିବା ପାଣି ବିଷାକ୍ତ ଥିବାରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି ।ତଥାପି ମୟୁର ଶିକାର ହେଉଥିବା ଅଭିଯୋଗକୁ ମଧ୍ୟ ନା କରାଯାଇ ପାରୁନାହିଁ। ଏହା ସହିତ ବନ ବିଭାଗର ଅବହେଳା ଓ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ନଥିବା ନେଇ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି ।ଏନେଇ ଭଟଲି ରେଞ୍ଜ ଅଧୀନରେ ଥିବା ଦେଚୁଆଁ ବନ ବିଭାଗକୁ ଗ୍ରାମବାସୀ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି। ଫଳରେ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି ।ପରିବେଶ ପ୍ରେମୀ ଓ ସଚେତନ ମହଲ ବରଗଡ ବନ ବିଭାଗ ପ୍ରଶାସନଙ୍କ ତୁରନ୍ତ ଦୃଷ୍ଟିଆକର୍ଷଣ କରି ଘଟଣାର ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

# ସୁଶାନ୍ତ ସିଂହ ଫ୍ୟାନ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ଅମ୍ବାଭୋନା,୧୭ ।୩(ସମିସ):ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ୍ କଣ୍ଡପଲା କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଦିନ ଓଡିଶା ମୋ



ପରିବାର 'ଜୀବନ ବିନ୍ଦୁ' ଓ ସୁଶାନ୍ତ ସିଂହ ଫ୍ୟାନ୍ କ୍ଲବର ମିଳିତ ଆନୁକୂଲ୍ୟରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରାଜ୍ୟ ବିଜେଡି ଉପସଭାପତି ଯୁବନେତା ସୁବ୍ରତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର,ସୁବ୍ରତ ବେହେରା,ହୃଦାନନ୍ଦ ଖମାରୀ,ଗୋବିନ୍ଦ ପଧାନ, ଶୁଭ ନାୟକ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନ, କଣ୍ଡପଲା ପଞ୍ଚାୟତ ସରପଞ୍ଚ ଠାକୁରରାମ ପଟେଲ, ଅମ୍ବାଭୋନା ବ୍ଲକ୍ ବିଜେଡି ସଭାପତି ବିଷ୍ଣୁ ପ୍ରଧାନ,ବିଜେଡି ପୂର୍ବତନ ସଭାପତି ରଘୁନାଥ ପଟେଲ,ପ୍ରେମକିଶୋର ପଟେଲ,ପୂର୍ବତନ ସରପଞ୍ଚ ଡୋଲାମଣୀ ପଟେଲ, ଶ୍ୟାମଲାଲ ନାୟକ,ସତ୍ୟନାରାୟଣ ଗରିଆ,ପୂର୍ଣ୍ଣାନନ୍ଦ ବଡେଇ,ଖେଟବ୍ରତ ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ରାଜକିଶୋର ପୁରୋହିତଙ୍କ ସମେତ ବିଜେଡି କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ ।ଶିବିରରେ ବରଗଡ ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ପକ୍ଷରୁ ମାନସ ରଞ୍ଜନ ବିଶି,ମହେନ୍ଦ୍ର ମେହେର, ରାଜେଶ କୁମାର ରଣା ଓ ସୁବାଷ ଚନ୍ଦ୍ର ଭୋଇ ପ୍ରମୁଖ କର୍ମଚାରୀମାନେ ରକ୍ତ ସଂଗ୍ରହ ଦାୟିତ୍ୱ ତୁଲାଇଥିଲେ। ସୁଶାନ୍ତ ସିଂହ ଫ୍ୟାନ୍ କ୍ଲବର ସଦସ୍ୟ ରଘୁନାଥ ନାୟକଙ୍କ ନେତୃତ୍ୱରେ ନିରଞ୍ଜନ,ସଞ୍ଜୟ,ରୋହିତ, ବିନୋଦ, ଚୟନ, ଟୀକାରାମ, ହରିଶଙ୍କର, ଜାଗେଶ୍ୱର, ପୁନିଲାଲ, ଯୁଗଳ,ସ୍ନିଗ୍ଧା ଓ ସୁମନ ପ୍ରମୁଖ ବିଜେଡି କର୍ମୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଜୀକରଣ ପ୍ରକ୍ରିୟାରେ ବଂଶାବଳୀକୁ ବିରୋଧ

ସମ୍ବଲପୁର, ୧୭।୩ (ସମିସ)



● ରବି ଧାନକ୍ରୟ ପଞ୍ଜୀକରଣ ସମୟ ଅବଧି ବୃଦ୍ଧି ଦାବି
● ସାର ଅଭାବ, ମନିଟରିଂ ଓ ଚଢ଼ଉ ଦାବି

ରବି ଧାନକ୍ରୟ ପାଇଁ ପଞ୍ଜୀକରଣ ପ୍ରକ୍ରିୟାରେ ପୁଣି ବାଧକ ହେଉଛି ବଂଶାବଳୀ। ପ୍ୟାକ୍ସ / ଲ୍ୟାମ୍ପସ ମାନଙ୍କରେ ଡାଲୁଅ ଚାଷୀ ପଞ୍ଜିକରଣ କରିବାକୁ ଯିବାସମୟରେ ଭାଗ ହୋଇନଥିବା ଜମି ସକାଶେ ସମସ୍ତ ସତ୍ତ୍ୱାଧିକାରୀଙ୍କ ସହମତି ଓ ଦସ୍ତଖତ ସମସ୍ୟା ସୃଷ୍ଟି କରୁଛି। ଯେଉଁମାନଙ୍କ ଜମି ଚାଷକୁ ନେଇ ବିବାଦ ରହିଛି, ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ କରାଯିବାକୁ ଚାଷୀମାନେ ସ୍ୱାଗତ କରୁଥିବା ବେଳେ ବର୍ଷ ବର୍ଷ ଧରି ପିଢ଼ି ପିଢ଼ି ଅମଳରୁ ସେଇ ଚାଷ ଜମିକୁ ଚାଷକରି ପ୍ରତିବର୍ଷ ପଞ୍ଜିକରଣ କରି ବିକ୍ରୟ କରୁଥିବା ଜମିର ପଞ୍ଜୀକରଣ ସମୟରେ ବଂଶାବଳୀ ମାଗିବାକୁ ନେଇ ଚାଷୀମାନେ ତୀବ୍ର ବିରୋଧ କରିଛନ୍ତି। ଏନେଇ ମଙ୍ଗଳବାର ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଓ ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର ନେତୃତ୍ୱରେ ଚାଷୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହାସହ ପଞ୍ଜୀକରଣ ଅବଧି ମାର୍ଚ୍ଚ ୧୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମାତ୍ର ୧୫ ଦିନ ଥିବାରୁ ଏହାକୁ ବୃଦ୍ଧି କରିବାକୁ ଦାବି ଜଣାଇଛନ୍ତି। ଗତ ଖରିଫ୍‌ର କେତେକ ଟୋକନ ଆସିନଥିବାରୁ ଚାଷୀମାନେ ଅମଳ ଧାନ ବିକ୍ରୟକୁ ନେଇ ଦ୍ୱନ୍ଦ୍ୱରେ ରହିଥିବା ବିଷୟ ମଧ୍ୟ ଆଲୋଚନା ହୋଇଥିଲା।

ପ୍ରାୟ ତିନିମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବାବେଳେ ଗତ ଖରିଫ୍ ଧାନକ୍ରୟ ଏପର୍ଯ୍ୟନ୍ତ ସରିନାହିଁ। ଏବେ ବି ଖଳାମାନଙ୍କରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଛି, ଜଗି ବସିଛନ୍ତି ଚାଷୀ। ଟୋକନ ସମସ୍ୟା ସମାଧାନ ହୋଇପାରୁନାହିଁ। ଚାଷୀ କରିଥିବା ପଞ୍ଜୀକରଣ ଅନୁଯାୟୀ ସରକାର ସମସ୍ତ ଧାନ କିଣି ନାହାନ୍ତି। ପୁଣି ବିଭିନ୍ନ ସମୟରେ ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ ପ୍ରମୁଖ ବିଭିନ୍ନ ମନ୍ତବ୍ୟ ଦେଉଛନ୍ତି। ଏପରିକି ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଖରିଫ୍ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏପର୍ଯ୍ୟନ୍ତ ଚାଷୀମାନଙ୍କ ଟୋକନ ଆସିନଥିବାରୁ ସେମାନେ ଆଶଙ୍କାରେ ରହିଛନ୍ତି। ପ୍ରଥମକରି ଏତେ ଲମ୍ବା ସମୟ ଅବଧି ଧରି ଧାନ କ୍ରୟ କରାଯାଉଥିବାବେଳେ ଚାଷୀମାନଙ୍କ ସମସ୍ତ ପଞ୍ଜିକରଣ ହୋଇଥିବା ଜମିର ଧାନ ସରକାର କ୍ରୟ କରିବାକୁ ଆଜି ଚାଷୀମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହାବ୍ୟତୀତ ଖରିଫ ଧାନ ବିକ୍ରିର ପରିବହନ ଖର୍ଚ୍ଚ ବା ଭଡ଼ା ଏପର୍ଯ୍ୟନ୍ତ ଚାଷୀଙ୍କୁ ମିଳି ନାହିଁ ଏବଂ ମିଲରମାନେ କେନ୍ଦ୍ର ସରକାରଙ୍କ ନୂତନ ନିୟମ ଦର୍ଶାଇ ଏହାକୁ ଟାଳିଦେଉଥିବା ଅଭିଯୋଗ ହୋଇଛି।ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପତ୍ରସଂଖ୍ୟା ୩୯୪୩ ତା୫.୩.୨୦୨୬ ଜରିଆରେ ରାଜ୍ୟର ୨୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମାର୍ଚ୍ଚ ୧୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପତ୍ର ଅନୁଯାୟୀ ରବି ଧାନସଂଗ୍ରହ ମେ ୧ ତାରିଖରୁ ଆରମ୍ଭ ହୋଇ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଦୁଇମାସ ଚାଲିବ। ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ରବି ଧାନ ଚାଷ କରୁଥିବାରୁ ଏହି ସମୟ ଅବଧି ବୃଦ୍ଧି କରିବାକୁ ଚାଷୀମାନେ ଦାବି ଜଣାଇଛନ୍ତି। ପୁଣି ଗତ ଡିସେମ୍ବରରୁ ତଳିପକା ଆରମ୍ଭ ହୋଇ ପହ୍ଲାରୁଆ ଓ ଆନୁସଙ୍ଗିକ ଚାଷକାର୍ଯ୍ୟ ଚାଲିଥିବାବେଳେ ତୃତୀୟ ପର୍ଯ୍ୟାୟ ସାର ଦେବା ସମୟ ଆସିଯାଇଛି। ଏପରିସ୍ଥଳେ ସାର ଅଭାବ ଯୋଗୁଁ ଚାଷୀମାନେ କଳାବଜାରରେ ଅଧିକ ମୂଲ୍ୟ ଦେଇ ସାର କିଣୁଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ ସାର ବିକ୍ରୟ ଉପରେ ମନିଟରିଂ ଓ ଚଢ଼ଉ କରାଯିବାକୁ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ଦାବି କରିଛି। ଚାଷୀ ପ୍ରତିନିଧି ଦଳରେ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଓ ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ସହ ଭୈରବ ପ୍ରଧାନ, ବିପିନ ବିହାରୀ ଭୋଇ, ମାନଭଞ୍ଜନ ନାୟକ, ସୁଶାନ୍ତ ପଣ୍ଡା, ନାଟୁ ବିହାରୀ ବିଶ୍ୱାଳ, କମଳକାନ୍ତ ନାୟକ, ସୁବ୍ରତ ପ୍ରଧାନ, ସନତ ବାବୁ, କାଶୀ ବିଶ୍ୱନାଥ, ସୌମ୍ୟଭୂଷଣ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ରବି ଧାନକ୍ରୟ-୨୦୨୬ରେ ସମ୍ବଲପୁର ଜିଲ୍ଲାର ୩୨ଟି ପାକ୍ସ, ଲ୍ୟାମ୍ପସ୍ ଏବଂ ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁ-ଏସ୍ଏଚ୍‌ଜି) ସାମିଲ ହେବେ। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାରେ ଗତବର୍ଷ ରବି ଧାନସଂଗ୍ରହରେ ଭାଗନେଇ ଜିଲ୍ଲାର ୧୬୬୫୮ ଜଣ ଚାଷୀ ୧୪୧୮୧୧୭.୬୧ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ଜବତ, ଜଣେ ଅଟକ

ସମ୍ବଲପୁର, ୧୭।୩ (ସମିସ) : ସମ୍ବଲପୁର ସହରରେ ଗ୍ୟାସ୍ କାରବାର ବିରୋଧରେ କରାଯାଇଥିବା ସ୍କ୍ୱାଡ୍ ପକ୍ଷରୁ ସବୁଆଡ଼େ ଯାଞ୍ଚ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାବେଳେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ନକ୍ସାପାଲି ଅଞ୍ଚଳରେ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୩ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବିଭାଗୀୟ ଅଧିକାରୀମାନେ ନକ୍ସାପାଲିର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ଉ କରିଥିଲେ। ତାଙ୍କ ପାଖରୁ ୨ଟି କମର୍ସିଆଲ ଓ ଗୋଟିଏ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ତାଙ୍କ ପାଖରେ କୌଣସି ବୈଧ କାଗଜପତ୍ର ନଥିବାରୁ ଏହା ବେଆଇନ ଘୋଷଣା କରାଯାଇ ଜବତ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉର ନେତୃତ୍ୱ ମହାନଗର ନିଗମ ଏସିଏସଓ ବିଶ୍ୱରଞ୍ଜନ ସାହୁ ନେଇଥିବାବେଳେ ଦଳରେ ଯୋଗାଣ ନିରୀକ୍ଷକ ସୌରଭ କୁମାର ପଣ୍ଡା ଓ ଦୀପ୍ତିମୟୀ ରାଉତ, ଜିଲ୍ଲା ଯୋଗାଣ କାର୍ଯ୍ୟାଳୟର ଡିଇଓ ବିଶ୍ୱମ୍ବର ପାଢ଼ୀ, ଧନୁପାଲି ଥାନା କନଷ୍ଟେବଳ ଅନିତା ନାଏକ ପ୍ରମୁଖ ସାମିଲ ଥିଲେ। ସେହିପରି ସଦର ସହିତ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ତହସିଲଦାର ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗୋଦାମ ଗୁଡ଼ିକ ଯାଞ୍ଚ କରାଯାଇ ମହଜୁଦ ଗ୍ୟାସ ଯାଞ୍ଚ କରାଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ମିଳନ କୁମାର ମାଝୀ ସୂଚନା ଦେଇଛନ୍ତି। କେହି ଗ୍ୟାସ ଅବୈଧ ଭାବରେ ମହଜୁଦ କିମ୍ବା କଳାବଜାର କରୁଥିଲେ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଶ୍ରୀ ମାଝୀ ଅନୁରୋଧ କରିଛନ୍ତି।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ, ମଇଦାନରେ ୨୦ ପ୍ରାର୍ଥୀ

ସମ୍ବଲପୁର, ୧୭।୩ (ସମିସ): ଆସନ୍ତା ୨୮ ତାରିଖରେ ହେବ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ନିର୍ବାଚନରେ ୧୧ଟି ପଦ ପାଇଁ ୨୦ ଜଣ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରେ ସଭାପତି ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବାକୁ ଥିବାବେଳେ ବନ୍ଦିତାରାଣୀ ମିଶ୍ର (ବନି) ଓ ଚନ୍ଦ୍ରକୁମାର ପୁରୋହିତ ପ୍ରାର୍ଥୀ ରହିଛନ୍ତି। ଉପସଭାପତି ପଦରେ ମିଳନ କୁମାର ମହାରଣା, ରବିଶଙ୍କର ପୂଜାରୀ ଓ ରାଙ୍ଗେୟନାଥ ଷଡ଼ଙ୍ଗୀ ପ୍ରାର୍ଥୀ ଥିବାବେଳେ ସାଧାରଣ ସମ୍ପାଦକ ପଦରେ ପ୍ରମୋଦ କୁମାର ସରାଫ (ଟାଇଗର) ଓ ପ୍ରବୀଣ କୁମାର ସିଂହଦେଓ, ଯୁଗ୍ମ ସମ୍ପାଦକ ପଦରେ ଅନିଲ ଜେନା, ରତନଲାଲ ଶର୍ମା ଓ ତାରିଣୀଲାଲ ପାଣିଗ୍ରାହୀ ଏବଂ ସହକାରୀ ସମ୍ପାଦକ ପଦରେ ଶ୍ୟାମ ସୁନ୍ଦର ଗଡ଼ତିଆ, ସୁନୀତା ଦାଶ ଓ ସୁରଞ୍ଜିନୀ ବାରିକ ପ୍ରାର୍ଥୀ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ୬ଟି ପଦ ପାଇଁ ୭ ଜଣ ପ୍ରାର୍ଥୀ - ଅଫସାନା ଅଞ୍ଜୁମ, ଅନୁପ କୁମାର ପଟ୍ଟନାୟକ, ଆଶୁତୋଷ ବିଶି, ଦିଲୀପ କୁମାର ସାହୁ (ଟୁଟୁ), ଦିପ୍ତୀମୟୀ ପାଢ଼ୀ, ସେବତୀ ବନଛୋର ଓ ସୁତାପା ମିତ୍ର ରହିଛନ୍ତି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବାବେଳେ ଏବେ ସମ୍ବଲପୁର କୋର୍ଟକଚେରୀ ପରିସରରେ ନିର୍ବାଚନ ମାହୋଲ ଦେଖିବାକୁ ମିଳୁଛି।

## ବ୍ରହ୍ମ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ



ରେଢ଼ାଖୋଲ, ୧୭।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ରଥସାହି ସ୍ଥିତ ରଘୁନାଥ ମନ୍ଦିର ପ୍ରାଙ୍ଗଣ ରେ ଗୁରୁବାର ଦିନ ବ୍ରହ୍ମସମାଜ ଆନୁକୂଲ୍ୟରେ ୭ ଜଣ ବାଳକଙ୍କୁ ସାମୂହିକ ଭାବେ ବ୍ରତପୋୟନ ଅନୁଷ୍ଠିତ ହୋଇଯାଇଛି। ସାମୂହିକ ବ୍ରତପୋୟନ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋହିତ ଭାବରେ ପଣ୍ଡିତ ସୁବାଷ ଚନ୍ଦ୍ର ପଣ୍ଡା କାର୍ଯ୍ୟନିର୍ବାହ ଗ୍ରହଣ କରିଥିଲେ।ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ପ୍ରଥମେ ଚାରିକର୍ମ, ସାବିତ୍ରୀ ପ୍ରଦାନ ବିଭିନ୍ନ ପ୍ରକାରର ବିଦ୍ଧିବିଦ୍ଧ ପୂଜା ସହିତ ହୋମଯଜ୍ଞ କରି ବାଳକମାନଙ୍କୁ ବ୍ରତ (ବରୁ) କରାଯାଇଥିଲା। ଏଥିରେ ବାଳକମାନଙ୍କୁ ସାଜସଜ୍ଜା କରି ସହର ପରିକ୍ରମା କରାଯାଇଥିଲା। ବ୍ରହ୍ମସମାଜ ପକ୍ଷରୁ ସଭାପତି ହରି ଶଙ୍କର ହୋତା, ସମ୍ପାଦକ ପ୍ରଶାନ୍ତ ରଥ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା, ଉପସଭାପତି ଶେଷଦେବ ପୁରୋହିତ, ଉପଦେଷ୍ଟା ମଣ୍ଡଳୀ ମଧ୍ୟରେ ବିକାଶ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ରମେଶ ପାଣିଗ୍ରାହୀ, ବୃନ୍ଦାବନ ପୁରୋହିତ, କୁଞ୍ଜ ନନ୍ଦ, ଅବନୀ ପଣ୍ଡା, କୁମୁଦ ଚନ୍ଦ୍ର ପଣ୍ଡା, ସାଧୁଚରଣ ହୋତା, ନରତ୍ତୋମ ପୁରୋହିତ, ଯୋଷବନ୍ତ ପୁରୋହିତ ଭବାନୀ ପଣ୍ଡା, ରବୀନ୍ଦ୍ର ନନ୍ଦ, ରଘୁ ମିଶ୍ର ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

## ସିହିଲିଆ ନାଳରେ ବୁଡି ଜଣେ ମୃତ

ରେଢ଼ାଖୋଲ, ୧୭।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଶିମିଳିପାଳଗ୍ରାମ ନିକଟ ସିହିଲିଆ ନାଳରେ ମଙ୍ଗଳବାର ଦିନ ଜଣେ ବ୍ୟକ୍ତି ପାଣିରେ ବୁଡି ମୃତ୍ୟୁ ହୋଇଯାଇଛି। ମୃତ ବ୍ୟକ୍ତି ଶିମିଳିପାଳ ଗ୍ରାମର ସଦାଶିବ ଡୋଙ୍ଗି(୪୦)। ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ସକାଳୁ ଗାଧୋଇବା ପାଇଁ ନାଳକୁ ଯାଇଥିଲେ। ହେଲେ ଅସାବଧାନତା ଯୋଗୁଁ ଗଭୀର ପାଣିରେ ବୁଡି ଯାଇଥିଲେ। ଘରକୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବାକୁ ଯାଇ ନାଳରେ ପଡ଼ିଥିବା ଦେଖି ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରେଢ଼ାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଓଡ଼ିଆ ବିଭାଗରେ ଆଲୋଚନାଚକ୍ର




ସମ୍ବଲପୁର, ୧୭।୩ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ବିଶ୍ୱଭାରତୀ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦାନ କରି ଓଡ଼ିଆ କଥା ସାହିତ୍ୟ ଶୀର୍ଷକରେ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ ଆଲୋଚନାଚକ୍ରରେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ପରୀକ୍ଷିତ ଭୋଇ ସଂଯୋଜନା କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ଲିପିକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଅନ୍ୟତମ ସହକାରୀ ପ୍ରଫେସର ଡକ୍ଟର ରଞ୍ଜନ ସେଠୀ, ଡକ୍ଟର ନବୀନ କୁମାର ଜାଲ, ଅଧ୍ୟାପକ ତୃପ୍ତିରଞ୍ଜନ ରାଉତ ଉପସ୍ଥିତ ଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଶେଷରେ ଡକ୍ଟର ଶ୍ରୀବନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର, ୧୭।୩(ସମିସ): ସ୍ଥାନୀୟ ନେତାଜୀ ଛକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଡ଼ ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତି ବୁର୍ଲା ତରଫରୁ ସ୍ଥାନୀୟ ମେଡିକାଲ ରୋଗୀ ପରିଜନଙ୍କୁ ଖିଚିଡି ଓ ଖଟା ବଣ୍ଟନା କରାଯାଇଥିଲା। ପ୍ରଥମେ ସ୍ଥାନୀୟ ମାଁ ତାରିଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସ୍ୱର୍ଗତ ପ୍ରଧାନଙ୍କ ଫୋଟୋଚିତ୍ରରେ ଦୀପ, ଧୂପ ଓ ପୁଷ୍ପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଇନଜୀବୀ ପ୍ରସନ୍ନ କୁମାର ସାହୁ ଓ ସୁଧୀର କୁମାର ବହିଦାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ରମାକାନ୍ତ ସାହୁ, ଉମେଶ ଚନ୍ଦ୍ର ବଳ, ପ୍ୟାରୀମୋହନ ପୁଜାହାରୀ, ବିଜେପି ବୁର୍ଲା ମଣ୍ଡଳ ସଭାପତି ଆକାଶ ଆଚାର୍ଯ୍ୟ, ଦେବାଶିଷ ନନ୍ଦ, ଶାନ୍ତି ମହାନ୍ତି, ଲକ୍ଷ୍ମୀ ରାୟ, ସୀତା ପ୍ରଧାନ, ସୁକାନ୍ତି ବାରିକ, ମଣ୍ଟୁ ପାଲ ପ୍ରମୁଖ ଉପସ୍ଥିତ ଥିଲେ।



## ସୁଇଟ୍‌ରେ ବିଶାଳ ରକ୍ତଦାନ ଶିବିର

ସମ୍ବଲପୁର, ୧୭।୩(ସମିସ): ରୋଟାରୀ କ୍ଲବର ସଭାପତି ସୁମନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସୁଇଟ୍‌ର ଏପିଜେ ଅବ୍ଦୁଲ କଲାମ ଅଡିଟୋରିୟମ୍‌ରେ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରୋଟାରୀ କ୍ଲବ ଏବଂ ସୁଇଟ୍‌ର ସମ୍ମିଳିତ ପ୍ରୟାସରେ ଶିବିର ସୁଚାରୁ ଭାବେ ସଫଳତାର ସହ ସମାପ୍ତ ହୋଇଥିଲା। ଶିବିରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନର ଗୁରୁତ୍ୱ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ ଯେ ରକ୍ତଦାନ ମାନବତାର ସର୍ବୋତ୍କୃଷ୍ଟ ସେବା ଓ ଏହା ଅନେକ ଜୀବନକୁ ନୂତନ ଆଶା ଦେଇଥାଏ। କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଯୁବପିଢ଼ି ଏପରି ସାମାଜିକ କାର୍ଯ୍ୟରେ ଆଗୁଆ ହେବା ଅତ୍ୟନ୍ତ ପ୍ରଶଂସନୀୟ। ସୁଇଟ୍‌ର ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା କାର୍ଯ୍ୟକ୍ରମର ଅଧ୍ୟକ୍ଷ ଭାବେ ଅଧ୍ୟକ୍ଷତା କରି କହିଥିଲେ ଯେ ସୁଇଟ୍ ସଦା ସାମାଜିକ ସେବାମୂଳକ କାର୍ଯ୍ୟରେ ଆଗୁଆ ରହିଛି। ଶିବିରରେ ପ୍ରାୟ ୧୨୦ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ରୋଟାରୀ କ୍ଲବ୍‌ର ସଦସ୍ୟବୃନ୍ଦ ଦେବେନ୍ଦ୍ର କୁମାର ମହାଳିକ, ସଞ୍ଜୟ କୁମାର ପଟ୍ଟନାୟକ, ବ୍ରଜମୋହନ ମିଶ୍ର, ମଳୟ ମହାନନ୍ଦ, ପ୍ରମୋଦ ନାୟକ, ଆର୍ତ୍ତତ୍ରାଣ ରାଉତ, ଶରତ ସ୍ୱାଇଁ, ଅଶୋକ କୁମାର ନାୟକ, କାଳୁ ସ୍ୱାଇଁ, ଜୟନାରାୟଣ ମହାପାତ୍ର ଏବଂ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




## ଶାଳୀକୁ ଦୁଷ୍କର୍ମ ଅଭିଯୋଗରେ ଭିଣୋଇ ଗିରଫ

ରେଢ଼ାଖୋଲ, ୧୭।୩(ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ସାଲେସିଂ ଗ୍ରାମରେ ନାବାଳିକା ସମ୍ପର୍କୀୟ ଶାଳୀକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ରେଢ଼ାଖୋଲ ପୁଲିସ ସୋମବାର ସନ୍ଧ୍ୟାରେ ଭିଣୋଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଭିଣୋଇ ଜଣଙ୍କ ହେଲେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳର ସଞ୍ଜୟ ମେହେର ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଅଭିଯୁକ୍ତ ଭିଣୋଇ ଜଣକ ରେଢ଼ାଖୋଲ ସହରର ସ୍ଥାନୀୟ ସାଲେସିଂ ଗ୍ରାମରେ ବିବାହ କରିଥିଲେ। ଦୁଇଦିନ ପୂର୍ବରୁ ସେ ଶଶୁର ଘରକୁ ବୁଲିବାକୁ ଆସିଥିଲେ। ହେଲେ ରାତିରେ ନାବାଳିକା ଶାଳୀକୁ ଏକୁଟିଆ ପାଇ ଭିଣୋଇ ସଞ୍ଜୟ ଦୁଷ୍କର୍ମ କରିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ରେଢ଼ାଖୋଲ ପୁଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଭିଣୋଇକୁ ଗିରଫ କରି ଡାକ୍ତରୀମାଇନା ପରେ ସମ୍ବଲପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିବା ରେଢ଼ାଖୋଲ ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଜିଏମ୍‌ୟୁ ଦର୍ଶନ ବିଭାଗରେ ଜାତୀୟ ଆଲୋଚନାଚକ୍ର




ସମ୍ବଲପୁର, ୧୭।୩(ସମିସ) : ଗଙ୍ଗାଧର ମେମେର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ଆନୁକୂଲ୍ୟରେ 'ଭାରତୀୟ ଜ୍ଞାନ ପରମ୍ପରାରେ ମାନବତାବାଦ୍ : ସମଗ୍ର ଜୀବନର ଉନ୍ନତି ପ୍ରତି ଏକ ଆହ୍ୱାନ' ଶୀର୍ଷକ ଆଧାରିତ ଦ୍ୱିଦ୍ୱିବସୀୟ ଜାତୀୟ ଆଲୋଚନାଚକ୍ର ଆଜି ଉଦ୍‌ଯାପିତ ହୋଇଯାଇଛି। ପ୍ରଫେସର ମୋହିନ ମହମ୍ମଦ ସଭାଟିର ସୂଚନା ପ୍ରଦାନ କରିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ ଏବଂ ଦର୍ଶନ ବିଭାଗର ମୁଖ୍ୟ ଜାମରିକ ଏକ୍କା ସଭା ପରିଚାଳନା କରିଥିଲେ। ସଭାର ପ୍ରଥମ ଅଧିବେଶନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଡ. ସଚିନ୍ଦ୍ର ରାଉଳ ପ୍ରମୁଖ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ହରିଶ ନାଭାଲେ, ଦର୍ଶନ ବିଭାଗ, ସାବିତ୍ରୀବାଇ ଫୁଲେ ପୁନେ ବିଶ୍ୱବିଦ୍ୟାଳୟ, ପୁନେ ତାଙ୍କ ବକ୍ତବ୍ୟରେ ମାନବତାବାଦ ସମଗ୍ର ଜୀବନ ଉନ୍ନତିର ମୂଳ ଆଧାର ଓ ଏହା ଶିକ୍ଷା, ସଂସ୍କୃତି ଓ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଛନ୍ତି। ଦ୍ୱିତୀୟ ଦିବସରେ ଡ. ସୂର୍ଯ୍ୟକାନ୍ତ ମହାରଣା, ସହଯୋଗୀ ପ୍ରଫେସର, ଆଲାହାବାଦ ବିଶ୍ୱବିଦ୍ୟାଳୟ ଓ ଡ/ ଗୋପୀନାଥ ମଣ୍ଡଳ, ସହଯୋଗୀ ପ୍ରଫେସର ଯାଦବପୁର ବିଶ୍ୱବିଦ୍ୟାଳୟ ଆଲୋଚକ ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରା ମୂଳରେ ମାନବତାବାଦୀ ଚିନ୍ତନ ଉପରେ ଆଲୋକପାତ କରିଥିଲେ। ଡ. ଶୁଭଙ୍କରୀ ପତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ନିଜାମୁଦ୍ଦୁଲ୍ଲା ଓ ଇଦାଦୁଲ୍ଲ ମଞ୍ଚ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ୧୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଶେଷରେ ଦର୍ଶନ ବିଭାଗ ମୁଖ୍ୟ ଜାମରିକ ଏକ୍କା ଧନ୍ୟବାଦ ଦେଇଥିଲେ।

# ଭୀମ୍ ଆର୍ମି ପକ୍ଷରୁ ଆର୍‌ଡିସି ଅଫିସ ଘେରାଉ






ସମ୍ବଲପୁର, ୧୭।୩ (ସମିସ)

ଭୀମ ଆର୍ମି ଭାରତ ଏକତା ମିଶନ, ସମ୍ବଲପୁର ପକ୍ଷରୁ ଘର ଅଧିକାର, ଆଇନ ଶୃଙ୍ଖଳା, ସାମାଜିକ ସଦ୍‌ଭାବ, ସ୍ଥାନୀୟ ନିଯୁକ୍ତି ଏବଂ ଅନ୍ୟାନ୍ୟ ଦାବିକୁ ନେଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ପଶ୍ଚିମ ଓଡ଼ିଶାର ପ୍ରାୟ ୧୫ଟି ଜିଲ୍ଲାରୁ ଆଜି ଭୀମ ଆର୍ମି ଭାରତ ଏକତା ମିଶନର ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ହଜାର ହଜାର ସଦସ୍ୟ ବୀର ବିର୍ସା ମୁଣ୍ଡା ମୈଦାନରୁ ଏକ ବିଶାଳ ରାଲିରେ ବାହାରି ଆର୍‌ଡିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ପ୍ରତିବାଦ ସଭାରେ ସରକାରଙ୍କ ଅବହେଳାକୁ ନେଇ ଭୀମ ଆର୍ମି ପକ୍ଷରୁ ବକ୍ତାମାନେ ଗର୍ଜିଥିଲେ। ଏହାପରେ ଆର୍‌ଡିସିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

ଭୀମ ଆର୍ମିର ୧୨ ଦଫା ଦାବି ମଧ୍ୟରେ - ଭୂମିହୀନଙ୍କୁ ସ୍ଥାୟୀ ଘରବାଡ଼ି / ଘରବାଡ଼ି ପଟ୍ଟା ପ୍ରଦାନ, ସରକାରୀ ଜମିରେ ବାସ କରୁଥିବା ବାସହୀନ ପରିବାରଗୁଡ଼ିକୁ ପ୍ରମାଣପତ୍ର ପ୍ରଦାନ, ଧାର୍ମିକ ଅସହିଷ୍ଣୁତା କ୍ଷେତ୍ରରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସାମ୍ପ୍ରଦାୟିକ ବିଭାଜନ ସୃଷ୍ଟି କରିବାକୁ ସାଇବର ଷଡ଼ଯନ୍ତ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ, ଘରୋଇ କମ୍ପାନୀ ମାନଙ୍କରେ ଯୋଗ୍ୟତା ଭିତ୍ତିରେ ସ୍ଥାନୀୟ ନିଯୁକ୍ତି, ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲା ଏବଂ ରାଜ୍ୟରେ ଅବୈଧ ନିଶା କାରବାର ଉପରେ କାର୍ଯ୍ୟାନୁଷ୍ଠାନ, ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଗରିବ ପରିବାରକୁ ବିଦ୍ୟୁତ ଯୋଗାଣ ନିୟମିତ କରିବା, ସରକାରଙ୍କ ପ୍ରତ୍ୟେକ ଯୋଜନା ଏବଂ କାର୍ଯ୍ୟକ୍ରମ ଯଥାସମ୍ଭବ ଶ୍ରମଭିତ୍ତିକ କରିବା ଆଦି ରହିଛି। ଏହାସହ ବ୍ୟାପକ ଶିଳ୍ପାୟନ ରେଙ୍ଗାଲି ବ୍ଲକ ଏବଂ ଝାରସୁଗୁଡା ଜିଲ୍ଲାର ଅନ୍ୟାନ୍ୟ ଶିଳ୍ପ ସ୍ଥାନଗୁଡିକରେ ଫ୍ଲାଏଆସ୍‌କୁ ନେଇ ଗମ୍ଭୀର ପରିବେଶଗତ ବିପଦ ସୃଷ୍ଟି କରିଛି। ଉକ୍ତ ଅଞ୍ଚଳରେ ଫ୍ଲାଏ ଆସ୍ ର ସଠିକ୍ ନିଷ୍କାସନକୁ ନିୟନ୍ତ୍ରଣ ଏବଂ ତଦାରଖ କରିବା ପାଇଁ ଭୀମ ଆର୍ମି ଦାବି କରିଛି। ଏହାସହ ହୀରାକୁଦ ଜଳଭଣ୍ଡାର ଜମିକୁ ଶିଳ୍ପାନୁଷ୍ଠାନକୁ ହସ୍ତାନ୍ତର କରିବାକୁ ବିରୋଧ କରିଛି। ଚାଷୀମାନେ ସମ୍ମୁଖୀନ ହେଉଥିବା ଧାନ ସଂଗ୍ରହ ନକରିବା, ଟୋକନ ସମସ୍ୟା ଆଦି ବହୁବିଧ ସମସ୍ୟାର ସମାଧାନ ମଧ୍ୟ ଦାବି କରାଯାଇଛି। ଏହାସହ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାୟୀ ଜମି ଓ କୋଠା ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଦାବି ଏବଂ କେନ୍ଦ୍ର ସରକାରଙ୍କ ୟୁଜିସି ବିଲ୍‌କୁ ମଧ୍ୟ ଭୀମ ଆର୍ମି ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଭିମସାର, ବୁର୍ଲା ଉପରେ ସମଗ୍ର ପଶ୍ଚିମ ଓଡ଼ିଶା ନିର୍ଭର କରୁଥିବାବେଳେ ପ୍ରାୟ ୫୦ଟି ଆଇସିୟୁ ମଧ୍ୟରୁ କେବଳ ୨୦ଟି ଆଇସିୟୁ କାର୍ଯ୍ୟ କରୁଛି। ଭିମସାରରେ ତୁରନ୍ତ ଅତିରିକ୍ତ ୩୦ଟି ଆଇସିୟୁ କାର୍ଯ୍ୟକ୍ଷମ କରିବାକୁ ଭୀମ ଆର୍ମି ଦାବି କରିଛି। ଏହାସହ ସ୍ଥାୟୀ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯିବାକୁ ମଧ୍ୟ ଦାବି ରଖିଛି। ସମ୍ପ୍ରତି ରନ୍ଧନ ଗ୍ୟାସର ଅଭାବ ଏବଂ କଳାବଜାରୀ ହେଉଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ଦିଆଯାଇଥିବା ସ୍ମାରକପତ୍ରରେ ଦାବି କରାଯାଇଛି।

ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ସହ ବିକାଶ ବୌଦ୍ଧ, ଭୈରବ ବେହେରା, ଅନିଲ ମଲିକ, ଧୀରଜ ସିଂ, ଟିଙ୍କୁ ଜଗତ, ଭୁବନ ବୌଦ୍ଧ, ଗୋପୀନାଥ ରୋହିଦାସ, ତରଣୀ ମଲିକ (ଯାଜପୁର), ଆଶିଷ ବୌଦ୍ଧ (ବରଗଡ଼), ରଜନୀକାନ୍ତ ନାଗ (ବଲାଙ୍ଗିର), ବୁଲୁ ନାଏକ (ଦେବଗଡ଼), ଆନନ୍ଦ କୁଜୁର (ସୁନ୍ଦରଗଡ଼), ରଶ୍ମି ଜେନା (କେନ୍ଦୁଝର), ଉମେଶ ଉଗର, ରୋଶନ ଆଜାଦ, ଇଶ୍ୱର ରୋହିଦାସ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।







## ଏସ୍‌ସିବି ଅଗ୍ନିକାଣ୍ଡ

# ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଥାନାରେ ଏତଲା

### ୭ ଦିନର ମହଲତ ଦେଲା ସୁଭାଷ ସଂଗଠନ




କଟକ,୧୭।୩(ସମିସ): ଏସସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାଜରାସ୍ତାକୁ ଓହ୍ଲାଇଛି 'ସୁଭାଷ ସଂଗଠନ'। ଏହି ମର୍ମନ୍ତୁଦ ଅଘଟଣ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରି ସଂଗଠନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ସଂଗଠନର ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ଆଇସିୟୁରେ ବ୍ୟବହୃତ ବୈଦ୍ୟୁତିକ ସରଞ୍ଜାମ ଓ ଅଗ୍ନି ନିର୍ବାପକ ଯନ୍ତ୍ରାଂଶର ଉପଯୁକ୍ତ ରକ୍ଷଣାବେକ୍ଷଣ କିମ୍ବା ନିୟମିତ ଯାଞ୍ଚ କରାଯାଉ ନ ଥିଲା। ଏଭଳି ଏକ ସ୍ପର୍ଶକାତର ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରିବା ଯୋଗୁଁ ଏତେ ବଡ଼ ଅଘଟଣ ଘଟି ଧନଜୀବନ ହାନି ହୋଇଛି। ଅବହେଳା ଜନିତ ମୃତ୍ୟୁ ମାମଲାରେ ଦାୟୀ ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସଂଗଠନ ଦାବି କରିଛି। ଏଥିସହ ସଂଗଠନ ପକ୍ଷରୁ ସରକାରଙ୍କୁ ୭ ଦିନର ମହଲତ ଦିଆଯାଇ ଚେତାଇ ଦିଆଯାଇଛି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ସଂଗଠନ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବ। ଏହି ଏତଲା ପ୍ରଦାନ ସମୟରେ ସଂଗଠନର ପ୍ରତିଷ୍ଠାତା ତଥା ସଭାପତି ସୁରେଶ ମହାନ୍ତିଙ୍କ ସମେତ ସନ୍ତୋଷ ମହାନ୍ତି, ସୁରେଶ ଭୁଆଁ, ଭବାନୀ ମହାପାତ୍ର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ସିପିଆଇ ପକ୍ଷରୁ ଶୋକ ପ୍ରକାଶ: କାର୍ଯ୍ୟାନୁଷ୍ଠାନ ଦାବି



କଟକ,୧୭।୩(ସମିସ): କଟକ ଏସସିବି ମେଡିକାଲ କଲେଜ ହସ୍ପିଟାଲର କେନ୍ଦ୍ରୀୟ ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିପିଆଇ ନଗର କମିଟି ଦାବି କରିଛି। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଶ୍ରମିକ ନେତା ଅଶୋକ ଦାସ, ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଓ ଶିକ୍ଷକ ନେତା କ୍ଷୀରୋଦ ବିଶ୍ୱାଳ ପ୍ରମୁଖ ମେଡିକାଲ ଗସ୍ତ କରି ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏହି ଅବସରରେ ପାର୍ଟି ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଦାବି ଉପସ୍ଥାପନ କରାଯାଇଛି। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ। ଗୁରୁତର ଆହତଙ୍କୁ ୨୫ ଲକ୍ଷ ଏବଂ ଅନ୍ୟାନ୍ୟ ଆହତଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ। ଆହତମାନଙ୍କୁ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ନାମୀ ଘରୋଇ ହସ୍ପିଟାଲରେ କରାଇବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ମିହିର ବିଶ୍ୱାଳ ଓ ତପନ ମିଶ୍ର ପ୍ରମୁଖ ସାମିଲ ହୋଇ ଦୁର୍ଘଟଣା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସିପିଆଇ-ଏମ୍‌ର ବିକ୍ଷୋଭ

କଟକ,୧୭।୩(ସମିସ): ଏସ.ସି.ବି. ମେଡିକାଲରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ପ୍ରତିବାଦରେ ଆଜି ସିପିଆଇ (ଏମ୍) ପକ୍ଷରୁ କଟକ ରାଣୀହାଟ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ଦଳ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ ବଦ୍ରି ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ ଓ ପ୍ରତାପ ମହାପାତ୍ର ପ୍ରମୁଖ ଯୋଗଦେଇ କେଉଁ ଆଧାରରେ ମୁଖ୍ୟମନ୍ତ୍ରୀ ମାତ୍ର ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ, ତାହା ସାର୍ବଜନୀନ କରିବାକୁ ଦାବି କରିଥିଲେ। ଏଥିସହ ଦାୟିତ୍ୱରେ ଥିବା ବିଦ୍ୟୁତ ଠିକାଦାରଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ଦାବି କରିଛି। ସଭା ଶେଷରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଶାସନିକ ଅଧିକାରୀ ସୁଭାଷ ରାୟଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ରହିଛି ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା। ଏସସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତୁରନ୍ତ ବଦଳି କରିବା। ମେଡିକାଲର ରୋଗୀସେବା ମାନର ହ୍ରାସ ସମ୍ପର୍କରେ ପ୍ରଶାସନିକ ତଦନ୍ତ କରିବା। ନିରାପତ୍ତା ସାର୍ଟିଫିକେଟ ପ୍ରଦାନ କରିଥିବା ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା। ଏହି ବିକ୍ଷୋଭରେ ବିଷ୍ଣୁ ବେହେରା, ଡମ୍ବରୁଧର ସାହୁ, ରମେଶ ବେହେରା ଓ ବୁଲି ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

### ଅଗ୍ନିକାଣ୍ଡସ୍ଥଳ ପରିଦର୍ଶନ କଲା ହ୍ୟୁମାନ୍ ରାଇଟ୍ସ ଫ୍ରଣ୍ଟ



କଟକ,୧୭।୩(ସମିସ): କଟକ ଏସସିବି ମେଡିକାଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରି ସବିଶେଷ ତଥ୍ୟ ଅନୁସନ୍ଧାନ କରିଛି 'ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ'। ଏହି ସ୍ପର୍ଶକାତର ଘଟଣାରେ ପ୍ରାଣ ହରାଇଥିବା କଲ୍ୟାଣୀ ମଲ୍ଲିକଙ୍କ ସମେତ ସମସ୍ତ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଫ୍ରଣ୍ଟ ପକ୍ଷରୁ ଦାବି କରାଯାଇଛି। ଏହି ଘଟଣା ସମ୍ପର୍କରେ ଫ୍ରଣ୍ଟ ପକ୍ଷରୁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିବା ବେଳେ, ମାନ୍ୟବର ସଦସ୍ୟ ନ୍ୟାୟମୂର୍ତ୍ତି ଜଷ୍ଟିସ ବି.ଆର. ଷଡ଼ଙ୍ଗୀ ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦିନ ମଧ୍ୟରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫ୍ରଣ୍ଟର ଅଧ୍ୟକ୍ଷ ମନୋଜ ଜେନା, ବାସୁଦେବ ଭଟ୍ଟ ଓ ପ୍ରସନ୍ନ ବିଷୋୟୀଙ୍କୁ ନେଇ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ଆଜି ଅଗ୍ନିକାଣ୍ଡ ସ୍ଥଳ ବୁଲି ଦେଖିବା ସହ ପୀଡ଼ିତଙ୍କ ସମ୍ପର୍କୀୟ ଓ ମେଡିକାଲ ରେଜିଷ୍ଟ୍ରାର ସୁବାଷ ରାୟଙ୍କ ସହ ଆଲୋଚନା କରିଛନ୍ତି। ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫ୍ରଣ୍ଟ ପକ୍ଷରୁ ଦାବି ଜୋରଦାର କରାଯାଇଛି।

### ମୃତକଙ୍କ ପରିବାରକୁ ୫୦ ଲକ୍ଷ ଓ ଜଣକୁ ଚାକିରି ଦିଅ: ଓଷ୍ଟା

କଟକ,୧୭।୩(ସମିସ): ରବିବାର ବିଳମ୍ବିତ ରାତିରେ କଟକ ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୧୨ ଜଣଙ୍କର ମୃତ୍ୟୁ ଘଟିଛି ଓ କେତେକ ଗୁରୁତର ଆହତ ହୋଇଛନ୍ତି। ଏଭଳି ହୃଦୟ ବିଦାରକ ଦୁର୍ଘଟଣାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଗଭୀର ଦୁଃଖ ପ୍ରକାଶ କରିଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ସହିତ ପରିବାରର ଜଣକୁ ଚାକିରି ପ୍ରଦାନ ନିମନ୍ତେ ଓଷ୍ଟା ପକ୍ଷରୁ ଦାବି କରାଯାଇଛି। ଏଭଳି ଦୁଃଖଦ ଓ ଲୋମହର୍ଷଣକାରୀ ଦୁର୍ଘଟଣାରେ ସଂଗଠନର ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ମୃତ୍ୟୁବରଣ କରିଥିବା ସମସ୍ତ ରୋଗୀଙ୍କର ଅମରଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

### ପିସିସି ସଭାପତି ଭକ୍ତ ଦାସଙ୍କ ଅନୁଧ୍ୟାନ



କଟକ,୧୭।୩(ସମିସ): କଟକ ଏସସିବି ମେଡିକାଲର ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ସ୍ଥଳ ଆଜି ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ପରିଦର୍ଶନ କରିଛନ୍ତି। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିପାଇଁ ସରକାରୀ ଅପାରଗତା, ରକ୍ଷଣବେକ୍ଷଣରେ ତ୍ରୁଟି ଓ ପ୍ରଶାସନିକ ଅବହେଳାକୁ ସେ ଦାୟୀ କରିଛନ୍ତି। ଏହି ଗସ୍ତ ସମୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଓ ବରିଷ୍ଠ ନେତା ବିଶ୍ୱଜିତ ଦାସ, ମାନସ ଚୌଧୁରୀ, ଶାନ୍ତାୟନ ମିଶ୍ର, ବିଶ୍ୱଜିତ ମହାନ୍ତି, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, କର୍ପୋରେଟର କେ. କାମେଶ୍ୱର ରାଓ, ସନ୍ତୋଷ ଭୋଳ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ବାଙ୍କନିଧି ବେହେରା, ସୀତାଂଶୁ ଦାସ, ପ୍ରତାପ ମଲ୍ଲିକ, ମାନସ ପରିଡ଼ା, ଜଗନ୍ନାଥ ସାହୁ, ଅଶୋକ ସ୍ୱାଇଁ, ରାମଚନ୍ଦ୍ର ଗୋଛାୟତ, ସୁଦର୍ଶନ ସାହୁ, ରାଜଶିଖନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ରେଭେନ୍ସାରେ ପ୍ରଫେସର ଡି.ସି. ମିଶ୍ର ସ୍ମାରକୀ ବକ୍ତୃତା




କଟକ,୧୭।୩(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ଆନୁକୂଲ୍ୟରେ "ସମସାମୟିକ ଭାରତରେ ମହିଳାମାନଙ୍କ କାର୍ଯ୍ୟ ଏବଂ ସଶକ୍ତିକରଣ' ଶୀର୍ଷକ ପ୍ରଫେସର ଡି.ସି. ମିଶ୍ର ସ୍ମାରକୀ ବକ୍ତୃତା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହରିୟାଣା ଅଶୋକା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ଅଶ୍ୱିନୀ ଦେଶପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ପ୍ରଫେସର ଦେଶପାଣ୍ଡେ କହିଥିଲେ ଯେ, ଭାରତରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବିଶ୍ୱ ହାର ତୁଳନାରେ କମ୍ ଏବଂ ଏଥିରେ ଲିଙ୍ଗଗତ ବୈଷମ୍ୟତା ଅଧିକ ରହିଛି। ବିଶେଷ କରି ପାରିବାରିକ ଉଦ୍ୟୋଗରେ ମହିଳାମାନଙ୍କ ଶ୍ରମ ଅନେକ ସମୟରେ ଅବୈତନିକ ହୋଇ ରହିଯାଉଛି। ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ପାଇଁ ନିଯୁକ୍ତି ସୃଷ୍ଟି ସହ ସୁରକ୍ଷିତ ପରିବହନ ଓ ଶିଶୁ ଯତ୍ନ ସୁବିଧା ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ସଭାରେ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ପ୍ରଫେସର ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଲିପିଶ୍ରୀ ଦାସ ସ୍ୱର୍ଗତ ପ୍ରଫେସର ଡି. ସି. ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଡ. ଆଶିଷ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. କୀର୍ତ୍ତି ରଞ୍ଜନ ପାଲଟାସିଂହ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ସ୍ୱାତୀ ତିର୍କୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ● କଳିଙ୍ଗ ବିହାର ଜମି ଆବଣ୍ଟନ ମାମଲା

## ବିଡିଏକୁ ୩ ମାସ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୭।୩(ସମିସ): ଭୁବନେଶ୍ୱର କଳିଙ୍ଗବିହାରସ୍ଥିତ ଅତିରିକ୍ତ ଜମି ଆବଣ୍ଟନକୁ ନେଇ ଚାଲିଥିବା ବିବାଦ ପ୍ରସଙ୍ଗରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି କରି ଜଷ୍ଟିସ ବିପି ରାଉତରାୟ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କୁ ଆସନ୍ତା ୩ ମାସ ମଧ୍ୟରେ ଆବେଦନକାରୀଙ୍କ ପ୍ରାର୍ଥନା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କର ଦୀର୍ଘ ଦିନର ଦଖଲ ଓ ପ୍ରତିଶ୍ରୁତିକୁ ଆଖିରେ ରଖି ବିଡିଏକୁ ୩ ମାସ ମଧ୍ୟରେ ଏହି ଜମି ଆବଣ୍ଟନ ସମ୍ପର୍କରେ ନିଷ୍ପତ୍ତି ନେବାକୁ କୁହାଯାଇଛି। ଯଦି ନିଷ୍ପତ୍ତି ଆବେଦନକାରୀଙ୍କ ସପକ୍ଷରେ ଯାଏ, ତେବେ ଆଜିର ତାରିଖର ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ ଜମିର ଦାମ ସ୍ଥିର କରାଯାଇପାରିବ। ଯେ ପର୍ଯ୍ୟନ୍ତ ବିଡିଏ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନାହିଁ, ସେ ପର୍ଯ୍ୟନ୍ତ ଜମିର ବର୍ତ୍ତମାନର ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ମନୋଜ କୁମାର ସାହୁ ଓ ଅନ୍ୟମାନେ କଳିଙ୍ଗ ବିହାର ହାଉସିଂ ସ୍କିମରେ ପ୍ଲଟ ପାଇଥିଲେ। ସେମାନଙ୍କ ପ୍ଲଟ ସଂଲଗ୍ନ ଏକ ବଳକା ଜମି ଅବ୍ୟବହୃତ ହୋଇ ପଡ଼ିଥିବାରୁ ସେମାନେ ୩୦ ବର୍ଷରୁ ଅଧିକ ସମୟ ଧରି ବ୍ୟବହାର କରିଆସୁଛନ୍ତି। ଏହି ବଳକା ଜମିର ଆବଣ୍ଟନ ପାଇଁ ସେମାନେ ୨୦୦୮ ମସିହାରେ ବିଡିଏ ନିକଟରେ ଆବେଦନ କରିଥିଲେ ଏବଂ ସେତେବେଳେ ବିଡିଏ ପକ୍ଷରୁ ଜମିର ମୂଲ୍ୟ ନିର୍ଦ୍ଧାରଣ ପରେ ଏହାକୁ ବିଚାର କରାଯିବ ବୋଲି ଚିଠି ମାଧ୍ୟମରେ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ୨୦୨୦ ମସିହାରେ ବିଡିଏ ପକ୍ଷରୁ ଏକ ନୂତନ ବିଜ୍ଞାପନ ପ୍ରକାଶ କରି ଏହିପରି ଅତିରିକ୍ତ ଜମି ଗୁଡ଼ିକୁ ବର୍ତ୍ତମାନର ବେଞ୍ଚମାର୍କ ମୂଲ୍ୟର ଦୁଇଗୁଣ ଦରରେ ବିକ୍ରି କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଗତ ୩୦ ବର୍ଷ ହେବ ସେହି ଜମିକୁ ବ୍ୟବହାର କରିଆସୁଛନ୍ତି। ୨୦୦୮ ମସିହାରେ ବିଡିଏ ଯେଉଁ ଆଶ୍ୱାସନା ଦେଇଥିଲା, ତାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟାହାର କରାଯାଇ ନାହିଁ। ସେହିଭଳି ଅନ୍ୟ କେତେକ ପ୍ଲଟ ମାଲିକଙ୍କୁ ମଧ୍ୟ ପୂର୍ବରୁ ଏହିପରି ଅତିରିକ୍ତ ଜମି ପ୍ରଦାନ କରାଯାଇଛି ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

### ଫେଲ୍ ମାରୁଛି ଅଗ୍ନି ନିରାପତ୍ତା ବ୍ୟବସ୍ଥା; ପାଳନ ହେଉନି ନିୟମ

# ୬୦ ପ୍ରତିଶତ ଘରୋଇ ହସ୍ପିଟାଲରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

● ସରକାରୀ ତାଲିକାରେ ବହୁ ନର୍ସିଂହୋମ ଓ ହସ୍ପିଟାଲକୁ ମିଳିନି ଫାୟର୍ ସେଫ୍‌ଟି ସାର୍ଟିଫିକେଟ୍

● ହେଉନି ଚଢ଼ଉ: ଖସି ଯାଉଛନ୍ତି ହସ୍ପିଟାଲ୍ ମାଲିକ ଓ ଦଲାଲ



କଟକ,୧୭ ।୩(ସମିସ): ଏସ୍‌ସିବିରେ ଗତକାଲି ଭୟଙ୍କର ଅଗ୍ନିକାଣ୍ଡ ପରେ ପ୍ରଶାସନିକସ୍ତରରେ ଛନକା ପଶିଛି। ବର୍ଷ ବର୍ଷ ଧରି ସହରରେ ଚାଲିଥିବା ଘରୋଇ ହସ୍ପିଟାଲ୍‌ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଭୁସୁଡ଼ି ପଡ଼ିଛି। କଟକ ସହରରେ ମାଳ ମାଳ ବେଆଇନ୍ ଘରୋଇ ହସ୍ପିଟାଲ୍, ନର୍ସିଂହୋମ, ପାଥୋଲ୍ୟାବ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଖୋଲାଯାଇଛି। ଅସାଧୁ ମାଲିକ ଓ ଅଣଡାକ୍ତରମାନେ ରୋଗୀଙ୍କ ଜୀବନ ସହିତ ଖେଳୁଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ମୁଖ୍ୟତଃ ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ମହାନଦୀବିହାର, ସିଡିଏ ଭଳି ସହରର ବିଭିନ୍ନ ସ୍ଥାନରେ ଘରୋଇ ମେଡିକାଲ ସଂସ୍ଥା ଖୋଲି ସାଧାରଣ ଲୋକଙ୍କୁ ଲୁଟ୍ କରାଯାଉଛି। ସହରରେ ୬୦ପ୍ରତିଶତ ଘରୋଇ ହସ୍ପିଟାଲ୍, ପାଥୋଲୋଜି ସେଣ୍ଟର୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଓ ପାଥୋ ଲ୍ୟାବ୍ ଗୁଡ଼ିକର ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍‌କୁ ପାଳନ କରାଯାଉ ନାହିଁ। ଯାହାଫଳରେ ବିଭିନ୍ନ ସମୟରେ ଅଘଟଣ ଘଟି ଅକାଳରେ ରୋଗୀଙ୍କ ଜୀବନ ଯାଉଛି। ସହରର ପ୍ରାୟ ଅଧିକାଂଶ ଘରୋଇ ହସ୍ପିଟାଲ୍‌ର ବିଲ୍ଡିଂ ପ୍ଲାନ୍, ଫାୟାର ପ୍ରମାଣ ପତ୍ର ଓ ଆବଶ୍ୟକୀୟ ସରକାରୀ ଅନୁମତି କାଗଜପତ୍ର ନଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ଓ ସିଡିଏମଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହେଉଛି। ଦୈନିକ ଶହ ଶହ ରୋଗୀ ଏହି ସବୁ ହସ୍ପିଟାଲ୍‌କୁ ଆସି ହଇରାଣ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ହେତୁ ପରିସ୍ଥିତି ଉଦ୍‌ବେଗଜନକ ହେବାରେ ଲାଗିଛି। ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ, ଆବଶ୍ୟକୀୟ ଡାକ୍ତର ନିଯୁକ୍ତ ନହେବା ଭଳି ବେନିୟମ ଭାବେ ଘରୋଇ ହସ୍ପିଟାଲ୍ ଗୁଡ଼ିକ ଖୋଲା ଯାଇଛି। ଏହା ଉପରେ ଚଢଉ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି।

ପ୍ରାପ୍ତ ସୂଚନା ଅନୁସାରେ, କଟକ ମହାନଗର ନିଗମ ତଥା ସହରାଞ୍ଚଳରେ ପ୍ରାୟ ୩୧୫ଟି ଶଯ୍ୟା ସୁବିଧା ଥିବା(ବେଡେଡ୍) ଘରୋଇ ହସ୍ପିଟାଲ୍ ରହିଛି। ତନ୍ମଧ୍ୟରୁ ୮୫ଟି ଗ୍ରାମାଞ୍ଚଳରେ ରହିଛି। ତେବେ ସମୁଦାୟ ୪୦୦ଟି ଘରୋଇ ହସ୍ପିଟାଲ୍ ଏବେ କାର୍ଯ୍ୟକ୍ଷମ ରହିଛି। ସେହିପରି ସହରରରେ ୩୦୫ଟି ଘରୋଇ ପାଥୋଲୋଜି ସେଣ୍ଟର୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ ଲ୍ୟାବ୍ ରହିଛି। ତେବେ ଗ୍ରାମାଞ୍ଚଳରେ ୭୫ଟି ଏଭଳି ସଂସ୍ଥା ରହିଛି। ଏହି ଘରୋଇ ମେଡିକାଲ୍ ସଂସ୍ଥା ମଧ୍ୟରୁ ୬୦ପ୍ରତିଶତ ସଂସ୍ଥାର ଆବଶ୍ୟକୀୟ କାଗଜପତ୍ର ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଦଲାଲ୍‌ଙ୍କ ଦ୍ୱାରା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍‌କୁ ଅବମାନନା କରି ସାଧାରଣ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଦେଖିବାକୁ ମିଳୁଛି। ଅଗ୍ନିଶମ ବିଭାଗର ନିୟମ ଅନୁସାରେ, ପର୍ଯ୍ୟାପ୍ତ ସଂଖ୍ୟାର ଫାୟାର ଏକ୍ସଟିଙ୍ଗୁଇସର ମହଜୁଦ୍ ରହିବା ସହିତ କାନ୍ଥରେ ଲଗାଯିବା ଜରୁରୀ। ପ୍ରତି ସପ୍ତାହରେ ଏହାକୁ ଚେକ୍ ଓ ରିଫିଲ୍ କରିବା ଆବଶ୍ୟକ। ହସ୍ପିଟାଲ୍ ଭିତରେ ଫାୟାର ଆଲାର୍ମ ସିଷ୍ଟମ୍ ରହିବା ବାଧ୍ୟତାମୂଳକ। ସେହିପରି ଅଟୋମେଟିକ୍ ଆଲାର୍ମ ଖଞ୍ଜାଯିବ। ସ୍ପ୍ରିଙ୍କଲର୍ ସିଷ୍ଟମ୍‌କୁ ମଧ୍ୟ ୭ଦିନରେ ଥରେ ଚେକିଂ କରିବା ଦରକାର। ଏମର୍ଜେନ୍ସି ଏକ୍ସିଟ୍ ସହଜ ଓ ସୁବିଧା ରାସ୍ତା ରହିଥିବା ଆବଶ୍ୟକ। ଫାୟାର ମକ୍‌ଡ୍ରିଲ୍‌ରେ ଡାକ୍ତର ଓ ଷ୍ଟାଫ୍ ମାନଙ୍କୁ ଟ୍ରେନିଂ ଦେବା, ଫାୟାର ହାଇଡ୍ରେଣ୍ଟ ସିଷ୍ଟମ୍, ବଡ଼ ହସ୍ପିଟାଲ୍‌ରେ ପାଣି ସପ୍ଲାଇ ସହିତ ଅଗ୍ନିନିର୍ବାପନ ବ୍ୟବସ୍ଥା, ବିଦ୍ୟୁତ ତାର ଓ ବୋର୍ଡର ନିୟମିତ ପରୀକ୍ଷା, ଅକ୍ସିଜେନ୍ ସିଲିଣ୍ଡର୍ ଓ ଗ୍ୟାସ୍ ସେଫ୍ଟି ରଖାଯିବା ଭଳି ଏକାଧିକ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସଠିକ୍ ଭାବେ ପରିଚାଳନା କରାଯିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କଟକ ସହରରେ ରହିଥିବା ଘରୋଇ ହସ୍ପିଟାଲ୍, ନର୍ସିଂହୋମ ଗୁଡ଼ିକରେ ଏସବୁ ଆଦୌ କରାଯାଉ ନାହିଁ। ପୂର୍ବରୁ ବାରମ୍ବାର ଅଗ୍ନିକାଣ୍ଡ ଘଟି ଅନେକ ନିରୀହ ରୋଗୀଙ୍କ ଜୀବନ ଯାଉଥିବା ବେଳେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଏହାଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।

## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତ ଗିରଫ

ଯୋଡା,୧୭।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଥାନାଞ୍ଚଳର ଜଣେ ନାବାଳିକାକୁ ଜଣେ ସ୍ଥାନୀୟ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଛି।ଅଭିଯୁକ୍ତ ହେଲେ ବିହାର ରାଜ୍ୟ ସିୱାନ ଜିଲ୍ଲା ହୁସେଇଁଞ୍ଜି ଥାନା ଅଧୀନସ୍ଥ ହାର ହଂ ।ସ ଗ୍ରାମର ଡେନ୍ ଖାନ ଓରଫ ଏମଡି ଲାଡେନ। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଡେନ୍ ୪ ବର୍ଷ ହେଲା କମାର ଯୋଡାର ଜଣେ ବ୍ୟକ୍ତିଙ୍କ ଟାୟାର ଗ୍ୟାରେଜରେ ଟାୟାର ଫିଟିଂ ମେକାନିକ ଭାବେ କାର୍ଯ୍ୟ କରି ଆସୁଥିଲା। ଏହି ଗ୍ୟାରେଜର ଠିକ ସାମ୍ନାରେ ଏକ କନଫେକ୍ସନାରୀ ଦୋକାନ ଅଛି। ଏହି ଦୋକାନକୁ ଅଭିଯୁକ୍ତ ଅନେକ ସମୟରେ ଯିବାଆସିବା କରୁଥିବା ବେଳେ ଘଟଣା ଦିନ ପୀଡ଼ିତା ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଏପରି କାଣ୍ଡ ଭିଅଇଥିଲା। ଗତ ୧୬/୦୩/୨୦୨୬ ସୋମବାର ଅପରାହ୍ଣରେ ବାପାମା' ଓ ଅନ୍ୟ ସଦସ୍ୟମାନେ ମଧ୍ୟାହ୍ନ ଭୋଜନ କରିବାକୁ ଘରକୁ ଯାଇଥିବାର ସୁଯୋଗ ନେଇ ଅଭିଯୁକ୍ତ ଏକୁଟିଆ ନାବାଳିକା ସହିତ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଏହି ସମୟରେ ଅଭିଯୁକ୍ତ ଲାଡେନ ପୀଡିତା ନାବାଳିକାର ମୁହଁକୁ ଖୁବ ଜୋରରେ ଚାପି ଧରିଥିବା ହେତୁ ସେ ଚିତ୍କାର କରି ପାରି ନ ଥିଲା। ଠିକ ଏହି ସମୟରେ ଦୋକାନକୁ ଅନ୍ୟ ଗ୍ରାହକମାନେ ଆସିବାରୁ ଅଭିଯୁକ୍ତ ନାବାଳିକାକୁ ଏ ସମ୍ପର୍କରେ କିଛି ଜଣାଇଲେ ଗମ୍ଭୀର ପରିଣାମ ଭୋଗି ବାକୁ ପଡ଼ିବ ବୋଲି ଧମକ ଦେଇ ସେଠାରୁ ପଳାଇ ଯାଇଥିଲା। ପରବର୍ତ୍ତୀ ସମୟରେ ନାବାଳିକା ତାଙ୍କ ପିତାମାତାଙ୍କୁ ସମ୍ପୂର୍ଣ ଘଟଣା ସମ୍ପର୍କରେ ଜଣାଇବାକୁ ପରିବାର ପକ୍ଷରୁ ଏନେଇ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ କେସ ନଂ ୧୧୨/୨୦୨୬ ଦଫା୩୩୮ (ବି)/୬୫(୧)/୩୫୧(୩) ବିଏନଏସ ଓ ଆର୍/ସେକ୍ସନ ୪ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ ଯକରିଥିବା ଯୋଡା ଥାନା ଆଇଆଇସି ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି।

## ସ୍ୱଚ୍ଛତାର ଦର୍ପଣ ଦେଖାଉଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ!



କେନ୍ଦୁଝର,୧୭।୩(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ନିୟମିତ ସଫେଇ ହେଉ ନଥିବାରୁ ପରିବେଶ ନଷ୍ଟ ହେବା ସହ ଏହି ଐତିହ୍ୟ ସଂପନ୍ନ କୋଠା ନଷ୍ଟ ହେବାକୁ ବସିଛି। ଭାରତ ସରକାରଙ୍କ ସ୍ୱଚ୍ଛତା ଅଭିଯାନର ମଧ ବାସ୍ତବ ଚିତ୍ରକୁ ମଧ ଏହା ପ୍ରତିଫଳିତ କରୁଛି। ଏହାର ଗୋଟିଏ ପାଶ୍ୱର୍ ଏବେ ସଫେଇ ଅଭାବରୁ ଲତା, ବୁଦା, ଗୁଳ୍ମରେ ପରିପୂର୍ଣ୍ଣ ହୋଇଛି। ଦୀର୍ଘ ମାସ ହେବ ସଫେଇ ହେଉ ନଥିବାରୁ ଏଭଳି ଅବସ୍ଥା ହୋଇଛି। ୧୯୨୦ ମସିହାରେ ନିର୍ମାଣ ହୋଇଥିବା ଏହି ବ୍ରିଟିଶ ସମୟର ପୁରାତନ କୋଠାର ରକ୍ଷଣାବେକ୍ଷଣ ଅଭାବ ଓ ସଫେଇ ଅଭାବ ଯୋଗୁଁ ଏବେ ଧ୍ୱଂସମୁଖରେ ରହିଛି। ଏଣୁ ଏହାର ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ଏହି ପୁରାତନ କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଚାଲିଥିଲେ ହେଁ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ କର୍ମଚାରୀ କାମ କରୁଛନ୍ତି। ସେହିପରି ସଫେଇ ହେଉ ନଥିବାରୁ ଆସୁଥିବା ଲୋକ ଏହାକୁ ଦେଖି ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବର୍ତ୍ତମାନର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାହାକି ସେ ସମୟରେ ରାଜାଙ୍କର କଚେରି ଭାବରେ ନାମିତ ହୋଇଥିଲା, ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଏହାର ସୁରକ୍ଷା ଏବଂ ଚତୁଃପାଶ୍ୱର୍ ସଫେଇ ପାଇଁ ଦାବି ହେଉଛି।

## ଅବସରପ୍ରାପ୍ତ ସୈନିକ ସଂଘର ବୈଠକ



ଆନନ୍ଦପୁର, ୧୭।୩(ସମିସ): ଆନନ୍ଦପୁର ସୈନିକ ସଦନରେ ଅବସରପ୍ରାପ୍ତ ସୈନିକଙ୍କ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତ୍ରିଲୋଚନ ଦାଶଙ୍କ ସଭାପତିତ୍ୱରେ ବୈଠକ ଆରମ୍ଭରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଶାନ୍ତି କାମନା କରାଯାଇଥିଲା। ବାଲେଶ୍ୱର ଷ୍ଟେସନ ହେଡ୍‌କ୍ୱାର୍ଟର ପକ୍ଷରୁ ଚଳିତ ମାସ ୨୭– ତାରିଖରେ ହେବାକୁ ଥିବା ତିନିଦିନିଆ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସମ୍ପର୍କରେ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ସୂଚନା ଦେଇଥିଲେ। ଏହି ଶିବିରରେ ପୂର୍ବତନ ସେନା ପରିବାର ବର୍ଗଙ୍କ ସମେତ ପ୍ରତେକ ସାଧାରଣ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ସଂଘର କର୍ମକର୍ତ୍ତା ଓ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ସଂଘ ସଦସ୍ୟ ଭୀମସେନ ବିଶ୍ୱାଳ, ରବି ସାହୁ, ମୁରଲୀଧର ମିଶ୍ର, କ୍ଷେତ୍ରବାସୀ ସାହୁ, ଗଗନ ସିଂହ ଜଗବନ୍ଧୁ ଜେନା, ଶ୍ରୀକାନ୍ତ ବାରିକ, ହାଡ଼ିବନ୍ଧୁ ସାହୁ, ଯତୀନ୍ଦ୍ର ଶତପଥୀଙ୍କ ସମେତ ପୂର୍ବତନ ସୈନିକ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଘୂର୍ଣ୍ଣିଝଡ଼ରେ ପୁଲିସ ନାଏକଙ୍କ ମୃତ୍ୟୁରେ ପରିବାର ସ୍ତବ୍ଧ

# ଘରେ ଜଳୁନି ଚୁଲି, ସ୍ତ୍ରୀଙ୍କ ଆଖିରୁ ଶୁଖୁନି ଲୁହ



ମୃତକପୁଲିସ ନାଏକ (ଫାଇଲ ଫଟୋ)



ମୃତକଙ୍କ ସ୍ତ୍ରୀ ପ୍ରତିମା

ତୁରୁମୁଙ୍ଗା, ୧୭।୩(ସମିସ): ଘୂର୍ଣ୍ଣିଝଡ଼ର ତାଣ୍ଡବ କେବଳ ଘରଦ୍ୱାରକୁ କ୍ଷତିଗ୍ରସ୍ତ କରି ନଥିଲା, ଉଜାଡ଼ି ଦେଇଛି ଗୋଟିଏ ପରିବାରର ସମସ୍ତ ସ୍ୱପ୍ନ। ଗତ ରବିବାର ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ କଙ୍କଡ଼ାରେ ହୋଇଥିବା ଘୂର୍ଣ୍ଣିଝଡ଼ରେ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ହଳଦୀବଟା ଗ୍ରାମର ପୁଲିସ ନାଏକ (୫୪)ଙ୍କ ମୃତ୍ୟୁ ହେବା ପରେ ଏବେ ସମ୍ପୂର୍ଣ୍ଣ ପରିବାର ଶୋକରେ ବୁଡି ରହିଛି। ପରିବାର ମୁଖିଆଙ୍କ ଅକାଳ ମୃତ୍ୟୁ ପରେ ଘରେ ଜଳୁନି ଚୁଲି, ଆଉ ଆଗାମୀ ଦିନ କିପରି କଟିବ ସେଇ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକେ। ଗତ ରବିବାର ସେ ଝିଅ ଘର ତାଟକୁ ଏକ କୁକୁଡ଼ା ଆଣିବା ପାଇଁ ଯାଇ ଅଟୋ ଯୋଗେ ଫେରୁଥିବା ସମୟରେ କରଞ୍ଜିଆ ତାଟ ନିକଟ କଙ୍କଡାଠାରେ ହଠାତ୍ ମାଡ଼ିଆସିଥିଲା ଭୟଙ୍କର ଘୂର୍ଣ୍ଣିଝଡ଼। ପ୍ରଚଣ୍ଡ ପବନରେ ଅଟୋଟିକୁ ଉଡ଼ାଇ ନେବାରୁ ରାସ୍ତାକଡ଼ରେ ଥିବା ଏକ ପୋଖରୀରେ ଅଟୋଟି ବୁଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ପୁଲିସ ନାଏକଙ୍କ ମୃତ୍ୟୁ ଘଟିଥିଲା।ମୂଲମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ଏହି ପରିବାର ମୁଖିଆଙ୍କ ଅଚାନକ ମୃତ୍ୟୁ ପରେ ଏବେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଛି। ସ୍ୱାମୀଙ୍କ ଅପେକ୍ଷାରେ ଦୁଆରକୁ ଚାହିଁ ବାହୁନି ବାହୁନି କାନ୍ଦୁଛନ୍ତି ସ୍ତ୍ରୀ। ଘୂର୍ଣ୍ଣିଝଡ଼ରେ କରଞ୍ଜିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଏହି ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି।

ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ମଙ୍ଗଳବାର କେନ୍ଦୁଝର ସାଂସଦ ଅନନ୍ତ ନାଏକ ପରିବାରକୁ ଭେଟି ସମସ୍ତ ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସରକାରୀ ସହାୟତା ଘୋଷଣା ସତ୍ତ୍ୱେ ପରିବାର ପାଇଁ ସବୁଠୁ ବଡ଼ ଅଭାବ ହେଉଛି ଘରର ମୁଖିଆଙ୍କ ଅନୁପସ୍ଥିତି। ଘୂର୍ଣ୍ଣିଝଡ଼ର ଗୋଟିଏ ମୁହୂର୍ତ୍ତ ଗୋଟିଏ ପରିବାରକୁ ଅନିଶ୍ଚିତ ଭବିଷ୍ୟତ ମୁହାଁ କରାଇଦେଇଛି। ମୃତକଙ୍କ ଦୁଇ ପୁଅ ଥିବା ବେଳେ ସରକାରୀ ସହାୟତା ରାଶି ଅଧିକ ଦାବି କରିଛନ୍ତି ମୃତକଙ୍କ ପତ୍ନୀ ପ୍ରତିମା ଦେଇ। ପ୍ରକୋପ ଆଗରେ ମାନବ ଜୀବନ କେତେ ଯେ ଅସହାୟ ଏହି ଦୁଃଖଦ ଘଟଣା ହିଁ ଉଦାହରଣ। ଘୂର୍ଣ୍ଣିଝଡ଼ ଏକ ମୁହୂର୍ତ୍ତରେ ଛଡ଼ାଇ ନେଲା ଗୋଟିଏ ପରିବାରର ଆଶ୍ରୟ। ବର୍ତ୍ତମାନ ସରକାରୀ ସହାୟତା ହିଁ ଏହି ପରିବାର ପାଇଁ ଏକମାତ୍ର ଭରସା।

## ଘୂର୍ଣ୍ଣିଝଡ଼ରେ ଆହତଙ୍କୁ ଭେଟିଲେ ସାଂସଦ



କେନ୍ଦୁଝର,୧୭।୩(ସମିସ): କରଞ୍ଜିଆ ଅଞ୍ଚଳରେ ତାଣ୍ଡବ ରଚିଥିବା ଘୂର୍ଣ୍ଣିଝଡ଼ରେ ଆହତ ହୋଇ ଚିକିତ୍ସାଧୀନ ରହିଥିବା ବ୍ୟକ୍ତିମାନଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ଭେଟି ସେମାନଙ୍କ ଆରୋଗ୍ୟ ସ୍ଥିତି ବିଷୟରେ ପଚାରି ବୁଝିଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ। ଡାକ୍ତରମାନଙ୍କ ସହ ଆଲୋଚନା କରି ଆହତମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଅନୁରୋଧ କରିବା ସହିତ ସେମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ। ସେ କହିଥିଲେ, ଏହିଭଳି ପ୍ରାକୃତିକ ବିପଦରେ ପ୍ରଭାବିତ ସମସ୍ତ ପରିବାରଙ୍କ ସହ ଆମେ ଅଛୁ ଏଣୁ ବ୍ୟସ୍ତ ତଥା ଭାଙ୍ଗି ନପଡ଼ି ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିବା ସହିତ ସରକାର ସର୍ବଦା ସମସ୍ତ ପରିସ୍ଥିତିରେ ଆପଣମାନଙ୍କ କାନ୍ଧରେ କାନ୍ଧ ମିଳାଇ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ସାଂସଦ ଅନନ୍ତ ନାୟକ।

## ଅମାନିଆଙ୍କୁ ସାବାଡ଼ କରିବାକୁ ପୁଲିସ ଅଣ୍ଟା ଭିଡ଼ିଲା



ଆନନ୍ଦପୁର, ୧୭।୩ (ସମିସ): ବେପରୁଆ ଗାଡ଼ି ଚାଳନା ତଥା ବିନା ସୁରକ୍ଷାରେ ଗାଡ଼ି ଚଳାଚଳ କରୁଥିବା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଆନନ୍ଦପୁର ପୁଲିସ ପ୍ରଶାସନ ଅଣ୍ଟା ଭିଡ଼ିଛି। ଆନନ୍ଦପୁର ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନକ୍ରମରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସଚେତନ କରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ବିନା ହେଲମେଟରେ ଥିବା ବାଇକ ଆରୋହୀଙ୍କୁ ରାସ୍ତାରେ ଅଟକାଇ ସଚେତନତା ସୃଷ୍ଟି କରାଯାଇଛି। ପ୍ରତିଦିନ ବଢୁଥିବା ସଡକ ଦୁର୍ଘଟଣା ଓ ବେଆଇନ ପାର୍କିଂ ସମସ୍ୟାକୁ ନେଇ ପୁଲିସ ହୋଇଛି ସତର୍କ। ଟ୍ରାଫିକ ନିୟମକୁ କଡ଼ା ଭାବେ ପାଳନ କରାଇବା ପାଇଁ ଆରମ୍ଭ ହୋଇଛି ବିଶେଷ ଅଭିଯାନ। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଟ୍ରାଫିକ ନିୟମ ସୁଧାରିବା ପାଇଁ ପୁଲିସ ଆରମ୍ଭ କରିଛି ଅଭିନବ ପ୍ରୟାସ। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା ଥାନାଧିକାରୀ କିଶୋରଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଦଳ ପକ୍ଷରୁ ସଡକ ସୁରକ୍ଷା ନେଇ ମକ୍ ଡ୍ରିଲ୍ କରାଯାଇଛି। ଏହି ଅଭିଯାନ ସମୟରେ ବିନା ହେଲମେଟରେ ଯାତ୍ରା କରୁଥିବା ବାଇକ ଚାଳକ, ସ୍ପିଡ୍ ରାଇଡ଼ର ଓ କମ୍ ବୟସର ଯୁବକମାନଙ୍କ ବେପରୁଆ ଡ୍ରାଇଭିଂ ଉପରେ ପୁଲିସ ଖାସ ନଜର ରଖିଥିଲା। ରାସ୍ତାରେ ଯାଉଥିବା ଚାଳକମାନଙ୍କୁ ହେଲମେଟ ପିନ୍ଧିବା ସହିତ ଟ୍ରାଫିକ ନିୟମ ପାଳନ କରିବାକୁ ସଚେତନ କରାଯାଇଥିଲା। ଏଥିସହିତ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଧରିବା ପାଇଁ ବିଶେଷ ଚେକିଂ ହୋଇଥିଲା। ବାଇକ, ଚାରିଚକିଆ ଯାନ ଓ ଯାତ୍ରୀବାହୀ ବସକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସଚେତନତା ଓ ଅଭିଯାନ ମାଧ୍ୟମରେ ପୁଲିସକୁ ଉଲ୍ଲେଖନୀୟ ସଫଳତା ମିଳିଥିବା ସୂଚନା ମିଳିଛି। ଆଗାମୀ ଦିନରେ ଏପରି ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଅବସରପ୍ରାପ୍ତ ସୁବେଦାରଙ୍କ ଦେହାନ୍ତରେ ଶୋକ



ତୁରୁମୁଙ୍ଗା, ୧୭।୩(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମର ଅବସରପ୍ରାପ୍ତ ସୁବେଦାର ଦେବରାଜ ମହାନ୍ତ (୪୯)ଙ୍କ ମଙ୍ଗଳବାର ସକାଳେ ଭୁବନେଶ୍ୱର ଉତ୍କଳ ହସ୍ପିଟାଲରେ ଥାଲାସେମିଆ ରୋଗରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଛି। ମୃତଦେହ ପୈତୃକ ବାସଭବନକୁ ପହଞ୍ଚିବା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିଚିତ ଏବଂ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ, ପାଟଣା ସାହାରପଡାର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ। ସଂଘ ପକ୍ଷରୁ ଜାତୀୟ ପତାକା ଶରୀରରେ ଅର୍ପଣ କରାଯାଇ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପରେ ଏକ ମିନିଟ୍ ନିରବ ପ୍ରାର୍ଥନା କରି ଆତ୍ମାର ସଦଗତି କାମନା କରି ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। ସଂଘର ଉପସଭାପତି, ସମ୍ପାଦକ ସହ ଆସୋସିଏସନ୍‌ର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୁବେଦାର ଦେବରାଜ ମହାନ୍ତଙ୍କ ସେବା ଓ ସରଳ ବ୍ୟକ୍ତିତ୍ୱକୁ ସମସ୍ତେ ସ୍ମରଣ କରିଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ୧୭୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଆନନ୍ଦପୁର,୧୭।୩(ସମିସ): ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ କେନ୍ଦୁଝର ଜିଲ୍ଲପାଳ ବିଶାଳ ସିଂହ ଆଜି ସାଧାରଣ ଲୋକଙ୍କଠାରୁ ୧୭୪ ଅଭିଯୋଗ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ବିଶେଷକରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନେ ନାନା ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଥିଲା। ଡାକ୍ତରଙ୍କ ପୁନଃ ନିଯୁକ୍ତି ଦାବି କରି ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନନ୍ଦପୁର ମେଡିକାଲରେ ଡାକ୍ତର ନିଯୁକ୍ତି ପାଇଁ ଦାବି କରାଯାଇଛି। ଯାହା ଫଳରେ ଏଠାକାର ଲୋକମାନେ ସଠିକ୍ ଚିକିତ୍ସା ସୁବିଧା ପାଇପାରିବେ। ସେହିପରି କୋଡ଼ପଡ଼ା ଗ୍ରାମଦେବତୀ ପୀଠ ଅବହେଳିତ, କେନ୍ଦୁଝର-ଜଳେଶ୍ୱର ସରକାରୀ ବସ୍‌ରେ ଆନନ୍ଦପୁର ଯାତ୍ରୀଙ୍କ ପାଇଁ ଟିକେଟ ବୁକିଂ ସମସ୍ୟା, ଶୈଳଙ୍ଗ ରାସ୍ତା ସମସ୍ୟା, ମୁରାବାଲି ଗ୍ରାମର ଯୁଧିଷ୍ଠିର ସାହୁଙ୍କୁ ଜାଳେଣି ଗ୍ୟାସରେ ଠକେଇ ଆଦି ଅଭିଯୋଗର ଶୁଣାଣି ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପରେ ୧୧ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକଲ ଓ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯାଇଥିଲା।

## ଖଣି ସୁରକ୍ଷା ପକ୍ଷରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପୁରସ୍କୃତ



ଯୋଡ଼ା, ୧୭।୩(ସମିସ): ଭୁବନେଶ୍ୱରରେ ୪୩ତମ ବାର୍ଷିକ ଧାତବ ଖଣି ସୁରକ୍ଷା ପକ୍ଷ ପାଳନ ଅବସରରେ ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗକୁ ୨୩ଟି ପୁରସ୍କାରରେ ସମ୍ମାନିତ କରାଯାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ପୂର୍ବାଞ୍ଚଳ କ୍ଷେତ୍ର ଖଣି ସଂଘ ପକ୍ଷରୁ ଏହି ମାନ୍ୟତା ଏହାର ଖଣି କାର୍ଯ୍ୟରେ ସୁରକ୍ଷା, ନବସୃଜନ ଏବଂ କଲ୍ୟାଣ ପ୍ରତି ବିଭାଗର ଦୃଢ଼ ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ। ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା ଏବଂ ରାମଶଙ୍କର ଶର୍ମା, କାର୍ଯ୍ୟ ଏବଂ ପ୍ରକଳ୍ପ ମୁଖ୍ୟ, ସେମାନଙ୍କ ସମ୍ପୃକ୍ତ ଦଳ ସହିତ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏହାର ଖଣି ୟୁନିଟ୍‌ଗୁଡ଼ିକରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍କର୍ଷକୁ ସ୍ପଷ୍ଟ କରେ। ଏହି କାର୍ଯ୍ୟକ୍ରମରେ ଗଣୁଆ ଖଣି ଗ୍ରୁପ୍ ବି-୪ରେ ସାମଗ୍ରିକ ପ୍ରଥମ ପ୍ରଦର୍ଶନ ହାସଲ କରିଛି, ନବସୃଜନ ଏବଂ ଡିଜିଟାଲାଇଜେସନ୍, ସାଧାରଣ କାର୍ଯ୍ୟ, ମକ୍ ଡ୍ରିଲ୍ ଏବଂ କଲ୍ୟାଣରେ ଉତ୍କର୍ଷ ପାଇଁ ସାତଟି ପୁରସ୍କାର ଜିତିଛି। ନୁଗାଁ ମାଇନ୍ସ ଗ୍ରୁପ୍ ଏ-୨ରେ ସାମଗ୍ରିକ ଦ୍ୱିତୀୟ ପ୍ରଦର୍ଶନ ହାସଲ କରିଛି, ଯେତେବେଳେ ନାରାୟଣପୋଷି ମାଇନ୍ସ ଗ୍ରୁପ୍ ବି-୧ରେ ମକ୍ ଡ୍ରିଲ୍, ଇଲେକ୍ଟ୍ରିକାଲ୍, ମେକାନିକାଲ୍ ଏବଂ ଜେନେରାଲ୍ ୱାର୍କିରେ ଦୃଢ଼ ପ୍ରଦର୍ଶନ ସହିତ ସାମଗ୍ରିକ ତୃତୀୟ ପ୍ରଦର୍ଶନ ହାସଲ କରିଛି। ଜେନେରାଲ୍ ଡିଭିଜନ ସଫଳତାରେ ଜେଏସଡବ୍ଲ୍ୟୁ ଜଜାଙ୍ଗର ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ସାଧାରଣ ବର୍ଗରେ ସାମଗ୍ରିକ ପ୍ରଥମ ସ୍ଥାନ ହାସଲ କରିଛି ଏବଂ ଜିଭିଟିସି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ସମୟରେ, ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ଷ୍ଟିଲ୍ ଏଚଇଏମଏମରେ ସ୍ଲିପନର ସିଷ୍ଟମ୍ ଏବଂ ଲେଜର ସୁବିଧା ଭଳି ନବସୃଜନ ପ୍ରଦର୍ଶନ କରିବା ସହିତ ଖଣିରେ ମହିଳା ଅପରେଟରମାନଙ୍କୁ ସାମିଲ କରିବା ପାଇଁ ସାମଗ୍ରିକ ତୃତୀୟ ସ୍ଥାନ ହାସଲ କରିଛି। ଜେଏସଡବ୍ଲ୍ୟୁ ଓଡ଼ିଶା ମାଇନ୍ସ ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ, ତିନୋଟି ଖଣି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ରସହିତ ଏକ ସୁରକ୍ଷା ପ୍ଲାଟଫର୍ମରେ ଶୀର୍ଷ ତିନୋଟି ସ୍ଥାନ ହାସଲ କରି ସ୍ୱୀକୃତି ହାସଲ କରିଛି। ଧାତୁଜୀବୀ ଖଣି ସୁରକ୍ଷା ପକ୍ଷ୍ୱାରା ଏକ ଦେଶବ୍ୟାପୀ ପଦକ୍ଷେପ ଯାହା ସୁରକ୍ଷିତ ଖଣି ଅଭ୍ୟାସ, ଦୁର୍ଘଟଣା ନିବାରଣ ଏବଂ ଶ୍ରମିକ ଏବଂ ପରିଚାଳନା ମଧ୍ୟରେ ସଚେତନତାକୁ ପ୍ରୋତ୍ସାହିତ କରେ।

## ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଗ୍ରାମ୍ୟ କୃଷି କର୍ମଚାରୀ



ଆନନ୍ଦପୁର, ୧୭।୩ (ସମିସ): କେନ୍ଦୁଝର ଜିଲ୍ଲାର ଚାରିଜଣ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନିଯୁକ୍ତି ନମିଳିବାରୁ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ବିଭାଗୀୟ ସଚିବଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର ହୋଇଥିବା ଜଣାଯାଇଛି। ମୁଖ୍ୟ କୃଷି ସଚିବ ତାଙ୍କ ପ୍ରତିଶ୍ରୁତିରେ କହିଥିଲେ ଯେ ଏକ ମାସ ମଧ୍ୟରେ ନିଯୁକ୍ତି ଦେବେ। ସୂଚନା ଅନୁସାରେ, ୨୦୦୮ ରେ କେନ୍ଦୁଝର ଜିଲ୍ଲାରେ ଗ୍ରାମ୍ୟ କୃଷି କର୍ମଚାରୀ ନିଯୁକ୍ତି ପାଇଁ ୩୬ଟି ପଦ ବାହାରିଥିଲା। ଏହା ଜିଲ୍ଲା ସ୍ତରରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଥିବା ବେଳେ ତେବେ ଏହି ଆଦେଶକୁ ଉଲଂଘନ କରି ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବାରୁ ଏହି ଆଶାୟୀ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ନୀଳାମ୍ବର ପରିଡ଼ା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସୌ ପ୍ରମୁଖ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ୨୪ ସେପ୍ଟେମ୍ବର ୨୦୨୪ରେ ନ୍ୟାୟାଳୟ ଏହି ଚାରିଜଣ ପ୍ରାର୍ଥୀଙ୍କୁ ବିଚାର କରି ନିଯୁକ୍ତି ଦେବାକୁ ସରକାରଙ୍କୁ ଆଦେଶ ଦେଇଥିଲେ, ତେବେ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ପାଳନ କରାଯାଇ ନଥିବା ଚାରିଜଣ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ୨ ଥର ଆମରଣ ଅନଶନ କରିବା ସହ ଆତ୍ମାହୁତି ଦେବା ଭଳି ପଦକ୍ଷେପ ନେଇଥିବା ବେଳେ ଚାରିଜଣ ପାର୍ଥୀ ଏକ ପ୍ରେସମିଟ ମାଧ୍ୟମରେ ୧୬ ମାର୍ଚ୍ଚ ୨୦୨୬ରେ କୃଷି ବିଭାଗକୁ ଆମରଣ ଅନଶନ ସହ ଆତ୍ମହୁତି ଦେବା ପାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାର୍ଚ୍ଚ ୧୬ ତାରିଖରେ ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଏକ ମାସ ଭିତରେ ଯଦି ସେମାନଙ୍କୁ ନିଯୁକ୍ତି ନମିଳେ ତାହା ହେଲେ ପୁନର୍ବାର ଆମରଣ ଅନଶନ ସହ ଆତ୍ମାହୁତି ଦେବାକୁ ଗଣମାଧ୍ୟମକୁ କହିଛନ୍ତି।

## କେନ୍ଦୁଝରୀ ସାହିତ୍ୟ ସାଧକ ଡମ୍ବରୁ ମହାନ୍ତ ସମ୍ବର୍ଦ୍ଧିତ



ଚମ୍ପୁଆ, ୧୭।୩(ସମିସ): ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତ ଅନ୍ତର୍ଗତ ଭଣ୍ଡା ଗ୍ରାମର ସଂଜୀବନୀ ସାହିତ୍ୟ ସଂସଦର ସମ୍ପାଦକ, ଲେଖକ, ସଂଗଠକ, ସାରସ୍ୱତ ସାଧକ ଡମ୍ବରୁଧର ମହାନ୍ତଙ୍କୁ ସାହିତ୍ୟ କ୍ଷେତ୍ରରେ ଗବେଷଣାମୂଳକ କାର୍ଯ୍ୟ ପାଇଁ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡିଶା, କେନ୍ଦୁଝର ଶାଖା ତରଫରୁ କେନ୍ଦୁଝରଗଡ଼ ନଗର ଭବନଠାରେ ନବ ସାମ୍ବତ୍ସରିକ ଉତ୍ସବରେ ସମ୍ମାନିତ କରି ସମ୍ବର୍ଦ୍ଧିତ କରାଯାଇଛି। ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ସହଯୋଗରେ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେନ୍ଦୁଝର ଶାଖା ଆନୁକୂଲ୍ୟରେ ଆୟୋଜିତ ରାଷ୍ଟ୍ରୀୟ ନବବର୍ଷ "ସ୍ୱାଗତ ନବ ସମ୍ବତ୍ସର' କାର୍ଯ୍ୟକ୍ରମରେ ସାହିତ୍ୟ ପରିଷଦ କେନ୍ଦୁଝର ସଭାପତି ଯୋଗେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡିଶାର ମନ୍ତ୍ରୀ ସାହିତ୍ୟିକ ନାରାୟଣ ନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାହିତ୍ୟ ପରିଷଦ, ଓଡିଶା ସମ୍ପାଦକ ସତ୍ୟଜିତ ନାୟକ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ଶ୍ରୀ ମହାନ୍ତ କେନ୍ଦୁଝରୀ ସାହିତ୍ୟ ସଂସ୍କୃତିର ସଂରକ୍ଷଣ, ଗବେଷଣା, ଦୁର୍ଲ୍ଲଭ ପାଣ୍ଡୁଲିପିର ସଂକଳନ ଓ ସମ୍ପାଦନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଛନ୍ତି। କାର୍ଯ୍ୟକ୍ରମକୁ ଉପସ୍ଥାପିକା ସମୟଶ୍ରୀ ଚାଟାର୍ଜୀ ସଂଯୋଜନା କରି ମଞ୍ଚ ପରିଚାଳନା କରିଥିବା ବେଳେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲ୍ଲା ସଂଯୋଜିକା ଡକ୍ଟର ଶୁଭସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରାନ୍ତ ପତ୍ରିକା ପ୍ରମୁଖ ଯୁବ ଗାଳ୍ପିକ ଅବିନାଶ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ଏୟାରଟେଲ ଟାୱାରରୁ କେବୁଲ ଚୋରି ଘଟଣା: ୪ ଗିରଫ




କୋମନା, ୧୭ ।୩(ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଘୋଟସର ଏୟାରଟେଲ ଟାୱାରରୁ କେବୁଲ ଚୋରି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ହୋଇଥିବା ତମ୍ବା କେବୁଲ ଜବତ କରିଛି। ଗତ ୧୪ତାରିଖ ବିଳମ୍ବିତ ରାତିରେ ଘୋଟସରସ୍ଥିତ ଏୟାରଟେଲ ଟାୱାରରୁ ପ୍ରାୟ ୨୦ରୁ୨୫ ମିଟର ଲମ୍ବର ଡିସିଡିବି କପର୍ ପାୱାର କେବୁଲ ଚୋରି ହୋଇଥିଲା।

ଏ ନେଇ ନରଲା ଇନଫ୍ରାଷ୍ଟ୍ରକଚର ଟେକନିସିଆନ ନେତ୍ରାଜ ପୁଟେଲ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନମ୍ବର ୮୪ /୧୬-୩-୨୦୨୬, ଧାରା ୩୦୩(୨) ବିଏନଏସ ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଚୋରି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ କାବୁ କରିଛି। ଶିବ ବାଗ (୨୬), ଖଡ଼ିଆଳ, ଝସକେତନ ଗହିର (୨୪), ଖଡ଼ିଆଳ (ୱାର୍ଡ ନଂ-୧୨), ସିମାଞ୍ଚଳ ଅଦା ଓରଫ୍ କୁନା (୨୯), ଖଡ଼ିଆଳ, ବୈଷ୍ଣବ ବାଗ (୨୧), କାଦୋବେଡ଼ା, ତୁରେକେଲା (ବଲାଙ୍ଗୀର) ପ୍ରମୁଖ ଗିରଫ ହୋଇଛନ୍ତି।ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ପୂର୍ବରୁ ମଧ୍ୟ ଖଡ଼ିଆଳ ଅଞ୍ଚଳରେ ଅନେକ ସ୍ଥାନରୁ କେବୁଲ ଏବଂ ଡିଜେଲ ଚୋରି କରିବାରେ ସମ୍ପୃକ୍ତ ଅଛନ୍ତି। ବିଶେଷ କରି ସିମାଞ୍ଚଳ ଅଦା ନାମରେ ପୂର୍ବରୁ ୪ଟି ମାମଲା ରହିଛି। ଅଭିଯୁକ୍ତ ଶିବା ବାଗ ଏବଂ ବୈଷ୍ଣବ ବାଗ ଖଡ଼ିଆଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏୟାରଟେଲ ଟାୱାରରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ବେଳେ ଏଭଳି ଚୋରି କାର୍ଯ୍ୟରେ ଲିପ୍ତ ଥିଲେ।ନୂଆପଡ଼ା ଏସ୍‌ଡିପିଓ ଖିରେଶ୍ୱର ସାହୁଙ୍କ ମାର୍ଗଦର୍ଶନରେ କୋମନା ଥାନା ଆଇଆଇସି ରଶ୍ମିତା ପ୍ରଧାନ, ଅତିରିକ୍ତ ଆଇଆଇସି ସୁମିତ୍ରା ମଲ୍ଲିକ ଏବଂ ଏସଆଇ ରଜନୀକାନ୍ତ ଦୀପଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦୁଇ ରାଜ୍ୟ ମଧ୍ୟରେ ଅଟକିଛି ଡୁଙ୍ଗରିପାଲିର ଭାଗ୍ୟ

# ଅଧା ପିଲା ଛତିଶଗଡ଼, ଅଧା ଓଡ଼ିଶାରେ ପଢୁଛନ୍ତି

- ସୀମାନ୍ତରେ ହଜିବାକୁ ବସିଛି ଓଡ଼ିଆ ଅସ୍ମିତା
- ଗାଁ ଗୋଟିଏ ରାଜ୍ୟ ଦୁଇଟି





ସିନାପାଲି, ୧୭ ।୩ (ସମିସ)

ଆଜି ମଧ୍ୟ ଓଡ଼ିଶାର ଅନେକ ସୀମାନ୍ତ ଅଞ୍ଚଳ ଅଛି ଯେଉଁଠାରେ ଉନ୍ନତିର ଆଲୋକ ପହଞ୍ଚି ପାରିନାହିଁ। ଏଭଳି ଏକ ଗାଁ ହେଉଛି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ ବଡ଼ଦର୍ଲିପଡ଼ା ରାଜସ୍ୱ ଗାଁର ଡୁଙ୍ଗରିପାଲିପଡ଼ା। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ସୀମାରେ ଥିବା ଏହି ଛୋଟ ଗାଁଟି ଆଜି ମଧ୍ୟ ଅବହେଳିତ ଓ ଅପହଞ୍ଚର ଜୀବନ୍ତ କାହାଣୀ କହୁଛି। ଏଠାରେ ପିଢ଼ି ପଢ଼ି ପରମ୍ପରା ଧରି ଅନେକ ଆଦିବାସୀ ପରିବାର ବସବାସ କରିଆସୁଛନ୍ତି। ଲୋକମାନଙ୍କ କହିବା ଅନୁଯାୟୀ, ଗୋଟିଏ ପରିବାରର ପାଞ୍ଚ ଭାଇ ଏଠାରେ ଆସି ନିଜ ଜୀବନ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ଉଭୟ ରାଜ୍ୟର ସୀମା ନିର୍ଦ୍ଧାରଣ ପରେ ଜଣାପଡ଼ିଲା ଯେ ରାଜ୍ୟ ଅଲଗା ବୋଲି, ତିନି ଭାଇ ଛତିଶଗଡ଼ ଭୂମିରେ ଓ ଦୁଇ ଭାଇ ଓଡ଼ିଶା ଭୂମିରେ ଘର କରିଥିଲେ। ସମୟ ସହିତ ପରିବାର ବଢ଼ିଲା, ଲୋକସଂଖ୍ୟା ବଢ଼ିଲା, କିନ୍ତୁ ସେମାନଙ୍କ ଜୀବନର ଅବସ୍ଥା ପରିବର୍ତ୍ତନ ହେଲା ନାହିଁ। ଆଜି ପ୍ରାୟ ୨୨ଟି ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି।ଏଠାର ଲୋକମାନଙ୍କ ଜୀବନ ଜଙ୍ଗଲ ସହିତ ଅତୁଟ ସମ୍ପର୍କରେ ବନ୍ଧା। ମହୁଲ ଫୁଲ, କେନ୍ଦୁପତ୍ର, ଚାହାର ଓ ବିଭିନ୍ନ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ କରି ସେମାନେ ଜୀବିକା ଚଳାନ୍ତି। ଜଙ୍ଗଲ ହିଁ ସେମାନଙ୍କ ଜୀବନର ଆଶା ଓ ଆଧାର। ସବୁଠାରୁ ଦୁଃଖର କଥା ହେଉଛି ଶିକ୍ଷାର ଅବସ୍ଥା। କେବେ ଏହି ଗାଁରେ ପିଲାମାନଙ୍କ ପାଇଁ ଗୋଟିଏ ସ୍କୁଲ ଥିଲା। କିନ୍ତୁ ଛାତ୍ରଛାତ୍ରୀ ସଂଖ୍ୟା କମ ଥିବାରୁ ସେହି ସ୍କୁଲଟି ବନ୍ଦ କରାଯାଇଛି। ସ୍କୁଲ ବନ୍ଦ ହେବା ପରେ ଗାଁର ପିଲାମାନଙ୍କ ଶିକ୍ଷା ଯେପରି ଅନ୍ଧକାରରେ ପଡ଼ିଗଲା। ଏବେ ସେମାନଙ୍କୁ ପଢ଼ିବା ପାଇଁ ଦୁଇରୁ ତିନି କିଲୋମିଟର ଦୂର ଯିବାକୁ ପଡୁଛି। କେତେକ ପିଲା ଓଡ଼ିଶାର ସ୍କୁଲକୁ ଯାଉଛନ୍ତି, ଆଉ କେତେକ ପିଲା ପଢ଼ିବା ପାଇଁ ଛତିଶଗଡ଼ ରାଜ୍ୟକୁ ଯାଉଛନ୍ତି। ଏହା କେବଳ ଶିକ୍ଷାର ସମସ୍ୟା ନୁହେଁ, ଏହା ଓଡ଼ିଆ ଭାଷା ଓ ଅସ୍ମିତାର ପ୍ରଶ୍ନ ମଧ୍ୟ। ସୀମାନ୍ତ ଅଞ୍ଚଳରେ ଯଦି ସ୍କୁଲ ବନ୍ଦ ହେବ ତେବେ ଆଗାମୀ ପିଢ଼ୀ କିପରି ଓଡ଼ିଆ ଭାଷା ଓ ସଂସ୍କୃତି ସହିତ ଜଡିତ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ବିଜେପି ସରକାର ଓଡିଆ ଅସ୍ମିତା କହି ଡିଣ୍ଡିମି ପିଟୁଥିବା ବେଳେ ଏହା ସୀମାନ୍ତରେ ହଜିବାକୁ ବସିଛି। ଯାହା ଏହି ଗାଁର ଚିତ୍ର ଦେଖିଲେ ବେଶ୍ ବୁଝା ପଡୁଛି।ଛୋଟ ପିଲାମାନଙ୍କ ପାଇଁ ଅଙ୍ଗନବାଡି ସୁବିଧା ମଧ୍ୟ ନାହିଁ। ପ୍ରଥମ ଶିକ୍ଷା ଓ ପୋଷଣ ପାଇଁ ସେମାନଙ୍କୁ ଦୁଇ ତିନି କିଲୋମିଟର ଦୂରକୁ ଯିବାକୁ ପଡୁଥିବାରୁ କେହି ଏବେ ଯାଉନାହାନ୍ତି। ଗାଁଲୋକେ ବହୁ ବର୍ଷ ଧରି ଗୋଟିଏ ମିନି ଅଙ୍ଗନବାଡି ସେଣ୍ଟର ପାଇଁ ଦାବି କରୁଥିଲେ ମଧ୍ୟ ସେମାନଙ୍କ ସ୍ୱର ଆଜି ପର୍ଯ୍ୟନ୍ତ ଶାସନର କାନରେ ପହଞ୍ଚିପାରିନାହିଁ। ପିଇବା ପାଣି ସମସ୍ୟା ତ ଏଠାରେ ଆହୁରି ବେଶି ଭୟାବହ। ଗାଁରେ ଦୁଇଟି ନଳକୂପ ଅଛି। କିନ୍ତୁ ଗୋଟିଏ ନଳକୂପ ଅଚଳ ହୋଇପଡ଼ିଛି ଓ ଅନ୍ୟଟିରେ ଫ୍ଲୋରାଇଡ୍ ମିଶ୍ରିତ ପାଣି ବାହାରୁଛି। ବାଧ୍ୟ ହୋଇ ଗାଁଲୋକେ ସେହି ବିଷାକ୍ତ ପାଣି ପିଉଛନ୍ତି ଓ ବିଭିନ୍ନ ରୋଗରେ ପଡୁଛନ୍ତି। ସରକାର ପାଇପ ଲାଇନ ଗାଁକୁ ଆଣିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ଲାଇନରୁ ଗୋଟିଏ ବୁନ୍ଦ ପାଣି ମଧ୍ୟ ଆସିନାହିଁ। ପାଇପ ଲାଇନ ରହିଛି, କିନ୍ତୁ ପାଣି ନାହିଁ ଏହି ହେଉଛି ଡଙ୍ଗରିପାଲିର ବିଡମ୍ବନା। ଅନ୍ୟପଟେ ଦେଖାଯାଏ ଯେ, ଛତିଶଗଡ଼ ସରକାର ତାଙ୍କ ସୀମାନ୍ତ ଗାଁମାନଙ୍କ ପାଇଁ ବିଭିନ୍ନ ସୁବିଧା ଦେଉଛନ୍ତି। ସେଠାରେ କମ ଲୋକ ବସବାସ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ମୌଳିକ ସୁବିଧା ଦେବାରେ ପଛୁଆ ହୋଇନାହାନ୍ତି। ଦୁଃଖର କଥା ହେଉଛି, ଓଡ଼ିଶାର ଭୂମିରେ ଥିବା ଡୁଙ୍ଗରିପାଲି ଗାଁର ଲୋକମାନେ ଆଜି ମଧ୍ୟ ସେହି ସୁବିଧାରୁ ବଞ୍ଚିତ। ତଥାପି ଏହି ଗାଁର ଲୋକମାନେ ସଂସ୍କୃତି ଓ ଏକତାର ଉଦାହରଣ ଦେଉଛନ୍ତି। ଚୈତ୍ରଯାତ୍ରା ପର୍ବପର୍ବାଣୀ ଯାନିଯାତ୍ରା ସମୟରେ ଓଡ଼ିଶା ଓ ଛତିଶଗଡ଼ ଦୁଇ ରାଜ୍ୟର ଲୋକ ଏକାଠି ହୋଇ ଗୋଟିଏ ଦେବୀଙ୍କୁ ପୂଜା କରନ୍ତି। ସମସ୍ତେ ମିଶି ନାଚଗୀତ କରନ୍ତି, ଖୁସି ବଣ୍ଟନ କରନ୍ତି। ସୀମାଥିଲେ ମଧ୍ୟ ସେମାନଙ୍କ ମନରେ କୌଣସି ସୀମା ନାହିଁ।ଡୁଙ୍ଗରିପାଲିର ଏହି କାହାଣୀ କେବଳ ଗୋଟିଏ ଗାଁର କାହାଣୀ ନୁହେଁ, ଏହା ହେଉଛି ଅବହେଳାର ଏକ ଜୀବନ୍ତ ଚିତ୍ର। ସରକାରୀସ୍ତରରେ ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବେଳେ ସରକାରୀ ବାବୁମାନଙ୍କ ଦୂରଦୃଷ୍ଟିର ଅଭାବ ସାଙ୍ଗକୁ କୋହଳ ମନୋଭାବ ଯୋଗୁଁ ଗାଁର ଭାଗ୍ୟରେ ପରିବର୍ତ୍ତନ ହେଉନାହିଁ। ଯାହା ଫଳରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ବିକାଶ ଅପହଞ୍ଚ ହୋଇ ରହିଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଡୁଙ୍ଗରିପାଲିର ଲୋକମାନଙ୍କ ପାଇଁ ଗାଁରେ ପିଇବା ପାଣି, ଗୋଟିଏ ମିନି ଅଙ୍ଗନବାଡି ସେଣ୍ଟର, ପିଲାମାନଙ୍କ ପାଇଁ ସ୍କୁଲ ବ୍ୟବସ୍ଥା, ଗାଁକୁ ଭଲ ରାସ୍ତାର ବ୍ୟବସ୍ଥା କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି। ସରକାର ତଥା ପ୍ରଶାସନ ଏହି ଗାଁର ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେଲେ ଦିନେ ଏହି ଅଭିଶପ୍ତ ଗାଁ ଆଶା ଓ ଉନ୍ନତିର ବିକାଶ ପଥରେ ଆଗେଇ ବିକଶିତ ଗାଁରେ ପରିଣତ ହେବ।

# ସିବିଏସଇ ସ୍କୁଲ ଓ ସୁପର ସ୍ପେସିଆଲିଟି ହସ୍ପିଟାଲ ଦାବି କଲା ଏଚ୍‌ଏମ୍‌ଏସ୍




ସମ୍ବଲପୁର/ହୀରାକୁଦ, ୧୭।୩ (ସମିସ) : ହୀରାକୁଦ ଅଞ୍ଚଳର ବିକାଶ ଓ କର୍ମକର୍ତ୍ତାଙ୍କ କଲ୍ୟାଣ ସମ୍ପର୍କରେ ହିନ୍ଦ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ପକ୍ଷରୁ ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ଜରିଆରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲାଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ହିଣ୍ଡାଲକୋ ଶିଳ୍ପ ସଂସ୍ଥାର ସିଏସ୍ଆର ପାଣ୍ଠି ମାଧ୍ୟମରେ ସମ୍ବଲପୁର-ହୀରାକୁଦ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସେଥିରେ ପ୍ରଧାନତଃ ସମ୍ବଲପୁରରେ ଏକ ସିବିଏସଇ ବିଦ୍ୟାଳୟ ସ୍ଥାପନ କରିବା ଦାବି ରହିଛି। ବର୍ତ୍ତମାନ ଏହି ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଭାବେ ଏକ ଗୁଣତ୍ତମ ବିଦ୍ୟାଳୟ ସ୍ଥାପନ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରାଯାଇଛି। ସେହିପରି ଅଞ୍ଚଳରେ ଉନ୍ନତ ଚିକିତ୍ସା ସୁବିଧା ଦୃଷ୍ଟିରେ ସମ୍ବଲପୁର-ହୀରାକୁଦରେ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ରଖାଯାଇଛି, ଯାହା କାର୍ମିକ ଓ ସାଧାରଣ ଲୋକଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇବ। ଏହାସହ କର୍ମଚାରୀ ମାନଙ୍କ ଏକ ମୁଖ୍ୟ ଦାବୀ ମଧ୍ୟରେ ଅବସର ବୟସ ୫୮ ବର୍ଷରୁ ବଢ଼ାଇ ୬୦ ବର୍ଷ କରିବା ପାଇଁ ମଧ୍ୟ ଦାବି କରାଯାଇଛି।

ଏହା ସହିତ ବିଭିନ୍ନ ବିଭାଗରେ ଖାଲି ଥିବା ପଦପୂରଣ ସହ ସ୍ଥାନୀୟ ଯୁବକମାନଙ୍କୁ ଚାକିରିରେ ପ୍ରାଧାନ୍ୟ ଦେବା, କୌଶଳ ବିକାଶ ପ୍ରଶିକ୍ଷଣ ବ୍ୟବସ୍ଥା, ସମ୍ବଲପୁରୀ ହସ୍ତଶିଳ୍ପ ଓ ମହିଳା ସ୍ୱୟଂସାହାଯ୍ୟ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହନ, ସୁଭାଷ ମଇଦାନର ଉନ୍ନତି, ସାର୍ବଜନୀନ ପାର୍କ ନିର୍ମାଣ, ଏଲଇଡି ଲାଇଟ୍ ବ୍ୟବସ୍ଥା ଓ ରେମେଡ୍ ଠାରୁ ହିରାକୁଦ ପର୍ଯ୍ୟନ୍ତ ସବୁଜ ଦୁଇପାଖିଆ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଛି। କାର୍ଯ୍ୟକ୍ରମରେ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ଉପଦେଷ୍ଟା ସଞ୍ଜିତ ମହାନ୍ତି ଓ ରାଜ୍ୟ ସମ୍ପାଦକ ତଥା ଇଣ୍ଡଲ ହିରାକୁଦ ୱାର୍କର୍ସ ପାୱାର ୟୁନିଅନ୍ ଏବଂ ହିନ୍ଦାଲକୋ ହିରାକୁଦ ଏଫ୍‌ଆର୍‌ପି ୱାର୍କସ୍ ଏମ୍ପ୍ଲୟିଜ୍ ୟୁନିଅନ୍‌ର ସଭାପତି ମହମ୍ମଦ ମୁର୍ତ୍ତୁଜାଙ୍କ ସହ ରୋଶନ ସିଂ, ଯୋଗୀନ୍ଦ୍ର ବେହେରା, ତୁଷାର ନାଥ, ସୁବ୍ରତ ପଣ୍ଡା, ଶେଖ ଚାନ୍ଦ, ମିଲନ ହୋତା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ରୁପେଶ, ଜିକୁନ ପାତ୍ର, ପ୍ରଣବ ସାହୁ, ବିଷ୍ଣୁଦେବ ମହାନ୍ତି, ଆଦିତ୍ୟ ପ୍ରଧାନ, ଶିବୁ ସେଠ, ଆର୍ଯ୍ୟନ ନାଏକ, ମନିଷ ସେନାପତି, ଚନ୍ଦନ ପ୍ରଧାନ, ବଣ୍ଟି ମାଏଟି, କୁନା ଦଳେଇ, ପରେଶ ପାତ୍ର, ଦୀନେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଯୋମୁରା ଶିକ୍ରାପାଲି ସ୍କୁଲ ଶୀଘ୍ର ଖୋଲିବାକୁ ଦାବି

ସମ୍ବଲପୁର, ୧୭।୩ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଶିକ୍ରାପାଲି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ଶିକ୍ରାପାଲି ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ (କ୍ରମିକ ନଂ. ୫୫୦) ଦାଖଲ କରିଥିଲେ।ଏହାପରେ ଯୁଯୋମୁରା ବ୍ଲକ ତଥା ସମ୍ବଲପୁର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏନେଇ ଅନୁସନ୍ଧାନ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଶିକ୍ରାପାଲିରେ ବନ୍ଦ ପଡ଼ିଥିବା ବିଦ୍ୟାଳୟକୁ ପୁନଃଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମଧ୍ୟ ପାଇଥିଲେ। ତେବେ, ଏହାର କେଇମାସ ବିତିଯିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲାଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମରେ ଆବଶ୍ୟକ ସଂଖ୍ୟକ ପିଲାଥିବା ଅଭିଭାବକ ତଥା ଗ୍ରାମବାସୀ କହିଛନ୍ତି। ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇ ବିଦ୍ୟାଳୟଟିକୁ ତୁରନ୍ତ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି। ଶୀଘ୍ର ଶିକ୍ରାପାଲି ଗ୍ରାମରେ ବନ୍ଦ ପଡ଼ିଥିବା ବିଦ୍ୟାଳୟ ଖୋଲାନଗଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



# ସମ୍ବଲପୁର ପ୍ରେସ୍ କ୍ଲବ ପକ୍ଷରୁ ନିୟୁଟନଙ୍କୁ ସହାୟତା

ସମ୍ବଲପୁର, ୧୭।୩ (ସମିସ): ସମ୍ବଲପୁର ପ୍ରେସ୍ କ୍ଲବ ପକ୍ଷରୁ କର୍ମକର୍ତ୍ତାମାନେ ମଙ୍ଗଳବାର ଗୁରୁତର ଅସୁସ୍ଥ ଥିବା ଗଣମାଧ୍ୟମ ପ୍ରତିନିଧି ନିୟୁଟନ ରାୟଙ୍କୁ ତାଙ୍କ ଗୋପାଳମାଳସ୍ଥିତ ବାସଭବନରେ ସାକ୍ଷାତ କରି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ତାଙ୍କର ଅଧିକ ଚିକିତ୍ସା ଆବଶ୍ୟକତା ରହିଥିବାରୁ ପ୍ରେସ କ୍ଲବ କକ୍ଷରୁ ତାଙ୍କୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।ଏହାସହ କିଭଳି ଉନ୍ନତ ଚିକିତ୍ସା ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ସମ୍ବଲପୁର ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇଙ୍କ ସମେତ ଉପସଭାପତି ବିରାଜ କୁମାର ମିଶ୍ର ଏବଂ କୋଷାଧକ୍ଷ ସୁବ୍ରତ ମିଶ୍ର ଉପସ୍ଥିତ ଥିଲେ।

## ସମ୍ବଲପୁରରେ କାଳବୈଶାଖୀ ପ୍ରଭାବ

# କୁଆପଥର ମାଡ଼ ସହ ଛେଚିଲା ବର୍ଷା



ସମ୍ବଲପୁର, ୧୭।୩(ସମିସ):ଦିନରେ ଭୀଷଣ ଗରମ ସହ ଗୁଳୁଗୁଳି। ମାର୍ଚ୍ଚ ମାସ ଅଧା ହୋଇଛି ଏବେଠୁ ସମ୍ବଲପୁର ସହରରେ ତାପମାତ୍ରା ବୃଦ୍ଧି ପାଇଛି। ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀର ପ୍ରଭାବ ଦେଖାଦେଇଛି। ସନ୍ଧ୍ୟା ସାଢେ ୮ଟା ବେଳେ ଘୂର୍ଣ୍ଣିଛଡ଼ ଦେଖାଦେଇଥିଲା। ୨ଦିନ ପୂର୍ବରୁ ମଧ୍ୟ ପ୍ରବଳ ପବନ ସହ ହାଲୁକା ବର୍ଷା ହୋଇଥିଲା। କିନ୍ତୁ ଆଜି କୁଆପଥର ମାଡ଼ ସହ ପ୍ରବଳ ବର୍ଷା ହୋଇଛି। ଯାହା ଫଳରେ ଭୀଷଣ ତାପମାତ୍ରାରୁ ଲୋକେ ଟିକେ ଆଶ୍ୱସ୍ତି ପାଇଛନ୍ତି।ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଧରି ବର୍ଷା ପବନ ହୋଇଥିଲା। ଅଧିକ ମାତ୍ରାରେ କୁଆପଥର ମାଡ଼ ହୋଇଥିଲା। ଯାହାଫଳରେ ଚଳିତ ବର୍ଷର ପ୍ରଥମ କୁଆପଥର ବର୍ଷାକୁ ଲୋକ ଉପଭୋଗ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ କୁଆପଥର ହାତରେ ଧରି ଫୋଟ ଭିଡ଼ିଓ ପୋଷ୍ଟ କରିଥିଲେ। ୪ ଦିନ ପୂର୍ବରୁ ସମ୍ବଲପୁରରେ ତାପମାତ୍ରା ୪୦ ଡିଗ୍ରୀ ପାର କରିଥିଲା। ହେଲେ ୨ଦିନ ବ୍ୟବଧାନରେ କାଳବୈଶାଖୀ ପ୍ରଭାବ ଯୋଗୁଁ ତାପମାତ୍ରା ଖସି ୩୬ ଡିଗ୍ରୀ ପହଞ୍ଚିଛି। ସେପଟେ ବର୍ଷା ପ୍ରଭାବରେ ବିଭିନ୍ନ ସ୍ଥାନରେ ପାଣି ଜମିଛି। ବିଶେଷ କରି ଜାତୀୟ ରାଜପଥ ୪୯ ଅଇଁଠାପାଲିରୁ ବରେଇପାଲି ମଧ୍ୟର କେତକ ସ୍ଥାନରେ ପାଣି ଜମି ରହିଛି। ଦୁଇ ଦିନ ପୂର୍ବରୁ ହୋଇଥିବା ବର୍ଷାର ପ୍ରଭାବରେ ଖାଲ ସ୍ଥାନ ଗୁଡିକରେ ପାଣି ଜମିଛି। ବର୍ତ୍ତମାନ ଅଇଁଠାପାଲିରୁ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ ସର୍ଭିସ ରୋଡରେ ଅଧିକାଂଶ ଲୋକ ଯାତାୟତ କରୁଛନ୍ତି। କିନ୍ତୁ ବର୍ଷା ହେବା ଯୋଗୁଁ ବରେଇପାଲି-ଅଇଁଠାପାଲି ସର୍ଭିସ ରୋଡର କିଛି ସ୍ଥାନରେ ପାଣି ଭରି ରହିଛି। ଯାହା ଫଳରେ ଲୋକେ ଯିବା ଆସିବାରେ ହନ୍ତସନ୍ତ ହେଉଛନ୍ତି।

## ଜମିଲା ପାଣି, ହନ୍ତସନ୍ତ ଲୋକେ



# ଏନ୍‌ଏସି ନିର୍ବାଚନରେ ଓବିସିଙ୍କ ପାଇଁ ସଂରକ୍ଷଣ ଦାବି


ଭବାନୀପାଟଣା, ୧୭ ।୩ (ସମିସ)



ଆଉ କିଛି ଦିନ ପରେ କଳାହାଣ୍ଡିରେ ନୂତନ ଭାବେ ଗଠନ ହୋଇଥିବା ଜୟପାଟଣା ଓ ନର୍ଲା ଏନ୍‌ଏସି ପାଇଁ ନିର୍ବାଚନ ହେବାକୁ ବିଜ୍ଞାପନ ପ୍ରକାଶ ପାଇଛି। କାଉନସିଲର ପଦବୀ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ମଧ୍ୟ ପ୍ରକାଶ ପାଇଛି। ହେଲେ ଦୁଃଖର କଥା ତାଲିକାରେ ଓବିସିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନଥିବାରୁ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଉଭୟ ଜୟପାଟଣା ଓ ନର୍ଲା ଏନ୍‌ଏସି ଅଞ୍ଚଳରେ ଓବିସି ଭୋଟର ପଚାଶ ଶତକଡାରୁ ଅଧିକ ରହିଥିବା ବେଳେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନକରିବା, ଏହି ସମାଜ ପ୍ରତି ଏକ ଉପହାସ ଓ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କଳାହାଣ୍ଡି ଜିଲ୍ଲା ଓବିସି ମଞ୍ଚ ସଭାପତି ଡମ୍ବୁରୁଧର ଲହଜଲ, ମହାସଂଘର ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, ଆଦିବାସୀ ନେତା ଧବଳେଶ୍ୱର ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି। କୌଣସି ବାହାନା ନଦେଖାଇ ଚଳିତ ସହରାଞ୍ଚଳ ନିର୍ବାଚନରେ ଓବିଶି ଆରକ୍ଷଣ ବ୍ୟବସ୍ଥା ଲାଗୁ କର, ଅନ୍ୟଥା ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମୂଳନିବାସୀ ବହୁଜନ ମିଳିତ ମହାସଂଘର ଜିଲ୍ଲା ସଭାପତି ସଚ୍ଚି ମହାକୁଡ଼, ଆବାହକ ଜଗଦୀଶ ଯାଦବ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଗତ ଦିନରେ କେନ୍ଦ୍ର କ୍ୟାବିନେଟ ମଧ୍ୟ ଚଳିତ ଜନଗଣନା ସମୟରେ ଜାତି ଆଧାରିତ ଜନଗଣନା କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆଶ୍ଚର୍ଯ୍ୟ ଭାବେ ବର୍ତ୍ତମାନ ଏହି ଜନଗଣନାରେ ଓବିସିମାନଙ୍କ ଗଣତି ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯାହା ଓବିଶି ସମାଜର ବିନାଶ ପାଇଁ ଏକ ସୁଚିନ୍ତିତ ଷଡଯନ୍ତ୍ର ବୋଲି ମୂଳନୀବାସୀ ମହାସଂଘର ଉପଦେଷ୍ଟା ପ୍ରମୋଦ ହଂସ ଅଭିଯୋଗ କରିଛନ୍ତି। ଆସନ୍ତା ସହରାଞ୍ଚଳ ନିର୍ବାଚନରେ ଓବିସିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଉ ଓ ଓଡ଼ିଶାରେ ସ୍ୱତନ୍ତ୍ର ଭାବେ ଓବିସି ଜନଗଣନା କରାଯାଉ, ନଚେତ ଏସସି, ଏସଟି ଓ ଓବିସି ସମାଜ ତରଫରୁ ମିଳିତ ଭାବେ ବଡ଼ ଆନ୍ଦୋଳନ କରାଯିବ ବୋଲି ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ମତ ପ୍ରକାଶ କରିଛନ୍ତି। ଉପରୋକ୍ତ ଦୁଇଟି ଦାବି ନେଇ ମୂଳନିବାସୀ ମହାସଂଘ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡାକେଶ୍ୱର ଲହଜଲ, ଆଦିବାସୀ ନେତା ଡମ୍ବୁରୁଧର ମାଝୀ, ସୁରେଶ ମାଝୀ, ଯତୀନ୍ଦ୍ର କର, ଗଙ୍ଗାଧର ଜାଲ, ଆଦିତ୍ୟ ଯାଦବ, ଅଗଷ୍ଟ ନାଏକ, କେଶବ ମେହେର, ପୃଥ୍ୱୀରାଜ ତାଣ୍ଡି, ଦୁର୍ଯ୍ୟୋଧନ ଠାକୁର ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର, ୧୭।୩(ସମିସ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର 'ଓଡ଼ିଆ ଭ୍ରମଣ କାହାଣୀ, ଜୀବନୀ ଓ ଆତ୍ମଜୀବନୀ'ର ପ୍ରଥମ ଦିବସ ମିନି ଅଡିଟୋରିୟମରେ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବରେ ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦାନ କରି ସାହିତ୍ୟ ଓ କଳା, ସଂସ୍କୃତି ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନନିୟ ଅତିଥି ପ୍ରଫେସର ତୁଷାରକାନ୍ତି ଦାସ ଅଧକ୍ଷ ସ୍ନାତକୋତ୍ତର ବିଭାଗ ସମୂହ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦାନ କରି ଭ୍ରମଣ କାହାଣୀ ଏବଂ ଆଂଜୀବନୀ ସମ୍ପର୍କରେ ଗଭୀର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନନିୟ ବକ୍ତା ପ୍ରଫେସର ଅଶୋକ କୁମାର ଦାଶ ଯୋଗଦାନ ପୂର୍ବକ ସମ୍ପ୍ରତି ଲିଖିତ ଭ୍ରମଣକାହାଣୀ ଓ ଆମଜୀବନୀର ମୂଲ୍ୟାୟନ କରିଥିଲେ। ପ୍ରଫେସର ନାକୁ ହାଁସଦା ସଭା ମୁଖ୍ୟ ଭାବରେ ମଞ୍ଚାସୀନ ଥିବାସ୍ଥଳେ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଶୁକମୁନି ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସୋସିଏଟ ପ୍ରଫେସର ଡକ୍ଟର ଗୋପୀନାଥ ବାଗ ବୈଷୟିକ ଅଧିବେଶନରେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଚିବ ସଞ୍ଜୟ କୁମାର ଛୁଆଳସିଂହ ଉପସ୍ଥିତ ରହି ସାହିତ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନନୀୟ ଆଲୋଚକ ଭାବରେ ଡକ୍ଟର ମଞ୍ଜୁଳିକା ନାୟକ, ଡକ୍ଟର ସୁନୀତି ଦେବତା, ଡକ୍ଟର ଦୁର୍ଗାଶିଷ ପଟ୍ଟନାୟକ, ଡକ୍ଟର ଇପ୍ସିରାଣୀ ପଧାନ, ଡ. ପୁଷ୍ପାଞ୍ଜଳି ସାହୁ, ଡ.ନୀଳମାଧବ ଛତ୍ର, ଡ. ସୋମନାଥ ପଧାନ, ଡ.ବନ୍ଦିତା ନାଏକ, ଡ. କଳ୍ପନା ଝାଙ୍କର, ଗବେଷକ ଯୋଗେଶ୍ୱର ସାହୁ, ସମୀର ମୁଣ୍ଡାରୀ, ଆରତି ବଗର୍ତ୍ତି, କୁନିକା ସାହୁ, ଗୀତାଞ୍ଜଳି, ସସ୍ମିତା ପାଢ଼ୀ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପଦ୍ମପୁର ଦଳ ପରିବେଷଣ କରିଥିଲେ। ଭୀମଭୋଇଙ୍କ ଭଜନ ପ୍ରଦର୍ଶନ କଳା ବିଭାଗ ଓ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ମିଳିତ ଭାବରେ ଗାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଗବେଷକ ଗବେଷିକା ସହଯୋଗ କରିଥିଲେ।



### ମାତ୍ରାଧିକ ପ୍ରଦୂଷଣରେ ଅତିଷ୍ଠ ନୀଳପଦାସାହି

# ରେଲୱେ ପ୍ଲଟ୍‌ର କାମକୁ ବନ୍ଦ କଲେ ମହିଳାଗୋଷ୍ଠୀ



**ଦାନଗଦି, ୧୭।୩(ସମିସ)**

ସୁକିନ୍ଦାରୋଡ୍ ରେଲୱେ ପ୍ଲଟରେ ବ୍ୟାପକ ପ୍ରଦୂଷଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାହାଫଳରେ ପ୍ଲଟକୁ ଲାଗିକି ଥିବା ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ଗାଁର ନୀଳପଦା ସାହିର ଶତାଧିକ ଲୋକେ ଆଜି ଏକତ୍ରିତ ହୋଇ ପ୍ଲଟ୍‌ର ଅନଲୋଡିଂ କାମକୁ ବନ୍ଦ କରିବା ସହ ଷ୍ଟେସନ ମାଷ୍ଟର୍‌ଙ୍କୁ ଭେଟି ପ୍ଲଟ୍ କାମ ତୁରନ୍ତ ବନ୍ଦ କରିବାକୁ ଗୁହାରି କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଗତ ଗୋଟେ ସପ୍ତାହ ହେଲା କ୍ଲିଙ୍କର ଧୂଳି ଗୁଣ୍ଡ ସବୁ ଉଡ଼ିବାରୁ ସେମାନେ ଅଣନିଃଶ୍ୱାସୀ ହେଲେଣି। ଦିନ ରାତି ୨୪ ଘଣ୍ଟା ରେଲୱେ ପ୍ଲଟରେ ସିମେଣ୍ଟ କମ୍ପାନୀମାନଙ୍କର କ୍ଲିଙ୍କର ଗୁଣ୍ଡ ଅନଲୋଡିଂ ଓ ପରିବହନ ହେବା ଫଳରେ ଖରାଦିନ ଥିବାରୁ ଧଳା ଗୁଣ୍ଡ ଓ ଧୂଳି ଉଡ଼ି ଏହି ସାହିର ଘର ଭିତରେ, ଗଛପତ୍ର, କୂଅ ପୂରା ଧଳା ରଙ୍ଗ ହୋଇଗଲାଣି, ଏହି ନୀଳପଦା ସାହିଟିର ୩୫ଟି ପରିବାରଙ୍କର ପ୍ରଦୂଷଣ ଜନିତ ଦୁଃଖ ଅସହ୍ୟ ହେଲାଣି। ଛୋଟ ଛୋଟ ଶିଶୁମାନେ ଏତେ ମାତ୍ରାରେ ଧୂଳି ଉଡୁଛି ଯେ ଆଉ ଘରୁ ବାହାରି ପାରୁନାହାଁନ୍ତି। ଆଖିରେ ଧୂଳି ପଶି ପୋଡୁଛି, କାଶ ହେଉଛି। ଘର ବାହାରେ ବାଲ୍ଟିରେ ପାଣି ରଖିଲେ ପାଞ୍ଚ ମିନିଟରେ ପାଣି ଉପରେ କ୍ଲିଙ୍କର ଗୁଣ୍ଡ ପଡ଼ି ପ୍ରଦୂଷିତ ହେଉଛି, ବାୟୁ ପ୍ରଦୂଷଣରେ ଏତେ ମୁଣ୍ଡ ଗଡ଼ିଲା ପରେ ପ୍ରଦୂଷଣ ବୋର୍ଡ ଅଧିକାରୀ ବାସ୍ତବରେ ଏହି ସାହିକୁ ତଦନ୍ତ କରିବାକୁ ନ ଆସି ଖାଲି ନୋଟିସ୍ ଦେଇ ଚାଲିଛନ୍ତି। ନୀଳପଦା ସାହିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ଲଟ କାମ ବନ୍ଦ କରିବାକୁ ଅଣ୍ଟା ଭିଡ଼ିବା ସହ ସେମାନଙ୍କୁ ବିସ୍ଥାପିତ କରିବାକୁ ଦାବି କରିଛନ୍ତି। ଷ୍ଟେସନ ମାଷ୍ଟର ସେମାନଙ୍କୁ ବୁଝାସୁଝା କରିବା ସହ ସମାଧାନ ପାଇଁ କିଛି ଦିନ ସମୟ ନେଇଛନ୍ତି। ଯଦି ସାତ ଦିନ ଭିତରେ କିଛି ଏହାର ସ୍ଥାୟୀ ସମାଧାନ ନ ହୁଏ ତା'ହାଲେ ଏହି ନୀଳପଦା ବାସିନ୍ଦା ଆଗାମୀ ଦିନରେ ପ୍ରଦୂଷଣ ବୋର୍ଡ ଅଧିକାରୀଙ୍କ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ବାରୁଣୀ ସ୍ନାନ ଓ ପିତୃପୁରୁଷଙ୍କ ମୋକ୍ଷ ପ୍ରାପ୍ତି କାମନା କରି ପିଣ୍ଡଦାନ କରୁଛନ୍ତି ଶ୍ରଦ୍ଧାଳୁ



## ମା' ନେଙ୍କୁରୁଶୁଣୀଙ୍କ ବାରୁଣୀ ଯଜ୍ଞ

**ପଣିକୋଇଲି, ୧୭।୩(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ରୋଡ୍‌ରେ ଥିବା ମା' ନେଙ୍କୁରୁଶୁଣୀ ପୀଠରେ ଆଜି ମା'ଙ୍କ ବାର୍ଷିକ ଉତ୍ସବ ସହିତ ବାରୁଣୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ୍ଷ ଦେବୀ ମା' ନେଙ୍କୁରଶୁଣୀ ପୀଠରେ ପ୍ରତିବର୍ଷ ବାରୁଣୀରେ ଯଜ୍ଞ ଓ ମା'ଙ୍କ ଜନ୍ମ ବାର୍ଷିକ ପାଳନ କରାଯାଉଛି। ଆଜି ସକାଳୁ ବିଧି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞ ସହିତ ନାମଯଜ୍ଞ ମଧ କରାଯାଇଥିଲା। ପୂଜକ ଭାବେ ପରମାନନ୍ଦ ଶତପଥି ଓ ପ୍ରସନ୍ନ ପଣ୍ଡା ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ଶଶିଭୂଷଣ ସେନାପତି ସସ୍ତ୍ରୀକ ଯଜ୍ଞର କର୍ତ୍ତା ଭାବେ ଯୋଗଦେଇଥିଲେ। ମା'ଙ୍କ ପ୍ରତ୍ୟେକ ଦିନର ସେବକ ନେଙ୍କୁରୀ ମାଝୀ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିଥିଲେ। କମିଟି ପକ୍ଷରୁ ଉତ୍ସବ ମହାରାଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତ୍ତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ ମହାନ୍ତି, ଶୋଭିନ ପରିଡ଼ା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥି, ଭାସ୍କର ସାହୁ, ନରୋତ୍ତମ ସାମଲ, ବ୍ରହ୍ମାନନ୍ଦ ସାହୁ, ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।

## ନାଏବ ସରପଞ୍ଚଙ୍କ ସନ୍ଦେହଜନକ ମୃତ୍ୟୁ



**ସୁକିନ୍ଦା, ୧୭।୩(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତର ମହିଳା ନାଏବ ସରପଞ୍ଚ ପୂଜାରାଣୀ ଗୋଛାୟତଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୃତ ପୂଜାରିଣୀଙ୍କ ଶାଶୁ ଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ପୂଜାରିଣୀଙ୍କ ମା' ଏହାକୁ ହତ୍ୟାକାଣ୍ଡ ବୋଲି ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂଜାରିଣୀଙ୍କ ଶ୍ୱଶୁର ପୀତବାସ ଗୋଛାୟତ, ଶାଶୁ ବଉଳ, ସ୍ୱାମୀ ଲିପୁ ଓ ଦିଅର ଦିପୁ ମିଳିମିଶି ଏହି ହତ୍ୟାକାଣ୍ଡ ଘଟାଇଥିବା ମା' ସନ୍ଧ୍ୟାରାଣୀ ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସୁକିନ୍ଦା ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଇଦ୍ ଓ ରାମନବମୀ ଶାନ୍ତି କମିଟି ବୈଠକ

**ବିଞ୍ଝାରପୁର, ୧୭।୩(ସମିସ):** ଆସନ୍ତା ଇଦ୍ ଓ ରାମନବମୀ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାର ସହ ପାଳନ କରିବାକୁ ବିଞ୍ଝାରପୁର ଥାନା ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପର୍ବ ସମୟରେ ସାମ୍ପ୍ରଦାୟିକ



ସଦ୍‌ଭାବନା ରକ୍ଷା, ଆଇନ-ଶୃଙ୍ଖଳା ଓ ଶାନ୍ତି ରଖିବାକୁ ଗୁରୁତ୍? ଦିଆଯାଇଥିଲା। ବୈଠକରେ ପର୍ବ ଅବସରରେ କୌଣସି ଅସମ୍ମତିଜନକ ପରିସ୍ଥିତି ନହେବା ପାଇଁ ସମସ୍ତଙ୍କୁ ସଚେତନ ରହିବାକୁ ପୁଲିସ୍ ପକ୍ଷରୁ ନିବେଦନ କରାଯାଇଥିଲା। ସେହିପରି ଯାତାୟାତ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଓ ପର୍ବ ସମୟରେ ଶାନ୍ତି ବଜାୟ ରଖିବାକୁ ମଧ ଆଲୋଚନା ହୋଇଥିଲା।ଏହି ବୈଠକରେ ସୟଦପୁର ସରପଞ୍ଚ ଏମ୍‌ଡି ସବୀର, କାଏଣା ରଘୁନାଥପୁର ସରପଞ୍ଚ ପ୍ରତିନିଧି ନାରାୟଣ ଜେନା, ସମାଜସେବୀ ସଞ୍ଜୀବ ସାହୁ, ଗୋପବନ୍ଧୁ ଦାସ, ମୋଜାହିଦ ଖାଁ, ଚନ୍ଦ୍ରଶେଖର ବେହେରା, ଏଏସ୍‌ଆଇ ରାଜକିଶୋର ଲାହା, ସସ୍ମିତା ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଓଟିନ୍ଦାରେ ରାଧାକୃଷ୍ଣ ମିଳନ ଉତ୍ସବ


**ପଣିକୋଇଲି, ୧୭।୩(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ରାଧାକୃଷ୍ଣ ମିଳନ ଉତ୍ସବ, ଦୋଳ ମୁଣ୍ଡାଇ ଓ ନୂତନ ପଞ୍ଜିକା ପଠନ ଆଦି କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଗ୍ରାମବାସୀ ଗୋପିନାଥ ମନ୍ଦିରରୁ ରାଧାକୃଷ୍ଣଙ୍କୁ ମନ୍ଦିରରୁ ଆଣି ବିମାନ ଯୋଗେ ଗ୍ରାମ ପରିକ୍ରମା କରିଥିଲେ। ନାମ ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି, ଘଣ୍ଟବାଦ୍ୟ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ପରେ ରାସସ୍ଥଳୀରେ ପ୍ରଭୁଙ୍କୁ ବିଜେ କରାଯାଇଥିଲା। ସେଠାରେ ନୂତନ ପାଞ୍ଜି ପଠନ ଓ ରାଜ୍ୟ ଓ ଦେଶର ଭବିଷ୍ୟତ ଗଣନା ଜ୍ୟୋତିର୍ବିଦ ନାରାୟଣ ନାୟକଙ୍କ ଦ୍ୱାରା ପଠନ ପରେ ମେଣ୍ଢା ଘର ପୋଡ଼ାଯାଇଥିଲା। ପୂଜକ ଭାବେ ରଘୁନାଥ ପାଢ଼ୀ, ପରମାନନ୍ଦ ଶତପଥି, ମୋହନ ଚରଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ, ରାଧାକାନ୍ତ ଶତପଥି, ସଦାନନ୍ଦ ଶତପଥି ପ୍ରମୁଖ ଯୋଗଦାନ କରିଥିଲେ। ସତିସ ଧଳ, ଆଲୋକ ବେହେରା, ଅଚ୍ୟୁତାନନ୍ଦ ସାହୁ, ଭୀମସେନ ଦାସ, ନଣ୍ଡା ଦାସ, ଅକ୍ଷୟ ସାମଲ, ଅୟୋଜ୍ୟୋତି ସାମଲ, ସୁରେଶ ଧଳ, ଶିବ ପ୍ରସାଦ ଗିରି, ଜିତେନ୍ଦ୍ର ଭାରତୀ, ଜଗବନ୍ଧୁ ସାମଲ, ପରମେଶ୍ୱର ନାୟକ, ପ୍ରକାଶ ମଲ୍ଲିକ ସମେତ ସମସ୍ତ ଯୁବକ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜୀବନ ନେଇଗଲା ନରହନ୍ତା କଳା କାର୍

**ମଙ୍ଗଳପୁର, ୧୭।୩(ସମିସ):** ପ୍ରତେକ ଦିନ ଭଳି ମର୍ଣ୍ଣିଂ ୱାକ ପାଇଁ ସୋମବାର ସକାଳୁ ସାଥୀମାନଙ୍କ ସହିତ ଯାଇଥିଲେ ରୋଜି। ହେଲେ ଆଉ ଫେରି ନ ଥିଲେ। ଜଗିଥିଲା କାଳ ଯମ। ନେଇଗଲା ତାଙ୍କ ଜୀବନ। ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ସୋମବାର ଭୁବନେଶ୍ୱର ଉପକଣ୍ଠ ଉତ୍ତରା ଛକ ନିକଟରେ। ଆଉ ଏଥିରେ ଚାଲିଯାଇଛି ଦଶରଥପୁର ଅଞ୍ଚଳରେ ଜଣେ ମହିଳାଙ୍କ ଜୀବନ।



ସୂଚନା ଅନୁସାରେ ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଅର୍ଦ୍ଧାଉଳିଆ ଗ୍ରାମର ରୋଜାଲିନ ରାଉତ (ରୋଜି, ୪୭) ସକାଳୁ ମର୍ଣ୍ଣିଂ ୱାକରେ ଯାଇଥିଲେ। ପୁରୀ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କଳାରଙ୍ଗର କାର୍ ସିଧା ଚଢ଼େଇ ଦେଇଥିଲା ରୋଜି ଓ ସାଥୀ ମହିଳାଙ୍କ ଉପରେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିବା ବେଳେ କାର୍‌ଟି ମଧ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଏକ ନାଳ ଭିତରକୁ ଚାଲି ଯାଇଥିଲା। କାର୍‌ରେ ଥିବା ୩ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି ଓ ଅନ୍ୟ ଜଣଙ୍କର କୌଣସି ପତ୍ତା ମିଳିପାରିନାହିଁ। ରୋଜାଲିନଙ୍କ ସ୍ୱାମୀ ଯଯାତି ଏବଂ ତାଙ୍କର ଏକମାତ୍ର ପୁଅ ମେଡିକାଲରେ ଉପସ୍ଥିତ ଥିବା ବେଳେ ଅର୍ଦ୍ଧାଉଳିଆ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏମିତି ଦୁଃଖ ସମୟରେ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲରେ ଯାଜପୁର ଜିଲ୍ଲାର ବରିଷ୍ଠ ବିଜେପି ନେତା ଗୌତମ ରାୟ ଓ ବିଜେପି ଯୁବନେତା ସୁରଜଲାଲ ସାମଲ ପହଞ୍ଚି ରୋଜାଲିନଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

# ଏଲ୍‌ପିଜି ସିଲିଣ୍ଡର ଯୋଗାଣ ସ୍ଥିତି ସମୀକ୍ଷା



**ଯାଜପୁର, ୧୭।୩(ସମିସ):** ଜିଲ୍ଲାରେ ଏଲ୍‌ପିଜି ଗ୍ୟାସ ବିତରଣରେ ଥିବା ସମସ୍ୟା ଏବଂ ଏଲ୍‌ପିଜି ସିଲିଣ୍ଡର ସ୍ଥିତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଯାଜପୁର ଜିଲ୍ଲାରେ ପ୍ରାୟ ୩ ଲକ୍ଷ ୭୭ ହଜାରରୁ ଅଧିକ ଉପଭୋକ୍ତା ଅଛନ୍ତି। ଏଲପିଜି ସିଲିଣ୍ଡର ବିତରଣ ଯେଭଳି ସୁରୁଖୁରୁରେ ହୋଇପାରିବ, ସେ ନେଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଏବଂ ଗ୍ୟାସ ବିତରକମାନଙ୍କ ସହ ଆଲୋଚନା କରିଥିଲେ। ଏଲପିଜି ଗ୍ୟାସ ଅଭାବ ନେଇ ସାମାଜିକ ଗଣମାଧ୍ୟମରେ ପ୍ରସାର ହେବା ପରେ, ଲୋକେ ଭୟଭୀତ ହୋଇ ଆଗୁଆ ଗ୍ୟାସ ସିଲିଣ୍ଡର ବୁକିଂ କଲେ। ଏତେ ସଂଖ୍ୟକ ବୁକିଙ୍ଗ ଯୋଗୁଁ ସିଷ୍ଟମ ସର୍ଭର ଉପରେ ଚାପ ପଡ଼ିବା, ଇ-କେୱାଇସି ଏବଂ ଓଟିପି ଡେଲିଭରୀ ବ୍ୟବସ୍ଥା ପାଇଁ ସମସ୍ୟା ଉପୁଜିଥିଲା ବୋଲି ଗ୍ୟାସ ବିତରକ ସଂସ୍ଥାମାନେ ଜଣାଇଥିଲେ। ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି ବୋଲି ସେମାନେ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ଏମଆଇ, ଓଏଲ୍ କମ୍ପାନୀର ସେଲ୍ସ ଅଫିସର, ଗ୍ୟାସ ରିଟେଲର୍ ଏବଂ ବିତରକମାନେ ଯୋଗ ଦେଇଥିଲେ।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

**ବାଲିଚନ୍ଦ୍ରପୁର, ୧୭।୩(ସମିସ):** ବଡ଼ଚଣା ବ୍ଲକ ତଥା ଦର୍ପଣ ତହସିଲ ଅନ୍ତର୍ଗତ ଅଣକା ପଞ୍ଚାୟତ ମହାଦେଇପୁର ଗ୍ରାମର ସୁଶାନ୍ତ କୁମାର ଜେନା ଓ ଗେଲ୍ଲୀ ଜେନାଙ୍କର ୪ ବଖରା ଘର ସହିତ ସମସ୍ତ ଆସବାବପତ୍ର ଗତକାଲି ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡରେ ଜଳିପୋଡି ପାଉଁଶ ହୋଇଯାଇଛି। ଗ୍ରାମବାସୀଙ୍କ ସହିତ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ପାଇଁ ସତ ଚେଷ୍ଟା କରିଥିଲେ ମଧ କୌଣସି ସଫଳତା ମିଳି ନଥିଲା। ତେବେ ଏମାନଙ୍କ ଘରେ କେମିତି ନିଆଁ ଲାଗି ଏଭଳି ଅଭାବନୀୟ ଘଟଣା ଘଟିଲା, ତାହା ଜଣା ପଡ଼ିନାହିଁ। ଖବର ପାଇ ସ୍ଥାନୀୟ ଅଞ୍ଚଳର କେତେକ ବଦାନ୍ୟ ବ୍ୟକ୍ତି ଆଜି ଏମାନଙ୍କ ନିକଟରେ ପହଞ୍ଚି ସାହାଯ୍ୟ ସହଯୋଗ କରିଥିବା ବେଳେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି।ଭ ତେବେ ଏହି ଦୁଇ ପରିବାର ଆର୍ଥିକ ଅନଟନରେ ଜୀବନ ବିତାଉଥିବା ବେଳେ ଏଭଳି ଘଟଣା ସେମାନଙ୍କୁ ବ୍ୟଥିତ କରି ପକାଇଛି। ତୁରନ୍ତ ସରକାରଙ୍କ ପକ୍ଷରୁ ଏହି ଦୁଇ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିନ୍ଦଲ୍ ପକ୍ଷରୁ ମହିଳା ଦିବସ



**ଦାନଗଦି, ୧୭।୩(ସମିସ):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦ୍ୱାରା ମହିଳା ସଶକ୍ତୀକରଣ ଏବଂ ସାମୂହିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ୨ ଗୋଟି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଏହାର ପ୍ଲାଣ୍ଟ ପରିସରରେ 'ଅଧିକାର, ନ୍ୟାୟ, କାର୍ଯ୍ୟ- ସମସ୍ତ ମହିଳା ଏବଂ ବାଳିକାମାନଙ୍କ ପାଇଁ' ବିଷୟବସ୍ତୁ ଉପରେ ମହିଳା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ ଏବଂ ମୁଖ୍ୟଅତିଥି ଭାବେ ପୂର୍ବତନ ଉପକୁଳପତି ଡ. ସବିତା ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମହିଳା କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ୧୫ ଜଣ ମହିଳା କର୍ମଚାରୀଙ୍କୁ 'ବର୍ଷର ମହିଳା କର୍ମଚାରୀ' ଭାବରେ ସମ୍ମାନିତ କରାଯାଇଥିଲା। ସେହିପରି ଦାନଗଦୀ ସ୍ଥିତ ରୟାଲ ତାଜ୍ ପ୍ୟାଲେସରେ ମହିଳା ଦିବସ ପାଳନ ଅବସରରେ ଏକ ବିଶାଳ ସାମୂହିକ ଉତ୍ସବ ଆୟୋଜନ କରାଯାଇଥିଲା। ଯେଉଁଥିରେ ଆଖପାଖ ଅଞ୍ଚଳର ୫୨୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦାନଗଦି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଯେଉଁଥିରେ ପ୍ରଶାନ୍ତ କୁମାର ରାୟ, ରୋଜାଲିନ୍ ଭୂୟାଁ, ପ୍ରଣତି ସାହୁ, ଧଳରେଖା ମିଶ୍ର, ପୂଜା ଗୁରୁବକ୍ଷାନି ଏବଂ ସୁକାନ୍ତ କୁମାର ରଥଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୨ ଜଣ ମହିଳାଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କୁମ୍ଭୀର ଗଡ଼ିଆ ଗାଁରେ ଆୟଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇ ସଫଳ ହୋଇଥିବା ୧୦ ଜଣ ମହିଳାଙ୍କୁ ପୁରସ୍କାର ସହ ଜେଏସ୍‌ଏଲ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ମହିଳାମାନଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ ସାଂସ୍କୃତିକ ପ୍ରଦର୍ଶନ ଏବଂ ପ୍ରଦର୍ଶନୀ ଷ୍ଟଲଗୁଡ଼ିକ କାର୍ଯ୍ୟକ୍ରମରେ ଶୋଭାବର୍ଦ୍ଧନ କରିଥିଲା।

## ମଧୁବନରେ ସାମାଜିକ ସଦ୍‌ଭାବନା ବୈଠକ

**କୁଆଖିଆ, ୧୭।୩(ସମିସ):** ଯାଜପୁର ଜିଲ୍ଲା ଶ୍ରୀରାମପୁର ଖଣ୍ଡର ସାମାଜିକ ସଦ୍‌ଭାବନା ବୈଠକ ମଧୁବନ ହାଟ ଶିଶୁମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୪ଟି ମଣ୍ଡଳରୁ ୪୫ ଜଣ ସାମାଜିକ ନେତୃତ୍ୱ ଶ୍ରେଣୀ ଲୋକ ଯୋଗ ଦେଇଥିଲେ। ସକାଳ ୧୦.୪୫ ଘଟିକା ସମୟରେ ବୈଠକ ଆରମ୍ଭ ହୋଇଥିଲା। ଖଣ୍ଡ ସଦଭାବନା ସଂଯୋଜକ ସଞ୍ଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସେବା ପ୍ରମୁଖ ରମେଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି ବୈଠକରେ ସଂଘର ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ କୁମାର ବିଶ୍ୱାଳ, ସହ ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅଜୟ ପୃଷ୍ଟି, ଖଣ୍ଡ କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର, ଖଣ୍ଡ ବୌଦ୍ଧିକ ପ୍ରମୁଖ ସିଦ୍ଧାର୍ଥ ଶଙ୍କର ପଣ୍ଡା, ମଣ୍ଡଳ କାର୍ଯ୍ୟବାହ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସୁବ୍ରତ ଦ୍ୱିବେଦୀ, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଯଶୋବନ୍ତ ଦାସ, ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଶରତ ସାହୁ, ଧର୍ମେନ୍ଦ୍ର ଗୁଇଁ, ନିରାକାର ସାହୁ, ନିଗମ ସାହୁ, ପଙ୍କଜ ସାହୁ, ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ନିରାକାର ଲେଙ୍କା, ଦିବ୍ୟଜ୍ୟୋତି ରାଉଳ, ତପନ କୁମାର ପଣ୍ଡା, ସନାତନ ନାୟକ, ରଞ୍ଜନ ଜେନା, ପ୍ରଫୁଲ୍ଲ ସାହୁ, ରମେଶ ପୃଷ୍ଟି, ଶିଶୁ ମନ୍ଦିରର ଗୁରୁଜୀ ସଞ୍ଜୟ ମିଶ୍ର, ଅମରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ୨୦ରୁ ଜିଲ୍ଲା ମହୋତ୍ସବ ଯଯାତି

**ଯାଜପୁର, ୧୭।୩(ସମିସ)**

ଆସନ୍ତା ମାର୍ଚ୍ଚ ୨୦ରୁ ୨୪ ତାରିଖ ଯାଏଁ ହେଉଥିବା ଜିଲ୍ଲା ମହୋତ୍ସବ ଯଯାତି-୨୦୨୬ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶାସନିକ ଭବନ ପଡ଼ିଆଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଯୋଗ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲା ମହୋତ୍ସବ ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ମହୋତ୍ସବ ପୂର୍ବରୁ ମାର୍ଚ୍ଚ ୧୮ ରୁ ୨୦ ତାରିଖ ଯାଏଁ ହେଉଥିବା ବୈତରଣୀ ଆଳତୀ ଏବଂ ମାର୍ଚ୍ଚ ୧୮ ରେ ଅନୁଷ୍ଠିତ ହେବାକୁ ଥିବା ପଥ ଉତ୍ସବ ସମ୍ପର୍କରେ କହିଥିଲେ। ପଥ ଉତ୍ସବରେ ନୃତ୍ୟ ସଙ୍ଗୀତ ପରିବେଷଣ, ଲାଇଭ ସ୍କେଚିଂ, ଜୁମ୍ବା, ପାରମ୍ପରିକ କ୍ରୀଡ଼ା, ରଙ୍ଗୋଲି, ରକ୍ ବ୍ୟାଣ୍ଡ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଏହାସହ




ମହୋତ୍ସବ ପାଞ୍ଚ ଦିନରେ ନିମନ୍ତ୍ରିତ ଅତିଥି, ବିଶିଷ୍ଟ ବ୍ୟକ୍ତିତ୍?, ଓଲିଉଡ ଏବଂ ବଲିଉଡ କଳାକାର, ଲୋକକଳା, ମଞ୍ଚ ସମ୍ମୁଖରେ ବସିବା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ କାର୍ଯ୍ୟସୂଚୀ ସମ୍ପର୍କରେ ଜିଲ୍ଲାପାଳ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିଭଳି ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶ ପ୍ରତାପ ଶ୍ରୀମଲ ମହୋତ୍ସବରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ, ସିସିଟିଭି କ୍ୟାମେରା ସ୍ଥାପନ, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଯଯାତି ମହୋତ୍ସବର ପ୍ରଚାର ପାଇଁ ଏକ ଭିଡିଓ ଭ୍ୟାନ୍‌କୁ ଜିଲ୍ଲାପାଳ ଏବଂ ଏସ୍‌ପି ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନର ମିଳିତ ସମନ୍ୱୟ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଯଯାତି ମହୋତ୍ସବର ସଫଳ ଆୟୋଜନ ସହ ପ୍ରଚାର ପ୍ରସାର ଏବଂ ଲୋକଙ୍କ ମଧ୍ୟରେ ଅବଗତି ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## ମା' ତାରିଣୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**କୁଆଖିଆ, ୧୭।୩(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଡିହକୁରାଂଶ ଗ୍ରାମରେ ମା' ତାରିଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ବୁଧବାର ଠାରୁ ଆରମ୍ଭହୋଇ ଶନିବାର ଉଦ୍‌ଯାପିତ ହୋଇଛି। କଟକ ଶିବମ ମେଲୋଡି ଗ୍ରୁପ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ରାତ୍ର ୮ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଇସ୍କନ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। କର୍ତ୍ତାଭାବେ ଅରୁଣ ପଣ୍ଡା ଓ ଅଞ୍ଜନା ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ କେଶବ ରଥ, ମାନସ ପଣ୍ଡା, ଅଧୀର ପତି ଓ ଅତୁଲ୍ୟ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସୁକାନ୍ତ ରାଉତ, ସ୍ମାରକ ପତି, ସଦାନନ୍ଦ ମଲିକ, ଚନ୍ଦନ ପୃଷ୍ଟି, ମନୋଜ ପଣ୍ଡା, ରାଜେଶ ରାଉତ, ନିଶିକାନ୍ତ ରାଉତ, ସାଗର ଦେବତା, ରବୀନ୍ଦ୍ର ଦାଶ ପ୍ରମୁଖଙ୍କ ସମେତ ମା' ତାରିଣୀ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦେଶୀ ମଦ ଜବତ; ୨ ମହିଳା ଗିରଫ



ପୋଡ଼ାଗଡ,୧୭।୩(ସମିସ): କୋରାପୁଟ ଅବକାରୀ ବିଭାଗ ସୁପରିଟେଣ୍ଡ ଅରୁଣ କୁମାର ପାଢ଼ିଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ଦଶମନ୍ତପୁର ବ୍ଲକ ଅଞ୍ଚଳରେ ମିଳିତ ଚଢ଼ଉ କରିଛନ୍ତି। ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲ ଦେଇଥିବା ସୂଚନା ମୁତାବକ, ଆଜି ଦିନ ୩ଟା ସମୟରେ ଲାସିବେଡା ଓ କୁମ୍ଭାର ଲୁଲା ଗ୍ରାମରେ ଚଢଉ କରି ପ୍ରାୟ ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଦୁଇ ଜଣ ମହିଳାଙ୍କୁ ଗିରଫ କରିଥିବା ସୂଚନା ଦେଇଛନ୍ତି। ଗିରଫ ମହିଳାଙ୍କ ମଧ୍ୟରେ ଜଣେ ଲଦିବେଢା ଗ୍ରାମର ପୁଷ୍ପାଞ୍ଜଳି ଗରଡ଼ା ହୋଇଥିବା ବେଳେ ଅନ୍ୟ ଜଣେ କୁମ୍ଭାରଲୁଲା ଗ୍ରାମର ବୋଲି ଜଣାପଡ଼ିଛି। ଉଭୟ ମହିଳାଙ୍କ ନାମରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ କୋରାପୁଟ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଲକ୍ଷ୍ମୀପୁର ଅବକାରୀ ଥାନା ସବ୍-ଇନ୍ସପେକ୍ଟର କମଳା ମହାକୁଡ଼, ଶ୍ରୁତି ରଞ୍ଜନ ବିଶ୍ୱାଳ, ଉଷା ରାଣୀ ଭତ୍ରା, ମେଘନାଥ ଶବର, ସାଇକତ ଆଲି ପ୍ରମୁଖ ଉପସ୍ଥିତ ଥିଲେ।

# କୁଂଜବାଡି ଗାଁ ରାସ୍ତା ନିମ୍ନମାନର ଅଭିଯୋଗ

ରାୟଗଡ଼ା,୧୭।୩(ସମିସ): ରାୟଗଡ଼ା ଜିଲ୍ଲାସଦର ବ୍ଲକ କୁଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଂଜବାଡି ଗାଁକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନ ଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଅଭିଯୋଗ ଆଣିଛନ୍ତି ରାୟଗଡ଼ା ଠିକାଦାର ସଂଘ। ରାୟଗଡ଼ା ସାର୍କିଲ ଗ୍ରାମ୍ୟ ନିର୍ମାଣ ବିଭାଜନ ଅନ୍ତର୍ଗତ ଉକ୍ତ କାମର ଟେଣ୍ଡର ପାଇ ଏହି କାମ କଳାହାଣ୍ଡି ଜିଲ୍ଲାର ଜଣେ କଣ୍ଟ୍ରାକ୍ଟର କରୁଥିବା ବେଳେ କାମ ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ତଥା କାମରମାନ ଯାଞ୍ଚ ହେଉ ନ ଥିବାରୁ ନିର୍ମାଣ କାର୍ଯ୍ୟ ଏଭଳି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ରାସ୍ତା କାମ ଚାଲୁଥିବା ସମୟରେ ନିର୍ଦ୍ଧାରିତ ମାନକୁ ଅନୁସରଣ କରାଯାଉ ନ ଥିବା ବେଳେ ରାସ୍ତା ଉପରେ ଯେତିକି ଏମଏମ ତଥା ଇଞ୍ଚ ଲେଖାଏଁ ପିଚୁଗୋଡି ପଡିବା କଥା ତାହା ପଡୁ ନ ଥିବାରୁ ନୂଆ ରାସ୍ତା ଅତିଶୀଘ୍ର ନଷ୍ଟ ହେବାର ଆଶଙ୍କା ଥିବା ଗ୍ରାମବାସୀ ଓ ଠିକାଦାର ସଂଘ ପକ୍ଷରୁ କୁହାଯାଇଛି। ପିଚୁ ରାସ୍ତା କାମ ଏତେ ନିମ୍ନମାନର କରାଯାଉଛି ଯେ,ହାତ ମାରିଦେଲେ ପିଚୁ ଉଠି ଯାଉଛି। ଫଳରେ କିଛି ଦିନ ମଧ୍ୟରେ ରାସ୍ତାରୁ ସଂପୂର୍ଣ୍ଣ ପିଚୁ ଉଠିଯିବ ଏବଂ ଉକ୍ତ ଅଞ୍ଚଳବାସୀ ପୁଣି ଯାତାୟାତ ସମସ୍ୟାରେ ପଡିବେ। ଆଜି ରାୟଗଡ଼ା ଠିକାଦର ସଂଘର ବହୁ ସଦସ୍ୟ ତଥା ସ୍ଥାନୀୟ ଠିକାଦାରମାନେ କାମ ନିମ୍ନମାନର ହେଉଥିବା ଖବର ପାଇ କୁଂଜବାଡି ଗ୍ରାମକୁ ଯାଇ କାମର ମାନ ଯାଞ୍ଚ କରିଥିଲେ। ନିମ୍ନମାନର କାମ କରାଯାଇଥିବା ଦେଖିବାକୁ ପାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଲୋକଙ୍କ ପାଇଁ କରାଯାଉଥିବା କାମର ମାନ ଠିକ୍ ସେ କରିବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ କଡା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ବିଭାଗୀୟ ଏସଡିଓ ଦିଲ୍ଲୀପ ରାଉତରାଏଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯିବ ବୋଲି କହିଛନ୍ତି। ସୂଚନାପ୍ରକାରେ, ରାୟଗଡ଼ାସଦର ବ୍ଲକର ୭ଟି ରାସ୍ତା ନିର୍ମାଣ କାମ ସଂପୃକ୍ତ ଏ କ୍ଲାସ ଠିକାଦାର ଟେଣ୍ଡର ପାଇଥିବା ବେଳେ ଏଥିରେ ବଡକୋଶାପାଡୁ, ହାଡିଆ, କୋଡେଶୁ ରାସ୍ତା ପାଇଁ ୩୧୩.୧୪ଲକ୍ଷ ଏବଂ କୁଂଜବାଡି, ଲୁମ୍ବେସି ଠାରୁ ଖିଲିମିସିଗୁଡା, ବନ୍ଦେଲି,ଉତକାପାଡୁ ଗ୍ରାମ ରାସ୍ତା ନିର୍ମାଣ ପାଇଁ ୩୨୦.୮୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବା ଜଣାପଡିଛି।



# ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି



ନବରଙ୍ଗପୁର,୧୭।୩(ସମିସ): ନବରଙ୍ଗପୁର ସହର ଉପକଣ୍ଠରେ ଥିବା ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ଉତ୍କଳ ପରିଷଦ ପକ୍ଷରୁ ପରିଷଦର ସଭାପତି ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଉତ୍କଳ ଦିବସ ଦିନ ସଦର ମହକୁମାସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଉକ୍ତ ଦିନ ବନ୍ଦେ ଉତ୍କଳ ଗାନ ସମେତ ସମସ୍ତ ସଭ୍ୟ ଏବଂ ନିମନ୍ତ୍ରିତ ଅତିଥିଗଣ ପାରମ୍ପରିକ ବସ୍ତ୍ର ପରିଧାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସ୍ୱାଧୀନ ଭାରତରେ ଉତ୍କଳ ପ୍ରଦେଶର ଭୂମିକା ଉପରେ ଆଧାରିତ ଏକ କବିତା ପାଠ ଉତ୍ସବ ପାଳନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଉତ୍କଳ ଦିବସ କାର୍ଯ୍ୟକ୍ରମର ଅତିଥି ଭାବରେ ସ୍ଥାନୀୟ ବିଧାୟକ ଗୌରୀଶଙ୍କର ମାଝୀ ସମେତ ଜିଲାର ମାନ୍ୟଗଣ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଏକ କମିଟି ଗଠନ କରାଗଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ପରିଷଦର ଉପଦେଷ୍ଟା ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ଉପସଭାପତି ଜଗଦୀଶ ତ୍ରିପାଠୀ ଏବଂ ପ୍ରଭାସିନୀ ମହାନ୍ତି, ସମ୍ପାଦକ ତପନ ବିଷୋୟୀ, ସାଂଗଠନିକ ସମ୍ପାଦକ ଅଖିଳ ଭଟ୍ଟ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଗୋପାଳ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କର୍ଛାମାଳ ଓ ବଡଆମ୍ବଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୋଷାଗୁମୁଡ଼ା,୧୭।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍‌ର କର୍ଛାମାଳ ପଞ୍ଚାୟତର କର୍ଛାମାଳ ଆଶ୍ରମ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭେଙ୍କଟେଶ୍ୱର ହାଲବାଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ସମନାଥ ପୂଜାରୀ ଥିବାବେଳେ ବରେଣ୍ୟ ଅତିଥି ଭାବରେ ବରିଷ୍ଠ ସମାଜସେବୀ କୁଞ୍ଜବିହାରୀ ଦାସ ଓ କୋଷାଗୁମୁଡା ପଞ୍ଚାୟତ ସମିତି ଅଧକ୍ଷା ସର୍ବେଶ୍ୱରୀ ମାଝୀ ଥିଲେ। ସେପରି ମୁଖ୍ୟବକ୍ତା ଭାବରେ ଡିଡବ୍ଲୁଓ ପାଲକା ରବୀନ୍ଦ୍ର ଥିବାବେଳେ ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଉମାଦେବୀ ନାୟକ, ଏଡିଡବ୍ଲୁଓ ଭରତ ସାହୁ ଓ ନିବେଦିତା ବିଶ୍ୱାଳ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ରଞ୍ଜନ ମହାନନ୍ଦ ଉପସ୍ଥିତ ଥିଲେ। ଆବାହକ କର୍ଛାମାଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭେଙ୍କେଟଶ୍ୱର ହାଲବା ଥିବାବେଳେ ମଞ୍ଚପରିଚାଳନା ଅଜୁ ରାଜ୍ ସାମଲ କରିଥିଲେ। ସେପରି ବଡ଼ ଆମ୍ବଡା ଆଶ୍ରମ ବିଦ୍ୟାଳୟଠାରେ ମଧ୍ୟ ବାର୍ଷିକ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋମଳ ନାୟକ ଥିବାବେଳେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପରିସ୍ଥ ସମସ୍ତ ବରେଣ୍ୟ, ସମ୍ମାନିତ, ସ୍ୱତନ୍ତ୍ର ଅତିଥିମାନେ ଉପସ୍ଥିତ ଥିଲେ। ଏହି ଦୁଇ ସରକାରୀ ଆଶ୍ରମ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଭିଭାବକ, ଗ୍ରାମର ଉଦ୍‌ମଣ୍ଡଳୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କେବଳ ପାଠ ନୁହେଁ ପାଠ ସହ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନିଜକୁ ପ୍ରସ୍ତୁତ କରି ଆଗକୁ ବଢିବା ପାଇଁ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀଙ୍କର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କୋରାପୁଟ,୧୭।୩(ସମିସ):




ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ଅଧକ୍ଷତାରେ ଆଗାମୀ ଏପ୍ରିଲ ଓ ମେ ମାସରେ କାଳବୈଶାଖୀ ଓ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରାଥମିକତା ରହିଛି। ଭାରୀଯାନ ଗୁଡ଼ିକରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ସହ ଜଣେ ସହଯୋଗୀ ରହିବା ବାଧ୍ୟତାମୂଳକ କରାଯାଇଛି। ସ୍କୁଲରେ ପିଲାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବା ସହ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ଆଗକୁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗକୁ ଓଆରଏସ ପ୍ୟାକେଟ ଓ ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ସହ ହସ୍ପିଟାଲ ଗୁଡ଼ିକରେ ଏସି ଓ କୁଲର ସୁବିଧା ଥିବା ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଜଙ୍ଗଲରେ ନିଆଁ ରୋକିବା ପାଇଁ ବନ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି। ଜିଲ୍ଲା, ବ୍ଲକ ଓ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସମସ୍ତ ହେଲ୍ପଲାଇନ ନମ୍ବରକୁ ସାର୍ବଜନୀନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ସମସ୍ତ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରାଯିବ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଆଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ଜନସଚେତନତା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ବିବରଣୀ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର, ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ ଓ ନରେଶ ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜରୁରୀକାଳୀନ ଅଧିକାରୀ ସୌଗଂଜିତା ମାଝୀଙ୍କ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଗୁଣପୁର,୧୭।୩(ସମିସ): ରାୟଗଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ରାୟଗଡ଼ା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁଣପୁର ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୁଣୁପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ୍ ଜମାଦାରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧକ୍ଷା ଝିଲ୍ଲୀ ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ସମସ୍ତ କର୍ମଚାରୀ ବୃନ୍ଦ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୨୦ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡି, ଜଣଙ୍କୁ ଚକ ଲଗା ଚୌକି, ୯ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ୩ ଜଣଙ୍କ ଡି.ଆର.ଆଇ. ଋଣ ଫର୍ମ, ୨୦ ଜଣଙ୍କ ବର୍ଦ୍ଧିତ ଭତ୍ତା ଫର୍ମ ସଂଗ୍ରହ କରାଯାଇଛି। ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ଉକ୍ତ ଶିବିରରେ ୧୨ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ୩୦ ଜଣଙ୍କୁ ଭେଷଜ ବିଶେଷଜ୍ଞ, ୫୮ ଜଣଙ୍କୁ ଅସ୍ଥିଶଲ୍ୟ ବିଶେଷଜ୍ଞ, ୨୦ ଜଣଙ୍କୁ ନାସା କର୍ଣ୍ଣ ଗଳା ବିଶେଷଜ୍ଞ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁଶ୍ରୀ ସ୍ମୃତିପ୍ରଭା ପାତ୍ର, କନିଷ୍ଠ ସହାୟକ ଆଶୁତୋଷ ହୋତା ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ବ୍ଲକ, ଗ୍ରାମ ପଞ୍ଚାୟତ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଶିରାଗୁଡ଼ାରେ ଦୀପ ଯଜ୍ଞ

ଜୟପୁର,୧୭।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଶିରାଗୁଡ଼ା ଗ୍ରାମର ତ୍ରିନାଥ ମନ୍ଦିର ନିକଟରେ ଗତକାଲି ସଂଧ୍ୟାରେ ଦୀପ ଯଜ୍ଞ ଆୟୋଜିତ ହୋଇଥିଲା। ପ୍ରାୟ ୨୫୧ ଗ୍ରାମରୁ ୧୦୦୮ ଦମ୍ପତିଙ୍କୁ ନେଇ ୨୦ ଏକର ଜମିରେ ଭୂମି ପୂଜନ କରି ଯଜ୍ଞ ଓ ସଂସ୍କାରର ଆୟୋଜନ କରିବା ସହିତ ଆଗାମୀ ଦିନରେ ଶ୍ରୀରାମ ନବମୀ କାର୍ଯ୍ୟକ୍ରମକୁ ଆୟୋଜନ କରିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଶ୍ରୀରାମ ସେନା ଗଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଗାୟତ୍ରୀ ପରିବାର ମୁଖ୍ୟ ଟ୍ରଷ୍ଟି ରତ୍ନମ୍ବରା ପାତ୍ର, ସପ୍ତ ଶୁତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, କୋରାପୁଟ ଜିଲ୍ଲା ବ୍ଲକ୍ ସମନ୍ୱୟ ସଂଯୋଜକ ଗଙ୍ଗାଧର ପାଣିଗ୍ରାହି, ରଶ୍ମିତା ସିଅ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାନ୍ତ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତ ସନାତନି ବନ୍ଧୁ, ଜନ ଜାତିଙ୍କୁ ସଂଗଠିତ ହୋଇ ରହିବା ନିମନ୍ତେ ଶ୍ରୀ ରାମ ଯୁବ ସେନା ଓ ମାଆ ଭଗବତୀ ସ୍ୱାଧ୍ୟାୟ ମଣ୍ଡଳ ଗଠନ କରାଯାଇଥିଲା। ସେହିପରି ସିଆଡିମାଳ ଗ୍ରାମରେ ଦୀପ ମହାଯଜ୍ଞ ଆୟୋଜିତ ହୋଇଥିଲା। ଏହାର ପରିଚାଳନା ମମତା ମିଶ୍ର, ସତ୍ୟନାରାୟଣ ପାତ୍ର ପ୍ରମୁଖ କରିଥିଲେ।



## ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ

# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସାଜିଛି ଦଦରା କୋଠା



ତେନ୍ତୁଳିଖୁଣ୍ଟି ୧୭।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଅଧାଭଙ୍ଗା କୋଠା ବିପଦ ପୂର୍ଣ୍ଣ ଭାବରେ ରହିଛି। ଏହି କୋଠାକୁ ଭାଙ୍ଗିବା ପାଇଁ ୫-ଟି କାର୍ଯ୍ୟ ଜାରି ରହିଥିବା ସମୟରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ ବିଦ୍ୟାଳୟ ଯେଉଁ ସ୍ଥିତିରେ ଥିଲା ସେମିତି ଭାବରେ ରହିଲା। ବର୍ତ୍ତମାନ ଏହି ଦଦରା କୋଠା ବେଳେ ଏହି ଦରଭଙ୍ଗା କୋଠା ପ୍ରତି ଦୃଷ୍ଟି ନ ପଡିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି କୋଠା ନିକଟରେ ଉଚ୍ଚ ପ୍ରାଥମିକ

### ଭାଙ୍ଗିବାକୁ କହି ଭୁଲିଗଲା ପ୍ରଶାସନ

ବିଦ୍ୟାଳୟ ରହିଥିବା ବେଳେ ଛୋଟଛୋଟ ପିଲା ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିଛି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ବ୍ଲକ୍ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଦ୍ୟାଳୟ ପରିଦର୍ଶନରେ ଆସୁଥିବା ସୁବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

# ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା



ବୈପାରୀଗୁଡା,୧୭।୩(ସମିସ): ବୈପାରୀଗୁଡା ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ବରିଷ୍ଠ ନାଗରିକଙ୍କୁ ନେଇ ପୁରୀ ଅଭିମୁଖେ ବାହାରିଲା ବସ। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବ୍ଲକ ବରିଷ୍ଠ ନାଗରିକମାନେ ପୁରୀକୁ ଜଗନ୍ନାଥ ଦର୍ଶନ ପାଇଁ ବାହାରିଛନ୍ତି। ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ତିରିଶି ଜଣ ବୟୋଜ୍ୟୋଷ୍ଠ ନାଗରିକଙ୍କୁ ବସ ଯୋଗେ ପୁରୀ ପଠାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟଦର୍ଶନ ଓ ଦିବ୍ୟଅନୁଭୂତି ନେବାରୁ ବଞ୍ଚିତ ଥିବା ବରିଷ୍ଠ ନାଗରିକ, ଆର୍ଥିକ ଦୁର୍ବଳ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ଚୟନ କରାଯାଇଥିଲା। ସେମାନଙ୍କୁ ଆଜି ପୁରୀ ଶ୍ରୀମନ୍ଦିରକୁ ନିଶୁଳ୍କ ଯାତ୍ରା ସୁବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନା ୬୦ ରୁ ୭୫ ବୟସ ମଧ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକ ଏବଂ ୭୫ ବୟସ ମଧ୍ୟରେ ସମସ୍ତ ବିଧବାମାନଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାର ଦୀର୍ଘକାଳୀନ ସ୍ୱପ୍ନ ପୂରଣ କରିବାରେ ସାହାଯ୍ୟ କରିବ ବୋଲି ବରିଷ୍ଠ ନାଗରିକମାନେ ମତ ରଖିଛନ୍ତି।

### ଅବ୍ୟବସ୍ଥା ଘେରରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଜେଏମ୍ଏମ୍ ପକ୍ଷରୁ ହସ୍ପିଟାଲ୍ ସମ୍ମୁଖରେ ଧାରଣା




**ମୋରଡ଼ା, ୧୭।୩(ସମିସ)**

ମୋରଡ଼ା ବ୍ଲକରେ ଥିବା କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ପଦବୀ ଦୀର୍ଘଦିନରୁ ଫାଙ୍କା ପଡ଼ିଥିବାବେଳେ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେବା ସହ ହନ୍ତସନ୍ତ ହେଉଛନ୍ତି। ଯାହାକୁ ନେଇ ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀ ଦୁଇଦଫା ଦାବି ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଲିଖିତ ଦାବି ମୁତାବକ ପ୍ରଥମେ ଡାକ୍ତରଖାନାର ସମସ୍ତ ଖାଲିପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ। ଦ୍ୱିତୀୟରେ ହସ୍ପିଟାଲରେ ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ କରାଯିବାକୁ ଦାବି କରାଯାଇଛି।

ଉକ୍ତ ଡାକ୍ତରଖାନା ଉପରେ ବ୍ଲକର ୨୦ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ନିର୍ଭର କରୁଥିବାବେଳେ ପଡ଼ୋଶୀ ପଶ୍ଚିମବଙ୍ଗରୁ ମଧ୍ୟ ରୋଗୀଙ୍କ ପ୍ରତିଦିନ ଲମ୍ବା ଲାଇନ ଲାଗିଥାଏ। ତେବେ ଦୁଃଖ ଓ ପରିତାପର ବିଷୟ ଉକ୍ତ ଡାକ୍ତରଖାନା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଞ୍ଚଳର ହୋଇଥିବାବେଳେ ଏଥିରେ ସର୍ଜରି, ସ୍ତ୍ରୀ ରୋଗ, ମେଡିସିନ, ଶିଶୁ ରୋଗ ଆଦି ଚାରୋଟି ବିଭାଗରେ ଜଣେ ମଧ୍ୟ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଯଦିଓ ମେଡିସିନ ବିଭାଗରେ ଜଣେ ବିଶେଷଜ୍ଞ ଥିଲେ ତାଙ୍କୁ ମଧ୍ୟ ଜିଲ୍ଲା ଚିକିତ୍ସାଳୟକୁ ଡେପୁଟେସନରେ ନେଇଯାଇଛନ୍ତି। ଉକ୍ତ ଚାରୋଟି ବିଭାଗ ସହ ପ୍ରଶାସନିକ ବିଭାଗ ମିଶି ସର୍ବମୋଟ ୨୧ଟି ପଦବୀ ଥିବାବେଳେ ଏଲଟିଆରଏମଓ (ଏମବିବିଏସ) ୧୫ଟି ପଦବୀରୁ ମାତ୍ର ୨ ଜଣ ରହିଛନ୍ତି। ଯେଉଁ ଏମବିବିଏସ ଡାକ୍ତର ରୋଗୀ ଦେଖିବା ସହ ଅନ୍ୟ କାର୍ଯ୍ୟ ମଧ୍ୟ କରୁଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାର ପ୍ରଥମ ସୋପାନ ଷ୍ଟାଫ ନର୍ସ ହୋଇଥିବାବେଳେ ୨୧ଟି ଷ୍ଟାଫ ନର୍ସ ପଦବୀରୁ ମାତ୍ର ଚାରିଜଣ ଅଛନ୍ତି। ଡାକ୍ତରଖାନାରେ ଯଦି ଡାକ୍ତର ଓ କର୍ମଚାରୀ ନ ଥିବେ, ତେବେ କେଉଁଭଳି ସ୍ୱାସ୍ଥ୍ୟ ସେବା ଲୋକଙ୍କୁ ମିଳୁଛି; ତାହା ସହଜରେ ଅନୁମାନ କରାଯାଇପାରେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ୩୦ ଶଯ୍ୟା ବିଶିଷ୍ଟ ଥିବାବେଳେ ପୂର୍ବରୁ ରୋଗୀଙ୍କୁ ଏକ୍ସରେ ମେସିନର ସୁବିଧା ମିଳୁଥିଲା। ମେସିନ ଖରାପ ହେବାରୁ ମରାମତି ପାଇଁ ଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏକ୍ସରେ ମେସିନର ଖୋଜ ଖବର ନାହିଁ। ବାରମ୍ବାର ଖବରକାଗଜରେ ହସ୍ପିଟାଲର ସମସ୍ୟା ପ୍ରକାଶ ପାଇଲେ ମଧ୍ୟ ପ୍ରଶାସନିକ ଅଧିକାରୀ କିମ୍ବା ମୋରଡା ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନଜର ପଡୁନାହିଁ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

**ମନ୍ତ୍ରୀଙ୍କ ଅଞ୍ଚଳରେ ବିନା ଡାକ୍ତରରେ ଚାଲିଛି ଡାକ୍ତରଖାନା**

**ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ ଦାବି**

**୯୦ ପ୍ରତିଶତ ଡାକ୍ତର ଓ କର୍ମଚାରୀ ପଦବୀ ଫାଙ୍କା**

**ଚାରୋଟି ବିଭାଗରେ ଜଣେ ବି ନାହାନ୍ତି ସ୍ପେଶାଲିଷ୍ଟ**

# ଡୁଡୁଆ ବାରୁଣୀ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼



**କୁଆମରା, ୧୭।୩(ସମିସ):** ଗୋପବନ୍ଧୁନଗର ବ୍ଲକ ବାଲଡିହା ନିକଟସ୍ଥ ଡୁଡୁଆଠାରେ ସାନଖୁଣ୍ଟା, ଟିଟିଆ ଓ ଭଣ୍ଡଗାଁ ପଞ୍ଚାୟତର ମଧ୍ୟସ୍ଥଳୀରେ ପ୍ରବାହିତ ଗଙ୍ଗାହାର ନଦୀ କୂଳରେ ଆଜି ହଜାର ହଜାର ଭକ୍ତ ବାରୁଣୀ ସ୍ନାନ ଅବସରରେ ବୁଡ଼ ପକାଇଛନ୍ତି। ନଦୀ କୂଳରେ ଥିବା ଏକ ବିରାଟ କାୟ ପଥର ଶଯ୍ୟା ଓ ସେହି ପଥର ଶଯ୍ୟାର ପାଞ୍ଚ ଫୁଟ୍ ତଳେ କୁଣ୍ଡ ମଧ୍ୟରେ ପୂଜା ପାଇ ଆସୁଛନ୍ତି ଡୁଡେଶ୍ୱର ମହାଦେବ। ମହାଦେବଙ୍କୁ ପାଣି ମଧ୍ୟରେ ଅଦୃଶ୍ୟ ଅବସ୍ଥାରେ ବର୍ଷ ସାରା ପୂଜା କାର୍ଯ୍ୟ କରାଯାଉଥିବାବେଳେ ପରମ୍ପରା ଅନୁସାରେ ପ୍ରତି ବର୍ଷ ଚୈତ୍ର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ କୁଣ୍ଡ ମଧ୍ୟରୁ ଜଳ ନିଷ୍କାସନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଗୋଟିଏ ଦିନ ପାଇଁ ଏହି ଶିବ ଲିଙ୍ଗକୁ ଭକ୍ତ ଦର୍ଶନ ପାଇବାର ସୌଭାଗ୍ୟ ପାଇଥା'ନ୍ତି। ମାତ୍ର ବିଡ଼ମ୍ବନା ରବିବାର ଓ ସୋମବାର କ୍ରମାଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁଁ ଚଳିତ ବର୍ଷ କୁଣ୍ଡ ମଧ୍ୟରୁ ଜଳ ନିଷ୍କାସନ କରାଯାଇ ନ ପାରିବାରୁ ଲିଙ୍ଗ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଭକ୍ତ। ତେବେ ଆଜି ପାଗ ଅନୁକୂଳ ଥିବାରୁ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ପ୍ରାତଃ ୫ଟାରୁ ସୂର୍ଯ୍ୟପୂଜା, ଗୁରୁ ପୂଜା ଓ ମଙ୍ଗଳ ଆଳତି ପରେ ପ୍ରଭୁ ଶିବ ଶଙ୍କରଙ୍କ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ରାଜୀବଲୋଚନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଧୀର ସୁନ୍ଦର ତ୍ରିପାଠୀ, ଚନ୍ଦ୍ରଭାନୁ ତ୍ରିପାଠୀ, ଅମୀୟ କୁମାର ତ୍ରିପାଠୀ ପ୍ରମୁଖ ମୋଟ ୯ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଛନ୍ତି।

ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ପ୍ରସିଦ୍ଧ ଏହି ବାରୁଣୀ ମେଳା ସପ୍ତାହ ଧରି ବସେ। ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ଲୋକଙ୍କ ସୁବିଧା ନିମନ୍ତେ ଅସ୍ଥାୟୀ ମଟର ଯାନର ବ୍ୟବସ୍ଥା କରାଯାଇଛି। କମିଟି ସଭାପତି ଗୋପୀନାଥ ବେହେରା, ସମ୍ପାଦକ କରୁଣାକର ପାତ୍ର, ସୁମନ୍ତ ନାୟକ, ମାନଗୋବିନ୍ଦ ଖିଲାର, ବ୍ୟୋମକେଶ ତ୍ରିପାଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ତତ୍ତ୍ୱାବଧାନରେ ବହୁ ପୁଲିସ କର୍ମଚାରୀ ଓ ଫୋର୍ସ ମୁତୟନ ହୋଇଥିଲେ। ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ହୃଷିକେଶ ନାୟକ ପରିଦର୍ଶନ କରି ଫେରିଛନ୍ତି। ଏ ଅବସରରେ ଖୁଣ୍ଟା ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଭକ୍ତଙ୍କ ନିମନ୍ତେ ଜଳଛତ୍ର ଖୋଲାଯାଇଥିଲା। ଉଦଳା ସଙ୍କୁଳ ପ୍ରମୁଖ ବିରଞ୍ଚି ସେନାପତି ଓ ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ମହାନ୍ତ ଅତିଥି ଭାବେ ଯୋଗ ଦେଇ ଜଳଛତ୍ର ଉଦଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ଗୌରି ଶଙ୍କର ସିଂ, ସମର ମିଶ୍ର, ଦିବ୍ୟଜ୍ୟୋତି ପ୍ରଧାନ, ରବିନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆରପଟା ପଞ୍ଚାୟତସ୍ଥ ଧାଉଁଡିଆଠାରେ ମଧ୍ୟ ପରମ୍ପରା ଅନୁସାରେ ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### ଗ୍ରାମବାସୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଖଲାସ ଦାବି

# ୨୦ରେ ଆଦିବାସୀ ଏକତା ମଞ୍ଚର ମୟୂରଭଞ୍ଜ ବନ୍ଦ ଡକରା

**ରାଇରଙ୍ଗପୁର, ୧୭।୩(ସମିସ):** ବହଳଦାରେ ଜାତୀୟ ରାଜପଥ ଅବରୋଧ ବେଳେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣାରେ ଗିରଫଙ୍କୁ ଖଲାସ ଦାବିରେ ଜାରି ଥିବା ଆନ୍ଦୋଳନ ସ୍ଥଗିତ ହୋଇଛି। ୩୬ ଘଣ୍ଟାର ଧାରଣା ପରେ ଗ୍ରାମବାସୀ ଓହରିଛନ୍ତି। ତେବେ ଆନ୍ଦୋଳନର ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ୩୪ ଜଣ ଗିରଫ ଆଦିବାସୀଙ୍କୁ ଖଲାସ କରାଯାଇନାହିଁ। ତେଣୁ ଗ୍ରାମବାସୀଙ୍କୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଖଲାସ ଦାବି କରିଛନ୍ତି। ନଚେତ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ବନ୍ଦ ଡକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ପୁଲିସ ପ୍ରଶାସନ ସହ ଆଲୋଚନା ଅନୁଯାୟୀ ଗିରଫଙ୍କୁ ଖଲାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅଧିକାଂଶ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଛୋଟ ଛୋଟ ପିଲା ଘରେ ଥିବାବେଳେ ମାଆ ପାଇଁ ବ୍ୟତିବ୍ୟସ୍ତ ହେଉଛନ୍ତି। କିନ୍ତୁ ସରକାର କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ୪୮ ଘଣ୍ଟାରେ ଗିରଫ ଆଦିବାସୀଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରି ଖଲାସ ନ ହେଲେ ମୟୂରଭଞ୍ଜ ବନ୍ଦ ଡକରା ଚେତାବନୀ ଦେଇଛନ୍ତି। ଏ ନେଇ ବିଜେଡି, କଂଗ୍ରେସ, ଜେଏମଏମ, ମାସା, ଆସେକା ସମେତ ଅନ୍ୟାନ୍ୟ ସଂଗଠନ ନେତୃବର୍ଗ ଚେତାବନୀ ଦେଇଛନ୍ତି।

# ଏମ୍ପିସି କଲେଜ ବାଣିଜ୍ୟ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବାରିପଦା, ୧୭ ।୩(ସମିସ):** ସମକାଳୀନ ବିଶ୍ୱ ଅର୍ଥନୀତିରେ ଉଦ୍ୟୋଗତା, ନବସୃଜନ, ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିର ଆଗ ଧାଡ଼ିରେ ଆମ ଦେଶ ଭାରତ ରହିଛି। ବର୍ତ୍ତମାନ ସମାଜର ଅଗ୍ରଗତି ପାଇଁ ସ୍ଥାୟୀ ବିକାଶ, ଉଦ୍ୟୋଗୀ ଚିନ୍ତାଧାରା, ଷ୍ଟାର୍ଟଅପ୍ ଅତ୍ୟାବଶ୍ୟକ। ଭାରତ ଏବେ ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଓ ଡିଜିଟାଲ୍ ଇଣ୍ଡିଆ ଭଳି ପଦକ୍ଷେପ ମାଧ୍ୟମରେ ଏହି ପରିବର୍ତ୍ତନକୁ ଗ୍ରହଣ କରିଛି। ଯାହା ନବସୃଜନକୁ ପାଥେୟ କରିବା ସହିତ ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ଲକ୍ଷ୍ୟ ରଖୁଛି। ଏ ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ସକ୍ରିୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଗତିଶୀଳ ନୀତି, ସଂସ୍ଥାଗତ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଓଡ଼ିଶା ସରକାର ଯୁବ ଉଦ୍ୟୋଗୀଙ୍କ ଚିନ୍ତାଧାରାକୁ କାର୍ଯ୍ୟକ୍ଷମ କରିବାକୁ ଉତ୍ସାହିତ କରୁଛନ୍ତି। ଏ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ଏବେ ନବସୃଜନ, ଗବେଷଣା ଓ ଉଦ୍ୟୋଗୀ ପରୀକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପାଲଟିଛନ୍ତି। ଏମ୍ପିସି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ 'ଉଦ୍ୟୋଗିତା ଓ ଷ୍ଟାର୍ଟଅପ୍ ଇକୋସିଷ୍ଟମ' ଶୀର୍ଷକ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।




ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ଭାରତ ଓ ଓଡ଼ିଶାରେ ଉଦ୍ୟୋଗ ପନ୍ଥାର ସ୍ଥିତି ଓ ଯୁବପିଢ଼ିଙ୍କ ସହଭାଗିତା ବିଷୟରେ କହିବା ସହ ଉଦ୍ୟୋଗୀ ହେବା ନିମନ୍ତେ ନୂତନ ଚିନ୍ତାଧାରା, ପ୍ରତିବନ୍ଧକ, ପ୍ରତିଯୋଗିତା ଏପରିକି ନୂଆ ନୂଆ କୌଶଳର ଆବଶ୍ୟକ୍ତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଫେସର କିଶୋର ଦାସ ଯୋଗଦେଇ ଦୈନନ୍ଦିନ ଜୀବନରେ ବାଣିଜ୍ୟର ସମ୍ପର୍କ, ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାଣିଜ୍ୟିକ ପରିବର୍ତ୍ତନର ଯାତ୍ରା ଓ ଆଧୁନିକ ବାଣିଜ୍ୟର ପରିପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଆବାହକ ଭାବେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରୂପସା ମହାପାତ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଆଶୁତୋଷ ପ୍ରୟାସ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ଆଲୋଚନାଚକ୍ରର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଅନାମ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ସଞ୍ଜୀବ ଦେ ଯୋଗ ଦେଇଥିଲେ। ସହ ସଭାପତି ଭାବେ ଏମ୍ଏସ୍ସିବି ବିଶ୍ୱବିଦ୍ୟାଳୟର ଡ. ଶ୍ରୀତମ ଦାସ, ପଶ୍ଚିମବଙ୍ଗରୁ ଡ.ଶାନ୍ତନୁ ଘୋଷ, ସହକାରୀ ପ୍ରଫେସର ରୋଜି କାନୁନଗୋ ସମେତ ବହୁ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଏହାର ସମୀକ୍ଷା ଡ. ରାଉଳ ସମ୍ପାଦନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀଙ୍କ ସମେତ ବାଣିଜ୍ୟ ବିଭାଗ ଅଧ୍ୟାପକ ସୀମା ଅଗ୍ରୱାଲ, ଡ. ଅର୍ଜୁନ ସାହୁ, ହିତେଶ୍ ଗୁପ୍ତା, ରତିକାନ୍ତ ବାରିକ, ସାଇମା ଫିରଦୋଷ, ହିମାଂଶୁ ପ୍ରଧାନ, କିରଣମୟୀ ମିଶ୍ର, ଅମ୍ରିତା ମହାନ୍ତି ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଭୀମ ଚରଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବଡ଼ାମଙ୍କ ବାର୍ଷିକ ପୂଜା

**ବୈଶିଙ୍ଗା, ୧୭।୩(ସମିସ):** ବୈଶିଙ୍ଗା ଥାନା ଅଧୀନ ମୋହନପୁର ଅଞ୍ଚଳରେ ଥିବା ମା' ଦୁଧିଆ ବଡ଼ାମଙ୍କ ବାର୍ଷିକ ପୂଜା ବଡାମ ପୂଜା କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ପୂଜାରେ ମୋହନପୁର, କ୍ଷୀରପଦା, ଭାଲିଆଡିହି, ଦୁଟୁ ସାହି ଆଦି ଅଞ୍ଚଳରେ ସମସ୍ତେ ନୂଆବସ୍ତ୍ର ପରିଧାନ କରି ମା'ଙ୍କୁ ପୂଜା କରନ୍ତି। ଦେବୀଙ୍କ ପ୍ରକୃତିଦତ୍ତ ସ୍ୱରୂପ ଏହାଙ୍କର ଆଦିମ ମୂଳ ପ୍ରତିରୂପ ବୋଲି ପ୍ରମାଣିତ କରେ। କିମ୍ବଦନ୍ତୀ କହେ ମା' ବଡାମ ତାଙ୍କ ଭକ୍ତଙ୍କ ପାଇଁ ସତତ କରୁଣାମୟୀ ଓ ଦୟାଶୀଳା। ମା' ବଡାମ ପୀଠକୁ ସୌନ୍ଦର୍ଯ୍ୟମୟ କରୁଥିବା ନିକଟ ସଂରକ୍ଷିତ ଘଞ୍ଚ ବନାନୀ ବନ୍ୟ ପଶୁପକ୍ଷୀଙ୍କ ଆଶ୍ରୟ ସ୍ଥଳ। ଅନୁରାଗି ଭକ୍ତ ଶ୍ରଦ୍ଧାରେ ଦେବୀଙ୍କୁ ଭୋଗ ଅର୍ପଣ କରନ୍ତି। ଆଦିବାସୀ ପୂଜକଙ୍କ ଦ୍ୱାରା ଦେବୀ ପୂଜିତା। ସ୍ଥାନୀୟ ବାସିନ୍ଦା ଚୈତ୍ର ମାସରେ ଦେବୀଙ୍କ ପୀଠରେ ଆନନ୍ଦର ସହିତ ଉତ୍ସବକୁ ପାଳନ କରନ୍ତି। ଭୋଜିଭାତ ମାଧ୍ୟମରେ ଏହି ପର୍ବକୁ ମହାଆନନ୍ଦରେ ଆଦିବାସୀ ପାଳନ କରିଥା'ନ୍ତି। ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ମା'ଙ୍କ ଏହି ପର୍ବ ପାଳନ କରନ୍ତି। ସେମାନଙ୍କ ପରମ୍ପରାରେ ମା'ଙ୍କ ପୂଜା ଏକ ସ୍ନେହ, ପ୍ରେମ ଓ ସଦ୍ଭାବନାର ମହୋତ୍ସବ ବୋଲି ବିବେଚନା କରାଯାଏ। ଏହି ପୂଜା ବଡାମ ସୁରକ୍ଷା କମିଟି ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟା ଓ ସହଯୋଗ ପାଇଁ ସଫଳ ହୋଇପାରିଛି।

# ଉଦଳା ଡାକ୍ତରଖାନାରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ଡ୍ରିଲ



**ଉଦଳା, ୧୭।୩(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଉଦଳା ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହିତ ବିଭିନ୍ନ ସମୟରେ ଚିକିତ୍ସାଳୟରେ ଛୋଟବଡ ଦୁର୍ଘଟଣାକୁ ରୋକିବାକୁ ଅଗ୍ନିଶମ ବିଭାଗ ଦ୍ୱାରା ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ କର୍ମୀ, ଲାଇବ୍ରେରୀ ଟେକ୍ନିସିଆନ, ସିକ୍ୟୁରିଟି କର୍ମଚାରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଅଗ୍ନି ନିର୍ବାପକ ଯନ୍ତ୍ର କିଭଳି ବ୍ୟବହାର କରାଯାଇ ଅଗ୍ନିକୁ ଯଥାଶୀଘ୍ର ରୋକାଯାଇପାରିବ କର୍ମଚାରୀ ଓ ନର୍ସଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଥିବା ଶିଶୁ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀକାନ୍ତ ପତି, ଡାକ୍ତର ପ୍ରଜ୍ଞା ପରମିତା ବେହେରା, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିକା ନିରୁପମା ମହାନ୍ତି, ହିସାବରକ୍ଷକ ଅରୁପ ସାହୁ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ମହାଳିକ ବାବୁଙ୍କ ନେତୃତ୍ୱରେ ମନୋରଞ୍ଜନ ବେହେରା, ସୁଜିତ ସୋରେନ୍, କାର୍ତ୍ତିକ ତିରିଆ, ପ୍ରମୋଦ ସାମଲ, ସମୀର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଅଧିକ ଉନ୍ନତ ସେବା ପାଇବା ସହିତ ସମସ୍ୟା ଦେଖାଦେଲେ ତତକ୍ଷଣାତ୍ ଦୂରୀଭୂତ ହେବ ବୋଲି ଆଶା କରିଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଇଁ ପ୍ରସ୍ତୁତି

**ମହୁଲଡିହା, ୧୭।୩(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ଅବସର ନେବାକୁ ଥିବା ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟ, ପୂର୍ବତନ ଓ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବିଦାୟକାଳୀନ ସଭା ଆସନ୍ତା ଏପ୍ରିଲ ମାସ ୩୦ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, ପୂର୍ବତନ ଓ ଅଧ୍ୟୟନରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଛବିନ୍ଦ୍ର ସାହୁ ଓ ସଂସ୍କୃତ ଶିକ୍ଷକ ସୁବ୍ରତ କୁମାର ଦାଶ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ଏ ନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆଗାମୀ ଏପ୍ରିଲ ମାସ ୩୦ ତାରିଖରେ ଆୟୋଜିତ କରିବାକୁ ବୈଠକରେ ସର୍ବସମ୍ମତି ହୋଇଛି। ସହକାରୀ ଶିକ୍ଷକ ଶ୍ରୀକାନ୍ତ ରଣା ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ସହକାରୀ ଶିକ୍ଷକ ଭରତ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଜବତ ସମ୍ପତ୍ତିକୁ ସୁରକ୍ଷା ଦେବାରେ ସିବିଆଇ ବିଫଳ

# ଚିଟ୍ଫଣ୍ଡ କମ୍ପାନୀର କୋଟି କୋଟି ଟଙ୍କାର ଜମି ଏବେ ଜଳାଶୟ

**ବୈଶିଙ୍ଗା, ୧୭।୩ (ସମିସ)**



ରାଜ୍ୟର ବହୁଚର୍ଚ୍ଚିତ ଚିଟ୍ଫଣ୍ଡ ମାମଲା ଏବେ ସିବିଆଇ ଅଧୀନରେ ରହିଥିବାବେଳେ ସିବିଆଇ ମଧ୍ୟ ସମ୍ପତ୍ତି ଜବତ କରିଛି। ତେବେ କୋଟି କୋଟି ଟଙ୍କାର ମୂଲ୍ୟବାନ ଜବତ ସମ୍ପତ୍ତିକୁ ସୁରକ୍ଷା ଦେବାରେ ସିବିଆଇ ବିଫଳ ହୋଇଥିବାବେଳେ ବେତନଟୀ ଅଞ୍ଚଳରେ ଥିବା ଏକାଧିକ ଚିଟ୍ଫଣ୍ଡ କମ୍ପାନୀର ସମ୍ପତ୍ତିକୁ ଲୁଟେରା ହଜମ କରିସାରିଥିବାବେଳେ ପଡ଼ିରହିଥିବା ଜମିରୁ ମାଟି ଓ ମୋରମ ନେଇସାରିବା ପରେ ଏବେ ଜଳାଶୟ ହେବାକୁ ବସିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ତହସିଲ ଅଧୀନ ଯୁଗୋଳ ଛକରେ ଦେଖିବାକୁ ମିଳିଛି।

ଯୁଗୋଳ ଛକରେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଦୁର୍ଗାପୁର ମୌଜାର ଖାତା ନଂ୧୮୧/୯, ପ୍ଲଟ ନଂ ୨୯୪/୩୦୧/୨୯୩ରେ ଚିଟ୍ଫଣ୍ଡ କମ୍ପାନୀ କୋଲକାତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ ରହିଛି ୩ ଏକର ୮୫ ଡେସିମିଲ ଜମି। ଏହି ଜମିର ମାର୍ଫତଦାର ଚିଟ୍ଫଣ୍ଡ କମ୍ପାନୀର ସେତେବେଳର ନିର୍ଦ୍ଦେଶକ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶପ୍ରଗଣା ଅଞ୍ଚଳର ଜ୍ଞାନେନ୍ଦ୍ର ମଣ୍ଡଳର ପୁଅ ରାମକ୍ରୀଷ୍ଣ ମଣ୍ଡଳ ରହିଛନ୍ତି। ଏହି ଜମିକୁ ୨୦୦୯ରେ ଦାଖଲ ଖାରଜ କେସନଂ ୯୪୫/୦୯ ମୁତାବକ ୨୭ ନମ୍ବର ଖାତାରୁ ୪୫ ଡେସିମିଲ ଜମି ଓ ଦାଖଲ ଖାରଜ କେସନଂ ୯୪୬/୦୯ ମୁତାବକ ୬୫ ନମ୍ବର ଖାତାରୁ ୩ ଏକର ୪୦ ଡେସିମିଲ ଜମି ଏଭଳି ମୋଟ ୩ ଏକର ୮୫ ଡେସିମିଲ ଜମି କୋଲକାତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ କିଣାଯାଇଥିଲା। ୨୦୧୦ରେ ଓଏଲଆର କେସନଂ ୧୪୮/୧୦ ଅନୁଯାୟୀ ପ୍ଲଟନଂ ୨୯୪/୩୦୧ ଓ ୨୯୩ରେ ଏହି ସମୁଦାୟ ଜମିକୁ ଘରବାଡିରେ ପରିଣତ କରାଯାଇଥିଲା। ରାଜ୍ୟରେ ଚିଟ୍ଫଣ୍ଡ କମ୍ପାନୀ ମାମଲା ସରଗରମ ହେବା ପରେ ପ୍ରଥମେ ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିବାବେଳେ ପରବର୍ତ୍ତି ମୁହୂର୍ତ୍ତରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସେତେବେଳେ ସିବିଆଇ ଚିଟ୍ଫଣ୍ଡ କମ୍ପାନୀର ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଥିଲା।

**▶▶ ମୂଲ୍ୟବାନ ଜମି ଶାଗମାଛ ଦରରେ ବିକ୍ରିହେବା ଥୟ**

**▶▶ ଲୁଟେରାଙ୍କ ଟାର୍ଗେଟରେ ଜବତ ଚିଟ୍ଫଣ୍ଡ କମ୍ପାନୀ ଜମି**

ବର୍ତ୍ତମାନ ସୁଦ୍ଧା ଚିଟ୍ଫଣ୍ଡ କମ୍ପାନୀ ସମ୍ପର୍କିତ ମାମଲାର ତଦନ୍ତଭାର ସିବିଆଇ ଉପରେ ମଧ୍ୟ ରହିଛି। ଚିଟଫଣ୍ଡ କମ୍ପାନୀ ସମ୍ପତ୍ତି ନିଲାମ କରି ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ସିବିଆଇ ଜବତ କରିଥିବା କୋଲକାତା ଓୟାର ଇଣ୍ଡଷ୍ଟ୍ରିଜର ଯୁଗୋଳ ଛକରେ ଥିବା ଫ୍ୟାକ୍ଟ୍ରିକୁ ଆବଶ୍ୟକ ସୁରକ୍ଷା ଦିଆଯାଇ ନ ପାରିବାରୁ ଦୁର୍ବୃତ୍ତ ଝରକା, କବାଟ, ଲୁହା ଗ୍ରୀଲ, ଲୁହା ଫାଟକ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ଚାଲିଲେ। ଶେଷରେ ଘର ଇଟାକାନ୍ଥରୁ ଇଟା ମଧ୍ୟ ନେଲେ। ବର୍ତ୍ତମାନ ସେଠାରେ ଏକ ଭଙ୍ଗାଧାର ଓ ଭଙ୍ଗା ପାଚେରି ଆବଦ୍ଧ ଜମି ପଡ଼ିରହିଛି। ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କୋଟି କୋଟି ଟଙ୍କା ମୂଲ୍ୟର ଏହି ଜମିରୁ କିଛିବର୍ଷ ହେବ ମୋରମ ଓ ମାଟି ଉତ୍ତୋଳନ ପ୍ରକ୍ରିୟା ଚାଲୁରହିଛି। ଫଳରେ ଏହି ମୂଲ୍ୟବାନ ଜମି ଏବେ ଜଳାଶୟରେ ପରିଣତ ହେବାକୁ ଯାଉଛି। ଗୋଟିଏ ପଟେ ଚିଟ୍ଫଣ୍ଡ କମ୍ପାନୀ ସମ୍ପତ୍ତିକୁ ନିଲାମ କରି ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ନିଷ୍ପତ୍ତିରେ ଜମାକାରୀ ଏବେ ମଧ୍ୟ ଆଶାବାଦୀ ଥିବାବେଳେ ଅନ୍ୟପଟେ କୋଟିକୋଟି ଟଙ୍କାର ମୂଲ୍ୟବାନ ଜମି ଏବେ ଜଳାଶୟରେ ପରିଣତ ହେବା ଦ୍ୱାରା ଏହା ନଷ୍ଟ ହେବାକୁ ବସିଛି। ଫଳରେ ମୂଲ୍ୟବାନ ଜମି ନିଜର ମହତ୍ୱ ଓ ଗୁରୁତ୍ୱ ହରାଇବାକୁ ବସିଥିବାବେଳେ ନିଲାମ ସମୟରେ କୋଟି କୋଟି ଟଙ୍କାର ସମ୍ପତ୍ତି ଶାଗମାଛ ଦରରେ ବିକ୍ରିହେବା ଥୟ। ଏଭଳି କ୍ଷେତ୍ରରେ ଜମାକାରୀ ମଧ୍ୟ ନିଜର ଝାଳବୁହା ଟଙ୍କା କିଭଳି ଫେରିପାଇବେ, ସେନେଇ ମଧ୍ୟ ଆଶଙ୍କା ଦେଖାଦେଲାଣି। ତେବେ ପାଖାପାଖି ୧୨ ବର୍ଷ ହେବ ରାଜ୍ୟରେ ଚିଟଫଣ୍ଡ ସଂସ୍ଥା ଉପରେ ମାମଲା ଚାଲୁ ରହିଥିବାବେଳେ ଜବତ ସମ୍ପତ୍ତିକୁ ଆବଶ୍ୟକ ସୁରକ୍ଷା ଦିଆଯାଇ ପାରୁ ନ ଥିବାରୁ ଏହା ଏବେ ଲୁଟେରାଙ୍କ ଟାର୍ଗେଟରେ ରହିଛି।

# ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କ ହଙ୍ଗାମା

**ବଣାଇଁ, ୧୭।୩(ସମିସ)**



ବଣାଇଁ ବ୍ଲକ କାର୍ଯ୍ୟାଳୟରେ ନିର୍ବାଚିତ ପ୍ରତିନିଧି ମାନେ ହଙ୍ଗାମା କରିଛନ୍ତି। ସମସ୍ତ ୧୩ଟି ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଅନ୍ୟାୟ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରତ୍ୟାହାର ପାଇଁ ବଣାଇଁ ବିଡିଓଙ୍କୁ ତାଗିଦ କରିଛନ୍ତି। ତାଙ୍କ ସହିତ ବଣାଇଁ ବିଧାୟକ ପ୍ରତିନିଧି ଓ ସିପିଆଇଏମ କର୍ମୀ ମଧ୍ୟ ସାମିଲ ହୋଇ ତୁରନ୍ତ କାର୍ଯ୍ୟାଦେଶ ପ୍ରତ୍ୟାହୃତ ପାଇଁ ଦାବି କରିଛନ୍ତି। ବଣାଇଁ ବ୍ଲକ ଅଧୀନ ୧୩ଟି ପଞ୍ଚାୟତ ନିମନ୍ତେ ବିଜେପିର ଦୁଇଜଣ ମଣ୍ଡଳ ସଭାପତି ଯଥା ବଣାଇଁ ମଣ୍ଡଳର ମିଥିଳା ପାତ୍ର ଓ ସରସରା ମଣ୍ଡଳର ବିରେନ୍ଦ୍ର ବଡନାଏକ ଦଳୀୟ ପ୍ୟାଡରେ କେଉଁ କାମ କିଏ କରିବ ସେନେଇ ବିଡିଓ ବଣାଇଁଙ୍କୁ ଏକ ତାଲିକା ପ୍ରଦାନ କରିଛନ୍ତି। ବଣାଇଁ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ କିଛିଦିନ ତଳେ ବିଜେପି ଦଳ ଦେଇଥିବା ତାଲିକା କ୍ରମେ କାର୍ଯ୍ୟ ବଣ୍ଟନ କରିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା (ବିଡିବିଓ) ଅନୁଦାନ କ୍ରମେ ବଣାଇଁ ବ୍ଲକ ନିମନ୍ତେ ୪ କୋଟି ୩୦ ଲକ୍ଷ ୮୮ ହଜାର ୮୨୮ ଟଙ୍କା ବ୍ୟୟ ଅଟକଳ କାମକୁ ବିଜେପିର କର୍ମୀଙ୍କୁ ପ୍ରଦାନ କରିବା ପରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ନିୟମାନୁଯାୟୀ ପ୍ରତ୍ୟେକ ପଞ୍ଚାୟତର ପଲ୍ଲୀସଭା ଓ ଗାଁସଭା ଅନୁମୋଦନ କ୍ରମେ ଉନ୍ନୟନମୂଳକ କାର୍ଯ୍ୟ ଧାର୍ଯ୍ୟ ହୋଇଥାଏ। କାର୍ଯ୍ୟ ଗୁଡିକର ବିବରଣୀ ପ୍ରପୋଜାଲ ରୂପେ ଗୃହୀତ ହୁଏ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା ପରେ ବିଡିଓ କାର୍ଯ୍ୟ ବଣ୍ଟନ କରନ୍ତି। ଗୋଟେ ହେଲେ ଜନ ପ୍ରତିନିଧି ବିଜେପିର ନଥିବା ବେଳେ ଜନପ୍ରତିନିଧିଙ୍କୁ ଅଣଦେଖା କରି ବଣାଇଁ ବିଡିଓଙ୍କ କାର୍ଯ୍ୟ ବଣ୍ଟନକୁ ସମସ୍ତେ ବିରୋଧ କରି ତୁରନ୍ତ କାମ ବନ୍ଦ ପାଇଁ ଦାବି କରିଛନ୍ତି। ଅନ୍ୟଥା ହେଲେ ଦୁର୍ବାର ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏ ସଙ୍କ୍ରାନ୍ତରେ ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଉପାଧ୍ୟକ୍ଷା ବିନତା ବେହେରା ବିଡିଓଙ୍କୁ ଶାସକ ଦଳର ଏଜେଣ୍ଟ ଆଖ୍ୟା ଦେଇଛନ୍ତି। ବଣାଇଁ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ ନିଜ ରାଜନୈତିକ କ୍ୟାରିୟର ମଧ୍ୟରେ ଦଳୀୟ କର୍ମୀଙ୍କ ସୁପାରିଶ କ୍ରମେ କାର୍ଯ୍ୟ ବଣ୍ଟନକୁ ଅଗଣତାନ୍ତ୍ରିକ ବ୍ୟବସ୍ଥା ଦର୍ଶାଇ ବିଡିଓ ତୁରନ୍ତ କାର୍ଯ୍ୟାଦେଶ ପ୍ରତ୍ୟାହାର ନକଲେ ରାଜରାସ୍ତାରେ ଲଢ଼େଇ ସୁନିଶ୍ଚିତ ଓ ଏଥିପାଇଁ ବିଡିଓ, ଉପଜିଲ୍ଲାପାଳ ଓ ଜିଲ୍ଲାପାଳ ଦାୟୀ ରହିବେ ବୋଲି ଚେତାଇ ଦେଇଛନ୍ତି। ଆଜି ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ଉପାଧ୍ୟକ୍ଷା ବିନତା ବେହେରା, ବନେଇକଳା ସମିତି ସଭ୍ୟରୁଦ୍ର ମାଝୀ, କଷଡା ସମିତି ସଭ୍ୟ ବାସୁଦେବ ଚାରଦିଆ, କେନାଭେଟା ସମିତି ସଭ୍ୟ ଟିକେଶ୍ୱର ଛଦିଆ, କେନ୍ଦ୍ରିକଳା ସମିତି ସଭ୍ୟା ଲଳିତା

- **ନିର୍ଦ୍ଦିଷ୍ଟ ଦଳର ପ୍ୟାଡ୍‌ରେ ବ୍ଲକ୍‌ର ସାଢ଼େ ୪ କୋଟି ଟଙ୍କାର କାର୍ଯ୍ୟ ବଣ୍ଟନକୁ ବିରୋଧ**
- **ତୁରନ୍ତ କାମ ବନ୍ଦ ନ କଲେ ଆନ୍ଦୋଳନ ଚେତାବନୀ**

ପାତ୍ରଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟରାମଚନ୍ଦ୍ର ସାହୁ ଓ ବିଧାୟକ ପ୍ରତିନିଧିଙ୍କ ସମେତ ସିପିଆଇଏମ କର୍ମୀ କିଛି ସମୟ ତୁମ୍ବି ତୋଫାନ କରିଥିଲେ। ବିଡିଓ ଦିବ୍ୟଶଙ୍କର ଜୟପୁରିଆ ବାଧ୍ୟ ହୋଇ କାମ ବନ୍ଦ କରିବା ପାଇଁ ଯନ୍ତ୍ରୀ ମାନଙ୍କୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଦେଖାଯାଇଛି। ଏହି ଘଟଣା ପରେ ବିଡିଓଙ୍କୁ ପଚାରିବାରେ ସେ ନିଜ ଅସହାୟତା ପ୍ରକଟ କରି ତାଙ୍କୁ କିଛି ଜଣାନାହିଁ କହି ଏଡେଇ ଯାଇଛନ୍ତି।

# ବସ୍‌ଷ୍ଟାଣ୍ଡରୁ ଟେକି ନେଇ ମହିଳାଙ୍କୁ ଦୁଷ୍କର୍ମ

**ରାଉରକେଲା, ୧୭।୩(ସମିସ):** ସୁନ୍ଦରଗଡ଼ ପୁଲିସ ଜିଲ୍ଲା ତଳସରା ଥାନା ଅନ୍ତର୍ଗତ ତଳସରା-ବନଡେଗା ରାସ୍ତାରେ ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ଜଣେ ୪୦ ବର୍ଷୀୟ ବିଧବା ମହିଳାଙ୍କୁ ଟେକି ନେଇ ବୋଲେରୋ ଚାଳକ ଦୁଷ୍କର୍ମ କରିଥିବା ନେଇ ତଳସରା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏନେଇ ଦୁଷ୍କର୍ମ ମାମଲାରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତା ମହିଳା ଜଣକ ସମ୍ବଲପୁର ସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରକୁ ଯିବା ଲାଗି ତଳସରା-ବନଡେଗା ରାସ୍ତାରେ ଥିବା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ସେ ସେଠାରୁ ସୁନ୍ଦରଗଡ଼ ବସଷ୍ଟାଣ୍ଡ ଯାଇ ସୁନ୍ଦରଗଡ଼ରୁ ପୁଣି ସମ୍ବଲପୁର ଯାଇଥାନ୍ତେ। ଏତିକି ବେଳେ ଏକ ବୋଲେରୋ ଗାଡ଼ି ତାଙ୍କୁ ସୁନ୍ଦରଗଡ଼ ନେଇଯିବ ବୋଲି କହିଥିଲା। ବୋଲେରୋ ଚାଳକ ମହିଳାଙ୍କ ଗାଁ ଲୋକ ଏବଂ ପରିଚିତ ଥିବାରୁ ଚାଳକ କଥାରେ ବିଶ୍ୱାସ କରି ସେ ବୋଲେରୋରେ ବସି ପଡ଼ିଥିଲେ। ବୋଲେରୋଟି କିଛି ବାଟ ଯିବା ପରେ ମୁଖ୍ୟରାସ୍ତାରୁ ବିଚ୍ୟୁତ ହୋଇ ଏକ ଜଙ୍ଗଲିଆ ରାସ୍ତାରେ ଯାଇଥିଲା। ଜଙ୍ଗଲ ମଧ୍ୟରେ ବୋଲେରୋ ଚାଳକ ମହିଳାଙ୍କ ସହ ଦୁଷ୍କର୍ମ କରିଥିଲା। ପୁଲିସରେ କହିଲେ ହତ୍ୟା ଧମକ ଦେଇ ବୋଲେରୋ ଚାଳକ ମହିଳାଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲା। ପରେ ପୀଡିତା ମହିଳା ତଳସରା ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲାରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୀଡିତା ମହିଳାଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା। ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ତଳସରା ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆଜି ଅଭିଯୁକ୍ତ ଦୁଷ୍କର୍ମକାରୀ ବୋଲେରୋ ଚାଳକକୁ ପୁଲିସ ଗିରଫ କରିବା ସହ ତା ନିକଟରୁ ବୋଲେରୋକୁ ଜବତ କରିଥିଲେ। ଅଭିଯୁକ୍ତ ଆଜି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଆର୍‌ଏସ୍‌ପି ପକ୍ଷରୁ ସୁରକ୍ଷା ସଚେତନତା ନାଟକ



**ରାଉରକେଲା, ୧୭।୩(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନ ସିଣ୍ଟର ପ୍ଲାଣ୍ଟ-୧ (ଏସପି-୧) ଠାରେ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା ସଚେତନତା ପ୍ରସାର ନିମନ୍ତେ ସୁରକ୍ଷା ନାଟକ ମଞ୍ଚସ୍ଥ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଣ୍ଟର ବିଭାଗର ସିଜିଏମ ଶେଖର ନାରାୟଣ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା, ଏସପି-୧ ବିଭାଗର ଜିଏମ ଏସ୍. ଚକ୍ରବର୍ତ୍ତୀଙ୍କ ସହ ବହୁ ବରିଷ୍ଠ ଅଧିକାରୀ, ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ। ନିରାପଦ କାର୍ଯ୍ୟ ଅଭ୍ୟାସ ଏବଂ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପାଇଁ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ସୁରକ୍ଷା ସର୍ବୋପରି' ଶୀର୍ଷକ ନାଟକଟି ସାଧାରଣ କର୍ମକ୍ଷେତ୍ରରେ ଆପଦ, ନିରାପଦ କାର୍ଯ୍ୟ ଅଭ୍ୟାସ ଏବଂ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନର ଗୁରୁତ୍ୱକୁ ଚିତ୍ରଣ କରିଥିଲା। ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ), ଉଚ୍ଚତାରେ କାମବେଳେ ସୁରକ୍ଷା ବେଲ୍ଟ ବ୍ୟବହାର ଏବଂ ଶାରୀରିକ ସୁସ୍ଥତା ବଜାୟ ରଖିବା ଉପରେ ଆଲୋକପାତ କରାଯାଇଥିଲା। ପିକେ ଦାଶ ନାଟକର ନିର୍ଦ୍ଦେଶନା ଦେଇଥିଲେ। ପ୍ରଶିକ୍ଷାର୍ଥୀ ଡୋଳିଶ୍ୱର ମିର୍ଦ୍ଧା, କରଣ ଓରାମ, ଘନଶ୍ୟାମ ଗୋନ୍ଧା ଠିକା କର୍ମଚାରୀ ସୁଜାତା ଏକ୍କା, ଶକୁନ୍ତଳା ଭୂମିଜ ଏବଂ ଆୟେସା ଟପ୍ପୋ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ଶେଖର ନାରାୟଣ ଠିକା ଶ୍ରମିକମାନଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା ବଜାୟ ରଖିବା ପ୍ରତି ସେମାନଙ୍କର ଉତ୍ସର୍ଗ ଏବଂ ପ୍ରତିବଦ୍ଧତା ପାଇଁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଏଜିଏମ ପିକେ ଦାଶ କରିଥିବା ବେଳେ ଏସପି-୧ ବିଭାଗର ଜିଏମ ସଞ୍ଜୟ ତଲୱାର ଧନ୍ୟବାଦ ଅର୍ପଣ କରିଥିଲେ।

# ମୌସୁମୀ ପରିବର୍ତ୍ତନ ଉପରେ ଏନ୍‌ଆଇଟି ରାଉରକେଲାର ଗବେଷଣା





**ରାଉରକେଲା, ୧୭।୩(ସମିସ):** ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରାଉରକେଲା (ଏନଆଇଟି)ର ଗବେଷକମାନେ ଭବିଷ୍ୟତର ବିଶ୍ୱ ଉଷ୍ମତାରେ ଭାରତୀୟ ଗ୍ରୀଷ୍ମକାଳୀନ ମୌସୁମୀ କିପରି ପରିବର୍ତ୍ତନ ହୋଇପାରେ ତାହା ଅଧ୍ୟୟନ କରିଛନ୍ତି। ଭାରତୀୟ ଗ୍ରୀଷ୍ମକାଳୀନ ମୌସୁମୀ ଦେଶରେ ୮୦ ପ୍ରତିଶତ ବର୍ଷାର କାରକ। କୃଷି ଉପରେ ନିର୍ଭର କରୁଥିବା କୋଟି କୋଟି ଲୋକଙ୍କ ଜୀବିକାକୁ ଏହା ସାହାରା ହୋଇଥାଏ। ଭାରତ ବାଦେ ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆରେ ଖାଦ୍ୟ ଉତ୍ପାଦନ, ଜଳସମ୍ପଦ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ଥିର ମୌସୁମୀ ବର୍ଷା ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଉଛି। ଏପରି ସ୍ଥଳରେ ବିଶ୍ୱ ସ୍ତରରେ କରାଯାଇଥିବା ବିଭିନ୍ନ ଅଧ୍ୟୟନର ଫଳାଫଳରେ ବିରୋଧାଭାସ ଦେଖାଯାଉଛି। ଏହି ବ୍ୟବଧାନକୁ ପୂରଣ କରିବା ପାଇଁ ଏନଆଇଟି ରାଉରକେଲାର ବାୟୁମଣ୍ଡଳ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ନାଗରାଜୁ ଚିଲୁକୋଟୀ ଏବଂ ଡ.କରିସ୍ମା ଦହିଆ ଗବେଷଣା କରିଛନ୍ତି। ଆଇଆଇଏସଇଆର ମୋହାଲିର ପୃଥିବୀ ଏବଂ ପରିବେଶ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ରାଜୁ ଅଟ୍ଟାଡାଙ୍କ ସହଯୋଗରେ ଅତୀତରେ ଉଷ୍ମ ସମୟରେ ମୌସୁମୀ କିପରି ଆଚରଣ କରିଥିଲା ତାହା ବିଶ୍ଳେଷଣ କରିଛନ୍ତି। ଯାହାଦ୍ୱାରା ଭବିଷ୍ୟତରେ ମୌସୁମୀ କି ପ୍ରଭାବ ଦେବ ତାହାକୁ ବୁଝିହେବ। ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ଲାଇଓସିନ୍‌ର ମଧ୍ୟଭାଗରେ ଭାରତରେ ମୌସୁମୀ ବର୍ଷା ଅଧିକ ଥିଲା। ଭବିଷ୍ୟତର ଉଷ୍ମ ଜଳବାୟୁରେ ସମାନ ପରିମାଣର ବୃଦ୍ଧି ଆଶା କରାଯାଉଛି। କିନ୍ତୁ ଦୁଇଟି କ୍ଷେତ୍ରରେ ବର୍ଷା ବୃଦ୍ଧି ପଛରେ କାରଣଗୁଡିକ ଭିନ୍ନ। ପ୍ଲାଇଓସିନ୍‌ର ମଧ୍ୟଭାଗରେ, ପ୍ରବଳ ପବନ ଏବଂ ଅଧିକ ସକ୍ରିୟ ବାୟୁମଣ୍ଡଳୀୟ ସଞ୍ଚାଳନ ଯୋଗୁଁ ମୌସୁମୀ ବର୍ଷା ଅଧିକ ହୋଇଥିଲା। ଭବିଷ୍ୟତ ପରିସ୍ଥିତିରେ ଉଷ୍ମ ବାୟୁମଣ୍ଡଳ ଅଧିକ ଆର୍ଦ୍ରତା ଧରି ରଖିପାରିବ ବୋଲି ଆଶା କରାଯାଉଛି। ଏନଆଇଟି ରାଉରକେଲାର ସହକାରୀ ପ୍ରଫେସର ଚିଲୁକୋଟି ଏହି ଗବେଷଣାର ନିଷ୍କର୍ଷ ଭାରତ ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡିକରେ ଜଳବାୟୁ ପ୍ରସ୍ତୁତି, କୃଷି ଏବଂ ଜଳ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଭବିଷ୍ୟତର ଜଳବାୟୁ ପରିବର୍ତ୍ତନ ଏବଂ ସମାଜ ଉପରେ ତାହାର ପ୍ରଭାବକୁ ଭଲ ଭାବେ ପୂର୍ବାନୁମାନ କରିବା ପାଇଁ ନିରନ୍ତର ବୈଜ୍ଞାନିକ ତଦନ୍ତର ଆବଶ୍ୟକତାକୁ ସେ ଗୁରୁତ୍ୱ ଦେଇଛନ୍ତି।

**ଶେଷ ପର୍ଯ୍ୟାୟରେ ଖରିଫ ଋତୁ ଧାନ ସଂଗ୍ରହ**

# ମିଲ୍‌ରେ ସ୍ଥାନାଭାବ, ଧାନ ଉଠାଇବାକୁ ମିଲର ନାରାଜ

**ବଣାଇଁ, ୧୭।୩(ସମିସ):** ବଣାଇଁ ଲ୍ୟାମ୍ପସର ଖରିଫ ଋତୁ ପାଇଁ ଧାନ ସଂଗ୍ରହର ଟୋକନ ଆଉ ଦୁଇ ଦିନ ପରେ ଶେଷ ହେବ। ତେବେ ବଣାଇଁର ୧୫ ଜଣ ଚାଷୀ ଏବେ ଚିନ୍ତାରେ ରହିଛନ୍ତି। ମିଲରେ ଧାନରଖିବା ପାଇଁ ସ୍ଥାନ ନଥିବାରୁ ଆଉ ଧାନ ସଂଗ୍ରହ କରି ହେବ ନାହିଁ ବୋଲି ମିଲର ମାନେ ସ୍ପଷ୍ଟ କରିଛନ୍ତି। କିନ୍ତୁ ବଣାଇଁ ଘୋଷରା ଗାଁର ସୁଶୀଳ ରଥ, କେନାଭେଟା ଗାଁର ଗଙ୍ଗା ମହାକୁଡଙ୍କ ସମେତ ୧୫ ଜଣ ଚାଷୀଙ୍କର ଆଉ ଦୁଇ ଦିନ ମଧ୍ୟରେ ଟୋକନର ସମୟସୀମା ଶେଷ ହେବ। ଏସମୟରେ ମିଲର ଅମଙ୍ଗ ହେଉଥିବାରୁ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ଆମ ଧାନ ସରକାର ନନେବେ ଆମେ ବାଧ୍ୟ ହୋଇ ଆତ୍ମାହୁତି ଦେବୁ ବୋଲି ଚାଷୀ କହିଛନ୍ତି।

**ବଣାଇଁ ଲ୍ୟାମ୍ପସର ୧୫ ଜଣ ଚାଷୀ ବଞ୍ଚିତ ହେବେ**

ଚାଷୀ କିପରି ଧାନ ବିକ୍ରୟରୁ ବଞ୍ଚିତ ନ ହେବେ ସେଥିପାଇଁ ସରକାର ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଚାଷୀ ଦାବି ଉପସ୍ଥାପନା କରିଛନ୍ତି। ଏ ନେଇ ବଣାଇଁ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ପାରିନାହିଁ।

# ରୋଲର ଚାପାରେ ଚାଳକର ମୃତ୍ୟୁ

**ଲହୁଣୀପଡ଼ା, ୧୭।୩(ସମିସ):** କେବଲାଙ୍ଗ ଥାନା ଅଧୀନ ସିଲକୁଟାରୁ ବଡ ବାଲିଯୋର ରାସ୍ତା ତିଆରି କାର୍ଯ୍ୟରେ ନିୟୋଜିତ ରୋଲର ଚାପାରେ ରୋଲର ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ବିଷ୍ଣୁ ମୁଣ୍ଡାରୀ (୩୨) ଝିରପାଣୀ ଆର୍ଶିତ ବସ୍ତିର ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଏକ ଠିକା ସଂସ୍ଥା ଦ୍ୱାରା ସିଲକୁଟାରୁ ବଡ ବାଲିଯୋର ପଯର୍ୟନ୍ତ ଆରଡି ପିରୁ ରାସ୍ତାର ଦୋହରୀକରଣ କାର୍ଯ୍ୟ ଚାଲୁଛି। କାମ ବେଳେ ରାସ୍ତାର ଏକ ଗଡ଼ାଣିଆ ଭାଗରେ ରୋଲର ଗାଡିର ତେଲ ସରିଯାଇଥିଲା। ଚାଳକ ବିଷ୍ଣୁ ଗାଡ଼ି ଛିଡାକରି ରୋଲରରେ ତେଲ ଭରିଥିଲେ। ଏତିକିବେଳେ ରୋଲରଟି ଆଗକୁ ଗଡ଼ି ଯାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଏଥିରେ ଚାଳକ ତଳେ ପଡ଼ି ଯାଇଥିଲେ ଏବଂ ତାଙ୍କ ଉପରେ ରୋଲର ଗାଡିଟି ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ଚାଳକ ବିଷ୍ଣୁଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କେବଲାଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଓ ରୋଲରକୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

**ଗ୍ରୀନଫିଲ୍ଡ ସମ୍ପ୍ରସାରଣ**

# ଆର୍‌ଏସ୍‌ପି ଏବଂ ମେକନ୍ ମଧ୍ୟରେ ପରାମର୍ଶ ଚୁକ୍ତିନାମା



**ରାଉରକେଲା, ୧୭।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରାଞ୍ଚିସ୍ଥିତ ମେକନ୍ ଲିମିଟେଡ ସହ 'ଆରଏସପି ଗ୍ରୀନଫିଲ୍ଡ ସମ୍ପ୍ରସାରଣ ନିମନ୍ତେ ସମ୍ଭାବ୍ୟତା ରିପୋର୍ଟ (ଏଫଆର) ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି ପାଇଁ ପରାମର୍ଶଦାତା ନିଯୁକ୍ତି'ର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଚୁକ୍ତିନାମା ସ୍ୱାକ୍ଷର ବେଳେ ଆରଏସପିର ପ୍ରକଳ୍ପ ବିଭାଗର ସିଜିଏମ ରାହୁଲ ଅଗ୍ରୱାଲ ଏବଂ ପ୍ରକଳ୍ପ (ବାଣିଜ୍ୟିକ) ବିଭାଗର ସିଜିଏମ ଏକେ ସାହୁଙ୍କ ସମେତ ଆରଏସପି ଏବଂ ମେସର୍ସ ମେକନ୍ ଲିମିଟେଡର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ଥିଲେ। ଏହି ପରାମର୍ଶ ଚୁକ୍ତିନାମା ପରେ ଗ୍ରୀନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାପନ ମାଧ୍ୟମରେ ଆରଏସପିର ଅଶୋଧିତ ଇସ୍ପାତ ଉତ୍ପାଦନ ବାର୍ଷିକ ୫ ନିୟୁତ ଟନ ଏବଂ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ୫.୧୫ ନିୟୁତ ଟନ ବୃଦ୍ଧି କରିବା ପାଇଁ ପରିକଳ୍ପନା କରାଯାଇଛି। ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ପରିସର ମଧ୍ୟରେ ଏଫଆର ଏବଂ ଡିପିଆର ପ୍ରସ୍ତୁତି, ମୃତ୍ତିକା ଅନୁସନ୍ଧାନ କାର୍ଯ୍ୟ, ଭୂପୃଷ୍ଠ ସର୍ବେକ୍ଷଣ, ଆରଏସପିର ସମ୍ପ୍ରସାରଣ ନିମନ୍ତେ ପରିବେଶଗତ ମଞ୍ଜୁରି ହାସଲ କରାଯିବ। ଏକ ପ୍ରମୁଖ ଇଞ୍ଜିନିୟରିଂ ପରାମର୍ଶଦାତା ସଂସ୍ଥା ଭାବେ ମେକନ୍ ଲିମିଟେଡ ନିୟୋଜିତ ହେବା ଆରଏସପିର ସମ୍ପ୍ରସାରଣ ପଦକ୍ଷେପ ପାଇଁ ବ୍ୟାପକ ବୈଷୟିକ-ଅର୍ଥନୈତିକ ମୂଲ୍ୟାଙ୍କନ ଏବଂ ବିସ୍ତୃତ ଯୋଜନାକୁ ସହଜ କରିବ। ଚୁକ୍ତିନାମା ଅନୁଯାୟୀ କରାଯାଇଥିବା ଅଧ୍ୟୟନ ଏବଂ ସର୍ଭେ ଆରଏସପିର ସମ୍ପ୍ରସାରଣ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ବୈଷୟିକ ଇନପୁଟ୍ ଏବଂ ବୈଧାନିକ ମଞ୍ଜୁରି ମଧ୍ୟ ପ୍ରଦାନ କରିବ। ଏହି ପଦକ୍ଷେପ ଆରଏସପିର ଗ୍ରୀନଫିଲ୍ଡ ସମ୍ପ୍ରସାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସେଲ୍‌ର ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତିକୁ ସମର୍ଥନ କରିବା ଏହାର ଲକ୍ଷ୍ୟ ରହିଛି।

# ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରେଶମ ସାହୁଙ୍କ ସଫଳତା



**ବଣାଇଁ, ୧୭।୩(ସମିସ):** ବଣାଇ ବ୍ଲକ ଅଧୀନ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡାର ପଞ୍ଚମ ଶ୍ରେଣୀ ଛାତ୍ର ରେଶମ ସାହୁ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା (ଶ୍ରେଣୀ ଷଷ୍ଠ) ରେ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ପରିବାର, ସ୍କୁଲ ଶିକ୍ଷକ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ରେଶମ ସାହୁ ଛୋଟବେଳୁ ପାଠ ପଢ଼ା ସହ ପ୍ରବନ୍ଧ, ବକ୍ତୃତା ଓ ଅଭିନୟ ଆଦିରେ ବ୍ଲକ ଓ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛନ୍ତି। ରେଶମ୍‌ଙ୍କ ଏହି ଉପଲବ୍ଧି ପାଇଁ ସ୍କୁଲ ପ୍ରଧାନଶିକ୍ଷକ ମୁରଲୀଧର ବାଙ୍କ, ସମସ୍ତ ସହ ଶିକ୍ଷକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ୍ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ରାଉରକେଲା ରେଳଷ୍ଟେସନରେ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୧୭।୩(ସମିସ):** ରାଉରକେଲା ରେଳ ଷ୍ଟେସନରେ ସ୍ପଷ୍ଟ ଦିବାଲୋକରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରେଲୱେ ଷ୍ଟେସନ ପ୍ଲାଟ୍‌ଫର୍ମ ନଂ ୨ରେ ମଙ୍ଗଳବାର ସକାଳ ପ୍ରାୟ ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ଜଣେ ଯୁବକ ରଶି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଲୋକେ ମଧ୍ୟ ଉପସ୍ଥିତ ଥିଲେ। ହେଲେ କେହି ବି ଅଟକାଇବା ତଥା ବଞ୍ଚାଇବାକୁ ଆଗକୁ ଆସି ନଥିଲେ। ଏପରିକି ଆରପିଏଫ୍ କର୍ମଚାରୀ ମାନେ ମଧ୍ୟ ଆଗକୁ ଆସି ନଥିବା ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ଛଟପଟ ହୋଇ ଶେଷରେ ପ୍ରାଣତ୍ୟାଗ କରିଥିଲେ। ମୃତକଙ୍କ ପରିଚୟ ମିଳି ନଥିବା ବେଳେ ବୟସ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଜିଆରପି ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ସୁନ୍ଦରଗଡ଼ ଆଇଟିଆଇ ମହିଳା ଭଲିବଲ୍ ଚାମ୍ପିଅନ ଟିମ୍‌କୁ ସମ୍ବର୍ଦ୍ଧନା

**ରାଉରକେଲା, ୧୭।୩(ସମିସ):** କଟକର ବୋଷ ଠାରେ ସମାପ୍ତ ହୋଇଥିବା ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲି ଫେଷ୍ଟ-୨୦୨୬ରେ ସୁନ୍ଦରଗଡ଼ ଆଇଟିଆଇ ମହିଳା ଭଲିବଲ୍ ଦଳ ଚାମ୍ପିଅନ ହେଇଛି। ଗତବର୍ଷ ମଧ୍ୟ ଦଳ ଚାମ୍ପିଅନ ହୋଇଥିଲା। ଚଳିତ ବର୍ଷ ପୁଣି ଚାମ୍ପିଅନ ହୋଇ ଦଳ ସମଗ୍ର ଜିଲ୍ଲାକୁ ଗୌରବାନ୍ୱିତ କରିଛି। ମଙ୍ଗଳବାର ସେକ୍ଟର-୬ ସ୍ଥିତ ବସ୍ତିଆ ସ୍ମୃତିସଦନର ଅଡିଟୋରିୟମରେ ଚନ୍ଦ୍ରଶେଖର କ୍ରୀଡା ସଂଗଠନ ଓ ବସ୍ତିଆ ସ୍ମୃତି ସଦନର ମିଳିତ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତିଆ ସ୍ମୃତି ସଦନର ଅଧ୍ୟକ୍ଷ ହେମନ୍ତ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତିଆ ସ୍ମୃତି ସଦନର ପରିଚାଳନା ଟ୍ରଷ୍ଟି ଇଂ.ଗୌତମ ମିଶ୍ର ଓ ବିତ୍ତ ଅଧିକାରୀ ମନ୍ମଥ ରଥ, ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସାଧାରଣ ସମ୍ପାଦକ ତଥା ଭଲିବଲ କୋଚ୍ ଦେବଦତ୍ତ ଜେନା, ରାଉରକେଲା ଆଇଟିଆଇର କ୍ରୀଡା ଶିକ୍ଷୟିତ୍ରୀ ତଥା କ୍ରୀଡା ସଂଯୋଜକ ଦିପ୍ତିମୟୀ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିଅନ ଦଳକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି ସଦନର ଅଧ୍ୟକ୍ଷ ଚାମ୍ପିଅନ ଛାତ୍ରୀଙ୍କୁ ସେମାନଙ୍କ ଖେଳ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବା ନେଇ ଘୋଷଣା କରିଥିଲେ। ସମ୍ବର୍ଦ୍ଧିତ ଟିମ୍‌ରେ ସରକାରୀ ଆଇଟିଆଇର ସୁନିଆ ମୁଣ୍ଡାରୀ, ଦିପିକା ମୁଣ୍ଡା, ବିଏଲ ଜୋସ୍ନା, ସବିତା ମୁଣ୍ଡାରୀ, ବସ୍ତିଆ ଆଇଟିଆଇର ଆଶା ସେଠ୍, ରିତିଶା ଲାକ୍ରା, ସ୍ନେହା ଖେଡିଆ, ସୁନିତା କୁମ୍ଭାର ଓ ପୂଜା ଓରାମ ପ୍ରମୁଖ ରହିଛନ୍ତି। ଚନ୍ଦ୍ରଶେଖର କ୍ରୀଡା ସଂଗଠନର ମୁଖ୍ୟ ସଂଯୋଜକ ସଞ୍ଜୀବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



# ବେଦାନ୍ତ ଆଲୁମିନିୟମର ଜାମଖାନି କୋଇଲା ଖଣିକୁ ସର୍ବଶ୍ରେଷ୍ଠ ପୁରସ୍କାର

**ରାଉରକେଲା, ୧୭।୩(ସମିସ)**



ସମ୍ବଲପୁରରେ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିଜର ସୁରକ୍ଷା ନେତୃତରେ ସର୍ବଶ୍ରେଷ୍ଠ ଖଣି ସମେତ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇଛି। ବେଦାନ୍ତ ଆଲୁମିନିୟମ ଅଧୀନ ଜାମଖାନି କୋଇଲା ଖଣି ଶ୍ରେଷ୍ଠ ଖଣି ଭାବେ ପୁରସ୍କାର ହାସଲ କରିଛି। ଏପରିକି ଠିକାଦାର (ଏମଡିଓ) ବର୍ଗରେ ଏବଂ ସୁରକ୍ଷା ପରିଚାଳନା ଯୋଜନା ଓ ଖଣି ଆଲୋକୀକରଣ ବର୍ଗରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ)ଙ୍କ ତତ୍ତ୍ୱାବଧାନରେ ପୁରସ୍କାର ସମାରୋହ ଆୟୋଜିତ ହୋଇଥିଲା। ଜାମଖାନି କୋଇଲା ଖଣିର ମୁଖ୍ୟ ପରିଚାଳନା ଅଧିକାରୀ ବିବେକ ଉପଲନଟିୱାର, ଟିମ୍ ଜାମଖାନି ଏବଂ ଏମଡିଓ ଅଂଶୀଦାରଙ୍କ ସହ ଏହି ପୁରସ୍କାର ଗ୍ରହଣ କରିଥିଲେ। ଜଣେ ଇଣ୍ଟରନାଲ୍ ସେଫ୍ଟି ଅର୍ଗାନାଇଜେସନ୍ (ଆଇଏସ୍‌ଓ) ପର୍ଯ୍ୟବେକ୍ଷକ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଷୟ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍‌ଏସ୍‌ଏଫ୍ ଦଳ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା, ପରିଚାଳନା ଅଭ୍ୟାସ ଏବଂ ଏକାଧିକ ମାନଦଣ୍ଡରେ ମୂଲ୍ୟାଙ୍କନ କରାହୋଇଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ ଖଣିର ଏହି ସଫଳତା ପାଇଁ ଜାମଖାନି କୋଇଲା ଖଣି ଟିମ୍ ଏବଂ ଏମ୍‌ଡିଓ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ନେଇ ସୁରକ୍ଷା ପାଇଁ ଆଚରଣଗତ ପରିବର୍ତ୍ତନ ଆଣିବା ଏବଂ ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା ଆମର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଏହି ପୁରସ୍କାର ଗୁଡିକ ଶୃଙ୍ଖଳିତ ପରିଚାଳନା, ସୁରକ୍ଷା ଅଭ୍ୟାସ ଦିଗରେ ଦଳର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ମତ ଦେଇଥିଲେ। ଓଡ଼ିଶାର ଜାମଖାନି କୋଇଲା ଖଣିରେ ଡିସେମ୍ବର ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ଶ୍ରମିକଙ୍କ ଅଂଶଗ୍ରହଣ କରିଥିଲେ। 'ଆପକା ପରବାର ଆପକା ଇନ୍ତେଜାର କର ରହା ହେଁ' ବିଷୟବସ୍ତୁ ଉପରେ କେନ୍ଦ୍ରିତ ଦୁଇ ସପ୍ତାହର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଚରଣଗତ ସୁରକ୍ଷା, ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ସର୍ବୋତ୍ତମ ଖନନ ଅଭ୍ୟାସ ଉପରେ କାର୍ଯ୍ୟକ୍ରମ ପର୍ଯ୍ୟବେଷିତ ଥିଲା।

## ଉତ୍କଳ ଦିବସ ପାଇଁ ପ୍ରସ୍ତୁତି ବୈଠକ



ତାଳଚେର,୧୭।୩(ସମିସ): ଉତ୍କଳ ଦିବସକୁ ତାଳଚେର ଉପଖଣ୍ଡରେ ପାଳନ କରିବା ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ସହକାରୀ ଉପଜିଲ୍ଲାପାଳ ଡାଲିଏନ୍ ଏକ୍କାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍କଳ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୧ଏପ୍ରିଲରେ ଉତ୍କଳ ଦିବସ ଅବସରରେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା କରାଯିବା ନେଇ ନିଷ୍ପତି ଗ୍ରହଣ କରାଯାଇଥିଲା। ଶୋଭାଯାତ୍ରାରେ ତାଳଚେର ଉପଖଣ୍ଡର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ସ୍କୁଲରୁ ୩ ଜଣ ଲେଖାଏଁ ଭାଗ ନେବେ। କାର୍ଯ୍ୟକ୍ରମକୁ ପାଳନ କରିବାନେଇ ପୁଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ବିଭାଗ ଓ ଅନୁଷ୍ଠାନଗୁଡ଼ିକର ସହଯୋଗରେ ଉତ୍କଳ ଦିବସକୁ ସୁନ୍ଦରସରସ ଭାବେ ପାଳନ କରିବାକୁ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ଧର୍ମେନ୍ଦ୍ର ଶତପଥୀ, ଡା. ଗଙ୍ଗାଧର ବେହେରା, ଖଗେଶ୍ୱର ବେହେରା, କାଳନ୍ଦୀ ସାହୁ, ରାକେଶ ସେଠୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଗଣାମଧ୍ୟମ ଓ ସମାଜସେବୀ ଉପସ୍ଥିତ ଥିଲ।

### ଏସ୍‌ସିବିରେ ରୋଗୀ ଜୀବନ୍ତ ଦଗ୍ଧ ଘଟଣା

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏସ୍‌ୟୁସିଆଇ

ଅନୁଗୋଳ,୧୭।୩(ସମିସ):

କଟକ ଏସ୍‌ସିବି ମେଡିକାଲ କଲେଜ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ କ୍ରମାଗତ ସରକାରୀ ଅବହେଳା, ପ୍ରାୟ ୬୦ ଭାଗ ପଦବୀ ଖାଲି ପଡ଼ିବା ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଠିକା ଓ ଆଉଟ୍ ସୋର୍ସିଂ ନିଯୁକ୍ତି ପାଇଁ ସରକାର ହିଁ ମୁଖ୍ୟତଃ ଦାୟୀ। ଏସ୍‌ୟୁସିଆଇ ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଜଣାଇଛନ୍ତି ଯେ ଖୋଦ୍ ରାଜ୍ୟର ସବୁଠାରୁ ବଡ଼ ସରକାରୀ ଡାକ୍ତରଖାନା ଏସ୍‌ସିବି ମେଡିକାଲ କଲେଜରେ ପୂର୍ବରୁ ବହୁବାର ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହାକୁ ରୋକିବାର କୌଣସି ସ୍ଥାୟୀ ପ୍ରତିକାର ନ ହେବା ଫଳରେ ଆଜି ଏହିଭଳି ଭୟଙ୍କର ଅଗ୍ନିକାଣ୍ଡ ଘଟି ଏତେ ଗୁଡ଼ିଏ ଜୀବନ ହାନି ଘଟିଲା। ଏହି ଘଟଣାକୁ ତୀବ୍ର ନିନ୍ଦା କରାଯିବା ସଙ୍ଗେ ସଙ୍ଗେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା, ମୃତକଙ୍କ ପରିବାରକୁ ଏକ କୋଟି ଲେଖାଏଁ କ୍ଷତିପୂରଣ ଦେବା, ଆହତଙ୍କୁ ଉପଯୁକ୍ତ ଚିକିତ୍ସା ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହା ସାଙ୍ଗକୁ ରାଜ୍ୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା କମିଟି ସଦସ୍ୟ ନବକିଶୋର ପ୍ରଧାନ, ଜୟସେନ ମେହେର, ପ୍ରହ୍ଲାଦ ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଲ, ମନ୍ଦୋଦରୀ ରାଉଳ, ରଣଜିତ୍ ପ୍ରଧାନ, ମାନସୀ ସ୍ୱାଇଁ, ସରୋଜିନୀ ନାୟକ, କୈଳାସ ସାହୁ, ପରମାନନ୍ଦ ସାହୁ, ସଞ୍ଜୟ ସାହୁ, ଟୁନା ନାଏକ, ଚିତ୍ତରଞ୍ଜନ ମେଣ୍ଡୁଲି ପ୍ରମୁଖ ଦାବି କରିଛନ୍ତି।

## ଆଖିବୁଜିଲେ ବଆଁରପାଳର ସୁମନ ସୁକୁମାର



ବଆଁରପାଳ,୧୭।୩(ସମିସ): ବଞ୍ଚିବାର ଆଶା ନେଇ କଟକ ବଡ଼ ଡାକ୍ତରଖାନାକୁ ଆସିଥିଲେ। ହେଲେ ଜୀବନ ଫେରିବା ବଦଳରେ ଶବ ହୋଇଗଲେ। ରବିବାର ବିଳମ୍ବିତ ରାତିରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ଅନେକ ରୋଗୀ ଗୁରୁତର ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଥିଲେ ଅନୁଗୋଳର ଚେରୁ ପରିଡ଼ା, ବଆଁରପାଳ ବ୍ଲକ୍ ବନ୍ଧା ଗ୍ରାମର ବିଜୟ ସାହୁଙ୍କ ୩୫ ବର୍ଷୀୟ ପୁଅ ସୁମନ ସୁକୁମାର ସାହୁ। ଗତମାସ ୨୫ ତାରିଖରେ ଏକ ଦୁର୍ଘଟଣାର ଶିକାର ହୋଇ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ (ଏସ୍‌ସିବି) କଲେଜ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଅପରେସନ ପରେ ସୁମନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଟ୍ରମା କେୟାରରେ ନିଆଁ ଲାଗି ଅନ୍ୟତ୍ର ସ୍ଥାନାନ୍ତର ଫଳରେ ସୁମନଙ୍କ ଶରୀର ଅଧିକ ଅସୁସ୍ଥ ହୋଇ ସେ ଅକାଳ ବିୟୋଗର ଶିକାର ହୋଇଛନ୍ତି। ତେବେ ଗ୍ରାମରେ ସୁମନଙ୍କ ବିୟୋଗ ଖବର ପାଇବା ପରେ ଶୋକର ଛାୟା ଖେଳିଯାଇଛି।

## ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ତାଳଚେର,୧୭।୩ (ସମିସ): ରାଜ୍ୟ ବିଜେପିକୁ ନୂତନ ଦିଶା ପ୍ରଦାନ କରିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ତାଳଚେର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ ମାଉସୀ ମା' ମନ୍ଦିରସ୍ଥିତ ଦେଉଳବେଢ଼ା ତେଲି ସାହି ଠାରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୂତିଆ, ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି କେଶରୀ ପଟ୍ଟନାୟକ, ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାହାସ ବିହାରୀ ଜେନା, ବିଜେପି ନେତା ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମୃତି ପରିଷଦର ସଭାପତି ତୁଷାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ରାଜନୈତିକ ଜୀବନୀ, ବିଜେପି ଦଳ ପ୍ରତି ତାଙ୍କର ଅବଦାନ ଓ ତାଙ୍କ ସମୟରେ ନିଆଯାଇଥିବା ବିକାଶ ମୂଳକ ପଦକ୍ଷେପ ସମ୍ପର୍କରେ ଅତିଥିମାନେ କହିଥିଲେ। ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ନବ କିଶୋର ସାହୁ, ତାଳଚେର ପୌରାଞ୍ଚଳ କାଉନସିଲର, ତାଳଚେର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶତାଧିକ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

## ବନ୍ତଳା ବଜାର ପୋଡ଼ି ଘଟଣାରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଅନୁଗୋଳ,୧୭।୩(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୧୨ତାରିଖରେ ବନ୍ତଳା ବଜାରରେ ହୋଇଥିବା ଭୟାବହ ଅଗ୍ନି କାଣ୍ଡକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ବିହିତ ପଦକ୍ଷେପ ନେବାପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ। ବନ୍ତଳା ବଜାରରେ ବହୁତଗୁଡ଼ିଏ ଦୋକାନ ଜଳି ଯାଇଥିବାବେଳେ ବହୁ ସମ୍ପତ୍ତି ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଥିଲା। ଫଳରେ ବହୁ ଅବ୍ୟବସ୍ଥା ଦେଖାଯାଇଥିଲା। ନିଆଁକୁ ଆୟତ କରିବାରେ ବିଳମ୍ବ ହୋଇଥିଲ। ବୋଲି ସାଧାରଣରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବନ୍ତଳା ଅଞ୍ଚଳରେ ବାରମ୍ବାର ଅଗ୍ନିକାଣ୍ଡ ହେଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ନିଆଁଲିଭା କେନ୍ଦ୍ର ସ୍ଥାପନ ପାଇଁ ଦାବି ହୋଇ ଆସୁଥିଲା ଓ ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଦେଇ ସରକାର ଦମକଳ କେନ୍ଦ୍ର ସ୍ଥାପନ କରିଥିଲେ ମଧ୍ୟ ଅଞ୍ଚଳବାସୀଙ୍କ ଇଚ୍ଛାକୁ ଉକ୍ତ ଦମକଳ କେନ୍ଦ୍ର ପୂରଣ କରି ପାରିଲାନାହିଁ। ବଜାରର ଅତି ନିକଟରେ ଦମକଳ କେନ୍ଦ୍ର ଥାଇ ପ୍ରାୟ ୪୫ ମିନିଟ ପରେ ଆସିବା ବେଳକୁ ନିଆଁ ଉଗ୍ରରୂପ ଧାରଣ କରି ସାରିଥିଲା। ଫଳରେ ନିଆଁକୁ ଆୟତ କରିବା ସମ୍ଭବ ହୋଇ ପାରିଲା ନାହିଁ। ପରେ ଅନୁଗୋଳ ଓ ଜିନ୍ଦଲର ସହଯୋଗ ନେବାକୁ ପଡିଲା ଓ ବହୁ ବିଳମ୍ବରେ ନିଆଁକୁ ଆୟତ କରାଗଲା। ଦମକଳ କେନ୍ଦ୍ର ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ନ ଥିବା ଦେଖାଯାଇଥିଲା। ଯେତିକି ଟାଙ୍କିରେ ଜଳ ରହିବା କଥା ଉକ୍ତ ଗଡିରେ ସେତିକି ଜଳ ନ ଥିଲା, ଫଳରେ ନିଆଁଲିଭା କାର୍ଯ୍ୟ ବ୍ୟାହତ ହୋଇଥିଲା ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ସରକାରଙ୍କ ପକ୍ଷରୁ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଗୋପାଳ ଚନ୍ଦ୍ର ନାଥ, ରାଜକିଶୋର ସାହୁ, ବଳବୀର ସିଂହ, ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ବିନୋଦ ମାଝୀ, ଧର୍ମେନ୍ଦ୍ର ନାଥ ମିଶ୍ର, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ପ୍ରଦ୍ୟୁମ୍ନ ସାହୁ, ରଶ୍ମିରଞ୍ଜନ ସାହୁ, ବାସୁଦେବ ସାମଲ, ଅଳକାରାଣୀ ମହାପାତ୍ର, ଲିଲି ବେହେରା, ସଂଗ୍ରାମ ବେହେରା, ଅଲେଖ ବେହେରା, ଅରୂପ ସାମଲ, ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୭।୩(ସମିସ): ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ଜଳ ପରିମଳ



ସମ୍ମିଳନୀ ପ୍ରକୋଷ୍ଠ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ମୁତାବକ ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ସହର ପରିକ୍ରମା କରାଯିବ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯିବ। ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଓ ଜିଲ୍ଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରକ୍ତଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରିବା ନିମନ୍ତେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନର ଗୃହ ଗୁଡ଼ିକରେ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ ତାରିଖରେ ନିଜ ନିଜ ବିଭାଗ ଦ୍ୱାରା ଆଲୋକମାଳା ସଜାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ୍ ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଖଣ୍ଡ ପୁଲିସ ଅଧିକାରୀ ରମାକାନ୍ତ ମହାଳିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କଣିହାଁ,୧୭।୩(ସମିସ): ଅନୁଗୁଳ ଜିଲ୍ଲା ରେଙ୍ଗାଲି ଡ୍ୟାମସାଇଡ୍ ଥାନା ନାକଟିଦେଉଳ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ୍ୱର ଦେହୁରୀ (୪୫)। ସୂଚନା ଅନୁଯାୟୀ, ଗଣେଶ୍ୱର ବରପଦା ଗ୍ରାମକୁ ଶ୍ରମିକ କାମରେ ଯାଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରେଙ୍ଗାଲି ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ କଳହ ଯୋଗୁଁ ବିଷାକ୍ତ ପଦାର୍ଥ ସେବନ କରିଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।


## ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୧୭।୩ (ସମିସ): ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ବିଦ୍ୟାଳୟ ନିକଟସ୍ଥ ଗୁରଙ୍ଗ ଗ୍ରାମରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୁରଙ୍ଗ ଗ୍ରାମର ସଭାପତି ବିଶ୍ୱଜିତ୍ ନାୟକ, ସମ୍ପାଦକ କାର୍ତ୍ତିକ ନାୟକ ଓ ଗ୍ରାମ୍ୟ ସମିତିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଗ୍ରାମର ବୃଦ୍ଧ ବ୍ୟକ୍ତିମାନଙ୍କୁ ଟର୍ଚ୍ଚ ବିତରଣ କରାଯାଇଥିଲା। ଷ୍ଟାଫ୍‌ନର୍ସ ଚିରସ୍ମିତା ଦାସଙ୍କ ଦ୍ୱାରା ଗ୍ରାମବାସୀଙ୍କ ରକ୍ତଚାପ ଓ ଓଜନ ମାପ କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ସମାଧାନ ପାଇଁ ପରାମର୍ଶ



ଦିଆଯାଇଥିଲା। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନାରୀମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଷ୍ଟାଫ୍‌ନର୍ସ ଓ ଛାତ୍ରୀଙ୍କ ଦ୍ୱାରା ସଚେତନ କରାଯାଇଥିଲା। ବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷକ ସୁଶାନ୍ତ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀ ବିଭୂତି ରଞ୍ଜନ ମିଶ୍ର ସଂଯୋଜନା କରିଥିଲେ। ଗ୍ରାମର ସଭାପତି ବିଶ୍ୱଜିତ ନାୟକ, ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ଜଙ୍ଗଲ ସୁରକ୍ଷା ଦିଗରେ ବିଦ୍ୟାଳୟର ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରିବାକୁ ଅଧ୍ୟକ୍ଷ ଶ୍ରୀ ବରାଳ ପ୍ରତିଶ୍ରୁତି ଦେଇଥିଲେ।

## ଗଣିତ ବିଜ୍ଞାନର ବର୍ତ୍ତମାନର ସ୍ଥିତି ଓ ପ୍ରୟୋଗ ସମ୍ପର୍କିତ ଆଲୋଚନାଚକ୍ର



ଅନୁଗୋଳ,୧୭।୩(ସମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ଗଣିତ ବିଜ୍ଞାନର ବର୍ତ୍ତମାନର ସ୍ଥିତି ଓ ପ୍ରୟୋଗ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଶ୍ରୀ ସାହୁ ନିମନ୍ତ୍ରିତ ମୁଖ୍ୟ ବକ୍ତା ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ଗଣିତ ବିଭାଗ ମୁଖ୍ୟ ଡକ୍ଟର ସରୋଜକାନ୍ତ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗର ମୁଖ୍ୟ ଡକ୍ଟର ସ୍ମିତା ତପସ୍ୱିନୀ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡ. ପ୍ରଧାନ ଗଣିତ ବିଜ୍ଞାନ ଶିକ୍ଷାର ପ୍ରୟୋଗାତ୍ମକ ଦିଗ ଉପରେ ମତ ରଖିଥିଲେ। ବର୍ତ୍ତମାନ ଯୁବପିଢ଼ି ଗଣିତ ବିଜ୍ଞାନକୁ ଉପଯୋଗ କରି ଏକ ବିକଶିତ ଭାରତ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଅଧ୍ୟକ୍ଷ ଡକ୍ଟର ସାହୁ ଗଣିତ ବିଭାଗର ଛାତ୍ରଛାତ୍ରୀଙ୍କୁ ଗଣିତ ଶିକ୍ଷାକୁ ଆଗ୍ରହର ସହିତ ଗ୍ରହଣ କରି ଏହାକୁ ଏକ ବ୍ରତ ଭାବରେ ଜୀବନରେ ଉପଯୋଗ କରିବା ଲାଗି ପ୍ରେରିତ କରିଥିଲେ। ଇତି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ନିମନ୍ତ୍ରିତ ମୁଖ୍ୟ ବକ୍ତା ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ଗଣିତ ବିଭାଗର ମୁଖ୍ୟ ଡକ୍ଟର ସରୋଜକାନ୍ତ ପ୍ରଧାନଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗର ମୁଖ୍ୟା ଡକ୍ଟର ସ୍ମିତା ତପସ୍ୱିନୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୋଚନଚକ୍ରର ଉପଦେଷ୍ଟା ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଲୋଚନାଚକ୍ରର ଶେଷ ଭାଗରେ ସ୍ନାତକୋତ୍ତର ଗଣିତ ବିଭାଗର ସହକାରୀ ପ୍ରଫେସର ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରକୁ ଗଣିତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରଭାସ ଜେନା ଓ ଡକ୍ଟର ଦୁଷ୍ମନ୍ତ ମଲ୍ଲିକ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ଗଣିତ ବିଭାଗର ୧୦୦ ରୁ ଊର୍ଦ୍ଧ୍ୱ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଦଣ୍ଡଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୭।୩(ସମିସ): ଅନୁଗୋଳ ବ୍ଲକ୍ ଗୁରଙ୍ଗ ଗ୍ରାମରେ ଚଳିତ ବର୍ଷର ପ୍ରସିଦ୍ଧ ଦଣ୍ଡ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଞ୍ଚଳର ଆରାଧ୍ୟା ଦେବୀ ମା' ପାଞ୍ଚଖଣ୍ଡାଙ୍କ ଝାମୁଯାତ୍ରାକୁ ଅତି ଶ୍ରଦ୍ଧାରେ ପାଳନ କରାଯିବାକୁ ବୈଠକରେ ଆଲୋଚନା ହୋଇଛି। ଚଳିତ ବର୍ଷ ଯାତ୍ରାରେ କିଛି ନୂଆ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ଏହି କ୍ରମରେ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ସାଜିବ ଗୀତିନାଟ୍ୟ "ଦେବ ଦାନବ ମହାସଂଗ୍ରାମ'। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ନାଟକକୁ ଅତ୍ୟାଧୁନିକ କଳା କୌଶଳ ଓ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ନିକଟରେ ପହଞ୍ଚାଇବାକୁ କମିଟି ଲକ୍ଷ୍ୟ ରଖିଛି। ଏହି ପ୍ରସ୍ତୁତି ସମ୍ପର୍କରେ ଗ୍ରାମର ସଭାପତି ବ୍ୟକ୍ତି ବିଷ୍ଣୁ ନାଏକ କହିଛନ୍ତି ଯେ, ମା' ପାଞ୍ଚଖଣ୍ଡାଙ୍କ ଅପାର କୃପାରୁ ପ୍ରତିବର୍ଷ ଏହି ଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ମା'ଙ୍କ ଆଶୀର୍ବାଦରୁ ଝାମୁଯାତ୍ରା ଅଧିକ ଧୂମଧାମରେ ଅନୁଷ୍ଠିତ ହେବ। ସେହିପରି ପରିଚାଳନା କମିଟିର ମୁଖ୍ୟ ପ୍ରଦୀପ ନାଏକ କହିଛନ୍ତି, "ଗୁରଙ୍ଗ ଗ୍ରାମର ଝାମୁଯାତ୍ରା ଅଞ୍ଚଳରେ ବେଶ୍ ଜଣାଶୁଣା। ଚଳିତ ବର୍ଷ ଆମେ ପ୍ରସ୍ତୁତ କରିଥିବା ଗୀତିନାଟ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନକୁ ବେଶ୍ ଛୁଇଁବ। ବୈଠକରେ ସନ୍ତୋଷ ନାଏକ, ସରୋଜ କୁମାର ନାଏକ, ଶିବୁ ନାଏକ, ଅଜୁ ନାଏକ, ଅଜୟ ନାଏକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଅନୁଗୋଳ,୧୭।୩(ସମିସ):

ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ବାଇକ୍ ରାଲିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖକୁ ଆସି କେନ୍ଦ୍ର ସରକାରଙ୍କ ଅପରିଣାମଦର୍ଶୀ ଓ ବିଫଳତା ସମ୍ପର୍କରେ ନାରାବାଜି କରିଥିଲେ। ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଗ୍ରହଣ କରିଥିଲେ। ମଧ୍ୟପ୍ରାଚ୍ୟ ଦେଶମାନଙ୍କରେ ଯୁଦ୍ଧ ଚାଲିଥିବା ନେଇ ଦେଶରେ ତୈଳ ଓ ଗ୍ୟାସ ପ୍ରଚୁର ପରିମାଣରେ ମହଜୁଦ ଥିବା ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବାହାସ୍ଫୋଟ ମାରୁଛନ୍ତି, କିନ୍ତୁ ଡିଲର ପାଖରେ ଗ୍ୟାସର ଘୋର ଅଭାବ



ଦେଖାଦେଇଥିବା କହି ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ହଇରାଣ କରାଯାଉଛି। ଯୋଗାଣ ବିଭାଗର ଏଥିପ୍ରତି କୌଣସି କର୍ତ୍ତୃତ୍ୱ ରହୁ ନ ଥିବା ହେତୁ, ଅଭାବୀ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି ଡିଲରମାନେ। ଏ ମଧ୍ୟରେ କେନ୍ଦ୍ର ସରକାର ଜାଳେଣି ଗ୍ୟାସର ଦରବୃଦ୍ଧି କରିଛନ୍ତି। ଯାହାକି ବୋଝ ଉପରେ ଲଳିତା ବିଡ଼ା ସଦୃଶ୍ୟ। ଘରୋଇ ଗ୍ୟାସ ଟାଙ୍କି ପିଛା ୬୦ ଟଙ୍କା ଓ ବାଣିଜ୍ୟିକ ଗ୍ୟାସ ଟାଙ୍କି ପିଛା ୧୨୦ ଟଙ୍କା ବୃଦ୍ଧି ହୋଇଛି। ଗ୍ରାହକଙ୍କୁ ଆବଶ୍ୟକ ଗ୍ୟାସ ଟାଙ୍କି ଠିକ ଭାବରେ ମିଳୁନାହିଁ। ଏଣୁ ସରକାରଙ୍କ ଦୋମୁହାଁ ନୀତିରେ ଗ୍ରାହକମାନେ ଅତିଷ୍ଠ ହୋଇ ଗଲେଣି। ଜିଲ୍ଲାରେ କେତେ ଗ୍ୟାସ ମହଜୁଦ ଅଛି ଓ କେତେ ଆବଶ୍ୟକ ତାର ଏକ ସଠିକ ଖବର ମଧ୍ୟ ଗ୍ରାହକ ପାଇ ପାରୁନାହାନ୍ତି। ଏଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ବିହୀତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ପ୍ରତିବାଦରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ତପନ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଦିଗାମ୍ବର ଗଡ଼ନାୟକ, ବିରଞ୍ଚି ନାରାୟଣ ଧର, ରୂପାଦୀପ୍ତା ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ସଞ୍ଜୀବ କୁମାର ମାଣ୍ଡୋଠିଆ, ସୁଦୀପ ମିଶ୍ର, ବିନୋଦ ମାଝୀ, ରାକେଶ ମିଶ୍ର, ରଶ୍ମୀରଞ୍ଜନ ସାହୁ, ଅଜୟ ବେହେରା, ସୁବାସ ଚନ୍ଦ୍ର ସାହୁ, ଧର୍ମେନ୍ଦ୍ର ନାଥ ମିଶ୍ର, ଅଲେଖ ବେହେରା, ସଂଗ୍ରାମ କେଶରୀ କଅଁର, ଉପେନ୍ଦ୍ର ଦେହୁରୀ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ଲିଲି ବେହେରା, ମାନିନୀ ପ୍ରଧାନ, ପଦ୍ମିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



## ଶୁଣ ସରକାର...



ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ମହିଳା ସମିତି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ




କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟଣାର ପ୍ରତିବାଦରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ

# ବିଧାନସଭାରେ ଧସେଇ ପଶିବାକୁ କିନ୍ନରଙ୍କ ଉଦ୍ୟମ

- ପ୍ରବେଶ ପୂର୍ବରୁ ପୁଲିସଙ୍କ ସହ ଧସ୍ତାଧସ୍ତି
- ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ

ଭୁବନେଶ୍ୱର, ୧୭ ।୩(ସମିସ): କିନ୍ନର ୱେଲଫେୟାର ବୋର୍ଡ଼ ଗଠନ କରିବା, ଟ୍ରାନ୍ସଜେଣ୍ଡର ପର୍ସନ (ପ୍ରୋଟେକ୍ସନ ଅଫ୍ ରାଇଟ୍) ଆମେଣ୍ଡମେଣ୍ଟ ବିଲ୍ ପ୍ରତ୍ୟାହାର କରିବା, ଡାକ୍ତରଙ୍କ ଦ୍ୱାରା ଲିଙ୍ଗ ନିରୂପଣ ପରୀକ୍ଷାକୁ ପ୍ରତ୍ୟାହାର କରିବା, ନାଲ୍‌ସା ଜଜମେଣ୍ଟକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା, କିନ୍ନରମାନଙ୍କ ପରମ୍ପରାକୁ ଅଣଦେଖା କରିବା, କିନ୍ନର ବୋର୍ଡ଼ରେ ଜଣେ ଉପସଭାପତି ଓ ୭ଜଣ କିନ୍ନରଙ୍କୁ ନେଇ ଏକ କମିଟି ଗଠନ କରିବା ଆଦି ଦାବି ନେଇ ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଂଘ ପକ୍ଷରୁ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନଠାରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ହଜାର ହଜାର କିନ୍ନର ଓ ସେମାନଙ୍କ ଗୁରୁମାନଙ୍କ ସହ ଯୋଗଦେଇ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ ବେଳେ କ୍ୟାପିଟାଲ ଥାନାର ଏସିପିଙ୍କ ସହିତ ବହୁ ପୁଲିସ୍ ଅଧିକାରୀଙ୍କ ସହିତ ଧସ୍ତାଧସ୍ତି ହୋଇଥିଲା । ପରେ ୮ ଜଣ କିନ୍ନର ପ୍ରତିନିଧି ମଣ୍ଡଳୀ ପୂର୍ବତନ ଚେୟାରମ୍ୟାନ ପ୍ରତାପ କୁମାର ସାହୁ, ସଭାପତି ମୀରା ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁଇଟି ସାହୁ, ଉପଭାପତି ସୋନାଲି କିନ୍ନର, ମାଧୁରୀ କିନ୍ନର, ସୋନମ କିନ୍ନର ଓ ସାଧାରଣ ସମ୍ପାଦକ ମେଘନା ସାହୁ ପ୍ରମୁଖ ବିଧାନସଭା ପରିସରକୁ ଯାଇ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ ସବୁ ଦାବିଗୁଡ଼ିକ ଅନୁଧ୍ୟାନ କରି ଖୁବ୍ ଶୀଘ୍ର ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ମୀରା ପରିଡ଼ା କହିଛନ୍ତି ଯେ କେନ୍ଦ୍ର ସରକାର ଆଣିଥିବା ଟ୍ରାନ୍ସଜେଣ୍ଡର ପ୍ରୋଟେକ୍ସନ ବିଲ୍‌କୁ ଯଦି ଆଇନଗତ ସହାୟତା ନଦିଅନ୍ତି ତେବେ ବାଧ୍ୟ ହୋଇ ହଜାର ହଜାର କିନ୍ନର ଦିଲ୍ଲୀର ପାର୍ଲାମେଣ୍ଟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । ସେହିପରି ମେଘନା ସାହୁ ଓ ସୋନାଲି କିନ୍ନର କହିଛନ୍ତି ଯେ ୧୫ ଦିନ ଭିତରେ ରାଜ୍ୟ ସରକାର କିନ୍ନରମାନଙ୍କ ସମସ୍ୟାର ସମାଧାନ ନ କରାଯାଏ ତେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରିବା ସହ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ।



● ରୁକୁଣା ରଥଟଣା ପାଇଁ ନୀତିନିର୍ଘଣ୍ଟ

# ଏଥର ସାଢ଼େ ୨ଟାରେ ରଥଟଣା

ଭୋର୍ ୪ରେ ମନ୍ଦିର ଖୋଲା

ଭୁବନେଶ୍ୱର, ୧୭ ।୩(ସମିସ): ଆସନ୍ତା ୨୬ରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା । ମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ପ୍ରସ୍ତୁତି ବୈଠକ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ରଥଟଣା କାର୍ଯ୍ୟକୁ ସଅଳ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯିବା ସହ ପୂର୍ବବର୍ଷର ନୀତିନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି । ନେତ୍ରୋତ୍ସବ ଦିନ ରାତି ୮ଟା ସୁଦ୍ଧା ମହାରଣା ସେବାୟତ ରଥକାର୍ଯ୍ୟ ସାରି ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରିବେ । ରାତି ୮ଟାରୁ ଭୋର ୩ଟା ସୁଦ୍ଧା ରଥ ପ୍ରତିଷ୍ଠା କାର୍ଯ୍ୟ ସରିବ । ଭୋର ୪ଟାରେ ମନ୍ଦିର ଖୋଲି ଦିଅଁଙ୍କ ନୀତିକାନ୍ତି କରାଯାଇ ଅପରାହ୍ଣ ସାଢ଼େ ୨ଟାରେ ରଥଟଣା ଯିବ । ସେହିପରି ବାହୁଡ଼ା ଯାତ୍ରା ଦିନ ସାଢ଼େ ୨ଟା ରଥ ମନ୍ଦିର ଅଭିମୁଖେ ଟଣାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ଉକ୍ତ ନୀତିନିର୍ଘଣ୍ଟ ଆସନ୍ତା ଟ୍ରଷ୍ଟବୋର୍ଡର ଅନୁମୋଦନ ହେବା ପରେ ସାର୍ବଜନୀନ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭାରିମଲ୍ଲଙ୍କ ସମେତ ନିଯୋଗ ସେବାୟତ ଭାବେ କମଳାକାନ୍ତ ବଡ୍ଡୁ, ସଭାପତି ଅଞ୍ଚଳ ବଡ୍ଡୁ, ବିରଞ୍ଚି ନାରାୟଣ ପତି, ସଚ୍ଚିକାନ୍ତ ପୂଜାପଣ୍ଡା, ପ୍ରସନ୍ନ ପୂଜାପଣ୍ଡା, ପ୍ରଶାନ୍ତ କୁମାର ସମର୍ଥା, ହିମାଦ୍ରିଭୂଷଣ ମହାପାତ୍ର, ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର, ଚର୍ଚ୍ଚିତ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ଦିର କର୍ମଚାରୀ ହେମନ୍ତ କୁମାର ମହାପାତ୍ର ଓ ନୀତି କିରାଣି ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଚାକିରି ନାଁରେ ୧୦ ଲକ୍ଷ ଠକ୍କୁ

● ନକଲି ରେଳବାଇ ଅଧିକାରୀ ଗିରଫ



ଭୁବନେଶ୍ୱର, ୧୭।୩ (ସମିସ): ଚାକିରି ଆଳରେ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ନକଲି ରେଳବାଇ ଅଧିକାରୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ରାଉରକେଲା ଶକ୍ତି ନଗରର ଜୟନ୍ତ କୁମାର ସାହା (୫୮) ।

ପୁଲିସ ସୂଚନାନୁଯାୟୀ, ଜଗନ୍ନାଥ ନଗରର ସୁଶୀଲ କୁମାର ଭୂୟାଁ ଓ ଜୟନ୍ତ ମଧ୍ୟରେ ପୂର୍ବରୁ ପରିଚୟ ଥିଲା । ଜୟନ୍ତ କୁମାର ସାହା ନିଜକୁ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ବୋଲି ପରିଚୟ ଦେବା ସହ ତାଙ୍କ ପୁଅକୁ ସରକାରୀ ଚାକିରି କରାଇଦେବାକୁ ଆଶ୍ୱାସନ ଦେଇଥିଲା । ସୁଶୀଲ ତାଙ୍କ କଥାରେ ବିଶ୍ୱାସ କରି, ୨୦୧୮ ସେପ୍ଟେମ୍ବରରୁ ୨୦୨୨ ଜୁନ୍ ମାସ ମଧ୍ୟରେ ମୋଟ ୧୦ ଲକ୍ଷ ଟଙ୍କା ଦେଇଥିଲେ । ଟଙ୍କା ନେବାପରେ ମଧ୍ୟ ଜୟନ୍ତ କୌଣସି ନିଯୁକ୍ତିପତ୍ର ଦେଇନଥିଲା । ଚାକିରି ନପାଇବାରୁ ସୁଶୀଲ ମଧ୍ୟ ଟଙ୍କା ଫେରସ୍ତ ମାଗିଥିଲେ । ଜୟନ୍ତ ଟଙ୍କା ଦେବା ବଦଳରେ ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଚେକ୍ ଦେଇଥିଲା । କିନ୍ତୁ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଚେକ୍‌ଟି ଅଗ୍ରାହ୍ୟ ହୋଇଯାଇଥିଲା । ଏନେଇ ସୁଶୀଲ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ବ୍ୟାଙ୍କ କାରବାର ସମ୍ବନ୍ଧୀୟ ବିବରଣୀ, ଚେକ୍ କପି ଓ ଅନ୍ୟାନ୍ୟ ଆବଶ୍ୟକ ଡକ୍ୟୁମେଣ୍ଟ ଜବତ କରିଥିଲା । ଗତକାଲି ରାଉରକେଲାରେ ଚଢ଼ଉ କରି ଜୟନ୍ତକୁ ଗିରଫ କରିଥିଲା । ତା' ନାମରେ ପୂର୍ବରୁ ବରଗାଁ ଥାନାରେ ସମାନ ପ୍ରକାରର ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

## ଠଉକତା କରି ଅଦା ବୋଝେଇ ଟ୍ରକ୍ ବିକ୍ରି; ଡ୍ରାଇଭର ଗିରଫ

ଭୁବନେଶ୍ୱର, ୧୭।୩ (ସମିସ): ଠଉକତା କରି ଅଦା ବୋଝେଇ ଟ୍ରକ ବିକ୍ରି କରିଥିବା ଅଭିଯୋଗରେ ଡ୍ରାଇଭରକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଆଦର୍ଶ ଥାନା ଅଧିନସ୍ଥ ଗୁରୁଜଙ୍ଗ ଟାଙ୍ଗୀ ସାହିର ସୁଧାକର ବଳିଆରସିଂହ (୩୪) । ପୁଲିସ ସୂଚନାନୁଯାୟୀ, ବାଲିଅନ୍ତାର ଜ୍ୟୋତିପ୍ରକାଶ ଦାସଙ୍କର ରୁଦ୍ର ପ୍ୟାକର୍ସ ଆଣ୍ଡ ମୁଭର୍ସ ନାମକ ଏକ ପରିବହନ ସଂସ୍ଥା ରହିଥିବା ବେଳେ ସୁଧାକର ତାଙ୍କ ଟ୍ରକ ଚଳାଉଥିଲା । ଗତବର୍ଷ ସେପ୍‌ଟେମ୍ବର ମାସରେ ସୁଧାକର ଟ୍ରକ୍ ନେଇ କୋରାପୁଟ ଯାଇଥିଲା । ସେହି ମାସ ୧୮ ତାରିଖ ଦିନ ସିମିଳିଗୁଡ଼ାରୁ ୩ ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ୬.୫ ଟନ୍ ଓଜନର ଅଦା, ଦେଶୀ ଆଳୁ, କନ୍ଦମୂଳ ଓ ଶୁଖିଲା ପନିପରିବା ଲୋଡ୍ କରି କଟକ ଅଭିମୁଖେ ଫେରିବାର ଥିଲା । କିନ୍ତୁ ଫେରିବା ସମୟରେ ସୁଧାକର ତା'ର ମୋବାଇଲ୍ ଫୋନ୍ ଓ ଗାଡ଼ିର ଜିପିଏସ୍ ସିଗ୍ନାଲ ବନ୍ଦ କରି ଦେଇଥିଲା । ଏହାର ଦୁଇ ଦିନ ପରେ ଅର୍ଥାତ୍ ୨୦ ତାରିଖ ଦିନ ଜ୍ୟୋତିପ୍ରକାଶ ଚନ୍ଦକା ଥାନା ଅଞ୍ଚଳରୁ ଖାଲି ଅବସ୍ଥାରେ ଟ୍ରକଟିକୁ ଠାବ କରିଥିଲେ । ଫଳରେ ଅଦା, ଦେଶୀ ଆଳୁ, କନ୍ଦମୂଳ ଓ ପନିପରିବା ଆତ୍ମସାତ ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ଶ୍ରୀ ଦାସ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଗତକାଲି ସନ୍ଧ୍ୟାରେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ଗୋଦାମରୁ ସୁଧାକରକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି । ପୂର୍ବରୁ ସୁଧାକର ନାମରେ ଖୋର୍ଦ୍ଧା ଓ ଜଟଣୀ ଥାନାରେ ମୋଟ ୩ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

## ଆକ୍ରମଣ କରିବା ଅଭିଯୋଗରେ ଗିରଫ

ଭୁବନେଶ୍ୱର, ୧୭।୩ (ସମିସ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ହୋଇଥିବା ଆକ୍ରମଣ ଘଟଣାରେ ଅଭିଯୁକ୍ତ ସନ୍ତୋଷ ବେଜ ଓରଫ ସୋନୁକୁ ପୁଲିସ ଗିରଫ କରିଛି । ସୂଚନାଯୋଗ୍ୟ ଅଭିଯୋଗକାରୀଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ପୈତୃକ ସମ୍ପତ୍ତିକୁ ନେଇ ଜମି ବିବାଦ ଚାଲିଆସୁଥିଲା ଏବଂ ୨୮ ତାରିଖରେ ଜମି ଉପରେ ସୀମା ପ୍ରାଚୀର ନିର୍ମାଣ କରୁଥିବାବେଳେ ସନ୍ତୋଷ ଓ ତାଙ୍କ ସହଯୋଗୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଆକ୍ରମଣ କରିଥିଲେ । ଆକ୍ରମଣରେ ଧରଣୀଧର ବେଜଙ୍କ ବାମ ହାତରେ ଆଘାତ ଲାଗିଥିବାବେଳେ ସସ୍ମିତା ବେଜ ଓ ମୋନାରାମା ବେଜଙ୍କ ଶରୀରରେ ଅନେକ ଆଘାତ ଲାଗିଥିଲା ।

## ନନ୍ଦନକାନନରେ ଫୁଟିଲା ଶାଗୁଣା ଅଣ୍ଡା



ନନ୍ଦନକାନନ, ୧୭।୩(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଖୁସି ଖବର ଆସିଛି । କେନ୍ଦ୍ରୀୟ ଚିଡିଆଖାନାର କାର୍ଯ୍ୟକ୍ରମ ଅଧୀନରେ ୨୦୧୨ ମସିହାରେ ପ୍ରତିଷ୍ଠିତ ଶାଗୁଣା ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ରରେ ମାର୍ଚ୍ଚ ୧୧ରେ ଏକ ଲଙ୍ଗ ବିଲଡ ଶାଗୁଣା ଅଣ୍ଡାରୁ ସଫଳତା ସହ ଛୁଆ ଫୁଟି ବାହାରିଥିଲା । ଡିସେମ୍ବର ୨୦୨୫ ରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଯୋଡ଼ା କେ୪୨(ଅଣ୍ଡିରା ) ଏବଂ କେ୪୬(ମାଈ) ଶାଗୁଣା ମିଶିଥିଲେ, ଜାନୁଆରୀ ୧୬ ରେ ଅଣ୍ଡା ଦେଇଥିଲେ ଏବଂ ମାର୍ଚ୍ଚ ୧୧ ରେ ଫୁଟି ଛୁଆ ବାହାରିଥିଲେ । ଛୁଆ ସୁସ୍ଥ ରହିବା ସହ ୨୪/୭ ସିସିଟିଭି ନିରୀକ୍ଷଣରେ ରହିଛି । ଏହି ଜନ୍ମ ସହିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଲମ୍ବା-ବିଲ୍ଡ଼ ଶାଗୁଣା ମାନଙ୍କ ସଂଖ୍ୟା ସଂଖ୍ୟା ୧୧ (୫ଅଣ୍ଡିରା :୫ମାଈ :ଗୋଟିଏ ଲିଙ୍ଗ ନିରୂପଣ ହୋଇନାହିଁ) କୁ ବୃଦ୍ଧି ପାଇଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ପୂର୍ବଶତ୍ରୁତାରୁ ଆକ୍ରମଣ; ଜଣେ ଗିରଫ

ଧଉଳି, ୧୭।୩(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଧଉଳି ଥାନା ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନଙ୍କୁ ଆକ୍ରମଣ କରିବା ସହ ପିନ୍ଧିଥିବା ସୁନାଚେନ ଲୁଟ କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ରଘୁନାଥପୁର ଭୋଇସାହିର କାହ୍ନା ବେହେରା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇଛି । ଖବରନେବାରେ ଜଣାପଡ଼ିଛି ସରପଞ୍ଚ ଶ୍ରୀ ପ୍ରଧାନଙ୍କ ପୁଅ ଗତମାସ ୩ ତାରିଖ ସନ୍ଧ୍ୟା ପ୍ରାୟ ସାଢେ ୬ ଟାରେ କୌଣସି କାମରେ ସାମନ୍ତରାୟପୁର ଯାଉଥିଲେ । ଏହି ସମୟରେ ନୂଆଗାଁ ମୁନିସିପାଲିଟି ରଘୁନାଥପୁର ତଳସାହିର ଚନ୍ଦନ ଭୋଇ ଓ କାହ୍ନା ବେହେରା ତାଙ୍କ ପୁଅକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରିବା ପାଇଁ ଉଦ୍ୟମ କରିଥିଲେ । ଏହାକୁ କେନ୍ଦ୍ରକରି କାହ୍ନା ଓ ଚନ୍ଦନ ସରପଞ୍ଚ ଶ୍ରୀ ପ୍ରଧାନଙ୍କ ମୁଣ୍ଡକୁ ଏକ ଇଟାରେ ଆକ୍ରମଣ କରିବା ସହ ଚେନ ଲୁଟି ନେଇଥିଲେ । ଏନେଇ ସରପଞ୍ଚ ଶ୍ରୀ ପ୍ରଧାନ ଧଉଳି ଥାନାରେ ଅଭିଯୋଗ କରିଥିଲେ । ଦେଢ଼ମାସ ପରେ ଅଭିଯୁକ୍ତ କାହ୍ନାକୁ ଧରିବାରେ ସଫଳ ହୋଇଛି ପୁଲିସ । ମାତ୍ର ଅନ୍ୟ ଅଭିଯୁକ୍ତ ଚନ୍ଦନ ଏ ପର୍ଯ୍ୟନ୍ତ ଧରାପଡ଼ିନାହିଁ ।

## ଦୁଇ ଭାଇଙ୍କୁ ଆକ୍ରମଣ କରି ଲୁଟ୍; ଦୁଇ ଗିରଫ

ଭୁବନେଶ୍ୱର, ୧୭।୩ (ସମିସ): ଦୁଇ ଭାଇଙ୍କୁ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଲେ, ନୂଆପଲ୍ଲୀ ଭୋଇ ସାହିର ସୌମ୍ୟରଞ୍ଜନ ଭୋଇ ଓରଫ୍ ବାପୁନି (୨୪) ଓ ସନ୍ତୋଷ ଭୋଇ ଓରଫ୍ ନନ୍ଦୁ (୨୮) ।

ପୁଲିସ ସୂଚନାନୁଯାୟୀ, ଗତ ରବିବାର ରାତିରେ ନୂଆପଲ୍ଲୀ ବେହେରା ସାହିର ଶୁଭମ୍ ବିଶ୍ୱାଳ ଓ ତାଙ୍କ ଭାଇ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭୋଇ ସାହି ପଡ଼ିଆ ନିକଟରେ ବାପୁନି, ନନ୍ଦୁ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଅଟକାଇ ପଥର ଓ ଇଟାରେ ଆକ୍ରମଣ କରିଥିଲେ । ଶୁଭମଙ୍କ ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଲୁଟ୍ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ । ଶୁଭମଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ ଏକ ଡକାୟତି ମାମଲା ରୁଜୁ କରିଥିଲା । ମଙ୍ଗଳବାର ଭୋଇ ସାହି ପଡ଼ିଆରେ ଚଢ଼ଉ କରି ବାପୁନି ଓ ନନ୍ଦୁକୁ ଗିରଫ କରି ସେମାନଙ୍କ ହେପାଜତରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କର ଟିଆଇ ପରେଡ ହେବ ବୋଲି ପୁଲିସ କହିଛି ।

ଅଫ୍‌ଲାଇନ୍ ଅଟୋ ଡ୍ରାଇଭର୍‌ଙ୍କ ସହ ବିବାଦ

## ଅନ୍‌ଲାଇନ ଅଟୋ ଡ୍ରାଇଭରଙ୍କ ଧାରଣା

ଭୁବନେଶ୍ୱର, ୧୭।୩(ସମିସ): ଭୁବନେଶ୍ୱର ଏୟାରପୋର୍ଟ ପରିସରରେ ସ୍ମାର୍ଟସିଟି ଅନଲାଇନ ଅଟୋ ଡ୍ରାଇଭର ସଙ୍ଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ପୂର୍ବରୁ ସ୍ମାର୍ଟସିଟି ଅନଲାଇନ ଅଟୋ ଡ୍ରାଇଭର ଏବଂ ଅନ୍‌ଲାଇନ୍ ବିଭିନ୍ନ ସମସ୍ୟା ନେଇ ଅନଲାଇନ୍ କ୍ୟାବ୍ କମ୍ପାନୀ ଓଲା, ରାପିଡୋ ଓ ଉବେର ସଂସ୍ଥାର ଗାଡ଼ି ଚାଳକମାନେ ଯାତ୍ରୀ ଉଠାଇବାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାକୁ ନେଇ ଏୟାରପୋର୍ଟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।



ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତକୁ ନେଇଛି ।

ମିଳିଥିବା ସୂଚନା ମୂତାବକ, ଯାତ୍ରୀ ଉଠାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗିରହିଛି । ଅନ୍‌ଲାଇନ୍ ସଂସ୍ଥା ଦ୍ୱାରା ପରିଚାଳିତ ଡ୍ରାଇଭରଙ୍କ ଏକ ଯାତ୍ରୀ ଉଠାଇବାକୁ ନେଇ ବିବାଦ ଉଗ୍ର ରୂପ ନେଇଥିଲା । ଏହା ବିରୋଧରେ ଚାଳକମାନଙ୍କ ତୀବ୍ର ପ୍ରତିବାଦ କରିଥିଲେ । ଏୟାରପୋର୍ଟରେ କ୍ୟାବ୍ କମ୍ପାନୀଗୁଡ଼ିକର କାଉଣ୍ଟର ବନ୍ଦ କରିଦେଇଥିଲା ଡ୍ରାଇଭର ସଙ୍ଘ । କମ୍ପାନୀ କର୍ମଚାରୀ ଓ ଡ୍ରାଇଭରଙ୍କ ମଧ୍ୟରେ ବଚସା ହୋଇଥିଲା । ରାସ୍ତାରେ ବସି ଧାରଣା ଦେଉଥିବା ଅନଲାଇନ୍ ଡ୍ରାଇଭରଙ୍କୁ ଉଠାଇଲାଥିଲା ପୁଲିସ ଟିମ୍ । ଆନ୍ଦୋଳନ ପାଇଁ ଯାତ୍ରୀ ବିଭିନ୍ନ ପ୍ରକାର ହଇରାଣ ହରକତ ହୋଇଥିଲେ ।

ବିଗିଡ଼ିଗଲାଣି ଆକର୍ଷଣ

# ଅଳିଆର ଆଡ୍ଡୁଆଳରେ ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର, ୧୭।୩(ସମିସ): ଏକଦା ରାଜଧାନୀରେ ଆକର୍ଷଣ ସାଜିଥିବା କଳାକୃତି ବର୍ତ୍ତମାନ ଅଳିଆ ଆବର୍ଜନାରେ ପୋତି ହେବାକୁ ବସିଲାଣି । ରାଜଧାନୀ ଭୁବନେଶ୍ୱରର ଅନେକ ଛକ ଏବଂ ପ୍ରମୁଖ ସ୍ଥାନରେ ତାର ସୌନ୍ଦର୍ଯ୍ୟକରଣ ବଢ଼ାଇବାକୁ ସୁନ୍ଦର କଳାକୃତି ସବୁ ସେଠାରେ ଲଗାଯାଇଥିଲା । ଯାହା ଏବେ ତାର ଆକର୍ଷଣ ହରାଇବାକୁ ବସିଛି ।

ରାଜଧାନୀର ଖଣ୍ଡଗିରିରୁ କସ୍ମୋପଲିସ ଆସିଲାବେଳକୁ ଘୋଡା ଓ ମୟୂର ଆଦି ତିନିଟି ମଡେଲ ସ୍ଥାପନ କରାଯାଇଥିଲା । ବର୍ତ୍ତମାନ ତା ଚାରିପାଖ ଅଳିଆ ଆବର୍ଜନା ସହ ଅନବନା ଗଛରେ ପୂର୍ଣ୍ଣ ହୋଇଗଲାଣି । ଏହି ଅଞ୍ଚଳରରେ ମଡେଲର ଏପରି ଅବସ୍ଥା, ତେବେ ଅନ୍ୟସ୍ଥାନର ସ୍ଥାପନ ହୋଇଥିବା କଳାକୃତି କିପରି ଥିବ ଅନୁମାନ କରି ହେବ । ପାଖାପାଖି ବର୍ଷେ କିମ୍ବା ଦୁଇ ବର୍ଷ ତଳେ ଏହିଭଳି ରାଜଧାନୀର ବିଭିନ୍ନ ଛକରେ ଘୋଡା, ହରିଣ, ରୋବଟ୍‌ର ମଡେଲ ତ କେଉଁ ଛକରେ ଅକ୍ଷୟ ମହାନ୍ତିଙ୍କ ମଡେଲ ବିଏମସି ପକ୍ଷରୁ ସ୍ଥାପନ କରାଯାଇଥିଲା । ଯାହା ସେହି ବାଟ ଦେଇ ଯାତାୟତ କରୁଥିବା ଲୋକଙ୍କୁ ବେଶ ଆକର୍ଷିତ କରୁଥିଲା । କେବଳ ସେତିକି ନୁହେଁ ବରଂ ପ୍ରଥମ କିଛି ଦିନ ଲୋକ ତାକୁ ସେଲ୍‌ଫି ପଏଣ୍ଟ କରିଦେଇଥିଲେ । ଯିଏ ଯାଉଥିଲା ଫଟୋ ଉଠାଇବାକୁ ଅଟକୁ ଥିଲା । ଅଦରକାରୀ ଲୁହା ଓ ଟିଣ ଏବଂ ଅୟାନ୍ୟ ପାର୍ଟରୁ ପ୍ରସ୍ତୁତ ଏହି ମଡେଲ ବେଶ ନିଖୁଣ କାରୁକାର୍ଯ୍ୟ ହୋଇଥିଲା । ହେଲେ ତାର ବର୍ତ୍ତମାନ ସ୍ଥିତି ଦେଖିଲେ ଫଟୋ ଉଠାଇବା ତ ଦୂରର କଥା ଲୋକ ସେଠି ଛିଡା ମଧ୍ୟ ହେଉ ନାହାନ୍ତି । କାରଣ ସେହି ମଡେଲ ବା କଳାକୃତି ଚାରିପାଖରେ ଅଳିଆ ଭର୍ତ୍ତି ହୋଇଯାଇଥିବାବେଳେ ଆଉ କେଉଁଠି ଅନାବନା ଗଛ ମାଡି ବଣ ହୋଇଗଲାଣି । ସୌନ୍ଦର୍ଯ୍ୟ ବଢ଼ାଉଥିବା ସ୍ଥାନ ଏବେ ଅଳିଆଗଦାରେ ପରିଣତ ହୋଇଛି । ସବୁଠୁ ବଡ କଥା ହେଲା ବିଭିନ୍ନ ଛକରେ ଲାଗିଥିବା ଏହି ମଡେଲଗୁଡିକ ଅଦରକାରୀ ଜିନିଷରୁ ହିଁ ନିର୍ମିତ ହୋଇଛି । ଯାହାକୁ ପ୍ରିୟରଞ୍ଜନ ତିଆରି କରିଥିଲେ । ହେଲେ ଏବେ ତାର ସ୍ଥିତି ବିଗିଡିଗଲାଣି । ମଡେଲଗୁଡିକ ମଧ୍ୟ ଅପରିଷ୍କାର ଦେଖାଯିବା ସହ ତାର ରଙ୍ଗ ଛାଡି ନଷ୍ଟ ହେବାକୁ ବସିଲାଣି । ରକ୍ଷଣାବେକ୍ଷଣ ଅଭାବ ଏବଂ ନିୟମିତ ତା ପରିସର ସଫା କରାନଯିବା ହିଁ ଏହାର ମୁଖ୍ୟ କାରଣ ବୋଲି କିଛି ଲୋକ ମତ ଦେଇଛନ୍ତି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସ୍ଥାପନ କରାଯାଇଥିବା ଏହି ମଡେଲ ଗୁଡିକର ଏପରି ଅବସ୍ଥା ଉପରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।





## ଭୁବନେଶ୍ୱର ସିଟି

# ଶୁଣୁନାହାନ୍ତି ସରକାର; ଅଷ୍ଟମ ଦିନରେ ଆନ୍ଦୋଳନ

ଭୁବନେଶ୍ୱର, ୧୭।୩(ସମିସ): ସରକାରଙ୍କ ଜନ ବିରୋଧୀ ଶୋଷଣ ଓ ଅହଂକାରକୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ଆଠ ଦିନ ହେଲା ଗାନ୍ଧୀମାର୍ଗରେ ଆଉଟସୋର୍ସିଂ କର୍ମଚାରୀଙ୍କ ବିଶାଳ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲୁରହିଛି। ସଂଘ ପକ୍ଷରୁ ଦୀର୍ଘ ବର୍ଷର ଅଭିଜ୍ଞତା ଆଧାରକରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହିତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଡ଼େଲିୱେଜେସ ଆଉଟସୋର୍ସିଙ୍ଗ ଦ୍ୱୈତ ବ୍ୟବସ୍ଥା ଏକକ ବ୍ୟବସ୍ଥା ଗ୍ରହଣ କରିବାକୁ ତିନି ଦଫା ଦାବି ସଂଘ ରଖିଛି। ବାରମ୍ବାର ଅଭିଯୋଗ କରିଲା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଦୁଇ ମିନିଟ୍ ଶୁଣିବାକୁ ସମୟ ଦଉନାହାନ୍ତି। ସରକାର ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ। ମନ୍ତ୍ରୀ ମଧ୍ୟ ଏକ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କସହ ଆଲୋଚନାକରି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ। କିନ୍ତୁ ମାସେ ଯାଇ ବର୍ଷେ ହେଲା ମୁଖ୍ୟମନ୍ତ୍ରୀ ସମୟବେଳେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟ ପ୍ରକାଶ କଲେ ନାହିଁ।ଆମ ଦେଶର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ସମାନ କାମକୁ ସମାନ ଦରମା ସହିତ ବିଜେପି ଶାସିତ ପାଖ ପଡୋଶୀ ରାଜ୍ୟମାନଙ୍କରେ ଯଥା ହରିୟାନା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରପ୍ରଦେଶ, କର୍ଣ୍ଣାଟକ ସରକାର ଦୀର୍ଘ ବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ଚାକିରୀରେ ନିରାପତ୍ତା ଓ ମଧ୍ୟସ୍ଥି ବ୍ୟବସ୍ଥାକୁ ବନ୍ଦ କରିବା ନିଷ୍ପତି ଗ୍ରହଣ କରିସାରିଲେଣି। ଓଡ଼ିଶାରେ ଲୋକଙ୍କ ସରକାର କେବେ ଚାକିରୀରେ ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡ଼େଲିୱେଜେସ ଆଉଟସୋର୍ସିଙ୍ଗ ଦ୍ୱୈତ ବ୍ୟବସ୍ଥା ଏକକ ବ୍ୟବସ୍ଥା ଗ୍ରହଣ ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପଲା ଯୋଗାଇ ଦେବା ଆଦି ନିଷ୍ପତି ଗ୍ରହଣ କରିବେ ବୋଲି ଆନ୍ଦୋଳନ କାରୀଙ୍କ ମନରେ ପ୍ରଶ୍ନ ଉଠିଛି। ଆଜି ଆମକୁ ଡକାଇ ଆମ ସାଙ୍ଗରେ ଆଲୋଚନା କରିବା ପାଇଁ ରାଜ୍ୟର ଆଇନ ମନ୍ତ୍ରୀ ପ୍ରତିଶ୍ରୁତି ଦେଇ ମଧ୍ୟ ତାଙ୍କ ପ୍ରତିଶ୍ରୁତି ରଖିପାରି ନାହାନ୍ତି। ଆମର ଆଶା ଖୁବ ଶୀଘ୍ର ମାନ୍ୟବର ମନ୍ତ୍ରୀ ଆମକୁ ଡାକି ଆଲୋଚନା କରି ଆମ ଦାବି ପୂରଣ କରିବାରେ ସହାୟକ ହେବେ ବୋଲି ସଂଘ କହିଛି। ମଙ୍ଗଳବାର ଏହି ଆନ୍ଦୋଳନ ସଭାରେ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ତଥା ସାଂସଦ, ଅନନ୍ତ ଚରଣ ଶେଠୀ, ପୂର୍ବତନ ସାଂସଦ, ମହାନଦୀ ବଞ୍ଚାଅ ସଂଗଠନର ସଭାପତି ସୁଦର୍ଶନ ଦାସ, ପ୍ରସନ୍ତ ବିସ୍ୱୋୟୀ, ସାମ୍ବାଦିକ ସତିଶ ମିଶ୍ର ପ୍ରମୁଖ ଯୋଗଦେଇ ଏହି ଦାବିର ସମର୍ଥନ ଜଣାଇଥିଲେ। ଏହି ଆନ୍ଦୋଳନ ସଭାକୁ ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଂଘର ଉପଦେଷ୍ଟା ତଥା କର୍ମଚାରୀ ନେତା ବିଜୟ କୁମାର ମଲ୍ଲ, ସଭାପତି ସଞ୍ଜୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ବିଭିନ୍ନ ଜିଲ୍ଲା ନେତୃତ୍ୱ ଓ କର୍ମକର୍ତ୍ତା ମାନେ ଆନ୍ଦୋଳନ ପରିଚାଳନା କରିଥିଲେ।



### ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଅପେକ୍ଷାରେ ଆଉଟ୍‌ସୋର୍ସିଂ କର୍ମଚାରୀ




ଭୁବନେଶ୍ୱର, ୧୭।୩(ସମିସ): ସମୟ ସହ ଓଡ଼ିଆ ସିନେମା ଜଗତରେ ଅନେକ ଉନ୍ନତି ଘଟିଲାଣି। ପରିବର୍ତ୍ତନ ବି ଆସିଛି, ନୂଆ ସୁଯୋଗ ସୃଷ୍ଟି ହୋଇଛି। ହେଲେ ଏପରି ଏକ ଧାରା ବଜାୟ ରଖିବାରେ ଓଡ଼ିଆ ସିନେ ଜଗତ ଅନେକ ସଂଘର୍ଷ ଦେଖିଛି ଓ କରିଛି ମଧ୍ୟ। ଯେଉଁଥିରେ କଳାକାର, ସିନେ ପ୍ରଯୋଜକ, ନିର୍ଦ୍ଦେଶକ ଆଦି ସମସ୍ତଙ୍କ ଭୂମିକା ରହିଆସିଛି। ହେଲେ କଳା ଧଳା ପରଦାରୁ ରଙ୍ଗୀନ ପରଦାର ଯାତ୍ରା ଅନେକଙ୍କ ସ୍ମୃତି ସହ ଜଡିତ। ପୂର୍ବରୁ ଗୋଟିଏ ସିନେମା ପରଦାକୁ ଆସିବା ଯାଏଁ ଲୋକ ଚାତକପରି ଚାହିଁ ବସୁଥିଲେ। ପାଖରେ ନା ଥିଲା ସ୍ମାର୍ଟ ଫୋନ ନା ବଡ ବଡ ଟିଭି। ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟରେ ଯେପରି ଏକ ମୋହ ଲୋକଙ୍କୁ ନିଜ ସହ ବାନ୍ଧି ରଖୁଥିଲା। ନବେ ଦଶକର ମଧ୍ୟ ଭାଗରେ ଓଡ଼ିଆ ସିନେମା ବେଶ ଲୋକପ୍ରିୟ ହୋଇପଡ଼ିଥିଲା। ମନୋରଞ୍ଜନ କ୍ଷେତ୍ରରେ ଲୋକେ ଓଡ଼ିଆ ସିନେମାକୁ ପ୍ରଥମେ ପସନ୍ଦ କରୁଥିଲେ। ଯଦିବା ସେତେବେଳେ ଘରୋଇ ଟେଲିଭିଜନ ପ୍ରବେଶ କରିସାରିଥିଲା କିନ୍ତୁ ସେତେଟା ଆଦୃତ ହୋଇପାରି ନ ଥିଲା।

ସାମାଜିକ ଗଣମାଧ୍ୟମରେ ଏକ ବହୁ ୧୯୮୪ ମସିହାର ପକା କମଳ ପୋତ ଛତା ସିନେମାର ଏକ ପୁରୁଣା ଫଟୋ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଫଟୋଟି ପାଖାପାଖି୪୦ବର୍ଷରୁଅଧିକପୁରୁଣାବୋଲିଜଣାପଡ଼ିଛି।ଯେଉଁଥିରେନିର୍ଦ୍ଦେଶକପ୍ରଶାନ୍ତନନ୍ଦ, ଅଭିନେତା ଉତ୍ତମ ମହାନ୍ତି, ଶ୍ରୀରାମ ପଣ୍ଡା ଓ ବସନ୍ତ ସାହୁଙ୍କୁ ଦେଖିବାକୁ ମିଳିଛି। ଶୁଟିଂ ସେଟ୍‌ର ଏହି ଫଟୋରେ ସିନେମା ସ୍କ୍ରିପ୍ଟକୁ ବସନ୍ତ ସାହୁ ପଢ଼ି ଶୁଣାଉଥିବା ବେଳେ ସେତେବେଳର ଓଡ଼ିଆ ସିନେମାର ସୁପରଷ୍ଟାର କୁହାଯାଉଥିବା ୩ ଅଭିନେତାଙ୍କୁ ଦେଖିବାକୁ ମିଳିଛି।

## ନୂଆପଲ୍ଲୀରୁ ମହିଳାଙ୍କୁ ଅପହରଣ ଅଭିଯୋଗ

ଭୁବନେଶ୍ୱର, ୧୭।୩(ସମିସ): ନୂଆପଲ୍ଲୀରୁ ଜଣେ ମହିଳାଙ୍କୁ ରଅପହରଣ ଅଭିଯୋଗ ହୋଇଛି। ତାଙ୍କୁ ପୂର୍ବତନ ପ୍ରେମିକ ବ୍ଲାକ୍‌ମେଲିଂ କରି ଏଭଳି ଅପହରଣ କାଣ୍ଡ ଘଟାଇଥିବା ନେଇ ଥାନରେ ଅଭିଯୋଗ ହୋଇଛି। ଅପହୃତା ମହିଳାଙ୍କ ବୟସ ୨୭ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ମହିଳା ୪ ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟା ସନ୍ତାନ ରହିଛି। ମହିଳାଙ୍କୁ ବହୁ ଦିନ ହେବ ତାଙ୍କ ପୂର୍ବତନ ପ୍ରେମିକ ଏକ ଭିଡିଓକୁ ନେଇ ବ୍ଲାକ୍‌ମେଲ୍ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମହିଳା ନୂଆପଲ୍ଲୀ ଆଇଡି ମାର୍କେଟ ଆସିଥିଲା। ସନ୍ଧ୍ୟା ୬.୩୦ରେ ସମୟରେ କିଛି ଯୁବକ ଆସି ତାଙ୍କୁ ଏକ କାର୍‌ରେ ଅପହରଣ କରି ନେଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦୀପକ ବୋଲି ଜଣାପଡୁଛି। ଏନେଇ ଥାନାରେ ମହିଳାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଛନ୍ତି।

## ସମ୍ ନର୍ସିଂ କଲେଜ-୨ ର ବାର୍ଷିକ ଉତ୍ସବ 'ରେସିଲିଆ'



ଭୁବନେଶ୍ୱର, ୧୭।୩(ସମିସ):ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ-୨, ଫୁଲନଖରାର (୨୦୨୫-୨୯) ବିଏସ୍‌ସି ନର୍ସିଂ ପ୍ରଥମ ବ୍ୟାଚର ଶପଥ ପାଠ ଓ ଦୁଇ ଦିନିଆ ବାର୍ଷିକ ଉତ୍ସବ 'ରେସିଲିଆ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ନର୍ସିଂ କଲେଜ୨ (୨୦୨୫-୨୯) ବିଏସ୍‌ସି ନର୍ସିଂ ବ୍ୟାଚର ୨୧୭ ଜଣ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଏସିବି ମେଡିକାଲ କଲେଜର ସ୍ତ୍ରୀ ରୋଗ ଏବଂ ପ୍ରସୂତି ବିଭାଗର ପୂର୍ବତନ ପ୍ରଫେସର ଡ. ସରୋଜିନୀ ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ନର୍ସିଂ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସରୋଜ ନଳିନୀ ପ୍ରଧାନ, ଓଡ଼ିଶା ସରକାରଙ୍କ ନର୍ସିଂ ନିର୍ଦ୍ଦେଶକ ଡ. ଶକ୍ତି ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ରାଜେଶ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ ପ୍ରଫେସର ପ୍ରଭାତୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଅନୁରାଧା ପଣ୍ଡା ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ର ସ୍ତ୍ରୀ ଓ ପ୍ରସୂତି ବିଭାଗର ଆସିଷ୍ଟାଂଟ ପ୍ରଫେସର ତନୁସ୍ମିତା ଦାସ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ଶପଥ ଗ୍ରହଣ କରାଇଥିଲେ।

## ଭଗବାନପୁର ଦଶଦୋଳ ମେଳଣ ଉଦ୍‌ଯାପିତ



ଭୁବନେଶ୍ୱର, ୧୭।୩(ସମିସ): ଭଗବାନପୁର ଗ୍ରାମର ଇଷ୍ଟଦେବ ଠାକୁର ଶ୍ରୀ ଶ୍ରୀ ମଦନ ମୋହନ ଦେବଙ୍କ ଦଶଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଗତ ଗୁରୁବାର ଠାରୁ ଆୟୋଜିତ ହୋଇଥିବା ଏହି ମେଳଣ ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୨୦୧୮ ମସିହାରୁ ଆରମ୍ଭ ହୋଇଥିବା ଏହି ମେଳନରେ ପ୍ରଥମରୁ ୧୨ ଗୋଟି ଠାକୁର କରୁଥିଲେ। ହେଲେ ଏବେ ବଢ଼ି ବଢ଼ି ୨୧ ଗୋଟି ଠାକୁର ବିଜେ କରୁଛନ୍ତି। ବିଶେଷ କରି ତମାଣ୍ଡୋ, କାଶିପୁର, ନଁପୁଟ, ପାଇକରାପୁର, ସିଜୁଆ, ଛୋଟରାୟପୁର, କଣ୍ଟାବାଡ଼, ଗିରିଙ୍ଗା ପୁଟ, ଘାଟିକିଆ ଆଦି ଆଖପାଖ ଗାଁ ମନଙ୍କରୁ ଠାକୁଆ ଆସି ବିଜେ ହୋଇଥିଲେ। ଗତ ଶନିବାର ଉକ୍ତ ମେଳଣର ଥାନପତି ଶ୍ରୀ ଶ୍ରୀ ମଦନ ମୋହନ ଦେବ ଓ ତମାଣ୍ଡୋର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ସହିତ ହରିହର ଭେଟ ହୋଇଥିଲା। ତତ୍‌ସହିତ ଯାତ୍ରା ସ୍ୱର୍ଣ୍ଣ ମହଲ ଯାତ୍ରା ପରିବେଷଣ ଏହି ମେଳଣକୁ ଅଧିକ ସରଗରମ କରିଥିଲା।ଏହି ମେଳଣରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।



ରବୀନ୍ଦ୍ର ମଣ୍ଡପ ଠାରେ ଗୁରୁ ପଙ୍କଜ ଚରଣ ଓଡିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ୩୨ତମ ଗୁରୁ ପଙ୍କଜ ଉତ୍ସବର ଉଦ୍‌ଘାଟନୀ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

### ସୂର୍ଯ୍ୟ ମହୋତ୍ସବ-୨୦୨୬

## ୧୧୪ ଶିଳ୍ପୀଙ୍କ କଣ୍ଠରେ ମୁକ୍ତିଲାଭ କଲା 'ଭାରତ କେ ପଥ ପ୍ରଦର୍ଶକ'

ଭୁବନେଶ୍ୱର, ୧୭।୩(ସମିସ): ସାମାଜିକ ଓ ସାଂସ୍କୃତିକ ସଂଗଠନ ଅମୃତ କଳାକାର ଦ୍ୱାରା ମଙ୍ଗଳବାର ଜୟଦେବ ଭବନରେ ପ୍ରଥମଥର ପାଇଁ ସୂର୍ଯ୍ୟ ମହୋତ୍ସବ-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୧୧୪ ଜଣ କଣ୍ଠଶିଳ୍ପୀ ଗାଇଥିବା 'ଭାରତ କେ ପଥ ପ୍ରଦର୍ଶକ' ଶୀର୍ଷକ ସଙ୍ଗୀତ ସିଡି ସହିତ ଅମୃତ କଳାକାର ସୂର୍ଯ୍ୟ ମହୋତ୍ସବ ସ୍ପେସିଆଲ୍ ଏଡିସନ ଓ 'ମ୍ୟୁଜିକ ଜର୍ନି-ଲାଇଫ ଡକ୍ୟୁମେଣ୍ଟାରି' ସିଡି ମୁକ୍ତିଲାଭ କରିଥିଲା। ଏଥି ସହିତ ସଙ୍ଗୀତ ବିଶାରଦ ଡା. କୀର୍ତ୍ତନ ନାରାୟଣ ପାଢ଼ୀ, ଗୀତିକାର ବସନ୍ତ ଦାସ, ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲ, କବି ଡା. ଅଶୋକ ପୁହାଣ, ଡା. ଅମିତାଭ ଜେନା, ସମାଜସେବୀ ଓ ମିଡିଆ ବିଶେଷଜ୍ଞ ଏନ୍.ଏ. ଶାହା ଅନସାରୀ ଓ ଶିଳ୍ପୀ ବିଭୂତି ଭୂଷଣ ମହାପାତ୍ରଙ୍କୁ 'ଅମୃତ କଳାକାର ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ସ୍ୱାମୀ ଭଗବତାନନ୍ଦ ସରସ୍ୱତୀ ମହାରାଜ ଉଦଘାଟନ କରିଥିବାବେଳେ ସ୍ୱାମୀ ପୁରୁଷୋତ୍ତମାନନ୍ଦ ସରସ୍ୱତୀ ମହାରାଜ, ବିଜ୍ଞାନୀ ଗୁରୁ ସନ୍ଥ ମହାରାଜ, ପଣ୍ଡିତ ଡା. ଜ୍ଞାନରଞ୍ଜନ ପତି, ଡ଼ା. କରୁଣାକର ପ୍ରଧାନ, ଡା. ଭାଗ୍ୟଲିପି ମଲ୍ଲ, ଅଶୋକ କୁମାର ବେହେରା, ହରିହର ପଣ୍ଡା ପ୍ରମୁଖ ଅତିଥିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୈଦିକ ବିଶ୍ୱବିଦ୍ୟାଳୟ, ତିରୁଭାନ୍ନାମଲାଇର ଉପକୁଳପତି ପ୍ରଫେସର ଡା. ହରିହର କାନୁନଗୋ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅମୃତ କଳାକାରର ସଭାପତି ରାଜକୁମାର ପ୍ରଧାନ ଓ ସମ୍ପାଦକ ରାଜକିଶୋର ଗୋଛାୟତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।



## ଅକ୍ଷୟ ପାତ୍ର ଫାଉଣ୍ଡେସନର ୫୦୦ କୋଟିତମ ଭୋଜନ ପରିବେଷଣ

ଭୁବନେଶ୍ୱର, ୧୭।୩(ସମିସ): ଅକ୍ଷୟପାତ୍ର ଫାଉଣ୍ଡେସନ ପକ୍ଷରୁ ୫୦୦ କୋଟିତମ ଭୋଜନ ଥାଳି ପରିବେଷଣ ଏବଂ ମାନବ ସେବାର ୨୫ ବର୍ଷ ପୂରଣ ଉତ୍ସବ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ପାଳନ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅକ୍ଷୟପାତ୍ରର ଫାଉଣ୍ଡେସନର ପ୍ରତିଷ୍ଠାତା ଓ ବିଶ୍ୱ ହରେ କୃଷ୍ଣ ମୁଭମେଣ୍ଟର ଅଧ୍ୟକ୍ଷ ତଥା ସଭାପତି ମଧୁ ପଣ୍ଡିତ ଦାସ ଏବଂ ଉକ୍ତ ସଂଗଠନମାନଙ୍କର ବରିଷ୍ଠ ଉପାଧ୍ୟକ୍ଷ ଚଞ୍ଚଳପତି ଦାସଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅକ୍ଷୟ ପାତ୍ରର ଟ୍ରଷ୍ଟି ବୋର୍ଡ, ବରିଷ୍ଠ ସରକାରୀ ଅଧିକାରୀ, ବିଶିଷ୍ଟ ନେତା, ପବ୍ଲିକ ପଲିସି ଥିଙ୍କ ଟ୍ୟାଙ୍କ, ବଦାନ୍ୟ ବ୍ୟକ୍ତି, ଅଂଶୀଦାର, ସମର୍ଥକ ଏବଂ ପ୍ରମୁଖ ସହଭାଗୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ବିକଶିତ ଭାରତ ପାଇଁ ସୁପୋଷିତ ଏବଂ ସୁଶିକ୍ଷିତ ଭାରତ' ଏକ ବିକଶିତ ଭାରତ ପାଇଁ ଶିଶୁ ପୁଷ୍ଟି ଏବଂ ଶିକ୍ଷା ପ୍ରତି ସାମୂହିକ ପ୍ରୟାସକୁ ଆଲୋକପାତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ପୋଷଣ' ଯୋଜନାର ଏକ ପ୍ରମୁଖ କାର୍ଯ୍ୟକାରୀ ଅଂଶୀଦାର ଭାବରେ, ଅକ୍ଷୟପାତ୍ର ଫାଉଣ୍ଡେସନ ସାରା ଭାରତରେ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ସ୍କୁଲରେ ପଢୁଥିବା ଲକ୍ଷ ଲକ୍ଷ ପିଲାଙ୍କୁ ତାଜା, ପୁଷ୍ଟିକର ଖାଦ୍ୟ ପରିବେଷଣ କରିଆସୁଛି। ଫାଉଣ୍ଡେସନ ବର୍ତ୍ତମାନ ଭାରତର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳର ୭୮ଟି ସ୍ଥାନରେ ଏହାର ଅତ୍ୟାଧୁନିକ ରୋଷେଇ ଘର ମାଧ୍ୟମରେ ୨୩.୫ ଲକ୍ଷ ପିଲାଙ୍କୁ ଖାଦ୍ୟ ଯୋଗାଇ ଆସୁଛି ଏବଂ ୨୦୩୦ ସୁଦ୍ଧା ପ୍ରତିଦିନ ୩୦ ଲକ୍ଷ ପିଲାଙ୍କୁ ଖାଦ୍ୟ ଦେବାକୁ ଲକ୍ଷ୍ୟ ରଖୁଛି।



## ବିଜେଡି ପକ୍ଷରୁ ଗୁରୁ ପଙ୍କଜ ଚରଣ ଦାସଙ୍କ ଜୟନ୍ତୀ




ଭୁବନେଶ୍ୱର, ୧୭।୩(ସମିସ): ଗୁରୁ ପଙ୍କଜ ଚରଣ ଦାସ ଓଡ଼ିଶୀ ନୃତ୍ୟର ଜନକ ଭାବେ ବିଶ୍ୱବିଦିତ। ସେ ଶ୍ରୀମନ୍ଦିରର ନାଟମଣ୍ଡପରେ ବନ୍ଦୀ ଥିବା ମାହାରୀ ନୃତ୍ୟକୁ ଓଡ଼ିଶୀ ନୃତ୍ୟରେ ପରିବର୍ତ୍ତନ କରି ସାରା ବିଶ୍ୱରେ ଏକ ନବୀନ ପରିଚିତ ଆଣିଦେଇଥିଲେ। ସର୍ବପ୍ରଥମେ ସଂସ୍କୃତର ମହାନ୍ କବି କାଳିଦାସ ଓ ଜୟଦେବଙ୍କ ଅନେକ ଅମର କୃତିକୁ ସେ ଓଡ଼ିଶୀ ନୃତ୍ୟର ଛନ୍ଦରେ ଜନତା ଜନାର୍ଦ୍ଦନଙ୍କୁ ଭେଟିଦେଇ ଓଡ଼ିଶୀ ନୃତ୍ୟର ମାନ୍ୟତା ସୃଷ୍ଟି କରିପାରିଥିଲେ ବୋଲି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ପ୍ରକାଶ କରିଛନ୍ତି। ମଙ୍ଗଳବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅବସ୍ଥିତ ଗୁରୁ ପଙ୍କଜ ଚରଣ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ କାମଦେବ ମହାପାତ୍ର ପ୍ରଥମେ ଗୁରୁ ପଙ୍କଜଙ୍କ କୃତି ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ଅମିୟ କୁମାର ଧଳ, ଚୈତନ୍ୟ ଷଡ଼ଙ୍ଗୀ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରଦୀପ କୁମାର ଦଳେଇ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ବିଜୟ କୁମାର ସାହୁ, ହିମାଂଶୁ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରଭାତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମଞ୍ଚରେ ଚମକିବେ ଓଡ଼ିଶାର ଶିଶୁ ଚିତ୍ରଶିଳ୍ପୀ

ଭୁବନେଶ୍ୱର, ୧୭।୩(ସମିସ): ଐତିହାସିକ ଧଉଳି ପାଦଦେଶରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ତାରିଖ ଦୁଇଦିନ ଧରି ସପ୍ତମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ମହୋତ୍ସବ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ କୋମଳ ମତି ଶିଶୁମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ୧୫୦୦ରୁ ଅଧିକ ଶିଶୁ ଚିତ୍ର ଶିଳ୍ପୀଙ୍କୁ ନେଇ ଏକ ବିଶାଳ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। ମାର୍ଚ୍ଚ ୨୯ ରେ 'ବିକଶିତ ଭାରତ' ଓ 'ପ୍ରଦୂଷଣ ମୁକ୍ତ ପୃଥିବୀ' ଶୀର୍ଷକ ଏକ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଶିଶୁ ଶିଳ୍ପୀଙ୍କୁ 'ଲିଟିଲ୍ ଆର୍ଟ ଚାମ୍ପ' ଭାବେ ସମ୍ମାନିତ କରାଯିବ। ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ମାର୍ଚ୍ଚ ୨୭ ତାରିଖ ପୂର୍ବରୁ ମୋବାଇଲ ୮୯୧୭୬୦୬୪୩୨ ନମ୍ବରରେ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରି ପାରିବେ।

# ଭଗବାନପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ତାଲା

ଭୁବନେଶ୍ୱର, ୧୭।୩(ସମିସ): ହଠାତ୍ ଦେହ ଅସୁସ୍ଥ ହେଲେ ନାହିଁ ଚିକିତ୍ସା ସୁବିଧା। ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲେ ବି ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍‌ରେ ଝୁଲୁଛି ତାଲା। ସକାଳୁ ରାତି ଯାଏ ବହୁ ସଂଖ୍ୟାରେ ରୋଗୀ ଆସୁଛନ୍ତି, ଅପେକ୍ଷା କରି କରି ଶେଷରେ ଫେରି ଯାଉଛନ୍ତି, ହେଲେ ଆସୁନାହାନ୍ତି ଫାର୍ମାସିଷ୍ଟ କି ଡାକ୍ତର। ଜରୁରୀ ପରିସ୍ଥିତିରେ ବି ଡାକ୍ତରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ପାତ୍ରପଡ଼ା ଭଗବାନପୁର ଅଞ୍ଚଳବାସୀ। କାରଣ ଦିର୍ଘ ସପ୍ତାହେ ହେବ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଝୁଲୁଛି ତାଲା। ତେବେ କେଉଁ କାରଣରୁ ଡାକ୍ତର ଆସୁନାହାନ୍ତି ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉ ନାହିଁ ତାହା ମଧ୍ୟ ସ୍ଥାନୀୟଲୋକେ ଜାଣିନଥିବା କହିଛନ୍ତି। ଫଳରେ ଚିକିତ୍ସା କରିବା ଆଶା ନେଇ ଆସୁନଥିବା ଅନେକ ଲୋକେ ନିରାଶ ହେଉଥିବା ଦେଖିବାକୁ ମିଳିଛି।

### ନିରାଶ ହୋଇ ଫେରୁଛନ୍ତି ରୋଗୀ




ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର ୬୫ ଅଧୀନସ୍ଥ ପାତ୍ରପଡ଼ା, ଭଗବାନପୁର କେ-୯ରେ ୨୦୨୩ ମସିହାରେ ଏହି ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ବର୍ତ୍ତମାନ ଏହାର ନାମ ପରିବର୍ତ୍ତନ କରାଯାଇ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କରାଯାଇଛି। ଏହି ଆରୋଗ୍ୟ ମନ୍ଦିରରେ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ସହାୟକ ହେଉଥିବା ବେଳେ ବିନା କୌଣସି ନୋଟିସ୍‌ରେ ଏହି ଚିକିତ୍ସା ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଆଖପାଖ ଅଞ୍ଚଳର ୧୦ହଜାର ଲୋକଙ୍କ ଭରସା ପାଲଟିଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସପ୍ତାହରୁ ଉର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଫଳରେ ଛୋଟ ପିଲା କିମ୍ବା ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ୍ ହେଲେ ଘରୋଇ ଡାକ୍ତରଖାନାକୁ ନେଇ ଖର୍ଚ୍ଚାନ୍ତ ହେଉଛନ୍ତି ଅଞ୍ଚଳବାସୀ। ପ୍ରତିଦିନ ସକାଳ ୮ଟାରୁ ଦିନ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଏହି ସମୟ ମଧ୍ୟରେ ରେଗୀମାନେ ଏଠାକୁ ଆସି ଚିକିତ୍ସା ସୁବିଧା ପାଇବା ସହ ନିରାମୟ କେନ୍ଦ୍ରରୁ ମାଗଣା ଔଷଧ ନେଇଥାନ୍ତି। ତା ସହିତ ରକ୍ତଚାପ, ମଧୁମେହ ଭଳି ବିଭିନ୍ନ ପରୀକ୍ଷା ମଧ୍ୟ ମାଗଣାରେ କରାଯାଇଥାଏ। କୌଣସି ଘରୋଇ ଲ୍ୟାବ୍‌ରେ କରାଇବାକୁ ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। କେବଳ ସେତିକି ନୁହେଁ, ବର୍ତ୍ତମାନ ଘରେ ଘରେ ଥଣ୍ଡା, କାଶ ଭଳି ସମସ୍ୟା ଲାଗି ରହିଥିବା ବେଳେ ଏଥିପାଇଁ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଦିନତମାମ ଲାଇନ୍ ଲଗାଇବା ସହ ଡାକ୍ତରୀ ଫିସ୍ ଓ ଔଷଧ କିଣା ବାବଦକୁ ମୋଟା ଅଙ୍କର ଅର୍ଥ ଗଣିବାକୁ ବାଧ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏହି ଆରୋଗ୍ୟ ମନ୍ଦିରରେ ପ୍ରାଥମିକ ଚିକିତ୍ସା ପାଇଁ ସମସ୍ତ ସୁବିଧା ଉପଲବ୍ଧ ରହିଥିବା ବେଳେ ନୂତନ କରି ଯୋଗ ମଧ୍ୟ କରାଯାଉଥିଲା। ଅଞ୍ଚଳର ବହୁ ବରିଷ୍ଠନାଗରିକ, ମହିଳାମାନେ ବେଶ ଉପକୃତ ହୋଇଥାନ୍ତି। ଏଥିପାଇଁ ଜଣେ ଯୋଗ ଗୁରୁଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ହେଲେ କାହାକୁ କିଛି ସୂଚନା ଦିଆନଯାଇ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଆରୋଗ୍ୟ ମନ୍ଦିର ବନ୍ଦ ରହିଛି। ଫଳରେ ଥଣ୍ଡା, କାଶ, ଜ୍ୱର ଭଳି ସମସ୍ୟା ପାଇଁ ମଧ୍ୟ ଘରୋଇ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ଲୋକେ। ସୂଚନା ଅନୁସାରେ, ଏହି ଆରୋଗ୍ୟ ମନ୍ଦିରରେ ସ୍ତ୍ରୀ ରୋଗ, ଇଏନ୍‌ଟି, ଶିଶୁ ବିଶେଷଜ୍ଞ ଆସୁଥିଲେ। ଧୀରେ ଧୀରେ ଜଣକ ପରେ ଜଣେ ଡାକ୍ତର ଆସିବା ବନ୍ଦ କରିଦେବା ପରେ ମେଡିସିନ୍ ବିଭାଗର ଜଣେ ଡାକ୍ତ ଓ ଫାର୍ମାସିଷ୍ଟ ଙ୍କ ଭରସାରେ ଚାଲିଥିଲା। ହେଲେ କିଛିଦିନ ହେବ ସେମାନେ ବି ଆସୁ ନାହାନ୍ତି। ସବୁଠାରୁ ବଡ଼କଥା ହେଉଛି ଏହି ଆରୋଗ୍ୟ ମନ୍ଦିର ଏକ ଭଡ଼ାଘରେ ଚାଲୁଥିବା ଜଣାପଡ଼ିଛି। ଏସମ୍ପର୍କରେ ସ୍ଥାନୀୟ କର୍ପୋରେଟରଙ୍କୁ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରିନାହିଁ। କିନ୍ତୁ ଆରୋଗ୍ୟ ମନ୍ଦିର ପୂର୍ବଳି ନିୟମିତ ନିର୍ଦ୍ଧାରିତ ସମୟାର ଖୋଲାଯିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା,୧୭।୩(ସମିସ):




ଆଗାମୀ ଏପ୍ରିଲ ଓ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟରଖିବା ପ୍ରଶାସନର ପ୍ରାଥମିକତା ବୋଲି ସ୍ପଷ୍ଟ କରିଥିଲେ। ସକାଳ ୧୦ରୁ ଅପରାହ୍ଣ ୪ ପର୍ଯ୍ୟନ୍ତ କୌଣସି ପରିବହନ ସେବା କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ହେବ ନାହିଁ। ଭାରୀଯାନ ଗୁଡିକରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ସହ ଜଣେ ସହଯୋଗୀ ରହିବା ବାଧ୍ୟତାମୂଳକ କରାଯାଇଛି। ସ୍କୁଲ ଗୁଡିକରେ ପିଲାମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବାକୁ ଏବଂ ସକାଳୁଆ ସ୍କୁଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥରେ ଗୋବିନ୍ଦପୁର ଟୋଲଗେଟ୍ ସମେତ ଜିଲ୍ଲାର ସମସ୍ତ ବ୍ଲକ୍, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବିଶ୍ରାମ ଗାର ଖୋଲିବାକୁ କୁହାଯାଇଛି। କୌଣସି ସରକାରୀ କାର୍ଯ୍ୟାଳୟ ପରିସରରେ ଜଳ ଅପଚୟକୁ ନେଇ ଜିଲ୍ଲାପାଳ କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଟ୍ୟାପ୍ ଖୋଲାରଖିବା ବା ପାଣି ଭାସିବାକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି। ପାନୀୟ ଜଳ ସମ୍ପର୍କିତ ସମସ୍ତ ପେଣ୍ଡିଂ ଫାଇଲ୍ ତୁରନ୍ତ ସାରିବା, ଅଚଳ ନଳକୂପ ଓ ପାଇପ୍ ଲାଇନ ଲିକେଜକୁ ୨୪ ଘଣ୍ଟା ମଧ୍ୟରେ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟାଟା ପାୱାରକୁ ମରାମତି କାର୍ଯ୍ୟ ଭୋର ସମୟରେ କରାଯିବ ଏବଂ ମଧ୍ୟାହ୍ନରେ ଅବିରତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗକୁ ଓଆରଏସ ପ୍ୟାକେଟ ଓ ଜୀବନରକ୍ଷକ ଔଷଧ ମହଜୁଦ ରଖିବା ସହ ହସ୍ପିଟାଲ ଗୁଡିକରେ ଏସି ଓ କୁଲର ସୁବିଧା ଥିବା ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଜଙ୍ଗଲରେ ନିଆଁରୋକିବା ପାଇଁ ବନ ବିଭାଗକୁ ସତର୍କ କରାଯାଇଥିବା ବେଳେ ବନ୍ୟଜନ୍ତୁଙ୍କ ପାଇଁ ପାଣିର ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲ୍ଲା, ବ୍ଲକ୍ ଓ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ କଣ୍ଟ୍ରୋଲରୁମ୍ ଖୋଲାଯାଇ ସମସ୍ତ ହେଲ୍ପଲାଇନ ନମ୍ବରକୁ ସାର୍ବଜନୀନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରୀଷ୍ମ ପ୍ରବାହ ବେଳେ ଅଂଶୁଘାତ ନିୟନ୍ତ୍ରଣ ପାଇଁ ପ୍ରସ୍ତୁତି ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ସେହିପରି ଜିଲ୍ଲାର ସମସ୍ତ ଗାଁରେ ପାନୀୟ ଜଳ ବ୍ୟବସ୍ଥା କରାଯିବ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀଣ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତ ଜନପ୍ରତିନିଧି ମାନଙ୍କୁ ନେଇ ଜନସଚେତନତା କରିବା ପାଇଁକୁହାଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହେଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ ତହସିଲଦାର, ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

- ଅଂଶୁଘାତ ଜନିତ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟ
- ସକାଳ ୧୦ରୁ ଅପରାହ୍ଣ ୪ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଓ ଶ୍ରମ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ
- ମଧ୍ୟାହ୍ନରେ ବିଦ୍ୟୁତ୍ କାଟ୍ ନିଷେଧ
- ଜିଲ୍ଲାରେ ୨୪/୭ କଣ୍ଟ୍ରୋଲ ରୁମ୍ ପାଇଁ ନିର୍ଦ୍ଦେଶ

## ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଝାରସୁଗୁଡ଼ା,୧୭।୩(ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ସ୍ଥାନୀୟ ଏଚ୍ କଟାପାଲି ସ୍ଥିତ ପ୍ରଦୋଷ ସ୍ମୃତି ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଦର ଥାନା ମଞ୍ଜୁ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ଥାନାର ରୀନା ପଟେଲ ଓ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ୍‌ର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ପ୍ରଶିକ୍ଷକ କାମେଲେଶ୍ୱରୀ ଲହରେ ଛାତ୍ରୀମାନଙ୍କୁ ୮ ଦିନ ପର୍ଯ୍ୟନ୍ତ ତାଲିମ ନେଇଥିବାରୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁଜାତା ଦାସ ପରିଚାଳନା କରିଥିଲେ। ଶେଷରେ ଆତ୍ମସୁରକ୍ଷା ତାଲିମ ନେଇଥିବା ସମସ୍ତ ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଅଧ୍ୟକ୍ଷ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧୭।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ମୁଣ୍ଡରାଜୋର ସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ କୋଠା ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ନିର୍ମାଣାଧୀନ କୋଠା ବୁଲି ଦେଖିବା ସହ କାର୍ଯ୍ୟର ମାନ ପରଖିଥିଲେ। ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଜିଲ୍ଲାପାଳ ଆଲୋଚନା କରି କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ନୂତନ କୋଠା ନିର୍ମାଣ କରାଯାଉଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରି କୋଠା ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ୧୨ କେଜି ଗଞ୍ଜେଇ ଜବତ, ୪ ଗିରଫ



ଝାରସୁଗୁଡ଼ା,୧୭।୩(ସମିସ): ନିଶାମୁକ୍ତ ଓଡ଼ିଶା ଅଭିଯାନରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଝାରସୁଗୁଡ଼ା ପୁଲିସ ପକ୍ଷରୁ ବେଆଇନ ନିଶା କାରବାର ରୋକିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ପୁଲିସ ଓରିଏଣ୍ଟ ଥାନା ଏବଂ ବନହରପାଲି ଥାନା ଅଞ୍ଚଳରୁ ପ୍ରାୟ ୧୨ କେଜି ୮୨ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜଣେ ଫେରାର ଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ବନହରପାଲି ଥାନା ଅଞ୍ଚଳର ପ୍ରଶାନ୍ତ ପାଢ଼ୀ(୪୩), ବଶିଷ୍ଠ ପଧାନ(୪୨), ମିହିର ସେନାପତି(୫୫) ଏବଂ ଓରିଏଣ୍ଟ ଅଞ୍ଚଳର ମ୍ରିନାଳକାନ୍ତି ଭୋଇ ଓରଫ ବିଚ୍ଛୁ(୪୨) ହୋଇଥିବା ବେଳେ ବୌଦ୍ଧର ସନ୍ତୋଷ ମାଝୀ ଫେରାର ଥିବା ନେଇ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ୧୨ କେଜି ୮୨ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଗୋଟି ବାଇକ, ଶହଶହ ଚିଲମ, ଗୋଗୋ, ସିଗାରେଟ ଏବଂ ୨୫ ହଜାର ୩୬୦ ଟଙ୍କା ପୁଲିସ ତରଫରୁ ଜବତ କରାଯାଇଛି। ଏନେଇ ବନହରପାଲି ଥାନାରେ ମାମଲା ରୁଜୁ କରାଯାଇଛି।

## ‘ଅପରାହ୍ଣ’ର ଜିଲ୍ଲାସ୍ତରୀୟ କବିତା ପାଠ ଓ ବନ୍ଧୁମିଳନ



କୋଲାବିରା,୧୭।୩(ସମିସ): ‘ଅପରାହ୍ଣ’ ପକ୍ଷରୁ ଝାରସୁଗୁଡ଼ା ସାହିତ୍ୟଘରର କାର୍ଯ୍ୟକ୍ରମ ଅଧୀନ ଜିଲ୍ଲା ସ୍ତରୀୟ ସାରସ୍ୱତ ବନ୍ଧୁ ମିଳନ କବିତା ପାଠ ଓ ଆଲୋଚନାଚକ୍ର କୋଲାବିରା ସ୍ଥିତ ଅସିତ ହୋଟେଲ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ପୂର୍ବତନ ସରପଞ୍ଚ ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଣତୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମାଧବୀ ପଟେଲ ଓ ନାରୀ କବି ଓ ଲେଖିକା ଡ.ସ୍ୱର୍ଣ୍ଣଲତା ଲେଙ୍କା ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅପରାହ୍ଣର ସମ୍ପାଦକ ତଥା ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଙ୍ଗଠନର ରାଜ୍ୟ ସଭାପତି ବଂଶୀଧର ଜେନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋହିତ ପଟେଲ ଉପସ୍ଥିତ ଥିଲେ। ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସଭାପରିଚାଳନା କରିଥିବା ବେଳେ କବିତା ପାଠୋତ୍ସବକୁ ଶିକ୍ଷକ ମୋରଞ୍ଜନ କଣ୍ଟା ଓ ପ୍ରଧାନ ଶିକ୍ଷକ ଅଞ୍ଜଳୀପ୍ରଭା ପଟ୍ଟନାୟକ ପରିଚାଳନା କରିଥିଲେ। ସ୍ୱାଗତ ସଙ୍ଗିତ ସହ ବନ୍ଦେ ଉତ୍କଳ ଜନନୀ ଶିକ୍ଷୟିତ୍ରୀକୁନୁ ଦେହରୀ ଗାନ କରିଥିଲେ। ସମଲେଶ୍ୱରୀ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଆୟୋଜିତ ସାହିତ୍ୟ ସଭାରେ ୫୬ ଜଣ କବି କବୟିତ୍ରୀ ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୭ ଜଣ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ୯ ଜଣ କବି-କବୟିତ୍ରୀଙ୍କୁ ଅପରାହ୍ଣ ସାହିତ୍ୟ ଘର ସମ୍ମାନରେ ସ୍ମାରକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସଫଳ ରୂପାୟନରେ ସଂସଦର ସମ୍ପାଦକ ଡ.କୀର୍ତି ଚନ୍ଦ୍ର ବହିଦାର, ଅଦ୍ୟାଶା ପ୍ରାଜଙ୍କ ବହିଦାର, ଅର୍ଥବ, ଆରବ, ଆଦିତ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ପୁଲିସ ପକ୍ଷରୁ ରକ୍ତଦାନ ଶିବିର

### ୭୯ ୟୁନିଟ୍ ରକ୍ତ ସଂଗ୍ରହ



ଦେବଗଡ଼,୧୭।୩(ସମିସ): ରିଆମାଳ କଲ୍ୟାଣ ମଣ୍ଡପରେ ଜିଲ୍ଲା ପୁଲିସ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଥାନା ଅଧିକାରୀ ବିନୟ କେରକେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୫୭ ୟୁନିଟରକ୍ତ ସଂଗ୍ରହ କରାଯାଇଥିଲା। ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ମାହାନା ମୁଖ୍ୟଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ଦେବଗଡ଼, ବାରକୋଟ,କୁଣ୍ଡେଇଗୋଳା ଥାନା ସମେତ ଖଇରପାଲି ଆଉଟପୋଷ୍ଟ ଏବଂ ଦେବଗଡ଼ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ପୂର୍ବରୁ ଆୟୋଜିତ ହୋଇଥିଲା। ରିଆମାଳ ସରପଞ୍ଚ ବୀଣାପାଣି ନାୟକ, ମଲେହିପଡା ସରପଞ୍ଚରୁନୁ ବେହେରା, ସମାଜସେବୀ ଗାନ୍ଧୀଚରଣ ନାୟକ, ସୁଶାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ରିଆମାଳ ଥାନା ଏସଆଇ ସନ୍ତୋଷ ସେଠୀ, ପିଏସଆଇ ବିଶ୍ୱରଞ୍ଜନ ଦାଶ, ଏଏସଆଇ ବିଜୟ ସ୍ୱର୍ଣ୍ଣଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଗତକାଲି ମଧ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ଖଇରପାଲି ଫାଣ୍ଡିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଇରପାଲି ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ବିଷ୍ଣୁପ୍ରିୟାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ମାହାନା ମୁଖ୍ୟଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଣ୍ଡେଇଗୋଳା ଥାନା ଅଧିକାରୀ ଜୋହନ୍ କୁଜୁର ସାମିଲ ହୋଇଥିଲେ। ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ ପାଇଁ ଶିବିର ଆୟୋଜିତ ହୋଇଥିଲା। ଖଇରପାଲି ଫାଣ୍ଡିର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାର ଉନ୍ନତି କରଣ ପାଇଁ ସମୀକ୍ଷା

ଦେବଗଡ଼,୧୭।୩(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଓ ବ୍ଲକ୍ ଗୁଡିକର ବିଭିନ୍ନ ପ୍ରକଳ୍ପର ଉନ୍ନତି କରଣ ସହ ପର୍ଯ୍ୟଟନ ବିକାଶ, ଚିକିତ୍ସାଳୟ, କ୍ରୀଡା ଓ ବିଭିନ୍ନ ପ୍ରକଳ୍ପର ଉନ୍ନତି କରଣ ପାଇଁ ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା ବୈଠକ ହୋଇଯାଇଛି। ବିଭିନ୍ନ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍, ଅଞ୍ଜୁନୀ କୁଜୁର୍, କଳିଙ୍ଗ ଆଶିଷ ଶତପଥୀ, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଈଶ୍ୱର ଗୁରୁ, ପ୍ରକଳ୍ପ ପ୍ରକାଶିକା ସନ୍ଧ୍ୟା ମାଝୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ

ଦେବଗଡ଼,୧୭।୩(ସମିସ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ମାଷ୍ଟର ଟ୍ରେନର ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରଫେସର ଡ.ରମେଶ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ପ୍ରଫେସର୍ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଡ.ରବି ନାରାୟଣ ପଣ୍ଡା ପ୍ରମୁଖ କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ବିଲୁଙ୍ଗ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ପରେ ଓଡ଼ିଆରେ ପ୍ରତ୍ୟେକ କାର୍ଯ୍ୟାଳୟରେ ପତ୍ର ବିନିମୟ ଏବଂ ଯୋଗାଯୋଗ ଓଡ଼ିଆ ଚିଠା ଓ ଟିପ୍ପଣୀ ଆଦେଶନାମା ବ୍ୟବହାର ଉପରେ ମାଷ୍ଟର ଟ୍ରେନର ପ୍ରଫେସର୍ ଡ.ମଲିକ ଓ ଅବସରପ୍ରାପ୍ତ ଡ.ପଣ୍ଡା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ଡେପୁଟି କଲେକ୍ଟର ସୌମ୍ୟା ସୁଚିସ୍ମିତା, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ



ଦେବଗଡ଼,୧୭।୩(ସମିସ): ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ଅଧୀନ ଆଉଁଳି ଗାଁରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ଆଉଁଳି ଗାଁର କେଦାର ବେହେରା ରାଜମିସ୍ତ୍ରୀ ଭାବେ କାମ କରନ୍ତି। ଗତକାଲି ସଂଧ୍ୟା ୭ଟାରେ କାମ ସାରି ନିଜ ଘରକୁ ଫେରିବା ବେଳେ ସେହି ଗାଁର ରଞ୍ଜିତ ସାହୁ ଏକ ବାଇକରେ ଆସି ଏଆରସି ବେଲଛକ ନିକଟରେ ଏକ ଟାଙ୍ଗିଆରେ କେଦାରଙ୍କୁ ଆକ୍ରମଣ କରିଥିଲା। କେଦାର ଟାଙ୍ଗିଆଟିକୁ ହାତରେ ଧରିଦେବାରୁ ଛାତିରେ ସାମାନ୍ୟ ଆଘାତ ଲାଗିବା ସହିତ ତାଙ୍କ ସାର୍ଟ ଚିରି ଯାଇଛି। ଏ ନେଇ ଗତକାଲି ରାତିରେ କୁଣ୍ଡେଇଗୋଳା ଥାନାରେ କେଦାର ଅଭିଯୋଗ କରିଛନ୍ତି। ତେବେ ଅଭିଯୁକ୍ତ ରଞ୍ଜିତ ଫେରାର ଥିବା ଜଣାପଡିଛି। ଗାଁରେ ରାସ୍ତା ଠିକା କାମକୁ ନେଇ ପୂର୍ବ ଶତ୍ରୁତା ଥିବା ବେଳେ ଆକ୍ରମଣ କରାଯାଇଥିବା ଜଣାପଡିଛି। ଅଭିଯୋଗ ପରେ କୁଣ୍ଡେଇଗୋଳା ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

- ବେଆଇନ ସିଲିଣ୍ଡର ଜବତ ଘଟଣା

## ମାମଲା ରୁଜୁ କଲା ଯୋଗାଣ ବିଭାଗ

ଝାରସୁଗୁଡ଼ା,୧୭।୩(ସମିସ): ଝାରସୁଗୁଡ଼ା ସହରସ୍ଥ ବେହେରାମାଲରେ ଥିବା ସାହୁ ଗ୍ୟାସ ସର୍ଭିସ ଦୋକାନରେ ଗତ ମାର୍ଚ୍ଚ ୧୩ରେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଚଢ଼ଉ ମାମଲାରେ ଯୋଗାଣ ବିଭାଗ ତଦନ୍ତ ସାରି ଏକ ମାମଲା ରୁଜୁ କରିଛି। ଏହାସହ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ପାଖକୁ ଫାଇଲଟି ପଠାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେସ୍ରା ଏବଂ ଅତିରିକ୍ତ ଏସିଏସଓ ପିତାମ୍ବର ସେଠୀଙ୍କ ଅନୁଯାୟୀ ସାହୁ ଗ୍ୟାସ ସର୍ଭିସ ଦୋକାନରେ ଚଢ଼ଉରେ ବେଆଇନ ୬୫ଟି ଖାଲି ସିଲିଣ୍ଡର ଏବଂ ୨୮ ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଜବତ ହୋଇଛି। ଘଟଣାର ଆମୂଳଚୂଳ ତଦନ୍ତ ପରେ ସାହୁ ଗ୍ୟାସ ସର୍ଭିସର ମାଲିକ ନାମରେ ମାମଲା ରୁଜୁ କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ଜିଲ୍ଲାପାଳଙ୍କ ଅନୁମତି ପରେ ସମସ୍ତ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଯେଉଁମାନେ ଗ୍ୟାସ ସିଲିଣ୍ଡର ବେଆଇନ ବିକ୍ରି କରୁଛନ୍ତି, ସେମାନଙ୍କ ଖବର ମିଳିଲେ କିମ୍ବା ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଏସ୍‌ସି ଏସ୍‌ଟି ପିଲାଙ୍କ ସୁରକ୍ଷା ପାଇଁ ପ୍ରଶିକ୍ଷଣ ଶିବିର



ଦେବଗଡ଼,୧୭।୩(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଓଡ଼ିଶା ସରକାର ଏବଂ ଜିଲ୍ଲା କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସି ଏସ୍‌ଟ ପିଲାଙ୍କର ସୁରକ୍ଷା ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରେଣ୍ୟ ଅତିଥି ଭାବେ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଓ ଜିଲ୍ଲା କଲ୍ୟାଣ ଅଧିକାରୀ ଶିଶିର ପୁହାଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଲୁଙ୍ଗ ଆଦିବାସୀ ଛାତ୍ରାବାସରେ ରହୁଥିବା ସମସ୍ତ ଅନ୍ତେବାସୀ ମାନଙ୍କର ସୁରକ୍ଷା ନିରାପତ୍ତା କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାର ଶୀର୍ଷକ ‘ଆସନ୍ତୁ ସୁରକ୍ଷା ବିଷୟରେ କଥାହେବା’ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରଶିକ୍ଷକ ଭାବେ ରାମଚନ୍ଦ୍ର ସରେନ୍, ବୁଲୁ ମାଝୀ ଓ ଅନୁପମା ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲାରେ ଥିବା ସମସ୍ତ ଏସ୍‌ସି ଏସ୍‌ଟି ବିଭାଗର ପରିଚାଳକ ଅନୁଷ୍ଠାନ ମାନଙ୍କର ପ୍ରଧାନଶିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭାଗର କାର୍ଯ୍ୟରତ ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହଜିଯାଇଥିବା ମଣିଷଙ୍କୁ ଠିକଣା ଦେଉଛି ‘ସ୍ନେହସେତୁ’

### ୩ ମାସରେ ୨୦ ଜଣଙ୍କୁ ଥଇଥାନ

ଝାରସୁଗୁଡ଼ା,୧୭।୩(ସମିସ):




ଝାରସୁଗୁଡ଼ାର କୋଲାବିରା ଜାତୀୟ ରାଜପଥ ୫ରେ ପ୍ରତିଦିନ ଶହ ଶହ ଗାଡି ମୋଟର ଯାଉଥିବା ବେଳେ ରାସ୍ତା କଡରେ ଏକ ଜରାଜୀର୍ଣ୍ଣ ଶରୀର ପଡ଼ିରହିଥିଲା। ପେଶାରେ ଡ୍ରାଇଭର ଗଙ୍ଗାଧର ମକରଙ୍କ ଆଖି ଏହାକୁ ଏଡାଇ ପାରି ନଥିଲା। ଗଙ୍ଗାଧର ସ୍ଥାନୀୟ ସ୍ପଞ୍ଜ ଆଇରନ କାରଖାନାରେ କାମ କରନ୍ତି। ଜଣେ ବୃଦ୍ଧ କୋଲାବିରା ନିକଟରେ ଅଳିଆ ଆବର୍ଜନା ଓ ବୁଦା ମୂଳେ ଅତି ଅସହାୟ ଭାବେ ପଡିରହିଥିବା ସେ ଦେଖିଥିଲେ। ରାତିରେ ଡ୍ୟୁଟିରୁ ଫେରିବା ବେଳେ ଗଙ୍ଗାଧର ନିଜ ଗାଡି ଅଟକାଇ ବୃଦ୍ଧଙ୍କ ପାଖକୁ ଯାଇ ତାଙ୍କ ବିଷୟରେ ପଚାରି ବୁଝିଥିଲେ। ସେଥିରୁ ବୃଦ୍ଧ ଜଣଙ୍କର ଘର ଛତିଶଗଡ଼ର ବୋଲି ଜଣାପଡ଼ିଥିଲା। କ୍ଷୀଣ ସ୍ୱରରେ ହିନ୍ଦୀ ଭାଷାରେ ୭ ଦିନ ହେବ କିଛି ଖାଇ ନଥିବା ସେ ପ୍ରକାଶ କରିଥିଲେ। ଗଙ୍ଗାଧର ତୁରନ୍ତ ପାଖ ଢାବାରୁ ଖାଦ୍ୟ ଓ ପାଣି ଆଣି ତାଙ୍କୁ ଦେଇଥିଲେ। ତେବେ ଗଙ୍ଗାଧର ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନର ଅଫିସିଆଲ୍ ଫେସବୁକ୍ ପେଜ୍‌ରେ ‘ସ୍ନେହସେତୁ’ ଅଭିଯାନ ବିଷୟରେ ପଢ଼ିଥିଲେ। କାଳବିଳମ୍ବ ନକରି ସେ ଜିଲ୍ଲାପାଳଙ୍କ ପେଜ୍‌ରେ ଏକ କମେଣ୍ଟ କରି ବୃଦ୍ଧଙ୍କ ବିଷୟରେ ସୂଚନା ଦେଇଥିଲେ। ତତକ୍ଷଣାତ୍ ପ୍ରଶାସନ ପକ୍ଷରୁ ଜଣେ ଅଧିକାରୀଙ୍କ ନମ୍ବର ଦିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋଲାବିରା ପୁଲିସ ଓ ସାମାଜିକ ସୁରକ୍ଷା ବିଭାଗ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରେ ବୃଦ୍ଧ ଜଣକ ୭୦ ବର୍ଷୀୟ ଲେଲିନ ସା ବୋଲି ଜଣାପଡ଼ିଥିଲା। ଲେଲିନଙ୍କୁ ପଞ୍ଚପଡା ସ୍ଥିତ ଜରାଶ୍ରମକୁ ନିଆଯାଇଥିଲା। ପ୍ରଥମରୁ ସେ ଖୁବ୍ ଭୟଭୀତ ଅବସ୍ଥାରେ ଏବଂ ମାନସିକ ଭାବେ ଦୁର୍ବଳ ଅବସ୍ଥାରେ ଥିବା ଜରାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ସାହୁ କହିଥିଲେ। ଜରାଶ୍ରମରେ ଲେଲିନଙ୍କୁ ଉପଯୁକ୍ତ ଚିକିତ୍ସା ଓ କାଉନ୍ସେଲିଂ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅଭିଯାନ ‘ସ୍ନେହସେତୁ’ ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ବେସାହାରା ମାନଙ୍କ ପାଇଁ ପରିବାର ସହ ପୁନଃମିଳନର ସେତୁ ସଦୃଶ କାମ କରୁଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକଙ୍କ ଅନୁଯାୟୀ ‘ସ୍ନେହସେତୁ’ ଅଭିଯାନରେ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଥମେ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯାଉଛି। ଏହାପରେ ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି। ତଥ୍ୟ ମିଳିଲା ପରେ ସେମାନଙ୍କ ପରିବାର ପୁନଃ ମିଳନ ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ବିଗତ ୩ ମାସ ମଧ୍ୟରେ ‘ସ୍ନେହ ସେତୁ’ ଅଭିଯାନରେ ୨୦ ଜଣ ସୁସ୍ଥ ହୋଇ ନିଜ ନିଜ ପରିଜନଙ୍କ ନିକଟକୁ ଫେରିଯାଇଛନ୍ତି। ଜିଲ୍ଲାରେ ହଜିଯାଇଥିବା ମଣିଷମାନଙ୍କ ପାଇଁ ବିଭିନ୍ନ ଜରାଶ୍ରମ ଏବଂ ସମାଜସେବୀ ସଂସ୍ଥା ମାନଙ୍କ ସହାୟତାରେ ସେମାନଙ୍କୁ ଥଇଥାନ କରାହେଉଛି। ଜିଲ୍ଲାପାଳ ନିଜେ ଏହି ସବୁ ଘଟଣା ଅନୁଧ୍ୟାନ କରୁଛନ୍ତି। ପ୍ରଶାସନ ପକ୍ଷରୁ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି ଶ୍ରୀ ନାଏକ କହିଛନ୍ତି। ତେବେ ଆଜି ଲେଲିନ ସା’ ଜରାଶ୍ରମରେ ସୁରକ୍ଷିତ। ହୁଏତ କିଛି ଦିନ ପରେ ସେ ନିଜ ପରିବାର ପାଖକୁ ଫେରି ପାରିବେ। କିନ୍ତୁ ଏହି ପରିବର୍ତ୍ତନ ପଛରେ ରହିଛି ଜଣେ ସଚେତନ ନାଗରିକଙ୍କ ବଦାନ୍ୟତା ଏବଂ ଜଣେ ସମ୍ବେଦନଶୀଳ ପ୍ରଶାସକଙ୍କ ଦୂରଦୃଷ୍ଟି।

# ନିଆଁ ଲାଗିଲେ କଥା ସରିଲା



**ବଲାଙ୍ଗିର,୧୭।୩(ସମିସ):** କଟକ ଏସସିବି ମେଡିକାଲ କଲେଜ ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟଣା ରାଜ୍ୟକୁ ସ୍ତବ୍ଧ କରିଛି। ଏହି ଘଟଣା ରେ ୧୨ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଏକ ସରକାରୀ ଡାକ୍ତରଖାନାରେ ଏହିଭଳି ଦୁଃଖଦ ଘଟଣା ଦୁର୍ଭାଗ୍ୟଜନକ। ତେବେ ଏହି ଘଟଣା ପରେ ଏବେ ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନା, ଘରୋଇ ଡାକ୍ତରଖାନାରେ ଅଗ୍ନି ସୁରକ୍ଷା ଉପରେ ଏବେ ବଡ ପ୍ରଶ୍ନ ଚିହ୍ନ ସୃଷ୍ଟି ହୋଇଛି। କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରରେ ଏକ୍ସପାୟାର ଅଗ୍ନି ନିର୍ବାପକ ଯନ୍ତ୍ର ଲାଗିଥିବା ଦେଖିବାକୁ ମିଳିଥିଲା। ତେବେ କେବଳ ରକ୍ତଭଣ୍ଡାର ନୁହଁ; ଜିଲ୍ଲାରେ ଥିବା ବିଭିନ୍ନ ଘରୋଇ ଡାକ୍ତରଖାନା ମଧ୍ୟ ଏହିଭଳି କେବଳ ଅଗ୍ନି ନିର୍ବାପକ ଯନ୍ତ୍ର ଭରସାରେ ଅଗ୍ନିକାଣ୍ଡ ମୁକବଲା ପାଇଁ ରହିଛି। ଅର୍ଥାତ ଗୋଟିଏ କି ଦୁଇଟି ଘରୋଇ ଡାକ୍ତରଖାନା ବା ନର୍ସିଂହୋମକୁ ଛାଡିଦେଲେ ଅନେକଙ୍କ ପାଖରେ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ନାହିଁ କି ପ୍ରମାଣପତ୍ର ପାଇବା ପାଇଁ ରହିଥିବା ଯୋଗ୍ୟତା ବି ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି କେବଳ ପ୍ରମାଣପତ୍ର ଆବେଦନ କରିଦେଇ ନର୍ସିଂହୋମ ମାଲିକମାନେ ଚୁପ୍ ବସିଥିବା ବେଳେ ସେମାନଙ୍କ ଆବଶ୍ୟକ ଯାଞ୍ଚ କିମ୍ବା ପଦକ୍ଷେପ ମଧ୍ୟ ଅଗ୍ନିଶମ ବିଭାଗ ନେଉନାହିଁ।

ଗତ କିଛି ବର୍ଷ ଭିତରେ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ଖୋଲିଛି। ଜିଲ୍ଲାରେ ଏହିଭଳି ଶତାଧିକ ନର୍ସିଂହୋମ, କ୍ଲିନିକ, ପାଥୋଲାବ ରହିଛି। ଏହି ପ୍ରତିଷ୍ଠାନ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅନୁମତି ପତ୍ରର ଆବଶ୍ୟକତା ପଡିଥାଏ। ତେବେ ଏହି ଅନୁମତି ପାଇବା ପାଇଁ ଅଗ୍ନି ସୁରକ୍ଷା ପ୍ରମାଣପତ୍ରର ଏକ ଦରକାରୀ ଦସ୍ତାବିଜ ହୋଇଥିବା ବେଳେ ଏଥିପାଇଁ ପ୍ରତିଷ୍ଠାନ ଖୋଲିବା ସମୟରେ ଆବଶ୍ୟକ ଗାଇଡଲାଇନ ମାନି ଯୋଗ୍ୟତା ହାସଲ କରିବାକୁ ପଡିଥାଏ; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଥିବା ପ୍ରାୟ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଖରେ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ନ ଥିବା ଜଣାପଡିଛି। ଅନେକ ଏମାନଙ୍କ ମଧ୍ୟରୁ ଆବେଦନ କରିଦେଇ ଚୁପ୍ ବସିଥିବା ଅଭିଯୋଗ ହୋଇଛି। ସେହିପରି ଅନେକ ପ୍ରତିଷ୍ଠାନ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପାଇବା ପାଇଁ ଆବଶ୍ୟକ ଯୋଗ୍ୟତା ମାପଦଣ୍ଡ ପୂରଣ କରୁ ନ ଥିବା ଜଣାପଡିଛି। ବାଲି, ପାଣିଟାଙ୍କି, ଫାୟାର

- ରୋଗୀଙ୍କ ଜୀବନ ସହ ସାଂଘାତିକ ଖେଳ
- ନାମକୁ ମାତ୍ର ଥୁଆ ହୋଇଛି ଅଗ୍ନି ନିର୍ବାପକ ଯନ୍ତ୍ର
- ଅଗ୍ନି ସୁରକ୍ଷା ବ୍ୟବସ୍ଥା ନ କହିଲେ ଭଲ
- ଅନେକଙ୍କ ପାଖରେ ନାହିଁ ପ୍ରମାଣପତ୍ର
- ଯୋଗ୍ୟତା ମାପଦଣ୍ଡ ପୂରଣରେ ବି ଅସମର୍ଥ
- ଜାଣି ଅଜଣା ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ

ପ୍ରସ୍ଥାନ ପାଇଁ ସ୍ୱତନ୍ତ୍ର ଗେଟ୍ ବ୍ୟବସ୍ଥା ମଧ୍ୟ ଅନେକ ନର୍ସିଂହୋମରେ ନାହିଁ। ଏହା ଫଳରେ ଆବେଦନ କରିଲେ ମଧ୍ୟ ସେମାନେ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ରହିଛନ୍ତି। ଏହାଫଳରେ ଯଦି କେତେବେଳେ କିଛି ବି ଅଘଟଣ ଘଟେ ତେବେ ବଡ ଧରଣର ଧନଜୀବନ କ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏହି ନର୍ସିଂହୋମ ମାଲିକମାନେ କାର୍ଯ୍ୟାନୁଷ୍ଠାନ କିମ୍ବା ଅଭିଯୋଗରୁ ବଞ୍ଚିବା ପାଇଁ ନିଜ ଆଡୁ ଡାକ୍ତରଖାନାରେ ଅଗ୍ନି ନିର୍ବାପକ ଯନ୍ତ୍ର ଥୋଇ ଦେଇ ତାହାରି ଭରସାରେ ଡାକ୍ତରଖାନା ଚଳାଇଥିବା ଜଣାପଡିଛି। ଅନେକ ଯନ୍ତ୍ରର ଅବଧି ସରିଯାଇ ଏକ୍ସପାୟାର ହୋଇଯାଇଥିବା ବେଳେ ଅନେକ ବ୍ୟବହାର କୌଶଳ ମଧ୍ୟ ଜାଣିନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏନେଇ ଉଭୟ ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ବିଭାଗର ଜାଣତରେ ଏହି କାରବାର ଚାଲିଛି। ସେହିଭଳି ପରିସ୍ଥିତି ସୃଷ୍ଟି ହେଲେ ଦେଖିବା ନ୍ୟାୟରେ ବଲାଙ୍ଗିର ଜିଲ୍ଲାରେ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ରହିଛି। ସେହିପରି ଅଗ୍ନିଶମ ବିଭାଗର ଅଧିକାରୀମାନେ ମଧ୍ୟ ନା ଏଥିପ୍ରତି ଧ୍ୟାନ ଦେଉଛନ୍ତି ନା ପ୍ରମାଣପତ୍ର ଦେବା ପୂର୍ବରୁ ସବୁ ଯୋଗ୍ୟତା ମାପଦଣ୍ଡ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଏପରିକି ନିୟମିତ ଯାଞ୍ଚ କରିବାର ନିୟମ ରହିଥିବା ବେଳେ ତାହା ମଧ୍ୟ କରାଯାଉନାହିଁ। ଯାହାକି ଅଗ୍ନିଶମ ବିଭାଗର କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି କରିଛି। ତେବେ ଜଣେ ଅଗ୍ନିଶମ ବିଭାଗ ଅଧିକାରୀଙ୍କ କହିବା ଅନୁସାରେ ବଲାଙ୍ଗିର ସହରରେ ନୂତନ ଭାବେ ଆରମ୍ଭ ହୋଇଥିବା ଦୁଇ ନର୍ସିଂହୋମ ପାଖରେ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ରହିଥିବା ବେଳେ କିଛି ଆବେଦନ କରିଛନ୍ତି ଆଉ କାହା କିଛି ପାଖରେ ଆଦୌ ନାହିଁ; କିନ୍ତୁ ଅଗ୍ନି ନିର୍ବାପକ ଯନ୍ତ୍ର ସମସ୍ତଙ୍କ ପାଖରେ ରହିଛି। ତେବେ ଏସସିବି ଘଟଣା ସାମ୍ନାକୁ ଆସିବା ପରେ ଅନ୍ତତଃ ରୋଗୀଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ଉଭୟ ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ଚଢଉ କରିବା ଆବଶ୍ୟକ। ନିୟମ ଖିଲାପ କରିଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମଧ୍ୟ ଜରୁରି।

## ଅଦିନିଆ ବର୍ଷାରେ ଭାଙ୍ଗିଲା ଗଛ



**ବେଲପଡା,୧୭ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡା ଅଞ୍ଚଳରେ ଅଦିନିଆ ବର୍ଷାପବନ ହୋଇଛି। ଏହାଦ୍ୱାରା ଅନେକ ଗଛ ଭାଙ୍ଗିଛି। ସେହିଭଳି ବିଭିନ୍ନ ଗାଁରେ ଫସଲ ନଷ୍ଟ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ବ୍ଲକ୍ ପରିସର ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ, ବ୍ଲକ୍ କ୍ୱାର୍ଟର ଅଞ୍ଚଳରେ ଏକ ବୃହତ ଗଛ ଭାଙ୍ଗି ପଡିଥିଲା। କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଭାଗ୍ୟ ବଶତଃ ଗଛଟି ଘର ଉପରେ ପଡି ନ ଥିଲା। ବେଲପଡା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଗଛ କାଟିବା ସହ ସଫା ସୁତରା କରିଛନ୍ତି।

## ପାନୀୟ ଜଳର ସ୍ୱଚ୍ଛତାକୁ ନେଇ ଲୋକେ ଚିନ୍ତିତ




**ଦେଓଗାଁ,୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ତଥା ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟକୁ ପ୍ରାୟ ୩୫ ବର୍ଷ ହେଲା ସ୍ଥାନୀୟ ସୋନଗଡ ନଦୀରୁ ପାନୀୟଜଳ ଯୋଗାଣ ହେଉଛି। ଏହି ପୁରାତନ ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯାଉନି। ଗଭୀରକୂପରେ ମାଟି ପୋତି ହୋଇ ପାନୀୟଜଳ ଦୂଷିତ ହେବାରେ ଲାଗିଛି। ଏବେ ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢ଼ିଚାଲିଛି। ଦେଓଗାଁ ଓ କଛାରପାଲିରେ ପାନୀୟ ଜଳ ଦୂଷିତକୁ ନେଇ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ଅନ୍ୟପଟେ ପାଇପ୍‌ଗୁଡ଼ିକ ଦେଓଗାଁର ଡ୍ରେନକୁ ଲାଗି ରହିଛି। ଅନେକ ସମୟରରେ ପାଇପ୍ ଫାଟି ଡ୍ରେନର କାଦୁଅ ପାଣି ମିଶୁଛି। ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢିବା ସହ ଭୟ ଦେଖା ଦେଇଛି।

- ୩ ମାସର ପାଉଣା ମିଳିନି

## ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ଧାରଣା

**ପାଟଣାଗଡ଼,୧୭ ।୩ (ସମିସ):** ପାଟଣାଗଡ଼ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୨୨ ଜଣ ସଫେଇ କର୍ମଚାରୀଙ୍କୁ ୩ ମାସର ପାଉଣା ମିଳିନି। ଏନେଇ ସେମାନେ ବାରମ୍ବାର ଅଭିଯୋଗ କରୁଛନ୍ତି; ହେଲେ କୌଣସି ସୁଫଳ ମିଳୁନି। ଶେଷରେ ସେମାନେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସକାଳ ୭ ଟାରୁ ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ସମସ୍ତ ସଫେଇ କର୍ମଚାରୀ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଗଣ ଧାରଣାରେ ବସିଥିଲେ। ସେମାନେ ୭ ବର୍ଷ ଧରି ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଆଉଟସୋର୍ସିଂରେ ସଫେଇ କର୍ମଚାରୀ ଭାବେ କାମ କରୁଛନ୍ତି। ଅଭିରାମ ନାମକ ଏକ ଏଜେନ୍ସି ଜରିଆରେ ନିଯୁକ୍ତି ପାଇଛନ୍ତି। ମାସକୁ ୧୨ ହଜାର ମିଳୁଛି। ସୁପରଭାଇଜର ବ୍ରଜିନ୍ଦ୍ର ବାଗ ଓ ସ୍ୱରୂପ ବାରିକ ଏମାନଙ୍କୁ ଅପବ୍ୟବହାର କରୁଛନ୍ତି। ସଫେଇ ପାଇଁ ବ୍ଲିଚିଂ ପାଉଡ଼ର, ଫିନାଇଲ, ଝାଡୁ ଆଦି ସାମଗ୍ରୀ ଦେଉନାହାନ୍ତି। ପ୍ରତି ୩ ମାସକୁ ଗୋଟିଏ ମାସର ଦରମା ଦିଆଯାଉଛି। ଏହାଫଳରେ ପରିବାର ପ୍ରତିପୋଷଣ ପାଇଁ ଏମାନେ କଲବଲ ହେଉଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ସଫେଇ କର୍ମଚାରୀ କହିଛନ୍ତି। ରାକେଶ ଷଣ୍ଢ, ଆକାଶ ସେନ୍ଦରିଆ, ପୂଜା ସେନ୍ଦରିଆ, ଆଶା ସେନ୍ଦରିଆ, ସାରିକା ସେନ୍ଦରିଆ, ସତ୍ୟବତୀ ମହଁଖଣ୍ଡିଆ, ଆନନ୍ଦ ସେନ୍ଦରିଆ, ସରୋଜ ଜାଲ, ଅର୍ଚ୍ଚନା ସୁନା, ଟିମା ସୁନା, ପିଙ୍କି ମଲ୍ଲିକ, ପରମସିଂ ଗୁର୍ଲା, ନିରୁପମା କୁମ୍ଭାର, ଅଞ୍ଜଳି ଜାଲ, ରାଜିନ୍ଦ୍ର ଡୁଙ୍ଗୁରି, କୁନୁ ଜାଲ, ଜିତୁ କୁମ୍ଭାର, ରାକେଶ ଦୀପ ପ୍ରମୁଖ ଆନ୍ଦୋଳନରେ ବସିଥିଲେ।



## ବେଲପଡ଼ା କଲେଜ ଇତିହାସ ବିଭାଗରେ ଆଲୋଚନାଚକ୍ର



**ବେଲପଡ଼ା,୧୭।୩(ସମିସ):** ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ପାଟଣାଗଡ ଜବାହାର କଲେଜର ବରିଷ୍ଠ ଇତିହାସ ଅଧ୍ୟାପକ ଶ୍ରୀହରି ମେହେର ମୁଖ୍ୟ ଆଲୋଚକ ଭାବେ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଶେଷରେ ଅଧ୍ୟାପିକା ଗାୟତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅଧ୍ୟାପକ ବିକାଶ ସିଂ ନିନା ପରିଚାଳନା କରିଥିଲେ।

**ନିମ୍ନମାନର କଂକ୍ରିଟ; କାମରେ ଆସୁନି ପାହାଚ**

## ବର୍ଷେ ନ ପୂରୁଣୁ ରାସ୍ତାରେ ଫାଟ



**ଦେଓଗାଁ,୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଆଭ୍ୟାନ୍ତରୀଣ ଗାଁ ଗଣ୍ଡାରେ ଉନ୍ନୟନ କାମ ଅତିରୁ ଅତି ନିମ୍ନମାନର କରାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏ ନେଇ ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କେହି କିନ୍ତୁ କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ନିର୍ମାଣ କରାଯାଉଥିବା ପ୍ରକଳ୍ପ ବର୍ଷେ ନ ପୂରୁଣୁ ନଷ୍ଟ ହୋଇଯାଉଛି। ସଂପୃକ୍ତ ଠିକାଦାର ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ବେଖାତିର କରି ବେପରୁଆ ଭାବେ କାମ କରି ଅନାୟାସରେ ବିଲ୍ ନେଇଯାଉଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଦେଓଗାଁ ବ୍ଲକର ସିକୁଆଁ ପଞ୍ଚାୟତ ମୁଖ୍ୟାଳୟରେ ଏହା ନଜରକୁ ଆସିଛି। ପାଖାପାଖି ବର୍ଷେ ତଳେ ବ୍ଲକ୍ ତରଫରୁ ସିକୁଆଁର ବନ୍ଧ ଆଡିରାସ୍ତା କଂକ୍ରିଟକରଣ, ୨ଟି ପାହାଚ ନିର୍ମାଣ ସହ ଚେଞ୍ଜିଙ୍ଗ ଘର ନିର୍ମାଣ ବାବଦକୁ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ କାମ କରାଯାଇଛି। ବର୍ଷେ ନ ପୂରୁଣୁ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ଅନ୍ୟପଟେ ପାହାଚ ନିର୍ମାଣ ହୋଇଥିଲେ ହେଁ କୌଣସି କାମକୁ ଆସୁ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ କାମର ମାନ କେମିତି ଜାଣିପାରୁନାହାନ୍ତି ତାହା ଏକ ବିରାଟ ପ୍ରଶ୍ନବାଚୀ।

## ଐତିହାସିକ ମନବୋଧ ସାହୁ ସ୍ମୃତି ସମାରୋହ




**ବଲାଙ୍ଗିର,୧୭।୩(ସମିସ):** ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରଠାରେ ଐତିହାସିକ ମନବୋଧ ସାହୁଙ୍କ ସ୍ମୃତି ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାହାସ ବିହାରୀ ମାଝି, ମୁଖ୍ୟବକ୍ତା ଭାବେ ବେଲାରସିଂ ଭୋଇ, ସମ୍ମାନିତ ଅତିଥି ଭାବେ ସାହିତ୍ୟ ପରିଷଦ ସଭାପତି ମଧୁସୂଦନ ସାହୁ ଏବଂ ଫାଉଣ୍ଡେସନର ଉପ-ସଭାପତି ପ୍ରସନ୍ନ ମିଶ୍ର ମଞ୍ଚାସୀନ ଥିଲେ। ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ଓ ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟନାରାୟଣ ସିଂଦେଓ ଏବଂ ଆକୁଳ ବେହେରା ପ୍ରତିଯୋଗିତା ଆୟୋଜନ କରିଥିଲେ। ଧର୍ମବ୍ରତ ରଥ ସଭାପତିତ୍ୱ କରିଥିଲେ।ଦିବାକର ହୋତା, ହରେକୃଷ୍ଣ ପଟେଲ ଏବଂ ନମ୍ରତା ପାଣିଗ୍ରାହୀ ସମଗ୍ର କାର୍ଯ୍ୟକ୍ରମ ପରି.ଳନା କରିଥିଲେ। ସମାରୋହରେ ତରୁଣ ମିଶ୍ର, ଗିରିଜା ଶଙ୍କର ରଥ, ଧନଞ୍ଜୟ ମିଶ୍ର, ରାମଶରଣ ହୋତା, ଦୁର୍ଗା ପ୍ରସାଦ ହୋତା, ଡ.ଭବାନୀ ଶଙ୍କର ପଟେଲ, ଡ. ନବକିଶୋର ବେହେରା, କଳିଷ୍ଠ ପ୍ରଧାନ, ଚନ୍ଦ୍ରମଣି ଭୋଟି, ପ୍ରଶାନ୍ତ ଖମାରୀ, ବଳିଷ୍ଠ ପ୍ରଧାନ, ଅରୁଣ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ଶରତ ଚନ୍ଦ୍ର ପାଣିଗ୍ରାହୀ ଫାଉଣ୍ଡେସନ ଏବଂ ଅଭିନନ୍ଦନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା।


**ପାଟଣାଗଡ଼ ବ୍ଲକ୍‌ରେ ସିଏସ୍‌ଏସ୍ ପୋଷ୍ଟ ନିଯୁକ୍ତିରେ ଜାଲିଆତି ଘଟଣା**

## ଲରମ୍ଭା ପରେ ଫଂଟାମୁଣ୍ଡାରେ ଜାଲିଆତି ଅଭିଯୋଗ

**ପାଟଣାଗଡ଼,୧୭ ।୩ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ନିମନ୍ତେ ୨ ମାସ ତଳେ ପ୍ରତ୍ୟେକ ଗାଁ ଓ ପଞ୍ଚାୟତ ପାଇଁ ସିଏସଏସ ପଦବୀ ପାଇଁ ଗୋଟିଏ ଲେଖାଏଁ ପଦ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା; ହେଲେ ଏହି ପଦବୀ ନିଯୁକ୍ତିରେ ଜାଲିଆତି କରାଯାଇଛି। ଲରମ୍ଭାର ୧୯ ଜଣ ଜିପିଏଲଏଫ ଇସି ସଦସ୍ୟା ପାଟଣାଗଡ଼ ବିଡ଼ିଓଙ୍କଠାରେ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସୋମବାର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଏଥିସହ ଲରମ୍ଭା ଜିପିଏଲଏଫ ଗ୍ରୁପର ସଭାପତି ଯାଜ୍ଞସେନି ଦଣ୍ଡସେନା ବେଆଇନ ଭାବେ ଏହି ପଦବୀ ହାତେଇଛନ୍ତି। ସଦସ୍ୟାଙ୍କ ଦରମା କରାଇବାକୁ ୨ ବର୍ଷରେ ପ୍ରତି ଥର ସେମାନଙ୍କଠାରୁ ୨୦ ହଜାର, ୧୦ ହଜାର ଓ ୪ ହଜାର ଲେଖାଏଁ ଦୁଇ ଥର ଟଙ୍କା ନେଇ ବ୍ଲକ ସଂଯୋଜକ ବିଚିତ୍ରାନନ୍ଦ ମୁଦୁଲିଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ଲରମ୍ଭା ସଭାପତି ଶ୍ରୀମତୀ ଦଣ୍ଡସେନା କିଭଳି ସଦସ୍ୟାଙ୍କୁ ଲାଞ୍ଚ ମାଗୁଥିବାର ଅଡ଼ିଓ ପ୍ରମାଣ ଜିଲ୍ଲାପାଳଙ୍କୁ ଦିଆଯାଇଛି। ଜିଲ୍ଲାପାଳ ତଦନ୍ତ ପରେ ଦୃଢ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ। ତଦନ୍ତ ପୂର୍ବରୁ ପାଟଣାଗଡ଼ ବ୍ଲକ ଫଂଟାମୁଣ୍ଡାରେ ମଧ୍ୟ ସିଏସଏସ ପଦବୀରେ ଜାଲିଆତି କରାଯାଇଥିବା ଜଣା ପଡିଛି। ସ୍ମିତାରାଣୀ ବାଗ ଏହି ଅଭିଯୋଗ ଆଣିଛନ୍ତି। ଏହି ନିଯୁକ୍ତି ଜାଲିଆତି ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗନୁସାରେ ଫଂଟାମୁଣ୍ଡାରେ ୨୩ଟି ଗ୍ରୁପକୁ ତଦାରଖ ପାଇଁ ୧୬ ଜଣିଆ ଜିପିଏଲଏଫ ଇସି ସଦସ୍ୟା ମନୋନୀତ ହୋଇଛନ୍ତି। ୨ ମାସ ତଳେ ସିଏସଏସ ପଦବୀ ପାଇଁ ବିଜ୍ଞପ୍ତି ବାହାରିଥିଲା। ସେଥିପାଇଁ ସେ ଆଶାୟୀ ଥିଲେ; କିନ୍ତୁ ପୂର୍ବରୁ ସ୍ୱୟଂ ସହାୟିକା ଗୋଷ୍ଠୀରେ ନ ଥିବା ଫଂଟାମୁଣ୍ଡା ଗାଁର ସଂଗୀତା ପଟେଲଙ୍କୁ ଜାଲିଆତି କରି ସଭାପତି କମଳିନୀ ସା ବେଆଇନ ଭାବେ ନିଯୁକ୍ତ କରାଇଥିବା ସେ ଅଭିଯୋଗ ଆଣିଛନ୍ତି। ବିଜ୍ଞପ୍ତି ଅନୁସାରେ ଏହି ପଦବୀ ପାଇଁ ଜଣେ ଆକ୍ଟିଭ ମେମ୍ବର ହିଁ ଯୋଗ୍ୟ ହେବା କଥା; କିନ୍ତୁ ଶ୍ରୀମତୀ ପଟେଲ ପୂର୍ବରୁ ସ୍ୱୟଂ ସହାୟିକା ଗୋଷ୍ଠୀରେ ନ ଥାଇ କିଭଳି ଏହି ପଦବୀ ପାଇଁ ଯୋଗ୍ୟ ହେଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହି ନିଯୁକ୍ତିରେ ମୋଟା ଅଙ୍କର ଲାଞ୍ଚ କାରବାର କରାଯାଇଛି। ତାଙ୍କୁ ଜାଣିଶୁଣି ଏହି ପଦବୀରୁ ବାଦ ଦିଆଯାଇଛି। ଏଥିସହ ପ୍ରତ୍ୟେକ ୬ ମାସରେ ଥରେ ଦରମା ପାଇବାକୁ ହେଲେ ହଜାରେ ଟଙ୍କା ଲେଖାଏଁ ସଭାପତିଙ୍କ ମାଧ୍ୟମରେ ବ୍ଲକ ସଂଯୋଜକଙ୍କୁ ଲାଞ୍ଚ ଦିଆଯାଇଥିବା ଭଳି ସେ ଗୁରୁତର ଅଭିଯୋଗ ଆଣିଛନ୍ତି।

# ୨୬ କେଜି ଗଞ୍ଜେଇ ଜବତ; ୨ ବିହାରୀ ଯୁବକ ଗିରଫ





**ବଲାଙ୍ଗିର,୧୭।୩(ସମିସ):** ବଲାଙ୍ଗିର ଦେଇ ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଚାଲାଣ ହେଉଛି। ଏହି ଗଞ୍ଜେଇ ଚାଲାଣ କରୁଥିବା ମାଫିଆମାନେ ଦିନକୁ ଦିନ ନୂଆ ନୂଆ କୌଶଳରେ ଗଞ୍ଜେଇ ଚାଲାଣ କରୁଛନ୍ତି। ବଲାଙ୍ଗିର ଦେଇ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ପଞ୍ଜାବକୁ ଚାଲାଣ ହେଉଛି। ଅନେକ ସମୟରେ ଅଭିଯୁକ୍ତମାନେ ଚାଲାଣ କରୁଥିବା ସମୟରେ ଧରାପଡନ୍ତି; କିନ୍ତୁ କିଏ ଚାଲାଣ କରୁଛି, କାହା ପାଖକୁ ଚାଲାଣ କରୁଛି ତାକୁ ଧରିବାରେ ବଲାଙ୍ଗିର ପୁଲିସ ବିଫଳ। ବଲାଙ୍ଗିରରୁ ହେଉଛି। ବିଭିନ୍ନ ଉପାୟରେ ଏହି ଗଞ୍ଜେଇ ଚାଲାଣ ହେଉଛି। ବିଭିନ୍ନ ସମୟରେ ପୁଲିସ ହାତରେ ଛୋଟ ବେପାରୀ ଧରାପଡୁଥିବା ବେଳେ ବଡ ବଡ ବେପାରୀ ଖସି ଯାଉଥିବା ଅଭିଯୋଗ ହୋଇଛି। ସୋମବାର ଦୁଇ ଜଣ ଯୁବକ କନ୍ଧମାଳ ଅଞ୍ଚଳରୁ ପ୍ରାୟ ୨୬ କେଜି

- ବଲାଙ୍ଗିର ସାଜିଛି ଗଞ୍ଜେଇ ହବ୍
- ନିୟମିତ ବଲାଙ୍ଗିର ଦେଇ ବିଭିନ୍ନ ଉପାୟରେ ଚାଲାଣ

ଗଞ୍ଜେଇ ଆଣି ବିହାରକୁ ଚାଲାଣ କରିବାକୁ ଉଦ୍ୟମ କରୁଥିଲେ। ଏନେଇ ଟାଉନ ଥାନା ଅଧିକାରୀ ଖବର ପାଇବା ପରେ ଚଢଉ କରିବାକୁ ଯାଇଥିଲେ। ପୁଲିସକୁ ଦେଖି ଦୁଇ ଯୁବକ ଖସିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ପାଖରୁ ୨୬ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଦୁଇ ଯୁବକ ମିକି ମିଶ୍ରା (୨୧) ଓ ଆକାଶ କୁମାର(୨୬) ଗିରଫ ହୋଇଛନ୍ତି। ଏହି ଦୁଇ ଯୁବକ ବିହାରର ଇଷ୍ଟ ଚମ୍ପାରନ ଜିଲ୍ଲା ଅଧୀନ ସୁଗୌଲି ଥାନା ଅଞ୍ଚଳର ବୋଲି ଜଣାପଡିଛି। ପୁଲିସ ଏନେଇ ଛାନଭିନ ଜାରି ରଖିଥିବା ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଉ ଏକ ଅଭିନବ ଗଞ୍ଜେଇ ଚାଲାଣ ଖବରକୁ ନେଇ ବଲାଙ୍ଗିରରେ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ୧୧ ତାରିଖରେ ପଞ୍ଜାବର ଲୁଧିଆନା ସାହରରେ ଏକ କୋରିଅର ୱେରହାଉସରୁ ସେଠାକାର ପୁଲିସ ୫୬ କେଜି ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ପ୍ୟାକେଟ ବିଭିନ୍ନ ବେନାମୀ ଠିକଣାରେ ଆସିଥିବା ବେଳେ ଏହା ଓଡିଶାର ଏକ ସ୍ଥାନରୁ ଚାଲାଣ ହୋଇଥିବା ଏକ ସୂତ୍ରରୁ ଜଣାପଡିଛି। ତେବେ ଏହି ଗଞ୍ଜେଇ ବଲାଙ୍ଗିରରୁ କୋରିଅରରେ ଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ମଧ୍ୟ ପଞ୍ଜାବ ପୁଲିସ ଛାନଭିନ ଚଳାଇଛି। ସେହିପରି କିଛି ଦିନ ପୂର୍ବରୁ ରାୟପୁର ପୁଲିସର ଏକ ଟିମ ଲୋଇସିଂହାର ଜଣେ ଗଞ୍ଜେଇ ବେପାରୀ ଘରେ ଚଢଉ କରିଥିଲା। ଅବଶ୍ୟ ଘରୁ କିଛି ମିଳି ନ ଥିଲା; କିନ୍ତୁ ଏକ ବଡ ଧରଣର ଡିଲ୍ ହୋଇଥିବା ଚର୍ଚ୍ଚା ହୋଇଥିଲା। ସେହିପରି ଅନେକ ସମୟରେ ବଲାଙ୍ଗିର ରେଳ ଷ୍ଟେସନ, ଲୋଇସିଂହା, ଟିଟିଲାଗଡ, କଣ୍ଟାବାଞ୍ଜି ରେଳଷ୍ଟେସନରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟର ଆରପିଏଫ ମଧ୍ୟ ଗଞ୍ଜେଇ ଜବତ କରିଛି। ତେବେ ଏହି ସବୁ ଘଟଣା ଉପରେ ନଜର ପକାଇଲେ ବଲାଙ୍ଗିର ଏବେ ଗଞ୍ଜେଇ ଚାଲାଣର ଏକ ବଡ ହବ୍ ପାଲଟିଥିବା ସ୍ପଷ୍ଟ ହୋଇଛି। ବଲାଙ୍ଗିରକୁ ଗଞ୍ଜେଇ ଆସିବା ପରେ ହିଁ ବିଭିନ୍ନ ରାଜ୍ୟକୁ ବିଭିନ୍ନ ଉପାୟରେ ଚାଲାଣ ହେଉଛି। ତେବେ ପୁଲିସ ଗଞ୍ଜେଇ ଧରି କିଛି ଯୁବକଙ୍କୁ ଗିରଫ କରି ନିରବ ରହିଯାଉଥିବାରୁ ଏହି ଚାଲାଣ ବନ୍ଦ ହେଉ ନ ଥିବା ଆଲୋଚନା ହେଉଛି।

# ଦୁଇ ଜେଲ୍ ଫେରନ୍ତା ଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର,୧୭ ।୩(ସମିସ): ସହର ଉପକଣ୍ଠ ଦକ୍ଷିଣପୁର ଗ୍ରାମରେ ଦୁଇ ଜେଲଫେରନ୍ତା ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଏକାଧିକ ଥର ହଣାମରା ସହ ଜଣଙ୍କର ମୁଣ୍ଡ ମଧ୍ୟ ଗଡିଥିଲା। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ବୁଲୁ ନାହାକ ଓ ଭବାନୀ ସାହୁ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ରହି ଆସିଛି। ଉଭୟ ଗୋଷ୍ଠୀ ମଧ୍ୟରେ ଏକାଧିକ ଥର ଆକ୍ରମଣ-ପ୍ରତିଆକ୍ରମଣ ହୋଇଛି। ୨୦୨୪ମସିହା ସେପ୍ଟେମ୍ବର ୧୭ତାରିଖରେ ଭବାନୀର ସହଯୋଗୀ ଅର୍ଥାତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା ପରେ ଡେଙ୍ଗାପଦର ବଜାର ଛକ ନିକଟସ୍ଥ ପୋଖରୀରେ ଫୋପାଡି ଦିଆଯାଇଥିଲା। ଏହି ଘଟଣାରେ ସଦର ଥାନା ପୁଲିସ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ଼ଙ୍କ ସମେତ ୫ରୁ ଉର୍ଦ୍ଧ୍ବ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ହତ୍ୟା ବେଳେ ନକଲି ମଦ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିଲେ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ। ପୁଲିସ ବୁଲୁଙ୍କୁ ମଧ୍ୟ ଶିବା ହତ୍ୟା ମାମଲାରେ ଯୋଡିଥିଲା। ଦକ୍ଷିଣପୁର ଗ୍ରାମର ନୀଳମାଧବ ସାହୁ ଓରଫ ଭବାନୀ ଓ ଶିବାଶିଷ ଚୌଧୁରୀ ଦୁହେଁ ପୂର୍ବରୁ ଘୁଳ ଘନିଷ୍ଠ ବନ୍ଧୁ ଥିଲେ। ଶିବା ହତ୍ୟା ଘଟଣାକୁ ଭବାନୀ ସହଜରେ ଗ୍ରହଣ କରିପାରିନଥିଲେ।

ବନ୍ଧୁ ଶିବା ହତ୍ୟା ଓ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଭବାନୀ ବୁଲୁଙ୍କୁ ଜୀବନରୁ ମାରିବା ପାଇଁ ଯୋଜନା କରିଥିଲା। ସେହିକ୍ରମରେ ୨୦୨୫ମସିହା ମେ ୧୭ତାରିଖ ସନ୍ଧ୍ୟାରେ ବୁଲୁ ବ୍ରହ୍ମପୁର ସର୍କଲ ଜେଲରୁ ଜାମିନରେ ମୁକୁଳିଥିବା ଭବାନୀ ଜାଣିବାକୁ ପାଇଥିଲେ। ପ୍ରତିଶୋଧ ନେବା ପାଇଁ ଭବାନୀ ନିଜର କିଛି ସହଯୋଗୀଙ୍କ ସହିତ ମିଶି ବୁଲୁଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ସହ ଯୋଜନା କରିଥିଲେ। ଉକ୍ତ ସନ୍ଧ୍ୟାରେ ହିଁ ଭବାନୀ ଓ ତାର ସହଯୋଗୀମାନେ ମିଶି ଲାଞ୍ଜିଆରୁ ଓଭରବ୍ରିଜ ତଳେ ବୋମା ଓ ଖଣ୍ଡା ରଖିଥିଲେ। ବୁଲୁ ଜେଲରୁ ବାହାରିବା ମାତ୍ରେ ତାଙ୍କୁ ବୋମାମାଡ଼ କରି ଖଣ୍ଡାରେ ଆକ୍ରମଣ କରିଥାନ୍ତେ। କିନ୍ତୁ ତା ପୂର୍ବରୁ ପୁଲିସ ଖବରପାଇ ଘଟଣା ସ୍ଥଳରୁ ୩ଟି ବୋମା ଓ ୫ଟି ଖଣ୍ଡା ଜବତ କରିଥିଲା। ଯାହା ଫଳରେ ଭବାନୀଙ୍କ ଷଡଯନ୍ତ୍ର ବିଫଳ ହୋଇଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଭବାନୀଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ଭବାନୀ ଓ ତାଙ୍କ ସହଯୋଗୀମାନେ ସର୍ତ୍ତମୂଳକ ଜାମିନରେ ରହିଥିବା ବେଳେ ବୁଲୁ ମଧ୍ୟ ଗତବର୍ଷ ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ଜଣାପଡିଛି।

ଉଭୟ ଗୋଷ୍ଠୀର ସଦସ୍ୟ ସର୍ତ୍ତମୂଳକ ଜାମିନରେ ରହିଥିଲେ ହେଁ ପୂର୍ବଶତ୍ରୁତାକୁ ଭୁଲି ନପାରି ପ୍ରତିଶୋଧ ନେବା ପାଇଁ ବହୁ ଷଡଯନ୍ତ୍ର ରଚିଥିବା ସୂଚନା। ଉଭୟଙ୍କ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଉଥିବା ହେତୁ ବାରମ୍ବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି। ବର୍ତ୍ତମାନ ଭବାନୀଙ୍କୁ ଆକ୍ରମଣ ହୋଇଛି। ସେ ଚିକିତ୍ସା ନିମନ୍ତେ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ମଧ୍ୟ ପୁଲିସ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ପୋଷ୍ଟକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି।

## କଂଗ୍ରେସ କମିଟି (ପୂର୍ବ) ସମବାୟ ପ୍ରକୋଷ୍ଠର ସାଧାରଣ ବୈଠକ



ବ୍ରହ୍ମପୁର,୧୭ ।୩(ସମିସ): ବାପୁଜୀ ଆଶ୍ରମ ପରିସରରେ ସମବାୟ ପ୍ରକୋଷ୍ଠର ପ୍ରଥମ ପରିବର୍ଦ୍ଧିତ ସାଧାରଣ ବୈଠକ ସମବାୟ ସେଲ ଉପାଧ୍ୟକ୍ଷ ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ଉପସଭାପତି ବୃନ୍ଦାବନ ଖଟେଇଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ୍ୟ ଅମୀୟ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ଗୋପାଳପୁର ବିଧାୟକ ତ୍ରିନାଥ ବେହେରା, ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ଉପସଭାପତି ପ୍ରମୁଖ ମଂଚାସୀନ ଥିଲେ। ଲୋକଙ୍କ ନିକଟରେ ପହଞ୍ଚିବା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ପଞ୍ଚାୟତରୁ ୧୦ଜଣ ସମବାୟବିତ ଚୟନ କରିବା ସହିତ ଜିଲ୍ଲାର ଦୁଇଟି ଜୋନରେ ଜିଲ୍ଲାସ୍ତରୀୟ ସମ୍ମିଳନୀ କରିବା ନେଇ ଏଠାରେ ଆଲୋଚନା କରାଯାଇଛି। ଜିଲ୍ଲା ସମବାୟ ଅଧିକାରୀ ଓ ପ୍ରଶାସନର ଚରମ ଅବହେଳାରୁ ଜିଲ୍ଲାର ୫ଲକ୍ଷ ପଞ୍ଜିକୃତ ଚାଷୀ ନପାଇ ଧାନ ମଣ୍ଡିରେ ପ୍ରଦାନ କରିପାରିନାହାନ୍ତି ବୋଲି ଏଠାରେ ଉଦବେଗ ପ୍ରକାଶ ପାଇଛି। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀକୁ ଟୋକେନ ପ୍ରଦାନ କରିବା ସହିତ ସେମାନଙ୍କ ଧାନକୁ ମାର୍ଚ୍ଚ ୩୧ସୁଦ୍ଧା ଧାନ ସଂଗ୍ରହ କରିବାକୁ ଏଠାରେ ଦାବି କରାଯାଇଛି। ସେହିଭଳି ସମବାୟ ସୂତାକଳ ପ୍ରତିଷ୍ଠା ଏବଂ ଆସିକା ଚିନିକଳର ଶତପ୍ରତିଶତ ପୁନଃରୁଦ୍ଧାର କରିବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା, କୃଷି ଋଣ ଛାଡ଼ କରିବାକୁ କଂଗ୍ରେସ ଦାବି କରିଛି। କାର୍ଯ୍ୟକ୍ରମରେ ସମବାୟବିତ ପିତାମ୍ବର ଗୌଡ଼, ପଞ୍ଚାନନ ପଟ୍ଟନାୟକ, ଭଗବାନ ପଟ୍ଟନାୟକ, ଦିବାକର ଜେନା, ରବୀନ୍ଦ୍ର ମହାରଣା, ବିକ୍ରମ ମହାରଣା, ପି. ରାମା ରାଓ, ପ୍ରବୀର ସାବତ, ଉମାକାନ୍ତ ସାସମଲ, ରବି ମହାରଣାଙ୍କ ସମେତ ବିଭିନ୍ନ ବ୍ଲକର ସମବାୟବିତ ଯୋଗ ଦେଇଥିଲେ।

## ବିଇଏମ୍‌ସି ପକ୍ଷରୁ ନୂତନ କମିସନରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୭ ।୩(ସମିସ): ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ସମସ୍ତ କର୍ପୋରେଟରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯାହା ଥିଲା ପୂର୍ବତନ ବିଇଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ଓ ନୂତନ କମିଶନର ଏ. ସଓ୍ୟା ରେଡ୍ଡୀଙ୍କ ପାଇଁ ଉତ୍ସର୍ଗୀକୃତ।



ପୂର୍ବତନ କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ମାତ୍ର ୯ମାସର କାର୍ଯ୍ୟକାଳ ମଧ୍ୟରେ ବେଶ ଲୋକପ୍ରିୟ ହୋଇପାରିଥିଲେ। ନିଜେ ବିଭିନ୍ନ ୱାର୍ଡକୁ ତଥା ପ୍ରକଳ୍ପ ସ୍ଥାନକୁ ଯାଇ ସେଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବା ସହିତ ବହୁ ନୂତନ ପ୍ରକଳ୍ପର ପରିକଳ୍ପନା ମଧ୍ୟ କରିଥିଲେ। ତେବେ ଖୁବ୍ କମ୍ ଦିନର ରହଣୀ ପରେ ତାଙ୍କର ବଦଳିକୁ କେହି ସହଜରେ ଗ୍ରହଣ କରିପାରିନାହାନ୍ତି। ଆଇଏଏସ ଅଧିକାରୀ ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ବର୍ତ୍ତମାନ ମାଲକାନଗିରିର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିଭଳି ନୂତନ କମିଶନର ତଥା ୨୦୨୧ମସିହାର ଆଇଏଏସ ଅଧିକାରୀ ଏ. ସସ୍ୟା ରେଡ୍ଡୀଙ୍କ ଠାରୁ ମଧ୍ୟ ସହର ଓ ନିଗମ ବେଶ କିଛି ଆଶା କରୁଛି। ଏଣୁ ତାଙ୍କୁ ସ୍ୱାଗତ ଜଣାଇବା ସହିତ ପୂର୍ବ କମିଶନରଙ୍କୁ

### ପୂର୍ବ କମିସନରଙ୍କୁ ବିଦାୟ

ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିଇଏମସି ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉଭୟଙ୍କୁ ନିଗମ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଯାଇଥିଲା। ଏହି ଅବସରରେ ବିଇଏମସିର ସମସ୍ତ କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ନିଗମର ମେୟର ଓ କର୍ପୋରେଟରଙ୍କ ସମେତ ସହରବାସୀଙ୍କ ସହଯୋଗରେ କମ୍ ଦିନର ସମୟ ଭିତରେ ବେ ବ୍ରହ୍ମପୁର ସହିତ ନୂଆ ସମ୍ପର୍କ ଯୋଡି ପାରିଥିବା କହିଛନ୍ତି ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍। ସେହିଭଳି ନୂତନ କମିଶନର ଭାବେ ଦାୟିତ୍ୱ ନେଇଥିବା ଏ.ସସ୍ୟା ରେଡ୍ଡୀ ସହରରେ ନିଗମ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଜାରି ରହିବ ଓ ସମସ୍ତଙ୍କ ସହଯୋଗରେ ଓ ପରାମର୍ଶରେ ସହରର ବିକାଶ କାର୍ଯ୍ୟକୁ ଆଗେଇ ନିଆଯିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର. ମୂରଲୀ ମୋହନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

● ଦାଦାବଟିକୁ ନେଇ ଜମି ବ୍ୟବସାୟୀଙ୍କୁ ଆକ୍ରମଣ

## ପୂର୍ବତନ କର୍ପୋରେଟର୍‌ଙ୍କ ପୁଅ ସମେତ ୨ ଗିରଫ



ବ୍ରହ୍ମପୁର,୧୭ ।୩(ସମିସ): ଦାଦାବଟି ନଦେବାରୁ ଜମି ବ୍ୟବସାୟୀ ତ୍ରିବେଣୀ ନଗରର ସୂର୍ଯ୍ୟନାରାୟଣ ବେହେରା ଓରଫ ପିଣ୍ଟୁଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ବଡବଜାର ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ବଜାର ରାଉତପେଟା ସାହି ନିବାସୀ ତଥା ପୂର୍ବତନ କର୍ପୋରେଟରଙ୍କ ପୁଅ ଶୁଭମ ମାଝୀ(୨୩) ଏବଂ ପୁରୁଷୋତ୍ତମପୁର ବର୍ତ୍ତୁଲୁ ଗ୍ରାମର ଆଲୋକ ମଲ୍ଲିକ(୨୭)। ସେମାନଙ୍କ ନିକଟରୁ ପୁଲିସ ଆକ୍ରମଣରେ ବ୍ୟବହୃତ ଏକ ଧାରୁଆ ଲୁହା ଖଣ୍ଡା ଏବଂ ଏକ କଳା ରଙ୍ଗର ବୁଲେଟ୍ ଜବତ କରିଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧୧ ରାତି ପ୍ରାୟ ୮ଟା୧୫ ବେଳେ ପିଣ୍ଟୁ ଗଙ୍ଗାଧର ନଗର ଛକ ନିକଟରେ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତମାନେ ବୁଲେଟରେ ଆସି ତାଙ୍କ ଉପରକୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୂର୍ବରୁ ହୋଇଥିବା ଏକ ଜମି କାରବାରର ଲାଭାଂଶରୁ ଶୁଭମ ମାଝୀ ଦାଦା ବଟି ମାଗିଥିଲେ। ସୂର୍ଯ୍ୟନାରାୟଣ ମନା କରିବାରୁ ଶୁଭମ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟଣା ଦିନ ଉଭୟ ଅଭିଯୁକ୍ତ ସୂର୍ଯ୍ୟନାରାୟଣଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ତାଙ୍କ ହାତ, କହୁଣି ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହେବା ସହ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ପୁଲିସ ଅଭିଯୁକ୍ତ ଶୁଭମଙ୍କୁ ଚିକିଟି ବ୍ଲକର ବାଳକୁମାରୀ ମନ୍ଦିର ନିକଟରୁ ଗିରଫ କରିଥିଲେ। ଦୁଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଭଳି ସଂଗୀନ ମାମଲା ରହିଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ; ପୁତୁରା ଗୁରୁତର

ବ୍ରହ୍ମପୁର, ୧୭।୩(ସମିସ): ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଛକରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁତୁରା ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ବନିତା ମହାଙ୍କଡ଼(୪୦)। ସେହିପରି ଆହତ ଯୁବକ ଜଣଙ୍କ ତାଙ୍କ ଭାଇଙ୍କ ପୁଅ ରିଙ୍କୁ ଗୌଡ଼ (୨୧)। ପୋଲିସ ମୃତ ମହିଳାଙ୍କ ଭାଇ ବସନ୍ତ ଗୌଡ଼ଙ୍କ ଅଭିଯୋଗ ଆଧାରରେ ୧୩୮/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏକ ଅଜଣା ଗାଡ଼ି ଧକ୍କାରେ ଉକ୍ତ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଆହତ ରିଙ୍କୁ ଏବେ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଉକ୍ତ ବନିତା ଓ ତାଙ୍କ ପୁତୁରା ଏକ ଭୋଜିରେ ଯୋଗ ଦେବା ପାଇଁ ଲାଠୀ ଆସିଥିଲେ। ଭୋଜି ଖାଇସାରି ସେମାନେ ଏକ ସ୍କୁଟି ନଂ (ଓଡି ୦୭ ଏ ଏମ - ୦୬୯୧) ରେ ଘରକୁ ଫେରୁଥିଲେ। ଦକ୍ଷିଣ ପୁର ଛକରେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କ ସ୍କୁଟିକୁ ସମ୍ମୁଖ ପଟୁ ଧକ୍କା ଦେଇ ଚାଲିଯାଇଥିଲା। ରାସ୍ତା ଉପରେ ଉଭୟ ବନିତା ଓ ତାଙ୍କ ପୁତୁରା କଚାଡ଼ି ହୋଇ ପଡିଥିଲେ। ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆହତଙ୍କୁ ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବନିତାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ଭାଇଙ୍କୁ ହସ୍ତାନର କରିଛି ପୋଲିସ।

## ଯୁବକଙ୍କୁ ଛୁରିମାଡ଼ ଘଟଣାର ଭିଡିଓ ଭାଇରାଲ୍; ଦୁଇ ଅଟକ

ବ୍ରହ୍ମପୁର,୧୭ ।୩(ସମିସ): ସୋମବାର ରାତିରେ ସ୍ଥାନୀୟ ସୁବାରାଓ ଛକ ନିକଟସ୍ଥ ଖ୍ରୀଷ୍ଟିଆନ ସାହିରେ ଦିନେଶ କୁମାର ପଣ୍ଡା ନାମକ ଜଣେ ଯୁବକଙ୍କୁ ଛୁରାମାଡ଼ କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଖ୍ରୀଷ୍ଟିଆନ ସାହି ନିବାସୀ ବିଜେପି ଯୁବନେତା ସନ୍ଦୀପ କୁମାର ସାହୁ ଓରଫ ମୋଗଲିଙ୍କ ଘର ସମ୍ମୁଖରେ ଦିନେଶକୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଆହତ ହୋଇ ସେ ବଡ଼ ମେଡ଼ିକାଲରେ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ଆକ୍ରମଣ ମାମଲାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପ୍ରଚରାଉଚରା କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ସୋମବାର ରାତିରେ ଦିନେଶ ପଣ୍ଡା ଯୁବନେତା ମୋଗଲିଙ୍କ ଘରକୁ ଯାଇଥିଲେ। ମୋଗଲି ଘରେ ନଥିବା ବେଳେ ଉମେଶ ରଥ, ଶ୍ରୀକାନ୍ତ ପଣ୍ଡା, ରିଙ୍କୁ ମାଝୀ ଓ ଦେବା ସାହୁଙ୍କ ସମେତ ୮ରୁ ଉର୍ଦ୍ଧ୍ୱ ଯୁବକ ମୋଗଲିଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହ ମୋଗଲିକୁ ଜୀବନରୁ ମାରିଦେବାକୁ କୁଆଡେ ଧମକ ଦେଇଥିଲେ। ସେପଟେ ମୋଗଲିଙ୍କ ଘରେ ଥିବା ଦିନେଶକୁ ଦୁର୍ବୃତ୍ତମାନେ ଛୁରୀ ସାହାର୍ଯ୍ୟରେ ଆକ୍ରମଣ କରିଥିଲେ। ଛୁରା ମାଡ଼ରେ ଆହତ ଦିନେଶ ଚିକିତ୍ସା ନିମନ୍ତେ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଖବର ପାଇ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ସେଥିମଧ୍ୟରୁ ପୁଲିସ ରିଙ୍କୁ ମାଝୀ ସମେତ ୨ଜଣଙ୍କୁ କାବୁ କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ମୋଗଲି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୁଲିସର ତଦନ୍ତ ଜାରି ରହିଛି।

## ୧୯ରେ ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସର ଚୟନ ଶିବିର

ବ୍ରହ୍ମପୁର,୧୭ ।୩(ସମିସ): ଚଳିତ ମାସରେ ହେବାକୁ ଥିବା ବିଭିନ୍ନ ବର୍ଗର ବକ୍ସିଂ ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲ୍ଲା ବକ୍ସିଂ ପୁରୁଷ ଓ ମହିଳା ବକ୍ସିଂ ଦଳ ଗଠନ କରାଯିବ। ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ଠାରେ ଆଗାମୀ ୧୯ତାରିଖ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ଏକ ଚୟନ ଶିବିର ହେବ। ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନ୍‌ର ବକ୍ସର ନିଜର ଜନ୍ମଗତ ପ୍ରମାଣପତ୍ର ଓ ଆଧାର କାର୍ଡ, ୩ଟି ପାସ୍ ଫଟୋ ସହ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ୧ ଜାନୁୟାରୀ ୨୦୧୦ମସିହା ଠାରୁ ୩୧ ଡ଼ିସେମ୍ବର ୨୦୧୧(ଜୁନିଅର୍), ୧ ଜାନୁୟାରୀ ୨୦୦୮ମସିହା ଠାରୁ ୩୧ ଡ଼ିସେମ୍ବର୨୦୦୯(ୟୁଥ୍) ମଧ୍ୟରେ ଯେଉଁ ବକ୍ସର ଜନ୍ମ ହୋଇଥିବେ ସେମାନେ ଶିବିରରେ ଯୋଗ ଦେଇ ପାରିବେ। ଆସୋସିଏସନ୍‌ର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଚୟନ ବକ୍ସର ମାନେ ଚଳିତମାସ ୨୫ ଓ ୨୬ତାରିଖ ଦୁଇ ଦିନ ହେବାକୁ ଥିବା ଜୁନିଅର୍ ଅଣ୍ଡର ୧୭ ବାଳକ ଓ ବାଳିକା, ୟୁଥ୍ ଅଣ୍ଡର ୧୯ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବେ।

ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

## ସିଡିଏମ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଦମ୍ପତିଙ୍କ ଧାରଣା




ବ୍ରହ୍ମପୁର,୧୭ ।୩(ସମିସ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶାକର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ରହିଥିବା ସହ ଏଥିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି। ଚୟନ କମିଟି ପକ୍ଷରୁ ଯୋଗ୍ୟ ପାର୍ଥୀଙ୍କୁ ବାଦ ଦେଇ ଅଯୋଗ୍ୟ ପାର୍ଥୀଙ୍କୁ ଚୟନ କରିଥିବା ଜଗଦଳପୁର ଗ୍ରାମର ଆବେଦନକାରୀ ସଞ୍ଜୁକ୍ତା କୁମାରୀ ସାହୁଙ୍କ ସ୍ୱାମୀ ପବିତ୍ର ଦାସ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସେ ବହୁବାର କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡ଼ିଏମଓ)ଙ୍କୁ ନିକଟରେ ଅଭିଯୋଗ କରିଛନ୍ତି। ଏହା ପରେ ମଧ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇନଥିବାରୁ ମଙ୍ଗଳବାର ଉଭୟ ସ୍ୱାମୀ ଓ ସ୍ତ୍ରୀ ସିଡ଼ିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ସ୍ୱାମୀ ପବିତ୍ର ଦାସ ଆମରଣ ଅନଶନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩୦ ଅଗଷ୍ଟ ୨୦୨୪ ମସିହାରେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଜଗଦଳପୁର ଅଞ୍ଚଳରର ଅଙ୍ଗନବାଡ଼ି-୬ ଅଞ୍ଚଳର ଆଶା ପଦବି ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ଏହି ଅଞ୍ଚଳର ହେବାର ନିୟମ ରହିଥିଲା। ଏହାର ଶେଷ ତାରିଖ ୯ ସେପ୍ଟମ୍ବର ୨୦୨୪ ମସିହା ରହିଥିଲା। ଏହି ପ୍ରକ୍ରିୟାରେ ଅଭିଯୋଗ ଆଣିଥିବା ସଂଯୁକ୍ତା କୁମାରୀ ସାହୁଙ୍କ ସହ ମୋଟ ୧୫ଜଣ ଆବେଦନ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଆବେଦନ କରିନଥିବା ଅନ୍ୟ ଜଣେ ମହିଳାଙ୍କୁ ପ୍ରକ୍ରିୟା ବାହାରେ ତାଙ୍କୁ ଆଶାରୂପେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚୟନ କରିଥିବା ପବିତ୍ର ଅଭିଯୋଗ କରିଛନ୍ତି। ନିଯୋଜିତ ଉକ୍ତ ମହିଳାଙ୍କ ନାମ ସହ ଅନ୍ୟାନ୍ୟ ଦସ୍ତାବିଜରେ ତ୍ରୁଟି ରହିଛି। ଚୟନ ହୋଇଥିବା ମହିଳା ଜଣଙ୍କ ଆବେଦନ ପତ୍ର ଓ ହସ୍ତାକ୍ଷର ଅଲଗା ଅଲଗା ରହିଥିବା ବେଳେ ଚଳୟ କମିଟି ଏହାକୁ କିପରି ଅନୁମତି ଦେଲେ ତାହା ଏକ ବଡ଼ ପ୍ରଶ୍ନ ଉଠାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶସନର ବିଭିନ୍ନ ଅଧିକାରୀଙ୍କ ଅନୁକମ୍ପାରେ ତାଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ସଂଯୁକ୍ତା କୁମାରୀ ସାହୁ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗର ବିଭାଗୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ଅଭିଯୋଗକାରୀ। ଅନ୍ୟପକ୍ଷେ ସମସ୍ତ ପ୍ରକାର ନିୟମ ଅନୁସାରେ ଚୟନ ପ୍ରକ୍ରିୟା ଶେଷ ହୋଇଛି। ପବିତ୍ର ଦାସଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ମିଶ୍ର କହିଛନ୍ତି।

ହାରି ନାହିଁ 'ହିରୋ'

## ୧୪ ବର୍ଷ ନାବାଳକ ମୁଣ୍ଡରେ ପରିବାରର ୧୦ଜଣଙ୍କ ବୋଝ

● ପରିବାର ପ୍ରତିପୋଷଣ ଯୋଗୁଁ ୯ମ ଶ୍ରେଣୀ ପାଠପଢାରେ ବନ୍ଧା ହୋଇଛି ଡୋରି
● ୬ଷ୍ଠ ଶିଶୁପୁତ୍ରକୁ ଜନ୍ମ ଦେଇ ହସ୍ପିଟାଲରେ ମା, ସଂଘର୍ଷ ଜାରି ରଖିଛନ୍ତି ୮୫ବର୍ଷିୟ ଜେଜେ'ମା
● ରୋଜଗାରରେ ବାଧକ ସାଜିଛି ଶିଶୁ ଅଧିକାର ସୁରକ୍ଷା ଆଇନ, କରିବ କ'ଣ?

ବ୍ରହ୍ମପୁର,୧୭ ।୩(ସମିସ): ରୋଜଗାରର ବାଟ ଓଗାଳିଛି ଖୋଦ୍ 'ଆଇନ'। ଶିଶୁ ଅଧିକାର ସୁରକ୍ଷା ଆଇନ ଯୋଗୁଁ ନିଜ ପରିବାର ସଦସ୍ୟଙ୍କ ପାଇଁ ମଧ ରୋଜଗାର କରିବାରୁ ବଞ୍ଚିତ ରହିଛି ନାବାଳକ ଜଣକ। ୧୪ବର୍ଷିୟ ନାବାଳକ 'ହିରୋ' (ଛଦ୍ମନାମ) ହିରୋଙ୍କ ମୁଣ୍ଡ ଉପରେ ରହିଛି ୧୦ଜଣ ସଦସ୍ୟ ବିଶିଷ୍ଟ ବିରାଟ ପରିବାରର ବୋଝ। ପରିବାର କହିଲେ ୮୫ବର୍ଷିୟ ଜେଜେ'ମା ଉଲ୍ଲି ସାହୁ। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ନାବାଳକ ହିରୋଙ୍କ ବାପା ବସନ୍ତ କୁମାର ସାହୁ ରୋଜଗାର କରିବାକୁ ଅକ୍ଷମ। ମା ସୁକାନ୍ତୀ ସାହୁ। ଯାହାଙ୍କ ଔରସରୁ ପୂର୍ବରୁ ହିରୋଙ୍କୁ ମିଶାଇ ୫ଟି ସନ୍ତାନ ଥିବାବେଳେ ସୋମବାର ଦିନ ଏମକେସିଜି ମେଡିକାଲରେ ୬ଷ୍ଠ ସନ୍ତାନକୁ ଜନ୍ମ ଦେଇଛନ୍ତି ହିରୋଙ୍କ ମାଆ। ଫଳରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବାପା ରୋଜଗାରକ୍ଷମ ନଥିବାରୁ ମା ଘରେ କିଛି ପିଠା ଓ ଦାନ୍ତିକିଲି ଓ ସୁପୁଲୁ ଭଳି ଖାଦ୍ୟ ସାମଗ୍ରୀ ଘରେ ପ୍ରସ୍ତୁତ କରୁଥିବା ବେଳେ ପରିବାରର ବଡପୁଅ 'ହିରୋ' ସେଗୁଡିକୁ ବିଭିନ୍ନ ଥାନା ଓ କୋର୍ଟ ଏପରିକି ରାସ୍ତାଘାଟରେ ବିକ୍ରୀ କରି ଘର ଚଳାଇବାରେ ମାଙ୍କୁ ସହଯୋଗ କରି ଆସୁଥିଲା। ହିରୋକୁ ଯେତେବେଳେ ୧୧ବର୍ଷ ବୟସ ହୋଇଥିଲା ସେବେଠାରୁ ତାହା ମୁଣ୍ଡରେ ପରିବାର ପ୍ରତିପୋଷଣର ବୋଝ ପଡିଛି। ହିରୋର ଘର ବ୍ରହ୍ମପୁର ଉପକଣ୍ଠ ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ରାମପଲ୍ଲୀ ଗ୍ରାମ। ଗାଁରୁ ବ୍ରହ୍ମପୁରକୁ ଆସିବା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ କୌଣସି ସାଧନ ମଧ ନାହିଁ। ଫଳରେ ହିରୋ ନିୟମିତ ଅନ୍ୟ ଲୋକଙ୍କୁ ଲିଫ୍ଟ ମାଗି ଅଥବା ଚାଲି ଚାଲି ବ୍ରହ୍ମପୁରକୁ ଆସି ବିକ୍ରୀବଟା କରି ପୁଣି ସନ୍ଧ୍ୟାରେ ଘରକୁ ଫେରିଥାଏ। ତେବେ ମା ଗର୍ଭବତୀ ହେବା ପରଠାରୁ ବର୍ତ୍ତମାନ ପ୍ରସବ ପରେ ଘର ବା ପରିବାର ଚଳାଇବାକୁ କୌଣସି ବ୍ୟବସ୍ଥା ନାହିଁ। ତଥାପି ହାରି ନାହିଁ 'ହିରୋ'। ପରିବାର କହିଲେ ବାପା, ମା, ୮୫ବର୍ଷିୟ ଜେଜେମା, ନିଜେ 'ହିରୋ' ଓ ତା ସାଙ୍ଗକୁ ୧୧ବର୍ଷିୟ, ୯ବର୍ଷିୟ, ୬ବର୍ଷିୟ, ୩ବର୍ଷିୟ ଏବଂ ନବଜାତ ଶିଶୁ। ବାପାଙ୍କ ସହିତ ମା ଓ ଜେଜେମାଙ୍କ ମେଡିକାଲ ଖର୍ଚ୍ଚ ସହିତ କୁନି କୁନି ଭାଇମାନଙ୍କ ଦୈନନ୍ଦିନ ଖର୍ଚ୍ଚ। ସବୁକିଛି ତୁଲାଇବାକୁ ପଡୁଛି ନାବାଳକ 'ହିରୋ'କୁ। ତେବେ ବିକ୍ରୀବଟା ପାଇଁ ମାଙ୍କ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀ ନଥିବା ବେଳେ ବଢି ଯାଇଛି ସମସ୍ୟା ଆଉ ଖର୍ଚ୍ଚ ଭାର। ଅପେକ୍ଷା କେବଳ କେତେଶୀଘ୍ର ମାଁ ହସ୍ପିଟାଲରୁ ଘରକୁ ଫେରିବେ ଆଉ ପୂର୍ବଭଳି ଖାଦ୍ୟସାମଗ୍ରୀ ପ୍ରସ୍ତୁତ କଲେ ଦୁଇପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବେ। ତେବେ ଇତି ମଧ୍ୟରେ ତାଙ୍କ ଉପରେ ଦାଉ ସାଜିଛି ଶିଶୁ ଅଧିକାର ସୁରକ୍ଷା ଆଇନ। ନିଜ ପରିବାରର ଗୁଜରଣ ପାଇଁ ସେ ବିକ୍ରୀବଟା କରୁଥିବା ବେଳେ ତାଙ୍କୁ ଆକଟ କରିଛି ଶ୍ରମ ବିଭାଗ। ଯାହା ସବୁଠାରୁ ଚିନ୍ତାର ବିଷୟ। ସେପଟେ ହଟଗୁଳାପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପାଠପଢୁଥିବା 'ହିରୋ'କୁ ଡୋରି ବାନ୍ଧିବାକୁ ପଡିଛି। ଚଳିତ ଥର ୩ଟି ପରୀକ୍ଷା ଦେଇଥିବା ବେଳେ ଅନ୍ୟ ୩ଟି ବିଷୟରେ ପରୀକ୍ଷା ଦେବା ସମ୍ଭବପର ହୋଇନଥିବା ସେ ସୂଚନା ଦେଇଛନ୍ତି। 'ହିରୋ'ଙ୍କ ପାରିବାରିକ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଦିର୍ଘ ଦିନରୁ ବ୍ରହ୍ମପୁରର ଯୁବ ଆଇନଜୀବୀ ସରୋଜ ଗୌଡ ତାଙ୍କୁ ସହାୟତା ଯୋଗାଇ ଆସୁଛନ୍ତି। 'ହିରୋ'ଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଅନେକ ବ୍ୟକ୍ତି ଓ ସଙ୍ଗଠନ ସହଯୋଗ ବଢାଇବାକୁ ଆଗେଇ ଆସିଛନ୍ତି। ଏପରିକି ଖୋଦ୍ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଦୁଇଟି ପର୍ଯ୍ୟାୟରେ 'ହିରୋ'ଙ୍କ ପରିବାରକୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା କହିଛନ୍ତି ନିଜେ 'ହିରୋ'। ନାବାଳକ 'ହିରୋ' ପ୍ରକୃତରେ ଜଣେ 'ହିରୋ'। ଏଭଳି ବିଷୟବସ୍ତୁ ବା ଷ୍ଟୋରୀକୁ ନେଇ ବହୁ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିବା ବେଳେ ଏହା ହେଉଛି ଏକ ନିଛକ ଦୃଶ୍ୟ। ନାବାଳକ 'ହିରୋ'ର ବୟସ ମାତ୍ର ୧୪ବର୍ଷ ହୋଇଥିବା ବେଳେ ତାଙ୍କୁ ସାବାଳକ ହେବା ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ହେବ। ତେବେ ତାଙ୍କର ସଂଘର୍ଷରେ ଗୁଣ୍ଡୁଚି ମୂଷା ଭଳି ଯେ କେହି ବଦାନ୍ୟ ବ୍ୟକ୍ତି ଚାହିଁଲେ ସହାୟତାର ହାତ ବଢାଇ ତାଙ୍କୁ ସହଯୋଗ କରିପାରିବେ। ସେପଟେ କିନ୍ତୁ ପ୍ରଶାସନ ପକ୍ଷରୁ ମଧ୍ୟ ସହାୟତା ପ୍ରଦାନ କରିବା ସହିତ ନାବାଳକ 'ହିରୋ'ଙ୍କୁ ସମ୍ମାନର ସହିତ ତାଙ୍କ ପରିବାର ଗୁଜରଣ ପାଇଁ ଅନୁମତି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ପୁଲିସକୁ ଖୋଲା ଚାଲେଞ୍ଜ

## ଗୋଟିଏ ସ୍ଥାନରେ ୩ ଥର ଅପରାଧ ଘଟାଇଛନ୍ତି ଦୁର୍ବୃତ୍ତ

ବ୍ରହ୍ମପୁର,୧୭ ।୩(ସମିସ): ପୁଲିସକୁ ଓପେନ୍ ଚାଲେଞ୍ଜ ଦେଇ ଏକା ସ୍ଥାନରେ ସେପୁଣି ନିୟମିତ ବ୍ୟବଧାନରେ ୩ଥର ଅପରାଧ ଘଟାଇଲେଣି ଦୁର୍ବୃତ୍ତ। ଟାଉନ ଓ ବୈଦ୍ୟନାଥପୁର ଥାନା ଅଧୀନରେ ଯାଉଥିବା ସୁବାରାଓ ଛକ ସ୍ଥିତ ଖ୍ରୀଷ୍ଟିଆନ ସାହିରେ ପ୍ରଥମେ ଓଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼, ୨ୟ ଥର ଖଣ୍ଡା ଦେଖାଇ ଦୁଇ ଯୁବକଙ୍କୁ ଦାଦାବଟି ମାଗିବା ସହ ଆକ୍ରମଣ କରିବା ଏବଂ ପୁଣି ସୋମବାର ରାତିରେ ଦିନେଶ ପଣ୍ଡା ନାମକ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଭଳି ୩ଘଟଣା ଘଟାଇଲେଣି ଦୁର୍ବୃତ୍ତ। ଦିନେଶଙ୍କୁ ଆକ୍ରମଣ ଘଟଣାକୁ ବାଦଦେଲେ ଅନ୍ୟ ଦୁଇଟି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଫଳ ରହିଛି। ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୫ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ ଅଭିଯୁକ୍ତଙ୍କୁ ଚିଂହ୍ନଟ କରିବାରେ ମଧ ବିଫଳ ରହିଛି। ସେହିପରି ଜାନୁୟାରୀ ୨୬ତାରିଖ ରାତି ୧୧ଟା ସମୟରେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ ଖ୍ରୀଷ୍ଟିଆନ ସାହିରେ ଥିବା ଏକ ଲଜ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଗୋଟିଏ ସ୍କୁଟିରେ ଖଣ୍ଡା ଧରି ଆସି ବାଇକରେ ଯାଉଥିବା ଦୁଇଜଣ ଯୁବକଙ୍କୁ ଅଟକାଇ ମାରପିଟ କରିବା ସହ ଟଙ୍କା ଆଦାୟ କରୁଥିବା ଭାଇରାଲ୍ ହୋଇଥିବା ଭିଡ଼ିଓରୁ ସ୍ପଷ୍ଟ ଜଣାପଡିଥିଲା। ପରେ ନିକଟରେ ଥିବା ଏକ କାରକୁ ପଥରମାଡ଼ ମଧ କରିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ



ଏଯାବତ ଅଭିଯୁକ୍ତ ଚିହ୍ନଟ ହୋଇନଥିବା ଜଣାପଡିଛି। ଉପରୋକ୍ତ ଦୁଇଟି ଘଟଣାକୁ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ପୁଲିସ କାହାରିକୁ ଚିହ୍ନଟ ମଧ କରିପାରି ନାହିଁ। ସବୁଠାରୁ ବଡ଼କଥା ହେଲା ଏକା ସ୍ଥାନରେ ହିଁ ୩ଟି ଅପରାଧିକ ଘଟଣା ଘଟିଲାଣି। ତଥାପି ପୁଲିସର ପେଟ୍ରୋଲିଂ ଉକ୍ତ ସାହିକୁ ସଠିକ ଭାବେ ହେଉନଥିବା ଅଭିଯୋଗ ହେଉଛି। ଗୋଟିଏ ସ୍ଥାନରେ ଦୁର୍ବୃତ୍ତମାନେ ବାରମ୍ବାର ବିଭିନ୍ନ ଅପରାଧିକ କାଣ୍ଡ କରିବା ଅର୍ଥ ପୁଲିସକୁ ଖୋଲା ଚାଲେଞ୍ଜ ଦେବା ସଦୃଶ। ଏଭଳି ଶ୍ରୀରାମ ନଗର, ଧାନମେରା ସାହି ସମେତ ସହରର ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତମାନେ ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଖଣ୍ଡା, କାତି ଓ ବୋମା ଧରି ଆତଙ୍କ ଖେଳାଉଥିବା ପୂର୍ବରୁ ନଜିର ରହିଛି। ସହରରେ ରାତ୍ରି ପେଟ୍ରୋଲିଂ କଡାକଡ଼ି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା

କେନ୍ଦ୍ରାପଡ଼ା,୧୭।୩(ସମିସ)



କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘଦିନ ଧରି ଚାଲିଆସୁଥିବା ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଆଉଥରେ ଜୋରଦାର ରୂପ ନେଇଛି। ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାବାସୀଙ୍କ ପକ୍ଷରୁ ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଛି। ଜିଲ୍ଲାର ସମସ୍ତ ଗାଁକୁ ଯାଇ ଲୋକଙ୍କୁ ଏକତ୍ର କରି ଆନ୍ଦୋଳନକୁ ତୀବ୍ର କରିବା ପାଇଁ 'ଗାଁକୁ ଚାଲ' ଆହ୍ୱାନ ଦିଆଯାଇଥିଲା। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ନ ଥିବାକୁ ନେଇ ଜିଲ୍ଲାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅର୍ଥନୈତିକ ବିକାଶରେ ପଛରେ ପଡ଼ିଥିବା ଏହି ଜିଲ୍ଲାର ଲୋକେ ସାଧାରଣ ସ୍ୱାସ୍ଥ୍ୟ ସେବା ପାଇବାରେ ଅନେକ ସମସ୍ୟା ଭୋଗୁଛନ୍ତି। ୫୩ ନମ୍ବର ଜାତୀୟ ରାଜପଥ ଓ ରେଳପଥ ଯାଇଥିଲେ ମଧ୍ୟ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଲୋକେ କଟକ ବଡ଼ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଦୁର୍ଘଟଣା ବା ଗୁରୁତର ରୋଗ ସମୟରେ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଅନେକ ସମୟରେ ଜୀବନହାନି ଘଟୁଥିବା ଅଭିଯୋଗ ହୋଇଛି।

୨୦୧୫ରୁ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ରାଜନୈତିକ ଦଳ, ଗଣସଂଗଠନ, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ସମୟ ସମୟରେ ସହଭାଗୀ ହୋଇଆସୁଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟରେ ଅନେକ ନୂତନ ମେଡିକାଲ କଲେଜ ଘୋଷଣା ହୋଇଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲ୍ଲା ଏପର୍ଯ୍ୟନ୍ତ ବଞ୍ଚିତ ରହିଥିବା ନେଇ ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିଥିଲେ। ଏପର୍ଯ୍ୟନ୍ତ ଜିଲ୍ଲାର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିବାରୁ ଏହାକୁ ରାଜନୈତିକ ଅବହେଳା ବୋଲି ଅଭିଯୋଗ କରାଯାଇଥିଲା। ଗଣଧାରଣା ସଭାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିବାବେଳେ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଗାୟଧର ଧଳ, କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ ଦାସ, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ସିପିଆଇ(ଏମଏଲ) ଜିଲ୍ଲା ସମ୍ପାଦକ ବିଧାନ ଦାସଙ୍କ ସହିତ ବିଭିନ୍ନ ସଂଗଠନର ନେତା ଓ ସମାଜସେବୀ ଉଦ୍‌ବୋଧନ ଦେଇଥିଲେ। ଆନ୍ଦୋଳନର ତୀବ୍ରତାକୁ ଦେଖି ଗତ ବିଧାନସଭା ବଜେଟ ଅଧିବେଶନରେ କେନ୍ଦ୍ରାପଡ଼ାରେ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲା। କିନ୍ତୁ ବଜେଟରେ ଏଥିପାଇଁ ଆବଶ୍ୟକ ଅର୍ଥବରାଦ ନ ହେବାରୁ ଏହାକୁ ଜିଲ୍ଲାବାସୀଙ୍କ ସହ ଧୋକା ବୋଲି ଆନ୍ଦୋଳନକାରୀ କହିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଗଣଧାରଣା ସ୍ଥଳକୁ ଆସି ଗ୍ରହଣ କରିଥିଲେ।

# ରାଜକନିକା ବ୍ଲକ୍ ଯୋଗାଣ କାର୍ଯ୍ୟାଳୟରେ ତାଲା, ଖାଉଟି ହନ୍ତସନ୍ତ

ରାଜକନିକା,୧୭।୩(ସମିସ): ରାଜକନିକାର ଯୋଗାଣ ବିଭାଗ ଏବେ ଓ୍ୱାଣ୍ଟ ପାଲଟିଛି। ବ୍ଲକରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ତାଲା ଝୁଲୁଛି। ପ୍ରାୟ ୮ ଦିନ ହେଲାଣି ଯୋଗାଣ ବିଭାଗ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖି ଦୈନିକ ଶହ ଶହ ଲୋକ ଫେରୁଛନ୍ତି। ଆଜିକୁ ୮ ଦିନ ହେଲାଣି ରାଜକନିକା ବ୍ଲକର ଯୋଗାଣ ବିଭାଗ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ପ୍ରତ୍ୟେକ ଦିନ ଆସୁଥିବା ରାସନ କାର୍ଡ ହିତାଧିକାରୀଙ୍କ କୌଣସି କାମ ନ ହେବାରୁ ଫେରି ଯାଉଛନ୍ତି। ଏଥିସହିତ କାହାର ରାସନ କାର୍ଡରେ ଆଧାର ଲିଙ୍କ ତ ଆଉ କାହାର ମୋବାଇଲ ନମ୍ବର ଲିଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ କାମ ହୋଇ



ନ ପାରିବାରୁ ଅସନ୍ତୋଷ ଦେଖାଦେଉଛି। କେହି ସ୍ଥାୟୀ ଯୋଗାଣ ଅଧିକାରୀ ବା ନିରୀକ୍ଷକ ନିଯୁକ୍ତ ନ ହେବା, କାମଚଳା ଭାବେ ଆଳି ବ୍ଲକ୍‌ର ଏମଆଇ ଏଠାରେ ଦାୟିତ୍ୱରେ ରହିବା ଭଳି ଅବସ୍ଥା ହେତୁ ଦିନକୁ ଦିନ ଖାଉଟିଙ୍କୁ ବହୁ ଅସୁବିଧାରେ ପକାଉଛି। ଯୋଗାଣ ଅଧିକାରୀ ରହୁ ନ ଥିବାବେଳେ ଆଉଟସୋର୍ସିଂ କର୍ମଚାରୀ ଏହି ବିଭାଗ ଚଳାଇ ଆସିଥିବାବେଳେ ଏବେ ସେମାନଙ୍କର ଧର୍ମଘଟ ଯୋଗୁଁ ବିଭାଗ ସମ୍ପୂର୍ଣ୍ଣ ଅଚଳ ହୋଇ ତାଲା ପଡ଼ିଛି। ଏଭଳି ଅଚଳାବସ୍ଥା ସମୟରେ ରିଟେଲର, ଖାଉଟି ସମସ୍ତେ ହଇରାଣ ହେଉଛନ୍ତି। ରାଜକନିକା ଯୋଗାଣ ବିଭାଗରେ ତାଲା ପଡିବା ଖବର ଜାଣି ବି ବ୍ଲକ ପ୍ରଶାସନ ଚୁପ୍ ରହିବା ସାଧାରଣରେ ଅସନ୍ତୋଷ ବଢ଼ାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳ ଏଭଳି ଅଚଳାବସ୍ଥା ଦୂର ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## ଶ୍ରୀମୁଖ ସିଂହାର ନୀତି ପାଇଁ ୩ ଘଣ୍ଟା ଦର୍ଶନ ବନ୍ଦ

କେନ୍ଦ୍ରାପଡ଼ା,୧୭।୩(ସମିସ): ଆସନ୍ତା ବୁଧବାର ଅର୍ଥାତ ୧୮ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି ନୀତି ଗୁପ୍ତ ଧାର୍ମିକ ପ୍ରଥା ହୋଇଥିବାରୁ ସେହିଦିନ ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ୩ ଘଣ୍ଟା ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ବଳଦେବଜୀଉ ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଏହି ବିଶେଷ ନୀତିରେ ଚିତ୍ରକର ସେବକ ମହାପ୍ରଭୁଙ୍କ ଶ୍ରୀମୁଖରେ ବିଶେଷ ସିଂହାର କାର୍ଯ୍ୟ ସମ୍ପାଦନ କରିବେ। ଏହା ଏକ ପରମ୍ପରାଗତ ଓ ଗୁପ୍ତ ନୀତି ହୋଇଥିବାରୁ ନୀତି ଚାଲିଥିବା ସମୟରେ ଭକ୍ତଙ୍କ ପ୍ରବେଶ ନିଷେଧ ରହିବ। ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଏହି ସୂଚନା ଦେଇ କହିଛନ୍ତି ଯେ, ନୀତି ସମାପ୍ତି ପରେ ପୁନର୍ବାର ସାଧାରଣ ଦର୍ଶନ ଚାଲୁ ହେବ। ସେହିପରି ଭକ୍ତଙ୍କୁ ଅନୁରୋଧ ଦର୍ଶନ ପାଇଁ ଆସିବା ସମୟରେ ଏହି ସମୟ ସୀମାକୁ ଧ୍ୟାନରେ ରଖି ଯୋଜନା କରନ୍ତୁ। ଫଳରେ ଅସୁବିଧା ହେବନି।

## ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଆରମ୍ଭ




କେନ୍ଦ୍ରାପଡ଼ା,୧୭।୩(ସମିସ): ଜିଲ୍ଲାର ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଉଜାଗର କରିବା ଉଦ୍ଦେଶ୍ୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ଏହି ତାଲିମ ଶିବିରର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଯୁକ୍ତ ଓ ବୈଜ୍ଞାନିକ ପ୍ରଶିକ୍ଷଣ ଯୋଗାଇବା। ଏହା ମାଧ୍ୟମରେ ଗ୍ରାମାଞ୍ଚଳର ଖେଳାଳିଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଏହି କାର୍ଯ୍ୟକ୍ରମରେ ଦୌଡ଼କୁଦ, ଭଲିବଲ ଓ ଖୋ-ଖୋ ଭଳି ବିଭିନ୍ନ କ୍ରୀଡ଼ା ଶାଖାରେ ପ୍ରତିଭା ଚୟନ କରାଯିବ। ପ୍ରଥମେ ବ୍ଲକ୍ ସ୍ତରରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଚିହ୍ନିତ କ୍ରୀଡାବିତ୍ ଜିଲ୍ଲା ସ୍ତରରେ ଅଧିକ ଉନ୍ନତ ପ୍ରଶିକ୍ଷଣ ପାଇବେ। ଆଜି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ଉଦଘାଟନ କରିଥିଲେ। ସେ କହିଥିଲେ, ଗ୍ରାମାଞ୍ଚଳରେ ଅନେକ କ୍ରୀଡ଼ା ପ୍ରତିଭା ଲୁଚିଥାଏ, ସେମାନଙ୍କୁ ସଠିକ ମଞ୍ଚ ଓ ପ୍ରଶିକ୍ଷଣ ମିଳିଲେ ସେମାନେ ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିପାରିବେ। ଏ ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଅକମଲ ଅଲ୍ଲୀ ଓ ବିଭିନ୍ନ ବ୍ଲକର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ତାଲିମ ଶିବିରରେ ମାଷ୍ଟର ଟ୍ରେନରଙ୍କୁ କ୍ରୀଡ଼ା ପ୍ରଶିକ୍ଷଣର ନୂତନ ପ୍ରଣାଳୀ ଓ ଚୟନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଏହି ପଦକ୍ଷେପ ଜିଲ୍ଲାରେ କ୍ରୀଡ଼ା ପରିବେଶକୁ ସକ୍ରିୟ କରିବା ସହିତ ଯୁବପିଢ଼ିଙ୍କୁ କ୍ରୀଡ଼ାମୁଖୀ କରିବାରେ ଏକ ମାର୍ଗଦର୍ଶକ ପଦକ୍ଷେପ ଭାବେ ପରିଗଣିତ ହେଉଛି।

## ମା' କନ୍ତେଇଙ୍କ ପୀଠ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

ଡେରାବିଶ,୧୭।୩(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଗ୍ରାମର ଗ୍ରାମଦେବତୀ ମା' କନ୍ତେଇଙ୍କ ପୀଠରେ ୮୨ତମ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଅକ୍ଷୟ ତୃତୀୟା ତିଥିରେ ଏହି ଯଜ୍ଞ ଅନୁଷ୍ଠିତ ହେବ। ଏହା କିପରି ସରସ ସୁନ୍ଦର ହୋଇପାରିବ, ସେ ସମ୍ପର୍କରେ ଆଲୋଚନା ହେବା ସହ ଯଜ୍ଞରେ ଆବଶ୍ୟକ ହେଉଥିବା ବିଶୁଦ୍ଧ ଗାଈ ଘିଅ ଓ ସମିଧ ନିମନ୍ତେ ଭକ୍ତଙ୍କ ଦାନ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ବିଭିନ୍ନ ଦିବସରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ସ୍ଥିର କରାଯାଇଥିଲା। ଏଥିନିମନ୍ତେ ବିଭିନ୍ନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ କଳ୍ପତରୁ କର, ପଦ୍ମନାଭ ବେହେରା, ଅରକ୍ଷିତ ସୂତାର, ହୃଷିକେଶ ସାହୁ, କିଶୋର ମହାନ୍ତି, ଅମିତ ମହାନ୍ତି, ଶିଶିଲ ମହାନ୍ତି, ରଞ୍ଜନ ମହାନ୍ତି, ଦିଲ୍ଲୀପ ମହାନ୍ତି, ନରହରୀ ମହାନ୍ତି, ରତ୍ନାକର ପରିଡ଼ା, ନିରଞ୍ଜନ ରାଉତ, ରମାକାନ୍ତ ପରିଡ଼ାଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଯୋଗଦେଇଥିଲେ।

## ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲରେ ଚଢ଼ଉ

ଡେରାବିଶ, ୧୭।୩(ସମିସ): ରନ୍ଧନ ଗ୍ୟାସ୍ ସଙ୍କଟ ନେଇ ସାଧାରଣରେ ଆଶଙ୍କା ଦେଖାଦେଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାରେ ଗ୍ୟାସ ସିଲିଣ୍ଡରର କଳାବଜାରୀକୁ ରୋକିବା, ଖାଉଟୀ କିପରି



ସୁବିଧାରେ ରନ୍ଧନ ଗ୍ୟାସ୍ ପାଇପାରିବେ ସେ ନେଇ ଜିଲ୍ଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଡେରାବିଶ ବ୍ଲକ୍ ଅଧୀନ ଚାନ୍ଦୋଳ ବଜାରରେ ଥିବା ଗୋରଖନାଥ ହୋଟେଲ ଓ ରଜାଙ୍ଗ ଛକରେ ଥିବା ଗୀତାଞ୍ଜଳି ହୋଟେଲ ଉପରେ ଚଢ଼ଉ କରାଯାଇଥିଲା। ଏହି ହୋଟେଲରେ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ସମେତ ଘରୋଇ ରନ୍ଧନ ଗ୍ୟାସ୍ ବ୍ୟବହାର କରାଯାଉଥିବା ଦେଖାଯାଇଥିଲା। ହୋଟେଲରୁ ୪ଟି ଘରୋଇ ଗ୍ୟାସ୍ ସିଲିଣ୍ଡରକୁ ଅଧିକାରୀ ଜବତ କରିଥିଲେ। ଏହି ଚଢ଼ଉ ବେଳେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ଦାସ, ପ୍ରୀତମ ଦାସ, ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ଦେବଶ୍ରୀ ମାର୍ଥା, ପୁନମ ଜେନା, ଡେରାବିଶ ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ ସାମିଲ ଥିଲେ।

● ଅଜଣା ନମ୍ବରରୁ ଫୋନ କଲ୍‌ରେ ଗର୍ଭବତୀ ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ

## ଆଶା କର୍ମୀଙ୍କ ସମ୍ପୃକ୍ତି ସନ୍ଦେହ, ଗ୍ରାମାଞ୍ଚଳ ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୧୭।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଅଜଣା ନମ୍ବରରୁ ଫୋନ କଲ ଆସି ଜଣେ ଗର୍ଭବତୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଥରରେ ୧୮, ୪୦୦ ଟଙ୍କା କଟିଯାଇଥିବା ଭଳି ଖବର ମିଳିଛି। ଏହି ଘଟଣାରେ ସ୍ଥାନୀୟ ଆଶା କର୍ମୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନରେ ଏତଲା ଦେଇଛନ୍ତି। ଏଭଳି ଘଟଣା ବଳଭଦ୍ରପୁର ପଞ୍ଚାୟତରେ ଥିବା ଅନ୍ୟ ମହିଳାଙ୍କ କ୍ଷେତ୍ରରେ ଘଟିଥିବା ଚର୍ଚ୍ଚା ଚାଲିଛି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ହୋଇଥିବା ଏତଲା ଅନୁଯାୟୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ଶ୍ରୀକାନ୍ତ ଦାସଙ୍କ ପତ୍ନୀ ମିନତୀ ଦାସ ଗର୍ଭବତୀ ଥିବାରୁ ୬ ଦିନ ତଳେ ତାଙ୍କୁ ପଟ୍ଟାମୁଣ୍ଡାଇ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମିନତୀଙ୍କ ଏକ କନ୍ୟା ସନ୍ତାନ ଜନ୍ମଲାଭ କରିଥିଲା। ୧୬ ତାରିଖ ୪ଟା ୪୫ ମିନିଟ ସମୟରେ ଏକ ଅଜଣା ଫୋନ ନମ୍ବର ୭୨୬୧୦ ୮୯୩୯୪ରୁ ଗର୍ଭବତୀ ମହିଳା ମିନତୀଙ୍କ ଫୋନକୁ କଲ ଆସିଥିଲା। ମିନତୀ ଫୋନ ଉଠାବାରୁ ଫୋନ କରିଥିବା ଅଜଣା ବ୍ୟକ୍ତି ଜଣଙ୍କ କହିଲେ ଆମେ ଅଙ୍ଗନବାଡି ମୁଖ୍ୟ କାର୍ଯ୍ୟାଳୟରୁ କହୁଛୁ। ତୁମ ଅଙ୍ଗନବାଡି ଆଶାଦିଦିଙ୍କୁ ଲାଇନକୁ ଆଣୁଛୁ ତୁମେ କଥା ହେବ। ପରେ ମିନତୀ ଆଶାଦିଦିଙ୍କ ସହିତ ଫୋନ ଯୋଗେ କଥାବାର୍ତ୍ତା ହେବାରୁ ସ୍ଥାନୀୟ ଆଶା ଦିଦି ମିନତୀଙ୍କୁ କହିଲେ ଆମ ହେଡ ଅଫିସରୁ ବଡ଼ ସାର କଥା ହେଉଛନ୍ତି। ସେ ଯାହା ପଚାରିବେ ଓ କହିବେ ତୁମେ କରିବ ବୋଲି ଆଶା ଦିଦି ଜଣକ ମିନତୀଙ୍କୁ କହିଥିଲେ। ପରେ ବଡସାର କୁହାଯାଉଥିବା ଅଜଣା ବ୍ୟକ୍ତି ଜଣକ ମିନତୀଙ୍କ ଫୋନକୁ ହାଏ କରିଥିଲେ। ହ୍ୱାଟଅପ୍‌ରେ କଥା ହୋଇ ଏକ ଲିଙ୍କ ପଠାଇ ଓକେ କରିବାକୁ କହିଥିଲେ। ଏହି ଲିଙ୍କକୁ ଓକେ କଲେ ତୁମ ଆକାଉଣ୍ଟ ନମ୍ବର ୬୪୨୨୨ ୫୬୦୨୦କୁ ଗର୍ଭବତୀ ସହାୟତା ୯, ୬୦୦ଟଙ୍କା ଆସିବ ବୋଲି କହି ଫୋନ କାଟି ଦେଇଥିଲେ। ପରେ ମିନତୀ ସେହି ଅଜଣା ଲିଙ୍କକୁ ଓକେ କରିବାରୁ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୧୭ ହଜାର ୫୦୦ ଓ ପରେ ୯ ଶହ ଟଙ୍କା କଟିଯାଇଥିବା ବ୍ୟାଙ୍କରୁ ମୋବାଇଲକୁ ମ୍ୟାସେଜ ଆସିଥିଲା। ମିନତୀ ଓ ତାଙ୍କ ସ୍ୱାମୀ ଆଶାଦିଦିଙ୍କୁ ଫୋନ କରିବାରୁ ସେ କହିଲେ ମୁଁ ନମ୍ବର ଦେଇଥିଲି ସତ, ମାତ୍ର ଟଙ୍କା କଟିଯିବ ବୋଲି ଜାଣି ନ ଥିଲି ବୋଲି ଆଶା ଦିଦି କହିଥିଲେ। ଏହାପରେ ଆଶା ଦିଦିଙ୍କ ସମ୍ପୃକ୍ତି ସନ୍ଦେହ କରି ଗର୍ଭବତୀ ମହିଳା ମିନତୀଙ୍କ ସ୍ୱାମୀ ଶ୍ରୀକାନ୍ତ ଦାସ ଆଶା ଦିଦି ରୁବି ବେହେରାଙ୍କ ନାମରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ଏହି ଏତଲାକୁ ଭିତ୍ତିକରି ୧୪୭ /୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୧୭।୩(ସମିସ): ଆସନ୍ତା ଜିଲ୍ଲାସ୍ତରୀୟ ଓଡିଶା ଦିବସକୁ ଗମ୍ଭୀରତା, ଶୃଙ୍ଖଳା ଓ ଆଡ଼ମ୍ବର ସହିତ ପାଳନ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଏହି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟରେ ମତ ବିନିମୟ କରିଥିଲେ।

ଉକ୍ତ ବୈଠକରେ ଓଡ଼ିଶା ଦିବସ ପାଳନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟସୂଚୀ ନିମନ୍ତେ ସୂକ୍ଷ୍ମ ଆଲୋଚନା କରାଯାଇଥିଲା। ପ୍ରଭାତ ଫେରୀ ଆୟୋଜନ, ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଧାରଣ ସଭା, ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ପ୍ରତିଯୋଗିତାରେ କୃତୀମାନଙ୍କୁ ପୁରସ୍କାର ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅଗ୍ରୀମ ଓ ସଂଗଠିତ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦେଇ କହିଥିଲେ, ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଲୋକଙ୍କ ମନରେ ଗର୍ବ ଓ ଏକତାର ଭାବନା ସୃଷ୍ଟି କରିବା ଭଳି ପାଳନ କରାଯିବା ଉଚିତ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରାଯାଉଥିବାବେଳେ ଚଳିତ ବର୍ଷର ଓଡ଼ିଶା ଦିବସ ପାଳନ କେନ୍ଦ୍ରାପଡ଼ାରେ ଏକ ବିଶେଷ ଆକର୍ଷଣ ରୂପେ ପ୍ରକାଶିତ ହେବ ବୋଲି ଆଶା ପ୍ରକାଶ ପାଇଛି।

● ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ

## ତେରଗାଁ କୃଷି ସମବାୟ ସମିତିରେ ଚାଷୀଙ୍କ ବିକ୍ଷୋଭ

ମହାକାଳପଡ଼ା,୧୭।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ଦୀର୍ଘ ଦିନ ଧରି ପଡ଼ିରହିଛି। ଟାର୍ଗେଟ ଥିବା ସତ୍ତ୍ୱେ ମିଲର ଆସୁ ନ ଥିବାରୁ ଧାନ ଉଠିପାରୁନାହିଁ। ବହୁଦିନ ଧରି ବାହାରେ ଧାନ ପଡ଼ିରହିଥିବାରୁ ଧାନ ନଷ୍ଟ ହେବା ଆଶଙ୍କା ରହିଛି। ସେପଟେ ତୁହାକୁ ତୁହା ଆସୁଥିବା ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ସୋସାଇଟି କର୍ମଚାରୀ ମଧ୍ୟ ଅସହଯୋଗ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଆଜି ଚାଷୀ ମିଳିତ ଭାବେ ସୋସାଇଟି ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ। ଯଦି ଦୁଇଦିନ ମଧ୍ୟରେ ଧାନ ନ ଉଠେ, ତେବେ ଗଦା ହୋଇରହିଥିବା ଧାନରେ ନିଆଁ ଲଗାଇଦେବାକୁ କହିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସହିତ ଯୋଗାଯୋଗ କରିବାରୁ ମିଲରଙ୍କୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାର୍ଗେଟ ଅନୁଯାୟୀ ପର୍ଯ୍ୟାୟକ୍ରମେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି କହିଛନ୍ତି।

● ଖଲାରେଶ୍ୱର ଓ ପଞ୍ଚୁପାଣ୍ଡବରେ ବାରୁଣୀଯାତ୍ରା

## ଲୁଣାନଦୀ ଓ ଗୋବରୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଡେରାବିଶ/ପଞ୍ଚୁପାଣ୍ଡବ, ୧୭।୩(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳସ୍ଥ ପ୍ରସିଦ୍ଧ ଶୈବ ପୀଠ ଖଲାରେଶ୍ୱରଙ୍କ ମନ୍ଦିର ବେଢ଼ା ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ବେଢାରେ ଆଜି ଆରମ୍ଭ ହୋଇଛି ବାରୁଣୀ ଯାତ୍ରା। ଲୁଣାନଦୀରେ ଆଜି ପ୍ରାତଃରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରି ନିଜର ମାନସିକ ପୂରଣ କରିବା ପାଇଁ ନଦୀକୂଳରେ ଥିବା ଖଲାରେଶ୍ୱରଙ୍କ ପୀଠରେ



ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ଏଣ୍ଡର ପଞ୍ଚାୟତ ଡେରାଢ଼ିହସ୍ଥ ଗୋବରୀ ନଦୀର ତୀର୍ଥକୂଳରେ ଆଜି ପ୍ରାତଃରୁ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ପଞ୍ଚୁପାଣ୍ଡବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ତୀର୍ଥକୂଳରୁ ମନ୍ଦିର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ପଡିଥିବା ଚାଦରରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଚାଉଳ ଓ ବିରି ଶସ୍ୟ ପକାଇ ନିଜର ମାନସିକ ପୂରଣ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଏହି ବାରୁଣୀ ଯାତ୍ରା ପଞ୍ଚୁପାଣ୍ଡବଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଖଲାରେଶ୍ୱରଙ୍କ ପୀଠରେ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି ବାରୁଣୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପବିତ୍ର ବାରୁଣୀ ସ୍ନାନ ତିଥିରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀରେ ସ୍ନାନ କରି ପ୍ରଭୁ ଖଲାରେଶ୍ୱରଙ୍କ ପୂଜାର୍ଚ୍ଚନା କଲେ ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିବା ବୋଲି ଗଭୀର ବିଶ୍ୱାସ ରହିଛି। ଏହି ଦିନରେ ଶ୍ରଦ୍ଧାଳୁ ସେମାନଙ୍କ ଶିଶୁ ସନ୍ତାନଙ୍କ କେଶଦାନ କରିବା, ନିଜ ଘରେ ବିବାହ ବ୍ରତାଦିରେ ବ୍ୟବହାର କରିଥିବା ଶୁଭମୁକୁଟ, ପଉଡ଼ମଶିଣା ଆଦି ଏହି ଦିନରେ ନଦୀରେ ବିସର୍ଜନ କରିଥା'ନ୍ତି।

## ଜାତୀୟ ରାଜପଥର ରେଲିଂ ଭୁଶୁଡ଼ି ପଡ଼ିଲା

କେନ୍ଦ୍ରାପଡ଼ା,୧୭।୩(ସମିସ): କେନ୍ଦ୍ରାପଡା ଜିଲ୍ଲାର ଶ୍ୟାମସୁନ୍ଦରପୁର ଅଞ୍ଚଳରେ ନିର୍ମାଣାଧୀନ ୫୩ନଂ ଜାତୀୟ ରାଜପଥର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ବିଳମ୍ବିତ ରାତିରେ ରାଜପଥ ପାର୍ଶ୍ୱରେ ଥିବା ପ୍ରାୟ ୧୦୦ ମିଟର ଲମ୍ବା କଂକ୍ରିଟ୍ (ଫିକ୍ସନ) ରେଲିଂ ହଠାତ୍ ଧସି ପଡ଼ିଥିଲା। ଘଟଣା ସମୟରେ ସେଠାରେ କୌଣସି ପ୍ରକାର ନିର୍ମାଣ କାମ ଚାଲୁ



ନ ଥିଲା। ଫଳରେ କୌଣସି ଧନଜୀବନ ହାନୀ ଘଟି ନ ଥିବା ଜଣାପଡ଼ିଛି। ଯାହାକି ଏକ ବଡ଼ ଦୁର୍ଘଟଣାକୁ ଟାଳି ଦେଇଛି। ତେବେ ନିର୍ମାଣ ହୋଇଥିବା ଏହି ରେଲିଂ ହଠାତ୍ କାହିଁକି ଭୁଶୁଡ଼ି ପଡ଼ିଲା, ତାହାର ସ୍ପଷ୍ଟ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକ ନିର୍ମାଣ କାମର ଗୁଣମାନ ଉପରେ ପ୍ରଶ୍ନ ଉଠାଇଥିବାବେଳେ ଏହାର ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି। ନିର୍ମାଣ ସଂସ୍ଥାର ସାଇଟ୍ ଇଞ୍ଜିନିୟର ଦୀପକ ସେନ୍ କହିଛନ୍ତି, ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଟେକ୍ନିକାଲ ଟିମ୍ ତଦନ୍ତ କରାଯିବ। ଏହି ଘଟଣା ପରେ ନିର୍ମାଣ କାର୍ଯ୍ୟର ଗୁଣମାନ ଓ ସୁରକ୍ଷା ବ୍ୟବସ୍ଥା ନେଇ ପୁନର୍ବାର ପ୍ରଶ୍ନ ଉଠିଥିବାବେଳେ ସମ୍ବନ୍ଧିତ ବିଭାଗ ଦ୍ୱାରା ଯଥୋଚିତ ପଦକ୍ଷେପ ଗ୍ରହଣ ଦରକାର ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଡେରାବିଶ, ୧୭।୩(ସମିସ): କେନ୍ଦ୍ରାପଡ଼ା ସଦର ଥାନା ବସପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମ ରାସ୍ତା କଡ଼ରେ ଥିବା ଚାଖୁଣ୍ଡା ଗଛରୁ ଆଜି ସକାଳୁ ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଲିକ (୪୮)। ଗ୍ରାମବାସୀଙ୍କଠାରୁ ଖବର ପାଇ ସଦର ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପୁଲିସ୍ ଟିମ୍ ସହ ପହଞ୍ଚି ମହେନ୍ଦ୍ରଙ୍କ ମୃତଦେହକୁ ଜବତ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍‌ର ଅଧିକାରୀ ପହଞ୍ଚି ଛାନଭିନ୍ କରିଥିଲେ। ମହେନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଲିକ ଏ ସମ୍ପର୍କରେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ତାଙ୍କ ବାପଘର ଦୁହୁରିଆରେ ରହୁଥିବାବେଳେ ତାଙ୍କ ଦିଅର ଅଖିଳ ମହେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କରେ ଖବର ଦେଇଥିଲା। ଅନ୍ନପୂର୍ଣ୍ଣା ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ କେହି ମାରିଦେଇଛି କିମ୍ବା ସେ ଆତ୍ମହତ୍ୟା କରିଛନ୍ତି ସେ ବିଷୟରେ ପୁଲିସ୍ ତଦନ୍ତ କରିବାକୁ ଅଭିଯୋଗରେ ଦର୍ଶାଇଛନ୍ତି।

# ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୧୭।୩(ସମିସ)




ଆରବିଆଇ ଭୁବନେଶ୍ୱର ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ଆଜି ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ମଧ୍ୟରେ ଆର୍ଥିକ ସଚେତନତା ବୃଦ୍ଧି କରିବା ଓ ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ ସଠିକ୍ ଜ୍ଞାନ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ଥିଲା। ଆରବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତି, ମହାପ୍ରବନ୍ଧକ ଶ୍ରୀମତୀ ଅନୀତା ପଟ୍ଟନାୟକ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ ସାହୁ, ଏସଏଲବିସି ଓଡ଼ିଶାର ଆବାହକ ଗୌତମ ପାତ୍ର ଓ ଏସବିଆଇ ଉପମହାପ୍ରବନ୍ଧକ ପ୍ରଭାତ କୁମାର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଡା. ମହାନ୍ତି ସାଧାରଣ ଲୋକଙ୍କ ପାଇଁ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ବ୍ୟାଙ୍କ ଖାତାର ପୁନଃ କେୱାଇସି ପ୍ରକ୍ରିୟା ଓ ଦାବିହୀନ ଜମା ରାଶି ପୁନଃପ୍ରାପ୍ତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀମତୀ ପଟ୍ଟନାୟକ ସ୍ୱାଗତ ଭାଷଣରେ ଆରବିଆଇ ଦ୍ୱାରା ସମଗ୍ର ଦେଶ ଓ ବିଶେଷକରି ଭୁବନେଶ୍ୱର କାର୍ଯ୍ୟାଳୟ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ହେଉଥିବା ପ୍ରୟାସ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ସହିତ ପ୍ରାୟ ୩୦୦ ଜଣ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଆରବିଆଇ କର୍ମଚାରୀଙ୍କ ଦ୍ୱାରା ଆର୍ଥିକ ସଚେତନତା ଉପରେ ଆଧାରିତ ନୁକ୍କଡ ନାଟକ ପରିବେଷଣ କରାଯାଇଥିଲା। ଯାହା ସଭାସ୍ଥ ଲୋକଙ୍କୁ ଆକର୍ଷିତ କରିଥିଲା। ପରବର୍ତ୍ତୀ ଅଧିବେଶନରେ ବ୍ୟାଙ୍କ ଅଧିକାରୀ ସଞ୍ଚୟ, ନିବେଶ, ବୀମା, ସାମାଜିକ ସୁରକ୍ଷା ଯୋଜନା, ପେନସନ ଓ ଶିକ୍ଷା ଋଣ ସମ୍ପର୍କରେ ବ୍ୟାପକ ତଥ୍ୟ ଦେଇଥିଲେ। ଏଥିସହିତ ନକଲି ନୋଟ୍ ଚିହ୍ନଟ କରିବା ଉପାୟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ଓ ବିଭିନ୍ନ ପ୍ରକାର ସାଇବର ଠକେଇ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ଆରବିଆଇ ଅମ୍ବୁଡସମ୍ୟାନ ବ୍ୟବସ୍ଥାରେ ଅଭିଯୋଗ ଦାଖଲ ପ୍ରକ୍ରିୟା ବିଷୟରେ ମଧ୍ୟ ଜଣାଇ ଦିଆଯାଇଥିଲା। ଶେଷରେ ପ୍ରଶ୍ନୋତ୍ତର ଅଧିବେଶନରେ ଉପସ୍ଥିତ ଲୋକଙ୍କ ସନ୍ଦେହ ଦୂର କରାଯାଇଥିଲା। ଜିଲ୍ଲାର ଏଲ୍‌ଡିଏମ୍, ନାବାର୍ଡ ଡିଡିଏମ୍ ଓ ବିଭିନ୍ନ ବ୍ୟାଙ୍କର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

୧୭/୩/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୩,୭୮୧/- ସୁନା:୦୦.୩୦୦ ଗ୍ରାମ୍ ରୁପା: ୩୦.୨୦୦ ଗ୍ରାମ୍



ସ୍ୱର୍ଗଦ୍ୱାରକୁ ଅଣଦେଖା

# ବିଗିଡ଼ିଗଲାଣି ପରିମଳ ବ୍ୟବସ୍ଥା; ସ୍ୱତନ୍ତ୍ର କାଠ ଚୁଲା କେବେ?






## କର୍ମଚାରୀଙ୍କ ସଂଖ୍ୟା ବଢ଼ିଛି; ପରିଚାଳନା କିନ୍ତୁ ବାଟବଣା
## ଆଉ ବସୁନି ସ୍ୱର୍ଗଦ୍ୱାର ସେବା ସମିତି ବୈଠକ
## ସାମାଜିକ ଗଣମାଧ୍ୟମରେ ବୁଲୁଛି ବିକଳ ଚିତ୍ର

ପୁରୀ,୧୭।୩(ସମିସ): ସମ୍ମାନର ସହ ଶବଦାହ ହେବ। ମୃତଦେହ ଆଣି ଆସୁଥିବା ସମ୍ପର୍କୀୟଙ୍କୁ ଅତ୍ୟାବଶ୍ୟକ ସୁବିଧା ମିଳିବ। ପରିଜନଙ୍କୁ ହରାଇଥିବା ମଣିଷ ଯେପରି କୌଣସି ପ୍ରକାର ଆର୍ଥିକ ଶୋଷଣ ନ ହେବେ ଏଭଳି ଏକ ମହତ୍ ଉଦ୍ଦେଶ୍ୟକୁ ନେଇ ପୂର୍ବର ବିଜେଡି ସରକାର ସ୍ୱର୍ଗଦ୍ୱାରର ଉନ୍ନତୀକରଣ ପାଇଁ ପରିକଳ୍ପନା କରିଥିଲା। କେବଳ ପରିକଳ୍ପନା ନୁହେଁ, ଏହାକୁ ବାସ୍ତବତାର ରୂପ ଦେବା ପାଇଁ ୨୦୧୯ ନଭେମ୍ବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗଦ୍ୱାରର ଉନ୍ନତୀକରଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର କରିବା ସହ ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠ ହଟାଇ ଦିଆଯିବା ଲାଗି ଘୋଷଣା କରିଥିଲେ। ଏହାପରେ ସ୍ୱର୍ଗଦ୍ୱାର ପରିସରରେ ଥିବା ପୁରୁଣା ନିର୍ମାଣ ଉଚ୍ଛେଦ କରାଯାଇ ଆରମ୍ଭ ହୋଇଥିଲା ନବୀକରଣ କାମ। ପୁରୁଣା ସ୍ୱର୍ଗଦ୍ୱାର ପାଇଥିଲା ନୂଆ ରୂପ। କେବଳ ରୂପରେଖ ନୁହେଁ, ଏଠାରେ କିପରି ସମ୍ମାନର ସହ ଶବଦାହ ହେବ ଏବଂ ସମ୍ପର୍କୀୟମାନେ କିପରି ଅତ୍ୟାବଶ୍ୟକ ସୁବିଧା ପାଇବେ ତାହା ଉପଲବ୍ଧ ଥିଲା। ହେଲେ ଏବେ ଆଉ ସେଭଳି ସ୍ଥିତି ନାହିଁ। ଏହି ଭାବାବେଗର ପୀଠ ଆଜି ଅଣଦେଖାର ଶିକାର। ଏଠାକାର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଗିଡ଼ି ଯାଇଥିବାବେଳେ ପରିଚାଳନା ବ୍ୟବସ୍ଥା ବି ବାଟବଣା ହୋଇଯାଇଛି। ଗତ ୨/୩ ବର୍ଷ ଧରି ସ୍ୱର୍ଗଦ୍ୱାରକୁ ନେଇ ଯେଉଁ ସକାରାତ୍ମକ ଚିତ୍ର ଆସୁଥିଲା ତାହା ଆଉ ଦେଖିବାକୁ ମିଳୁନି। ସାମାଜିକ ଗଣମାଧ୍ୟମରେ ବୁଲୁଛି ସ୍ୱର୍ଗଦ୍ୱାରର ବିକଳ ଚିତ୍ର।

ସ୍ୱର୍ଗଦ୍ୱାରରେ ଶବଦାହ ହେଲେ ମୃତକଙ୍କ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ଏଣୁ କେବଳ ଓଡ଼ିଶା କାହିଁକି ଦେଶର ବିଭିନ୍ନ ପ୍ରାନ୍ତରୁ ଆତ୍ମୀୟଙ୍କ ଶେଷକୃତ୍ୟ ପାଇଁ ସ୍ୱର୍ଗଦ୍ୱାରକୁ ଆସୁଛନ୍ତି। କିନ୍ତୁ ୬/୭ ବର୍ଷ ପୂର୍ବରୁ ସ୍ୱର୍ଗଦ୍ୱାର ସ୍ଥିତି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିଲା। ଗାଁ ଶ୍ମଶାନ ଭଳି ଏହାର ଚିତ୍ର ଥିବାବେଳେ ଶବଦାହ ପାଇଁ ଆସି ନାନା ପ୍ରକାର ହୀନସ୍ତା ହେଉଥିଲେ ସମ୍ପର୍କୀୟ। ଆର୍ଥିକ ଶୋଷଣ ସାଙ୍ଗକୁ ଖରା, ବର୍ଷାରେ ହନ୍ତସନ୍ତ ହେଉଥିଲେ। ପୁଣି ଧୂଳିଧୂଆଁରେ ରୁନ୍ଧି ହୋଇଯାଉଥିଲେ। ଘଣ୍ଟା ଘଣ୍ଟା ଧରି ଶବଦାହ କରିବା ପାଇଁ ସେମାନଙ୍କୁ ନାକେଦମ୍ ହେବାକୁ ପଡୁଥିଲା। ଏଭଳି ସ୍ଥିତିକୁ ଉପଲବ୍ଧି କରିବା ପରେ ସ୍ୱର୍ଗଦ୍ୱାରର ନବୀକରଣ କରାଯାଇଛି। ଶବଦାହ ପାଇଁ ଗୋଟିଏ ଛାତତଳେ ୨୮ଟି ପିଣ୍ଡି ସାଙ୍ଗକୁ ପ୍ରଶାସନିକ ଗୃହ ନିର୍ମାଣ କରାଯାଇଛି। ଏହି ପ୍ରଶାସନିକ ଗୃହ ମଧ୍ୟରେ ପଥଶ୍ରାଦ୍ଧ ଗୃହ, ଶାଦ୍ଧ ସାମଗ୍ରୀ ଦୋକାନ, କାଫେଟେରିଆ, କାଠ ଗୋଦାମ ଆଦି ରହିଛି। ଏହାବ୍ୟତୀତ ସମ୍ପର୍କୀୟଙ୍କ ଲାଗି ବିଶ୍ରାମ ଗୃହ, ଶୌଚାଳୟ, ପରିଶ୍ରାଗାର ସୁବିଧା କରାଯାଇଛି। ଶବଦାହ ପାଇଁ ଆସୁଥିବା ପରିଜନମାନେ ଯେପରି ସମସ୍ୟାରେ ନ ପଡ଼ିବେ ସେଥିଲାଗି ସିଙ୍ଗିଲ୍‌ୱିଣ୍ଡୋ ବ୍ୟବସ୍ଥା ରହିଥିବାବେଳେ ସୁପରିଚାଳନା ଲାଗି ୨୦୨୦ ସେପ୍ଟେମ୍ବର ମାସରେ ରାଜ୍ୟ ସରକାର ଗଠନ କରିଥିଲେ ସ୍ୱର୍ଗଦ୍ୱାର ସେବା ସମିତି। ଏହାର ଅଧ୍ୟକ୍ଷ ଜିଲ୍ଲାପାଳ ଥିବାବେଳେ ୯ ଜଣ ସଦସ୍ୟ ରହିଛନ୍ତି। ସବୁକିଛି ବ୍ୟବସ୍ଥା ସୁଚାରୁରୂପେ ଚାଲିଆସୁଥିଲା। ହେଲେ ବର୍ଷେ ଦୁଇବର୍ଷ ହେବ ସ୍ୱର୍ଗଦ୍ୱାରକୁ ଅଣଦେଖା କରାଯାଉଛି। ବିଶେଷକରି ଏହାର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଗିଡ଼ି ଗଲାଣି। ଆରମ୍ଭରୁ ସଫେଇ ପାଇଁ ୭ ଜଣ କର୍ମଚାରୀ ଥିଲେ। ଏବେ ଏହି ସଂଖ୍ୟା ବଢ଼ି ୧୩ରେ ପହଞ୍ଚିଥିଲେ ବି ଆଉ ପୂର୍ବଭଳି ପରିସର ସଫା ହେଉନାହିଁ। ଏଠିସେଠି ଅଳିଆ ଆବର୍ଜନା ଜମୁଛି। ସେହିପରି ଜଣେ ମୁଖ୍ୟ ମ୍ୟାନେଜର, ୫ ଜଣ କନିଷ୍ଠ ମ୍ୟାନେଜର, ୧୩ ଜଣ ସୁରକ୍ଷା କର୍ମୀଙ୍କୁ ମିଶାଇ ପ୍ରାୟ ୫୪ ଜଣ କର୍ମଚାରୀ ଏଠାରେ ବେତନ ନେଇ କାମ କରୁଛନ୍ତି। କିନ୍ତୁ ସେବାର ମାନ ହ୍ରାସ ପାଇବାରେ ଲାଗିଛି।

ଦୈନିକ ପ୍ରାୟ ୮୦ ମୃତଦେହ ଆସୁଥିବାବେଳେ ଏମିତି କିଛିଦିନରେ ସଂଖ୍ୟା ଶହେ ପାର୍ କରିଯାଉଛି। ହେଲେ ପରିଚାଳନାଗତ ତ୍ରୁଟି ପାଇଁ ସମ୍ପର୍କୀୟମାନେ ବିଭିନ୍ନ ସମୟରେ ହଇରାଣ ହରକତ ହେଉଛନ୍ତି। କର୍ମଚାରୀମାନେ ମଧ୍ୟ ଆଉ ଆଗଭଳି ସେବା ମନୋବୃତ୍ତି ନେଇ କାମ କରୁ ନ ଥିବା ଅଭିଯୋଗ ହେଉଛି। ବାୟୋମେଟ୍ରିକ୍ ଲାଗିଥିଲେ ମଧ୍ୟ କର୍ମଚାରୀମାନେ ଠିକ୍ ଭାବେ ଏହାକୁ ମାନୁନାହାନ୍ତି। ସବୁଠୁ ବଡ଼ କଥା ହେଉଛି ସ୍ୱର୍ଗଦ୍ୱାର ସେବା ସମିତି ମଧ୍ୟ ସ୍ଥାଣୁ ପାଲଟିଯାଇଛି। ନିୟମ ଅନୁସାରେ ପ୍ରତି ୩ ମାସରେ ସେବା ସମିତି ବୈଠକ ବସିବା କଥା। ହେଲେ ଏହା ନିୟମିତ ହେଉନାହିଁ। ତେଣୁ କର୍ମଚାରୀମାନେ ବି ଢିଲା ମାରିଲେଣି। ଯେଉଁଥିପାଇଁ ସ୍ୱର୍ଗଦ୍ୱାରକୁ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ନକାରାତ୍ମକ ଚିତ୍ର ସାମ୍ନାକୁ ଆସୁଛି। ସାମାଜିକ ଗଣମାଧ୍ୟମରେ ଏହା ପରିସରର ଚିତ୍ର ଘୂରି ବୁଲୁଛି। ଶବ ସଂଖ୍ୟା ବଢ଼ିଥିବାରୁ ବେଳେବେଳେ ସ୍ଥିତି ଅସମ୍ଭାଳ ହୋଇଛି। ଶବ ରଖିବାକୁ ପିଣ୍ଡି ଅଣ୍ଟୁନି କି ଦାହସ୍ଥଳୀ। ଏଣୁ ଶବକୁ ଚଟାଣରେ ଗଡ଼ାଇ ଦାହ ପାଇଁ ଘଣ୍ଟା ଘଣ୍ଟା କାଳ ଜଗି ରହୁଛନ୍ତି ଆତ୍ମୀୟ। ଏପଟେ ନିୟମିତ କାଠରେ ଅଭାବ ମଧ୍ୟ ଦେଖାଗଲାଣି। ଏହାକୁ ନଜରରେ ରଖି ସ୍ୱର୍ଗଦ୍ୱାରରେ 'ସ୍ୱତନ୍ତ୍ର କାଠ ଚୁଲା' ପାଇଁ ସେବା ସମିତି ନିଷ୍ପତ୍ତି ନେଇଥିଲା। ପୁରୀ ଉପଜିଲ୍ଲାପାଳ ତଥା ସ୍ୱର୍ଗଦ୍ୱାର ସେବା ସମିତିର ସମ୍ପାଦକ ରାଜକିଶୋର ଜେନା କହିଥିଲେ କାଠ ଅଭାବ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଚାଲିଛି। ଆମେ ସ୍ୱର୍ଗଦ୍ୱାରରେ 'ସ୍ୱତନ୍ତ୍ର କାଠ ଚୁଲା' ସ୍ଥାପନ କରିବାକୁ ଉଦ୍ୟମ କରୁଛୁ। ଏଥିରେ ଇନ୍ଧନ ରହିବ କାଠ। ଯେଉଁଥିରେ ଉତ୍ତାପ ସଂରକ୍ଷଣ ସହିତ ଦାହରେ ଅଧିକ କାଠ ସରିବନି। କମ୍ ସମୟରେ ମଧ୍ୟ ଦାହ ହୋଇପାରିବ ଏବଂ ଧୂଆଁ ବି ଅଧିକ ହେବନି। ବ୍ରହ୍ମପୁର ଯାଇ ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରାଯାଇଛି। ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ଇତିମଧ୍ୟରେ ପ୍ରାୟ ବର୍ଷେରୁ ଅଧିକ ହେଲାଣି ସ୍ୱତନ୍ତ୍ର କାଠ ଚୁଲା ବ୍ୟବସ୍ଥା ଆରମ୍ଭ ହୋଇପାରିନାହିଁ।

## ସାହିତ୍ୟାଲୋଚନା ଓ କବିତା ପାଠୋତ୍ସବ

ପୁରୀ,୧୭।୩(ସମିସ): ଓଡ଼ିଶା ସଙ୍ଗୀତ ପରିଷଦ ସଭାଗୃହରେ ସୋମବାର ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅନାମ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ଶିବସୁନ୍ଦର ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ ସହିତ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ପୂର୍ଣ୍ଣଚନ୍ଦ୍ର ଦାସ, ସମ୍ମାନିତ ଅତିଥି ରୂପେ ବିଜୟଲକ୍ଷ୍ମୀ ଦାଶ, ବିଜୟ ପରିଡ଼ା ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସାରସ୍ୱତ ସାଧନା ଓ ଆଲୋଚନା ମାଧ୍ୟମରେ ସମାଜର ଆଲୋକବର୍ତ୍ତିକା ରୂପେ ଯୁଗେ ଯୁଗେ ଦେଶ, ସମାଜ ଓ ଜାତିର ନବଜାଗରଣ ଆଣିପାରିଛି ବୋଲି ମତ ରଖିଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱରଚିତ କବିତାପାଠରେ ସର୍ବଶ୍ରୀ ଡ. ପ୍ରମିଳ କୁମାର ନନ୍ଦ, କାଶୀନାଥ ଖୁଣ୍ଟିଆ, ଯୋଗେଶ୍ୱର ପ୍ରହରାଜ, ଅନନ୍ତ ପ୍ରଧାନ, ଭବାନୀ ଶଙ୍କର ମହାପାତ୍ର, ସ୍ୱାତୀ ସୁଚରିତା ଦାଶ, ଆୟୁଷ ପୃଷ୍ଟି, ରଶ୍ମୀ ବେହେରା, କମଳିନୀ ପାଣିଗ୍ରାହୀ, ଡ. ରୂପଶ୍ରୀ ମିଶ୍ର, ଯୋଗେନ୍ଦ୍ର ନାଥ ସାହୁ, ଆର୍ଯ୍ୟମାନ କର, ପର୍ଶୁରାମ ପାତ୍ର, ସାରଙ୍ଗଧର ଷଡ଼ଙ୍ଗୀ, ଚାରୁଲତା ମିଶ୍ର, ମହେଶ୍ୱର ଜେନା, ଅମୃତା ଦାସ, ପୂଜା ପ୍ରଧାନ, ଅଭିମନ୍ୟୁ ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ।

## ରନ୍ଧନ ଗ୍ୟାସ୍ ଦରବୃଦ୍ଧି ନେଇ ବିକ୍ଷୋଭ




ପୁରୀ,୧୭।୩(ସମିସ): ରନ୍ଧନ ଗ୍ୟାସ୍‌ର ଅଭାବ ଓ କଳାବଜାର ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। କେନ୍ଦ୍ର ସରକାର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସିପିଆଇ (ଏମ୍) ପକ୍ଷରୁ ଅଭିଯୋଗ କରାଯାଇ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆୟୋଜିତ ପ୍ରତିବାଦ ସଭାରେ ବିକ୍ଷୋଭକାରୀ କହିଥିଲେ ଯେ ଇରାନ ଉପରେ ଆମେରିକା- ଇସ୍ରାଏଲ ଆକ୍ରମଣ କରିବ ବୋଲି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଅବଗତ ଥିଲେ। ଯୁଦ୍ଧଜନିତ ପରିସ୍ଥିତି ରନ୍ଧନ ଗ୍ୟାସ୍ ଓ ତୈଳ ଯୋଗାଣ ଉପରେ ଗୁରୁତର ପ୍ରଭାବ ପଡ଼ିବା ସମ୍ଭାବନା ଥିବାରୁ କେନ୍ଦ୍ର ସରକାର ଏହାକୁ ମୁକାବିଲା କରିବାକୁ ବ୍ୟାପକ ବନ୍ଦୋବସ୍ତ କରିବାର ଥିଲା। ମାତ୍ର କେନ୍ଦ୍ର ସରକାର ବିଫଳ ହେବା ଯୋଗୁଁ ରନ୍ଧନ ଗ୍ୟାସ୍ ଓ ତୈଳ ଦର ବଢ଼ିଲା ଏବଂ ଏହାର ବୋଝ ସାଧାରଣ ଲୋକଙ୍କ ଉପରେ ପଡୁଛି। ରନ୍ଧନ ଗ୍ୟାସ୍ ଯୋଗାଣ ଓ ବିତରଣ ଜନିତ ବ୍ୟାପକ ନିଅଣ୍ଟିଆ ସ୍ଥିତି ଯୋଗୁଁ କ୍ଷୁଦ୍ର ହୋଟେଲ, ରେସ୍ତୋରାଁ ଓ ଛାତ୍ରାବାସରେ ଖାଦ୍ୟ ରନ୍ଧନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଘରୋଇ ଭାବେ ରନ୍ଧନ ଗ୍ୟାସ ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ହଇରାଣ ହେଉଛନ୍ତି। ସରକାର ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ଯୋଗୁଁ କଳାବଜାରମାନେ ଏହାର ଫାଇଦା ନେଉଛନ୍ତି ଓ ବହୁ ସ୍ଥାନରେ ଏହା ସିଲିଣ୍ଡର ପିଛା ୨ରୁ ୪ ହଜାର ଟଙ୍କାରେ ବିକ୍ରି ହେଉଛି। କେନ୍ଦ୍ର ସରକାର ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେଇ ରନ୍ଧନ ଗ୍ୟାସ୍ ଯୋଗାଣ ଓ ବିତରଣକୁ ନିୟମିତ କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଛି।

ପୁରୀ ପୁଲିସ ହାବିଲ୍‌ଦାର ଓ କନେଷ୍ଟବଲ ସଂଘ ନିର୍ବାଚନ

## ସନ୍ତୋଷ ସଭାପତି, ସୂର୍ଯ୍ୟତାପ ସମ୍ପାଦକ

ପୁରୀ,୧୭।୩(ସମିସ): ପୁରୀ ପୁଲିସ ହାବିଲ୍‌ଦାର ଓ କନେଷ୍ଟବଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବିଭିନ୍ନ ପଦରେ ନୂତନ ପଦାଧିକାରୀମାନେ ବିଜୟୀ ହୋଇଛନ୍ତି। ସଭାପତି ଭାବେ ସନ୍ତୋଷ କୁମାର ମହାନ୍ତି ବିଜୟୀ ହୋଇଥିବାବେଳେ ଉପସଭାପତି ଭାବେ ସନ୍ତୋଷ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ଏଥିସହିତ ସମ୍ପାଦକ ଭାବେ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ୍ଷ ଦିଲ୍ଲୀପ ଭୋଇ,



ସହ ସମ୍ପାଦକ (କ) ମହେଶ୍ୱର ସୋରେନ ଓ ସହ ସମ୍ପାଦକ (ଖ) ସତ୍ୟନାରାୟଣ ନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ଭାବେ ଗୋଲଖ ବିହାରୀ ସାହୁ, ହେମନ୍ତ ସାହୁ, ଆରତୀ ମହାରଣା, ଅରୁଣ କୁମାର ମଲ୍ଲିକ ଓ ମଙ୍ଗରାଜ ମଲ୍ଲିକ ବିଜୟୀ ହୋଇଛନ୍ତି। ନବନିର୍ବାଚିତ ସମସ୍ତ ପଦାଧିକାରୀ ମଙ୍ଗଳବାର ଆନୁଷ୍ଠାନିକ ଭାବେ ନିଜ ନିଜ ପଦ ଗ୍ରହଣ କରିଥିବା ସହ ଆଗାମୀ ଦୁଇବର୍ଷ ପାଇଁ ସଂଘର ଦାୟିତ୍ୱ ପାଳନ କରିବେ। ଏହି ଅବସରରେ ସଂଘର ସଦସ୍ୟମାନେ ନବନିର୍ବାଚିତ ଦଳକୁ ଅଭିନନ୍ଦନ ଜଣାଇ ସେମାନଙ୍କ ନେତୃତ୍ୱରେ ସଂଘ ଆହୁରି ସଶକ୍ତ ଓ ସକ୍ରିୟ ହେବ ବୋଲି ଆଶା ପ୍ରକାଶ କରିଥିଲେ। ନବ ପଦାଧିକାରୀମାନେ ସଂଘର ସଦସ୍ୟମାନଙ୍କ ହିତରକ୍ଷା, ସମନ୍ୱୟ ଓ ସେବାମୂଳକ କାର୍ଯ୍ୟକଳାପକୁ ଆଗେଇ ନେବାରେ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

● ଆଜି ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୧୭।୩(ସମିସ): ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

## ଜିଲ୍ଲାବ୍ୟାପୀ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ହେବ ମାଲ୍ୟାର୍ପଣ

ପୁରୀ,୧୭।୩(ସମିସ): ପୁରୀ ଜିଲ୍ଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶ କ୍ରମେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ଓଡ଼ିଶା ଦିବସ ଅର୍ଥାତ ଏପ୍ରିଲ ୧ ତାରିଖ ପ୍ରତ୍ୟୁଷ ୫ଟାରୁ ପୁରୀ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯିବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁରୀ ପୌରପାଳିକା ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ ପାଇଁ ବ୍ୟବସ୍ଥା କରାଯିବ।

ସେହିପରି ଜିଲ୍ଲାର ସବୁ ବ୍ଲକ୍ ଅଞ୍ଚଳ ଓ ସହରାଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ବିଡିଓ ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କୁ ମାଲ୍ୟାର୍ପଣ



ପାଇଁ ଅନୁରୋଧ କରାଯାଇଛି। ଓଡ଼ିଶା ଦିବସ ଦିନ ସକାଳ ୮ଟାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରକ୍ତଦାନ ଶିବିର ଓ ସମ୍ପର୍କ ସାମାଜିକ ଅନୁଷ୍ଠାନ ସହଯୋଗରେ ଆୟୁର୍ବେଦ ଭିତ୍ତିକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିବିଧ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବିଭିନ୍ନ ଉଦ୍ୟୋଗ, ବ୍ୟାବସାୟିକ ପ୍ରତିଷ୍ଠାନ, ସାଧାରଣ ଜନତା ପ୍ରମୁଖ ନିଜସ୍ୱ ଖର୍ଚ୍ଚରେ ତୋରଣ ନିର୍ମାଣ, ଆଲୋକ ମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗା ମାଧବ କର, ସମାଜସେବୀ ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର, ଅନାମ ଚନ୍ଦ୍ର ସାହୁ, ସୌମେନ୍ଦ୍ର ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ ସେନାପତି, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମା' ଦୁର୍ଗାକୁ ହରାଇ ରକ୍ ଷ୍ଟାର ଚାମ୍ପିଅନ

ପୁରୀ,୧୭।୩(ସମିସ): ସ୍ଥାନୀୟ ପୁଲିସ ଲାଇନ ପଡ଼ିଆରେ ଅନୁଷ୍ଠିତ ସହିଦ ହାବିଲ୍‌ଦାର ରଞ୍ଜନ ଷଡ଼ଙ୍ଗୀ ନବମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ମା' ଦୁର୍ଗା ଟିମ୍‌କୁ ହରାଇ 'ରକ୍ ଷ୍ଟାର' ଚାମ୍ପିଅନ ହୋଇଛି। ଟସ୍ ଜିତି ମା' ଦୁର୍ଗା ଦଳ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ରକ୍ ଷ୍ଟାର ପକ୍ଷରୁ ଜଗନ୍ନାଥ ଓ ସାନୁ ୩ଟି ଲେଖାଏଁ ୱିକେଟ ନେଇଥିଲେ। ପରେ ରକ୍ ଷ୍ଟାର୍ ୧୨ ଓଭରରେ ୭ ୱିକେଟ ହରାଇ ୧୩୪ ରନ କରି ଚାମ୍ପିଅନ ହୋଇଥିଲା। ଏହି ରୋମାଞ୍ଚକର ମ୍ୟାଚ୍‌ରେ ରକ୍ ଷ୍ଟାର୍ ୧୧ ରନ୍‌ରେ ୪ ୱିକେଟ ହାରାଇ ସଙ୍କଟରେ ପଡ଼ିଥିଲା। ସେହି ସମୟରେ ବ୍ୟାଟିଂ କରିବାକୁ ଆସିଥିବା ଏସ୍‌ପି ପ୍ରତୀକ୍ ସିଂ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ଦ୍ରୁତ ଓ ଆକର୍ଷଣୀୟ ବ୍ୟାଟିଂ (୯ ବଲ୍‌ରେ ୨୫ ରନ୍) କରି ଦଳ ପାଇଁ ବିଜୟର ଆତ୍ମବିଶ୍ୱାସକୁ



ଏସ୍‌ପି ପ୍ରତୀକ୍ ସିଂଙ୍କ ଦ୍ରୁତ ୨୫ ରନ୍ ମ୍ୟାଚ୍‌ର ମୋଡ଼ ବଦଳାଇଦେଲା

ଦୃଢ଼ କରିଥିଲେ। ରକ୍ ଷ୍ଟାରର ସାନୁ ମଧ୍ୟ ୩୫ ରନ୍ ସଂଗ୍ରହ କରିଥିଲେ। ସାନୁଙ୍କୁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପୁରୀ ପୁଲିସର ୧୯୫ ଜଣ କର୍ମଚାରୀ ୮ଟି ଦଳରେ ବିଭକ୍ତ ହୋଇ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଓ ବାସୁଦେବ ପଣ୍ଡା, ପୁଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ୍ଷ ଦିଲ୍ଲୀପ ଭୋଇ, ସହ ସମ୍ପାଦକ ସତ୍ୟନାରାୟଣ ନାୟକ, ପ୍ରହ୍ଲାଦ ଭୋଇ, ରଞ୍ଜନ ପଲେଇ, ତ୍ରିଲୋଚନ ହୋତା, ପ୍ରଶାନ୍ତ ବିଶ୍ୱାଳ, ସୁଧାଂଶୁ ମଙ୍ଗରାଜ, ସୁଭ୍ରଜିତ ବରାଳ, ଦିଲ୍ଲୀପ ଛାଟୋଇ, ଜିତେନ୍ଦ୍ର ସ୍ୱାଇଁ, ରଘୁନାଥ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଥାଉ କି, ରଞ୍ଜନ ଷଡ଼ଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ସହିଦ ହୋଇଥିଲେ। ତାଙ୍କ ସ୍ମୃତିରେ ପୁରୀ ପୁଲିସ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରିଆସୁଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିଯୋଦ୍ଧା

## ନିଆଁକୁ ଆୟତ୍ତ କରିବାର କୌଶଳ ଦେଖାଇଲେ

ପୁରୀ,୧୭।୩(ସମିସ): କଟକ ଏସ୍‌ସିବି ଅଗ୍ନିକାଣ୍ଡ ଅଘଟଣ ପରେ ପୁରୀ ପ୍ରଶାସନ ଆହୁରି ସତର୍କ ଓ ସଜାଗ ହୋଇଯାଇଛି। ଜିଲ୍ଲାର କୌଣସି ହସ୍ପିଟାଲ ହେଉ କିମ୍ବା ହୋଟେଲ ଅବା ବଡ଼ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନରେ ଯେପରି ଏଭଳି ଘଟଣା ନ ଘଟେ ସେଥିପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯାଉଛି। ଯଦି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଗ୍ନିକାଣ୍ଡ ଘଟେ ତେବେ ହସ୍ପିଟାଲ କର୍ମଚାରୀ କିଭଳି ପ୍ରାଥମିକତା ଭିତ୍ତିରେ ନିଆଁକୁ ଆୟତ୍ତ ବା ଲିଭାଇବେ ସେ ନେଇ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ମକ୍‌ଡ୍ରିଲ କରାଯାଇଛି। ହସ୍ପିଟାଲରେ ଅଗ୍ନିଯୋଦ୍ଧାମାନେ ବିଭିନ୍ନ ସାଜ ସରଞ୍ଜାମ ସହ ପହଞ୍ଚି ଅଗ୍ନିକାଣ୍ଡ ସମୟରେ ନିଆଁକୁ ଲିଭାଇବା ଏବଂ ଧନଜୀବନ ରକ୍ଷା କରିବାର ଡେମୋ ଦେଖାଇଥିବା ବେଳେ କର୍ମଚାରୀଙ୍କୁ ମଧ୍ୟ ନିଆଁକୁ ଲିଭାଇବାର କୌଶଳ ଶିଖାଇଛନ୍ତି।





ନିଆଁ ଲାଗି ହସ୍ପିଟାଲ ପରିସର ଧୂଆଁମୟ ହୋଇଯାଇଥାଏ। କଳବଳ ହୋଇ ସମସ୍ତେ ଧାଁ ଦଉଡ଼ କରୁଥାଆନ୍ତି। ୧୧୨କୁ କଲ୍ ଯିବା ମାତ୍ରେ ମେଡିକାଲରେ ପହଞ୍ଚିଯାଇଥିଲା ଦମକଳ ଗାଡ଼ି। ଅଗ୍ନିଯୋଦ୍ଧାମାନେ ସରଞ୍ଜାମ ପିନ୍ଧି ଭିତରେ ପଶି ଫସି ରହିଥିବା ରୋଗୀ ଓ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ନାଇଟ୍ ଭିଜନ କ୍ୟାମେରା ଲଗାଇ ଫସି ରହିଥିବା ଆଉ କିଛି ରୋଗୀଙ୍କୁ ଚିହ୍ନଟ କଲେ। ପ୍ରବେଶ କରି ହେଉ ନ ଥିବା ଜାଗାକୁ ଫାୟାର ଏଣ୍ଟ୍ରି ସୁଟ୍ ପିନ୍ଧି ପ୍ରବେଶ କରିଥିଲେ। ପ୍ରାୟ ଘଣ୍ଟାଏ ପରେ ସ୍ଥିତି ଆୟତ୍ତକୁ ଆସିଥିଲା। ହେଲେ ଏହା ସତ ନ ଥିଲା, ଏହା ଥିଲା ଅଗ୍ନିଯୋଦ୍ଧାଙ୍କର ଡେମୋ ବା ନାଟକୀୟ ପ୍ରଦର୍ଶନ। ଏଥିସହ ହସ୍ପିଟାଲ ପରିସରରେ ନିଆଁକୁ ଲିଭାଇବା ଏବଂ ଆୟତ୍ତ କରିବା ଲାଗି ବ୍ୟବହୃତ ସାଜ ସରଞ୍ଜାମ ମଧ୍ୟ ଦେଖାଯାଇଥିଲା। ଏ ମଧ୍ୟରେ କମ୍ବି ଟୁଲ୍ସ, ଫାୟାର ବଲ୍, ସ୍ମୋକ୍ ଏକ୍‌ଜଷ୍ଟର, ଗ୍ୟାସ୍ ଡିଟେକ୍ଟର (ଯିଏ କାର୍ବନ, ଅକ୍ସିଜେନ ଓ କାର୍ବନ ମନୋକ୍ସାଇଡ୍‌ର କେତେ ପ୍ରତିଶତ ରହିଛି ତାହା ଜଣେଇଥାଏ) ଆଦି ପ୍ରଦର୍ଶିତ ହୋଇଥିଲା। ଏଥିସହ ହସ୍ପିଟାଲ କର୍ମଚାରୀଙ୍କୁ ମଧ୍ୟ ନିଆଁ ଲାଗିବା ପରେ ଏହାକୁ କିପରି ଆୟତ୍ତ ବା ଲିଭାଯାଇପାରିବ, ପ୍ରଥମେ ନିଆଁ ଦେଖିଥିବା ବ୍ୟକ୍ତିଙ୍କ କର୍ତ୍ତବ୍ୟ କ'ଣ ଏ ସବୁ ବିଷୟରେ ଶିକ୍ଷା ଦିଆଯାଇଥିଲା।

ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, ମେଡିକାଲ ପରିସରରେ ନିଆଁ ଲାଗିବା ମାତ୍ରେ ମେଡିକାଲରେ ପ୍ରାଥମିକ ଭାବେ ଉପସ୍ଥିତ କର୍ମଚାରୀ କି ପଦକ୍ଷେପ ନେବେ ସେ ନେଇ ନର୍ସ ଓ କର୍ମଚାରୀଙ୍କୁ ବେସିକ୍ ଫାୟାର ଫାଇଟିଂ ସ୍କିଲ୍ ପ୍ରଶିକ୍ଷଣ ଦିଆଯାଇଛି। ନିଆଁ ଲାଗିଲେ ପ୍ରଥମ କର୍ତ୍ତବ୍ୟ ହେଉଛି କର୍ମଚାରୀ ଓ ସେବିକା ଆଲାରମ୍ ବଜାଇ ସତର୍କ କରାଇବେ। ନିଆଁ ନିଆଁ ବୋଲି ଡାକ ଛାଡ଼ିବେ। ମାନୁଆଲ କଲ୍ ପଏଣ୍ଟ (ଏମ୍‌ସିପି)କୁ ଚପାଇ ସତର୍କ କରାଇବେ। କଣ୍ଟ୍ରୋଲ ରୁମ୍ ବି ଜାଣିପାରିବ। କେଉଁ ଜାଗାରେ ନିଆଁ ଲାଗିଛି ତାହା ଆଡ୍ରେସବଲ୍ କଣ୍ଟ୍ରୋଲ ପ୍ୟାନେଲ୍‌ରେ ବି ଦେଖାଯିବ। ଏଥିସହ ୧୧୨ରେ କଲ୍ କରି ଅଗ୍ନିଶମ ବାହିନୀକୁ ଖବର ଦେବେ। ଏଥିସହ ପ୍ରାଥମିକ ଭାବେ ଫାୟାର ଏକ୍ସଟିଙ୍ଗୁଇସର ବ୍ୟବହାର କରି ନିଆଁ ଲାଗିଥିବା ସ୍ଥାନରୁ ନିଆଁ ଲିଭାଇବାକୁ ପ୍ରୟାସ କରିବେ। ସେତେବେଳକୁ ଅଗ୍ନିଶମ କର୍ମଚାରୀମାନେ ମେଡିକାଲରେ ପହଞ୍ଚି ସାରିଥିବେ। ଯଦି ଭିତରେ ଧୂଆଁରେ ଲୋକେ ରୁନ୍ଧି ହୋଇ ଫସି ରହିଥିବେ, ସେମାନଙ୍କୁ ଉଦ୍ଧାର କରିବା ପାଇଁ ଫାୟାରମ୍ୟାନ୍‌ମାନେ ନାଇଟ୍ ଭିଜନ କ୍ୟାମେରା ନେଇ ତୁରନ୍ତ ଫସିଥିବା ଲୋକଙ୍କୁ ଚିହ୍ନଟ କରିବେ। ତେବେ ଏହି ଅବସରରେ ଶ୍ରୀଜଗନ୍ନାଥ ଟେମ୍ପୁଲ ଅଗ୍ନିଶମ କେନ୍ଦ୍ରର କେନ୍ଦ୍ରାଧିକାରୀ ମିଥୁନ କୁମାର ସାହୁ, ଜିଲ୍ଲା ଅଗ୍ନିଶମ କେନ୍ଦ୍ରର ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ସମେତ ୧୦ ଜଣ ଆଗଧାଡ଼ିର ଅଗ୍ନିଯୋଦ୍ଧା ସହ ମେଡିକାଲ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ନିର୍ମାଣକୁ ୬ ବର୍ଷ ପୂରିଲାଣି

# କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର

ବନ୍ତ/ଆଗରପଡ଼ା,୧୭।୩(ସମିସ)

ଆଗରପଡ଼ା ବଜାର ଅଞ୍ଚଳରେ ଲାଗିରହିଥିବା ପରିମଳ ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ତରଫରୁ ଆଗରପଡ଼ା ବଜାରରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ ରୋଜଗାର ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ ଅର୍ଥରେ ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୬ବର୍ଷ ପୂରିବା ଓ ୭ଲକ୍ଷ ଟଙ୍କା ବ୍ୟୟ ହେବା ପରେ ମଧ୍ୟ ଏହା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଜବରଦଖଲକାରୀଙ୍କ କବ୍ଜାରେ ବିଟିପୁର ମୌଜାର ମୁଖ୍ୟ ପିଡବ୍ଲୁଡି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା, କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ ୨୭୦, ପ୍ଲଟ୍ ନଂ ୭୭୩ରେ ନିର୍ମିତ ହେଉଥିବା



**୭ ଲକ୍ଷ ବ୍ୟୟ ପରେବି ଲକ୍ଷ୍ୟ ପୂରଣ ହେଉନି**

ସୁଲଭ ଶୌଚାଳୟ ଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଜବରଦଖଲକୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦକୁ ଇତି ମଧ୍ୟରେ ୩ ମାସ ବିତିବାକୁ ବସିଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଉକ୍ତ ଗୋଷ୍ଠୀ କେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହେଉଛି। କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାକୁ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ିଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପଦ୍ଧତି ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଆଗରପଡ଼ା। ଏଥି ସହିତ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବାରୁ ପ୍ରତିଦିନ ଏହି ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାନବାହନ ଚଳାଚଳ କରିଥାଏ। ମାତ୍ର ଏଠାରେ ଅଦ୍ୟାବଧି ଗୋଷ୍ଠୀ ପରିମଳ କେନ୍ଦ୍ର ନ ଥିବାରୁ ବସ୍ ଯାତ୍ରୀ, ଦୋକାନୀଙ୍କ ସମେତ ବଜାରକୁ ଆସୁଥିବା ଲୋକମାନେ ପରିମଳ ପାଇଁ ନାନାଦି ହଇରାଣ ହରକତ ହେଉଥିବାର ପରିଲକ୍ଷିତ ହେଉଛି। ବିଭାଗୀୟ ଅଧିକାରୀ ସରକାରୀ ଯୋଜନାକୁ ପ୍ରହସନରେ ପରିଣତ ନ କରି ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଅଧାପନ୍ତରିଆ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ଚେଷ୍ଟିତ ହେବାକୁ ଅଞ୍ଚଳବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ରାଷ୍ଟ୍ରୀୟ ସଂସ୍କୃତିର ନୂଆବର୍ଷ ପାଇଁ ପ୍ରଚାର ସମିତିର ପ୍ରସ୍ତୁତି

ଭଦ୍ରକ,୧୭।୩(ସମିସ): ଆଗାମୀ ମହାବିଷୁବ ସଂକ୍ରାନ୍ତି କେବଳ ଉତ୍କଳୀୟ ସଂସ୍କୃତି ନୁହେଁ ମହାଭାରତୀୟ ସଂସ୍କୃତିର ନୂଆବର୍ଷ ରୂପରେ ପରିଗଣିତ ହୋଇଥାଏ। ଏହି ନୂତନ ବର୍ଷରେ ଜଗତର ପାଳକ ଶ୍ରୀଜଗନ୍ନାଥଙ୍କ ଆରାଧନା କରିବା, ଏକ ମହତ୍ କାର୍ଯ୍ୟ ରୂପେ ପରିଗଣିତ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏହି ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଭଦ୍ରକସ୍ଥ ଶ୍ରୀବାଳଗୋପାଳ ମନ୍ଦିରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ବାବା ଆଖଣ୍ଡଳମଣିଙ୍କ ଆରତି ପାଠରେ ଅନୁଷ୍ଠିତ ହୋଇଯାଇଥିବା ମହା ସଂସ୍କୃତିର ଜାଗରଣ ଯାତ୍ରାର ରୂପରେଖ ଓ ଆୟବ୍ୟୟ ଉପସ୍ଥାପନା କରୁଥିଲେ। ଆସନ୍ତା ମହାବିଷୁବ ସଂକ୍ରାନ୍ତିରେ ଶ୍ରୀଜଗନ୍ନାଥଙ୍କ ଆରାଧନା ସହ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ କରିବା ପାଇଁ ଉପସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ଆଲୋଚନା ସଭାରେ ସର୍ବଶ୍ରୀ, ସନେଇ ଶିଖର, ବାବୁଲା ଦାସ, ଜଗବନ୍ଧୁ ରାମ, ନାରାୟଣ ପ୍ରଧାନ, ଲକ୍ଷ୍ମୀଧର ଖଟୁଆ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ପ୍ରଶାନ୍ତ କୁମାର ଦେ, ସନ୍ତୋଷ ଦାଶ, କାଳନ୍ଦୀ ଚରଣ ପାଣି ପ୍ରମୁଖ ଯୋଗଦେଇଥିଲେ।

## ସୂଚନା ଅଧିକାର ଆଇନ ଉପରେ ଦିନିକିଆ କର୍ମଶାଳା

ଭଦ୍ରକ,୧୭।୩(ସମିସ): ଭଦ୍ରକ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ଅନୁକୂଲ୍ୟରେ ମଙ୍ଗଳବାର ସୂଚନା ଅଧିକାର ଆଇନ (ଆର୍‌ଟିଆଇ-୨୦୦୫) ଉପରେ ଜିଲ୍ଲାର ସମସ୍ତ ଏପିଏଓ, ପିଆଇଓ, ଏପିଆଇଓମାନଙ୍କ ପାଇଁ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଏବଂ ଆରଟିଆଇ ରିସୋର୍ସ ପର୍ସନ୍ ରଶ୍ମିରଞ୍ଜନ ରାଉତ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଆରଟିଆଇ ନିୟମ ମାଧ୍ୟମରେ ସରକାରୀ କାର୍ଯ୍ୟକଳାପରେ ପ୍ରତିଦାୟିତ୍ୱ ଓ ପାରଦର୍ଶିତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପାଧ୍ୟାୟ ଅଧ୍ୟକ୍ଷ ବିଶ୍ୱପତି ପଣ୍ଡା, ମୁଖ୍ୟବକ୍ତା ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଅଭୟ କୁମାର ଦାସ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପିଆଇଓ ଭାମକାନ୍ତ ମାଝୀ ଯୋଗଦେଇଥିଲେ। ଏହି କର୍ମଶାଳାରେ ସୂଚନା ଅଧିକାର ଆଇନର ବିଭିନ୍ନ ପ୍ରାସଙ୍ଗିକ ଦିଗ, ଏହାର ପ୍ରୟୋଗ ପ୍ରଣାଳୀ ଓ ସାଧାରଣ ଲୋକଙ୍କ ପାଇଁ ଏହାର ଗୁରୁତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ସୂଚନା ଅଧିକାର ଆଇନ ଉପରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଆୟୋଜିତ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାମା ମସ୍‌ଜିଦରେ ଶବେକଦର ପର୍ବ ପାଳିତ



ଭଦ୍ରକ,୧୭।୩(ସମିସ): ଭଦ୍ରକର ସମସ୍ତ ମସ୍‌ଜିଦ ସହିତ ପୁରୁଣା ବଜାରସ୍ଥିତ ଜାମା ମସ୍‌ଜିଦରେ ମଧ୍ୟ "ଶବେକଦର' ପର୍ବ ତଥା "ଲଏଲ୍‌ତୁଲ୍ କଦ୍ର' ପର୍ବ ପାଳନ ହୋଇଯାଇଛି। ରମ୍‌ଜାନ ମାସର ୨୬ ରୋଜା (ଉପବାସ) ତଥା ୨୭ ତରାୱୀ ନମାଜରେ ଶବେକଦର ପର୍ବ ପାଳନ କରାଯାଏ। ଏହି ରାତ୍ରି ରମ୍‌ଜାନ ମାସର ବଡ଼ ପର୍ବ ପାଳନ ହୁଏ। ଏହି ଶବେକଦରରେ ଇସ୍‌ଲାମ ଧର୍ମର ପବିତ୍ର କୋରାନ ନାଜିଲ ହୋଇଥିଲା। ରମ୍‌ଜାନର ପ୍ରଥମ ତରାୱୀରୁ ୨୭ ତରାବୀ ନମାଜ ପର୍ଯ୍ୟନ୍ତ କୋରାନକୁ ମୁଖସ୍ତ କରିଥିବା ହାଫିଜ୍‌ମାନେ ତରାୱୀ ନମାଜ ପଢ଼ାନ୍ତି ଓ ୨୭ ତରାୱୀରେ ନମାଜ ପଢୁଥିବା ଲୋକେ ନିଜ ନିଜର ଦେୟ(ନଜରାନା)କୁ ମସ୍‌ଜିଦର ହାଫିଜ୍ ଓ ମୌଜିନଙ୍କୁ ଦେଇଥାନ୍ତି। ଏହି ଶବେକଦର ରାତ୍ରିରେ ଅନିଦ୍ରା ରହି ରାତ୍ରି ତମାମ ନମାଜ ପାଠ କରନ୍ତି। ଜାମା ମସ୍‌ଜିଦ ସରଜମିନରେ ମଧ୍ୟ "ଶବେକଦର ପର୍ବ' ଜାମା ମସ୍‌ଜିଦର ସଭାପତି ହାଜୀ ଅବ୍‌ଦୁଲ କାସିମ ଖାନ୍‌ଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଶେଖ୍ ହାଫିଜୁଲ୍ଲାଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ଶେଖ୍ ମଇରାଜୁଦ୍ଦିନ ଏହାର ସଂଯୋଜନା କରିଥିଲେ। ସଭାପତି, ସମ୍ପାଦକ ଓ ସଭ୍ୟମାନେ ମସ୍‌ଜିଦରୁ ଉଠିଥିବା ଅର୍ଥରାଶି ମୌଜିନ ଓ ସହ ମୌଜିନଙ୍କୁ ପ୍ରଦାନ କରିଥିଲେ। ଭଦ୍ରକ ମୁସ୍‌ଲିମ ଜମାତର ସମ୍ପାଦକ ହାଜୀ ଅବ୍‌ଦୁଲ ମୁକିତ ଖାନ ଜାମା ମସ୍‌ଜିଦର ହାଫିଜ୍ ଓ କାରୀ ମହମ୍ମଦ ସାଦିକ ହୋସେନଙ୍କୁ ଅର୍ଥରାଶି ଉପହାର ପ୍ରଦାନ କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଜାମା ମସ୍‌ଜିଦର ସଭାପତି ମସ୍‌ଜିଦର ଆୟବ୍ୟୟର ହିସାବ ସର୍ବସାଧାରଣରେ ପ୍ରକାଶ କରିଥିଲେ। ଏହି ତରାୱୀ ନମାଜରେ ଛୋଟ ଛୋଟ ୭ ଜଣ ପିଲାଙ୍କୁ ମିର୍ଜା ଜାୱେଦଙ୍କ ତରଫରୁ ଉପହାର ପ୍ରଦାନ କରାଯାଇଥିଲା। ଏହା ଛଡ଼ା ମସ୍‌ଜିଦରେ ଅଏତେକାଫରେ ବସିଥିବା ୪ ଜଣ ଓ ବର୍ଷ ସାରା ମସ୍‌ଜିଦ ସଫେଇ କାର୍ଯ୍ୟ କରୁଥିବା ୨୫ ଜଣଙ୍କୁ ମଧ୍ୟ ଉପହାର ପ୍ରଦାନ କରାଯାଇଥିଲା। ମସ୍‌ଜିଦର ଶବେକଦର ପର୍ବକୁ ଶେଖ୍ ଇଲୟାସ, ମୁସ୍‌ଲିମ ଖାନ୍, ଶେଖ୍ ଅନୱର (ବାବୁ), ଶେଖ୍ ଇମ୍‌ତିୟାଜ, ଅବ୍‌ଦୁଲ ରହେମାନ ବୁଦ୍ଧିଆ, ଗୁଲ୍ ମହମ୍ମଦ, ହାଜୀ ସଲାଉଦ୍ଦିନ, ଶେଖ୍ ନିୟାଜ୍, ଅନୱର ସାହା, ମୀର୍ ମହେବୁବ ଉପସ୍ଥିତ ରହି ଶବେକଦର ପର୍ବକୁ ପରିଚାଳନା କରିଥିଲେ।

### ● ଖେମ୍‌କା ଛକରେ ସିରିଜ୍ ଦୁର୍ଘଟଣା

## ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ମୃତ, ୪ ଗୁରୁତର



ଭଦ୍ରକ,୧୭।୩(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଅସୁରା ଖେମ୍‌କା ଛକରେ ସୋମବାର ବିଳମ୍ବିତ ରାତିରେ ସିରିଜ୍ ଦୁର୍ଘଟଣା ଘଟି ଜଣେ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ବସ୍ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ସୋମବାର ରାତି ପ୍ରାୟ ୧ଟା ବେଳେ ରାଜପଥରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଫଳରେ ଉକ୍ତ ଟ୍ରକ୍‌ଟି ଏକ ଯାତ୍ରୀବାହୀ ବସ୍‌କୁ ପିଟିଥିଲା। ଏଥିରେ ଚାପିହୋଇ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଉକ୍ତ ଯାତ୍ରୀବାହୀ ବସ୍‌ର ୪ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। ଏମାନେ ହେଲେ କୋଲକତା ଉଲ୍ଲାସଗଡ଼ ଅଞ୍ଚଳର ସଞ୍ଜୟ ବେରା(୨୬), ପଶ୍ଚିମ ମେଦିନୀପୁର ଅଞ୍ଚଳର କୁଇଫିକ୍ ସାରଙ୍ଗ(୨୨), ସୁକଦୋଲି ଅଞ୍ଚଳର ପ୍ରଦୀପ ନାୟକ(୨୭) ଓ ବେଲପାହାଡ଼ି ଅଞ୍ଚଳର ବ୍ରାଣ୍ଟ ବେରା(୭୨)। ଦୁର୍ଘଟଣାବେଳେ ପ୍ରବଳ ପବନ ସହ ଘଡ଼ଘଡ଼ି ଓ ବର୍ଷା ଆରମ୍ଭ ହୋଇଥିଲା। ଫଳରେ ୧୬ନମ୍ବର ଜାତୀୟରାଜପଥର ଖେମ୍‌କା ଛକ ନିକଟରେ କୋଲକାତାରୁ କଟକ ଯାଉଥିବା ଏକ ଟ୍ରକ୍ ରାସ୍ତା ପାଖରେ ଠିଆ ହୋଇଥିଲା। ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ଆସୁଥିବା ଏକ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଏହି ଟ୍ରକ୍‌ର ପଛରୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ଟି ଆଗରେ କ୍ରସ୍ କରୁଥିବା ଦଧିବାମନ ନାମକ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଇଥିଲା। ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଯାଇଥିଲା। ପିକ୍‌ଅପ୍ ଭ୍ୟାନ୍ ଚାଳକ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବସ୍‌ରେ ଥିବା ୪ଜଣ ଯାତ୍ରୀ ଗୁରୁତର ହୋଇଥିଲେ। ଆହତ ଯାତ୍ରୀଙ୍କୁ ଦମକଳ ବାହିନୀ ଦ୍ୱାରା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ।

## କୋଟିଲା ବାମ ବନ୍ଧ ଯୋଗାଯୋଗ ପଥ ନିର୍ମାଣରେ ବ୍ୟାପକ ଅନିୟମିତତା




**କାର୍ଯ୍ୟର ମାନକୁ ନେଇ ପ୍ରଶ୍ନବାଚୀ**

ଅସୁରାଳି,୧୭।୩(ସମିସ): ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା "କୋଟିଲା ବାମ ବନ୍ଧ ଯୋଗାଯୋଗ ସୁବିଧାର ଉନ୍ନତିକରଣ' କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଅର୍ଜୁନପୁରଠାରୁ ପଙ୍ଗଟା ପର୍ଯ୍ୟନ୍ତ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ଅତି ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି।

ସୂଚନାଫଳକ ଅନୁଯାୟୀ, ପ୍ରାୟ ୨କୋଟି ୯ ଲକ୍ଷ ୧୪ ହଜାର ୩୧୪ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟର ଠିକାଦାର ଭାବେ ସୁମନ ପ୍ରିୟଦର୍ଶିନୀ ମହାନ୍ତି (ଏ' କ୍ଲାସ୍ ଇଞ୍ଜିନିୟର କଣ୍ଟ୍ରାକ୍ଟର) ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟଟି ୨୦୨୪ ଅକ୍ଟୋବର ମାସରୁ ଆରମ୍ଭ ହୋଇ ୨୦୨୬ ମେ' ମାସ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ବାସିନ୍ଦା ଓ ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସାମଗ୍ରୀର ମାନ ଅତି ନିମ୍ନମାନର। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏବଂ ଉପଯୁକ୍ତ ତଦାରଖ ବିନା କାର୍ଯ୍ୟ ଚାଲିଛି। କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହା ଭବିଷ୍ୟତରେ ଯୋଗାଯୋଗରେ ବାଧା ସୃଷ୍ଟି କରିପାରେ। ଲୋକଙ୍କ ଟିକସ ପଇସାରେ ହେଉଥିବା ଏହି କାର୍ଯ୍ୟରେ ଏଭଳି ଦୁର୍ନୀତି ସହ୍ୟ କରାଯିବ ନାହିଁ। ଯଦି କାର୍ଯ୍ୟର ମାନରେ ସୁଧାର ନ ଆସେ, ତେବେ ଆଗାମୀ ଦିନରେ ଜନ ଅସନ୍ତୋଷ ତେଜିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। କାର୍ଯ୍ୟର ମାନ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ ତାଲିମ ଶିବିର




ବାସୁଦେବପୁର,୧୭।୩(ସମିସ): ବାସୁଦେବପୁର ବ୍ଲକ୍ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପିଇଓମାନଙ୍କର ଦକ୍ଷତାର ବିକାଶ ପାଇଁ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଆୟୋଜିତ ତାଲିମ ଶିବିରକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜ୍ଞାନରଞ୍ଜନ ସାହୁ, ବିଡିଓ ତନ୍ମିତା କର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅମ୍ଳାନ ଅମିତାଭ ସେନାପତି ଯୋଗଦେଇ ବିପର୍ଯ୍ୟୟ କ'ଣ, ବିପର୍ଯ୍ୟୟର ପ୍ରକାରଭେଦ ଓ ବିପର୍ଯ୍ୟୟର ପରିଚାଳନା କ୍ଷେତ୍ରରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୃତ୍ୟୁଞ୍ଜୟ ନାୟକ, ହିସାବ ରକ୍ଷକ ସରୋଜ ଖୁଣ୍ଟିଆ, ଭାରପ୍ରାପ୍ତ ଜିପିଓ ରବୀନ୍ଦ୍ର ଦାସ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ତାଲିମଦାତା ରଞ୍ଜୁଲତା ଗାହାଣ ଓ ରମାକାନ୍ତ ଡାଙ୍ଗୁଆ ବିପର୍ଯ୍ୟୟ ପରିଚାଳନାରେ ଧନଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ମୁଖ୍ୟ ଲକ୍ଷ୍ୟ ଅଟେ। ଆୟୋଜିତ ଶିବିରରେ ପିଇଓ, ଏଡିଇଓ ଏବଂ ଜିଆର୍‌ଏସ୍ ଅଂଶଗ୍ରହଣ କରିଥିଲେ।

## ବାରୁଣୀ ଘାଟରେ ପିଣ୍ଡଦାନ

ବାରିକପୁର,୧୭।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ମଣିନାଥପୁର ନିକଟସ୍ଥ ବୈତରଣୀ ନଦୀର ଦଶାସନୀ ଘାଟଠାରେ ମଙ୍ଗଳବାର ପବିତ୍ର ବାରୁଣୀ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ଅପରାହ୍ଣ ଯାଏଁ ହଜାର ହଜାର ଶ୍ରଦ୍ଧାଳୁ ବୈତରଣୀରେ ବୁଡ଼ ପକାଇ ଆତ୍ମୀୟଙ୍କୁ ପିଣ୍ଡଦାନ କରିଥିଲେ। ଭଦ୍ରକ ସମେତ ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜନସାଧାରଣ ବାରୁଣୀ ଉତ୍ସବରେ ସମବେତ ହୋଇଥିବା ଦେଖିବାକୁ ମିଳିଛି। ପବିତ୍ର ବାରୁଣୀ ଘାଟରେ ପିଣ୍ଡଦାନ କଲେ ସାତ ପୁରୁଷଙ୍କ ଉଦ୍ଧାର ହୋଇଥାଏ। ତେଣୁ ବାରୁଣୀ ଉତ୍ସବରେ ଲୋକ ସମାଗମକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ୧୧୩ ବର୍ଷ ବୟସ୍କା କାଳୀଦେବୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୭।୩(ସମିସ): ଭଦ୍ରକ ଜିଲ୍ଲା ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୟାଧର ପଣ୍ଡାଙ୍କ ଶତାୟୁ ଜନନୀ ରୁକ୍ମିଣୀ ଦେବୀଙ୍କ କର୍ମମୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରୁକ୍ମିଣୀ ଦେବୀ ସ୍ମୃତି ସଂସଦ ଆନୁକୂଲ୍ୟରେ ୨୦୨୧ରୁ ପ୍ରତିବର୍ଷ ଜଣେ ଶତାୟୁ ମହିଳାଙ୍କୁ ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି। ଚଳିତ ବର୍ଷ ଭଦ୍ରକ ମା' ବଙ୍କବାସୁଳୀ ମନ୍ଦିରର ବର୍ଷିୟାନ ପୂଜକ କରୁଣାକର ପାଣିଙ୍କ ସହଧର୍ମିଣୀ ୧୧୩ ବର୍ଷର ମହାନ୍ ଆଧାତ୍ମ୍ୟବାଦୀ ମହିଳା କାଳୀଦେବୀଙ୍କୁ ଶତାୟୁ ଜନନୀ ରକ୍ମଣୀ ଦେବୀଙ୍କ ପୁତ୍ର ଶ୍ରୀ ପଣ୍ଡାଙ୍କ ନମ୍ର ଭକ୍ତିପୂର୍ଣ୍ଣ ପ୍ରୟାସରେ ଭଦ୍ରକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡ. ଗୋଲକ ବିହାରୀ ସାହୁ, ଇଂ. ରୋଟାରିଆନ୍ ଅମ୍ବିକା ବଲ୍ଲଭ ସ୍ୱାଇଁ, ଫେକରର ଅବସରପ୍ରାପ୍ତ ଆକାଉଣ୍ଟାଣ୍ଟ ଅଫିସର ନାରାୟଣ ଚନ୍ଦ୍ର ପାଢ଼ୀ, ଅସୁରାଳି ବେଷ୍ଟ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ଜେନା,



ଭଦ୍ରକ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ଅଧିବକ୍ତା ଆଦିତ୍ୟ ନାୟକ, ପଣ୍ଡିତ ଡ. ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ପ୍ରଶାନ୍ତ ଦେ, ମୁକ୍ତିକାନ୍ତ ମହାପାତ୍ର, ତାରକଦାସ ଆଜ୍ୟ, ବିବେକ ଭଟ୍ଟାଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ସାହୁ, ସଂସଦର ସଭାପତି ବାସୁଦେବ ବାରିକ୍, ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ଓ ପରିବାରର ପୁତ୍ର ଲକ୍ଷ୍ମୀଧର ପାଣି (ରାମ ନନା), ତଥା ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଛି। ଏଭଳି ପୂଜ୍ୟପୂଜା କାର୍ଯ୍ୟକ୍ରମ ଉତ୍ତରପିଢ଼ିକୁ ବାସ୍ତବ ଦିଶା ଦେଖାଇବ ବୋଲି ଉପସ୍ଥିତ ପ୍ରମୁଖ ବ୍ୟକ୍ତିମାନେ ମତପୋଷଣ କରିଛନ୍ତି।

## ଇଦ୍ ପାଇଁ ପ୍ରସ୍ତୁତି; ଧାମନଗର ଉତ୍ସବମୁଖର




ଧାମନଗର,୧୭।୩(ସମିସ): ଇସ୍‌ଲାମ ଧର୍ମର ପବିତ୍ର ରମ୍‌ଜାନ ମାସ ଏବେ ନିଷ୍ଠାର ସହ ଚାଲୁ ରହିଛି। ଆଉ ମାତ୍ର ଅଳ୍ପ କେଇଟା ଦିନ ପରେ ଭାଇଚାରାର ଅନନ୍ୟ 'ଇଦ୍' ପର୍ବ ଅନୁଷ୍ଠିତ ହେବ। ଏନେଇ ଧାମନଗର ସହରଠାରୁ ଆରମ୍ଭ କରି ବ୍ଲକ୍ ଓ ପଞ୍ଚାୟତ ଅଞ୍ଚଳରେ ଏବେଠାରୁ ଉତ୍ସବମୁଖର ହୋଇଉଠିଛି। ସହର ସହିତ ପ୍ରତ୍ୟେକ ଗ୍ରାମର ମୁସଲ୍‌ମାନ ପରିବାର ଇଦ୍ ପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନାଲି, ନେଳି ରଙ୍ଗୀନ ଲିଟୁ ଆଲୋକମାଳାରେ ବିଭିନ୍ନ ସାହିର ମସ୍‌ଜିଦ୍, ଛକ, ବଜାର, ରାସ୍ତାଘାଟ ଏବେ ଝଲସିଛି। ଧାମନଗର ସହରରେ ମୁସଲମାନ ବହୁ ଅଞ୍ଚଳ ହୋଇଥିଲେ ହେଁ ଏଠାରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଭାଇ ଭାଇ ପରି ଚଳି ଆସୁଛନ୍ତି। ହିନ୍ଦୁ ମୁସଲମାନ ଭାଇଚାରାର ଅନ୍ୟତମ ଶ୍ରେଷ୍ଠ ଭୂଇଁ ଭାବେ ଧାମନଗର ସହରର ବହୁ ସୁନାମ ରହିଛି। ଏଠାରେ ଇଦ୍ ପର୍ବ ଉଭୟ ସମ୍ପ୍ରଦାୟଙ୍କ ପାଇଁ ଏକ ଗଣ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତ୍ୟହ ସନ୍ଧ୍ୟାରେ ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ କୋରାନର ଏକ ପାରା(ଅଧ୍ୟାୟ) ଧର୍ମ ଗୁରୁ ବା ମୌଲବିମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପାଠ କରାଯାଏ ଯାହାକୁ ତରାବି କୁହାଯାଏ। ଏହି ପରି ଭାବେ ୩୦ ଦିନରେ ପବିତ୍ର କୋରାନର ୩୦ଟି ପାରା (ଅଧ୍ୟାୟ) ପାଠ କରାଯାଇଥାଏ। ଶେଷରେ ଅକାଶରେ ଚାନ୍ଦ ଦେଖିବାର ଠିକ୍ ପରଦିନ ହିଁ ଇଦ୍ ପର୍ବ ପାଳନ ହୁଏ। ଇଦ୍ ଦିନ ନମାଜ ପାଠ ପରେ ପରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଆଲିଙ୍ଗନ ପୂର୍ବକ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥାନ୍ତି। ଆଜିର ମାନବ ସାମାଜ ପାଇଁ ହିନ୍ଦୁ ମୁସଲମାନ ଭାଇଚାରାର ଏକ ଶ୍ରେଷ୍ଠ ଉଦାହରଣ ପାଲଟିଛି ବୋଲି ସାମ୍ବାଦିକ ତଥା ଶାନ୍ତି କମିଟିର ସଦସ୍ୟ ସେକ୍ ଜାଫର ଅଲ୍ଲୀ କହିଛନ୍ତି।

### କବିଶେଖର ଚିନ୍ତାମଣିଙ୍କ ୧୫୯ତମ ଜୟନ୍ତୀ ସମାରୋହ

# 'ଓଡ଼ିଆ ସାହିତ୍ୟର ଇତିହାସରେ ଚିନ୍ତାମଣିଙ୍କ ସ୍ୱାକ୍ଷର ଅମ୍ଳାନ'

ଭଦ୍ରକ,୧୭।୩(ସମିସ)

ଓଡ଼ିଆ ଭାଷା ସାହିତ୍ୟର ଇତିହାସ ଚିରକାଳ ପାଇଁ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ପ୍ରତିଭା ଓ ସାଧନାକୁ ସମ୍ମାନ ଦେଉଥିବ। ଅଣ ଓଡ଼ିଆଙ୍କ କବଳରେ ଓଡ଼ିଆ ଭାଷା ଯେତେବେଳେ ତଳିତଳାନ୍ତ ହୋଇଯିବାକୁ ବସିଥାଏ, ସେତେବେଳେ ଓଡ଼ିଆ ଭାଷାର ମର୍ଯ୍ୟାଦା ବଜାୟ ରଖିବା ଦିଗରେ ଭାଷାପ୍ରେମୀ ସାରସ୍ୱତ ସାଧକ କବିଶେଖର ଚିନ୍ତାମଣିଙ୍କ ଭୂମିକା ଥିଲା ଅତୁଳନୀୟ। ବିଭିନ୍ନ ପତ୍ରପତ୍ରିକା ସମ୍ପାଦନା ଓ ସାମ୍ବାଦିକତା ସମୟରେ ସେ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଭାବେ ଯେଭଳି ଅଣ୍ଟା ଭିଡ଼ିଥିଲେ, ତାହା ସ୍ମରଣୀୟ। ଲେଖକ ଜୀବନର ଆଦ୍ୟ କାଳରେ ଅନେକ ରସୋତୀର୍ଣ୍ଣ କାବ୍ୟକୁ ରଚନା କଲା ପରେ ଟଙ୍କା ଗଛ, ଯୁଗଳ ମଠ, ଶନି ସପ୍ତାହ, ବୁଲା ଫକୀର ଓ ରୁପା ଚୁଡ଼ି ଭଳି ଉପନ୍ୟାସ ଲେଖି ପ୍ରଖ୍ୟାତ ଔପନ୍ୟାସିକ ଭାବେ ଓଡ଼ିଆ ସାହିତ୍ୟରେ ପ୍ରତିଭାତ ହୋଇଥିଲେ। ତାଙ୍କ ସୃଷ୍ଟ ୫୨ଟି କାବ୍ୟରେ ଓଡ଼ିଶାର ଭୂଗୋଳ, ଇତିହାସ, ପ୍ରକୃତି ଓ ସଂସ୍କୃତିର କାବ୍ୟୋଚିତ ସ୍ଫୁରଣ ଘଟିଥିଲାବେଳେ ମହାଭାରତୀୟ ଆଦର୍ଶର ଯେପରି ସମନ୍ୱୟ ଘଟିଛି,




ଉପନ୍ୟାସ ରାଜିର ଅବକ୍ଷୟମୁଖୀ କୁସଂସ୍କାରପୂର୍ଣ୍ଣ ସମାଜ ବ୍ୟବସ୍ଥାକୁ ସଂସ୍କାରିତ କରିବାର ଲେଖକୀୟ ଅଭିପ୍ସା ପ୍ରତ୍ୟକ୍ଷ କରିହୁଏ ବୋଲି କବିଶେଖର ଚିନ୍ତାମଣି ମହାନ୍ତିଙ୍କ ୧୫୯ତମ ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି ସମାରୋହକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ସାଧକର ଜୀବନ ଦୁଃଖମୟ ଏବଂ ସେହି ବ୍ୟଥାଦଗ୍ଧ ପ୍ରାଣରେ ବି ବିଶ୍ୱ ପାଇଁ କେତେ ଦରଦ ପ୍ରକାଶ ପାଇପାରେ, ତାହା ହିଁ ହେଉଛି ଚିନ୍ତାମଣିଙ୍କ ସାଧନାମୟ ଜୀବନର ସାକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଖ୍ୟାତିସମ୍ପନ୍ନ କଥାକାର ପବିତ୍ର ପାଣିଗ୍ରାହୀ କହିଲେ ଯେ କବିଶେଖର ଚିନ୍ତାମଣି ଯେଭଳି ପ୍ରତିଭାର ଅଧିକାରୀ, ତାଙ୍କୁ ସେତିକି ଉଚ୍ଚ ସମ୍ମାନରେ ବସାଇବା ଓଡ଼ିଶାବାସୀଙ୍କ କର୍ତ୍ତବ୍ୟ। ଅକଥନୀୟ ବେଦନା ଭିତରେ ବି ସାହିତ୍ୟ ସାଧନା କରି ଓଡ଼ିଆ କାବ୍ୟ ସାହିତ୍ୟକୁ ୪୮ ଖଣ୍ଡ କାବ୍ୟ, ଓଡ଼ିଆ କଥା ସାହିତ୍ୟକୁ ୫ଟି ଉପନ୍ୟାସ, ୩ଟି ଦୀର୍ଘ ଗଳ୍ପ ଓ ଜୀବନ ସାହିତ୍ୟକୁ ଅନବଦ୍ୟ ଆତ୍ମଜୀବନୀ ଗ୍ରନ୍ଥ ଦେଇଯାଇଛନ୍ତି। ସମ୍ମାନିତ ବକ୍ତା ଭାବେ ଗବେଷକ କୃପାସିନ୍ଧୁ ନାୟକ କବିଶେଖର ଚିନ୍ତାମଣିଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀଭାବେ ପ୍ରତିପାଦନ କରିଥିଲେ। ଅଧ୍ୟାପକ ଦତ୍ତାତ୍ରେୟ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରସଙ୍ଗରେ କବିଶେଖରଙ୍କ କାଳଜୟୀ ସୃଷ୍ଟି ଆଜିର ଯୁବପିଢ଼ି ପାଇଁ ଆଦର୍ଶ ବୋଲି କହିଥିଲେ। ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଯୁବ ଲେଖକ ସଂଗ୍ରାମ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ନାୟକ, ଗୋବର୍ଦ୍ଧନ ସାମଲ, ସୁଧାକର ରାଉତ, ପୁରୁଷୋତ୍ତମ ନାଥ, ଦମୟନ୍ତୀ ନାଥ, କୈଳାସ ମହାପାତ୍ର, ପଦ୍ମନ ରାୟ, ମନୋଜ ସ୍ୱାଇଁ, ମନୋରମା ରାୟ, ବାବୁଲାଲ ଦାସ, ରମେଶ ଦାସ, ବିପ୍ଳବ ହୋତା, ଅରୂପାନନ୍ଦ ନାୟକ, ପ୍ରୀତିଲତା ପଣ୍ଡା, ଅଂଶୁମାନ ସ୍ୱାଇଁ, ଶରତ ଜେନା, ଶାନ୍ତନୁ ରାଉତ,ଦୀପ୍ତିମୟୀ ସାହୁ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

# ନୂଆଗାଁରେ କୃଷକ ମେଳା ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ

ଜଗତସିଂହପୁର/ବାଲିକୁଦା,୧୭।୩(ସମିସ)




ଉନ୍ନତ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକର ନୂଆଗାଁ ଗ୍ରାମରେ ମଙ୍ଗଳବାର ଏକ କୃଷକ ମେଳା ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କୃଷି ଯାନ୍ତ୍ରୀକ ଓ ବୈଷୟିକ ମହାବିଦ୍ୟାଳୟ, ଓୟୁଏଟି ଭୁବନେଶ୍ୱରର ୪ଟି ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ସଂଯୁକ୍ତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରଫେସର ମାର୍କଣ୍ଡେୟ ମହାପାତ୍ର (କୃଷି ଯନ୍ତ୍ରପାତି ଓ ଶକ୍ତି) ଯୋଗଦେଇ କୃଷି କ୍ଷେତ୍ରରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଶ୍ରମ ସଞ୍ଚୟ ଓ ଉତ୍ପାଦନ ବୃଦ୍ଧି ସମ୍ଭବ ବୋଲି ଉଲ୍ଲେଖ କରିଥିଲେ। ପ୍ରଫେସର ପ୍ରଦୀପ୍ତ କୁମାର ସାହୁ (ଅକ୍ଷୟ ଶକ୍ତି) ଶକ୍ତି ସଞ୍ଚୟ ଓ ସୌର ଶକ୍ତି ଆଧାରିତ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଉମାଶଙ୍କର ପାଲ (ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ) ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଯନ୍ତ୍ରପାତି ଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି କରିପାରିବ ବୋଲି କହିଥିଲେ। ସହକାରୀ ପ୍ରଫେସର ଅନୁପ କୁମାର ବେହେରା ଓ ଡ. ଦ୍ୱାରିକା ମୋହନ ଦାସ ବିଭିନ୍ନ କୃଷି ଯନ୍ତ୍ରପାତି, ବିଶେଷକରି ପମ୍ପ ସେଟ୍‌ର ସୁରକ୍ଷିତ ବ୍ୟବହାର ଓ ରକ୍ଷଣାବେକ୍ଷଣ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ ସେନ୍ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକଳାପ ଓ କୃଷକମାନଙ୍କ ପାଇଁ ଚାଲୁଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଡ. ପ୍ରଦୀପ୍ତ ମାଝୀ (ମୃତ୍ତିକା ବିଜ୍ଞାନୀ), ଦେବାଶିଷ ପଣ୍ଡା (ଉଦ୍ଭିଦ ସୁରକ୍ଷା ବିଜ୍ଞାନୀ) ଓ ସସ୍ମିତା ପୁରୋହିତ (ଗୃହ ବିଜ୍ଞାନୀ) କୃଷିର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଚାଷୀମାନଙ୍କୁ ଜଣାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଦ୍ୟୁତ ସୁରକ୍ଷା ଓ ଶକ୍ତି ଚାଳିତ ପମ୍ପ ବ୍ୟବହାର ଉପରେ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉର୍ଜା ବିଭାଗ, ଜଗତସିଂହପୁରର ସହକାରୀ ନିର୍ବାହୀ ଯନ୍ତ୍ରୀ ଇ.ଆୟେଶ ମହାନ୍ତି ଯୋଗଦେଇ ବିଦ୍ୟୁତ ସୁରକ୍ଷା ବିଷୟରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସ୍ଥାନୀୟ କୃଷକ ଓ ସାମାଜିକ କର୍ମୀ ଯଥା- ଦେବେନ୍ଦ୍ର କୁମାର ତ୍ରିପାଠୀ, ଶରତ କୁମାର ରାଉତ, ଚାଷୀ ନେତା ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାଲିକୁଦା ପିପଲସ୍ ଆସୋସିଏସନର ମୁଖ୍ୟ, ପ୍ରମୋଦ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୬ ଜଣ ସଫଳ ଚାଷୀ ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ଅଞ୍ଚଳର ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ଯଥା- ମଞ୍ଜି ବୁଣା ଯନ୍ତ୍ର, ଧାନ ରୁଆ ଯନ୍ତ୍ର, ଘାସ ବଛା ଯନ୍ତ୍ର, ପାୱାର ଟିଲର୍, ପମ୍ପ ସେଟ୍ ଓ ଡ୍ରୋନ ଆଦିକୁ ବୁଲି ଦେଖିଥିଲେ ଓ ଏହାର ବ୍ୟବହାର ବିଷୟରେ ଜାଣିଥିଲେ।

# ମାଛଗାଁ ଯାଦବ ସଂଘ ପକ୍ଷରୁ କାଠି ଲଉଡ଼ି ଉତ୍ସବ



ବାଲିକୁଦା,୧୭।୩(ସମିସ): ବାଲିକୁଦା ବ୍ଲକ୍ ଅନ୍ତର୍ଗତ ମାଛଗାଁ ଯାଦବ ସଂଘ ପକ୍ଷରୁ ବାର୍ଷିକ କାଠି ଲଉଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଏକ ବିଶେଷଧରଣର କାଠି ଲଉଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ଜିଲାର ଖମ୍ବାକୁଳ, ମଠସାହି, ବୋଇତକୁଦ, ପାରାଦୀପ-ଭୁତମୁଣ୍ଡାଇ, ବାଘୁଆବାରୀ, ବ୍ରାହ୍ମଣବାରୀ, ବଳଭଦ୍ରପୁର, ରାହାଣ, ଅରଜଙ୍ଗ, ଗହୀରପଡ଼ା, କୁସୁପୁର ପ୍ରଭୃତି ଅଞ୍ଚଳରୁ ଲଉଡ଼ି ସଂଗଠନ ମାନେ ଯୋଗଦେଇ ସେମାନଙ୍କର ଲଉଡ଼ି ପ୍ରଦର୍ଶନ କରିଥିଲେ। ଯାଦବ ସମାଜର ଏହି କାଠି ଲଉଡ଼ି ପ୍ରତିଯୋଗିତା କାହିଁ କେଉଁ କାଳରୁ ଏକ ଆଧ୍ୟାମିକ ପରମ୍ପରା ବହନ କରେ ବୋଲି ଉପସ୍ଥିତ ଅତିଥିମାନେ କହିବା ସହିତ ଏହାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଲଉଡ଼ି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯାଦବ ମହାସଭାର ସଭାପତି ଧର୍ମାନନ୍ଦ ଦାସ, ବୀରବର ଦାସ, ସୌମେନ୍ଦ୍ର କୁମାର ଦାସ, ବିଶିଷ୍ଟ ଶିକ୍ଷାବିତ ଅରୁଣ କୁମାର ମହାନ୍ତି, ସମିତିସଭ୍ୟ ନିରଞ୍ଜନ ଦାସ, ଶିବ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାଠି ଲଉଡ଼ି ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀଚରଣ ବେହେରା, ନରେଶ ଦାସ, ନିତ୍ୟାନନ୍ଦ ବେହେରା, ସୁରେଶ ଦାସ, ଜିତେନ୍ଦ୍ର ବେହେରା, ବିକାଶ ଦାସ, ସର୍ବେଶ୍ୱର ବେହେରା, ପ୍ରକାଶ ବାହାଲିଆ, ମହାଦେବ ବେହେରା, ସୁକାନ୍ତ ଦାସ, ଛବି ଦାସ, ପ୍ରଶାନ୍ତ ଦାସ, ରବିନ୍ଦ୍ର ଦାସ, ମାନସ ମାଣିଆ, ଦିଲୀପ ବେହେରା ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଜନାପାଳରେ ନାମଯଜ୍ଞ ଓ ନଗର ସଂକୀର୍ତ୍ତନ



କୁଜଙ୍ଗ,୧୭।୩(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ପ୍ରତି ବର୍ଷ ପରି ଚଳିତ ବର୍ଷ ଦୁଇଦିନିଆ ନାମଯଜ୍ଞ ଓ ହରି ହାଟ ସହ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଜନାପାଳ ଛକରେ ଦୀର୍ଘ ୩୬ ବର୍ଷ ଧରି ଏହି ଦୁଇଦିନିଆ ଅଷ୍ଟ ପ୍ରହରନାମ ଯଜ୍ଞ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ରଙ୍ଗ ବେରଙ୍ଗର ଆଲୋକମାଳା ସହ ସନ୍ଧ୍ୟାରେ ଅନୁଷ୍ଠିତ ସଂକୀର୍ତ୍ତନରେ ଆଖପାଖ ଅଞ୍ଚଳରୁ ମହିଳା ସଂକୀର୍ତ୍ତନ ଦଳ ସହ ୧୦ରୁ ଉର୍ଦ୍ଧ୍ୱ ଦଳ ଭାଗ ନେଇଥିଲେ। ମା' ଗଜଲକ୍ଷ୍ମୀଙ୍କ ଗୃହ ସମ୍ମୁଖରେ ଯୁବ କ୍ରୀଡ଼ାବିତ ମହେନ୍ଦ୍ର ଦାସ (ଲକି) ଏହି ନାମ ଯଜ୍ଞରେ କର୍ତ୍ତା ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନଗର ସଂକୀର୍ତ୍ତନ ଓ ହରି ହାଟରେ ଗ୍ରାମ ସମସ୍ତ ମୁରବୀ ମହିଳାମାନେ ଭାଗ ନେଇଥିଲେ। ହାତୀକନା ମଠ ମହନ୍ତ ବାବା ଭଗବାନ ଦାସଙ୍କ ପୌରୋହିତ୍ୟରେ ଏହି ଯଜ୍ଞରେ ସ୍ଥାନୀୟ ଗ୍ରାମର ସଙ୍କୀର୍ତ୍ତନ ଦଳ ଅଧିବାସ କରିବା ସହ ଗ୍ରାମରେ ରବି ବାର ଓ ସୋମବାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ରବିବାର ଉଦ୍‌ଯାପନ ସନ୍ଧ୍ୟାରେ ଦହି ହାଣ୍ଡି ଭଙ୍ଗା ସହ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମାଇଥିଲେ।

# 'ଶିଶୁ ଅନୁକୂଳ ପୁଲିସ ଥାନା' ଉଦ୍‌ଘାଟିତ



ପାରାଦୀପ,୧୭।୩(ସମିସ): ପାରାଦୀପ ଲକ୍ ଥାନାରେ ଏକ "ଶିଶୁ ଅନୁକୂଳ ପୁଲିସ ଥାନା' ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା, ପାରାଦୀପ ଅତିରିକ୍ତ ଏସ୍‌ପି ସ୍ମୃତି ରଞ୍ଜନ କର, ଜଗତସିଂହପୁର ଏସ୍‌ଡିପିଓ ଆଜୀଙ୍କିୟ ମାଣେ ଓ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସମିତିସଭ୍ୟ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ଏହି "ଶିଶୁ ଅନୁକୂଳ ପୁଲିସ ଥାନା' ଷ୍ଟେସନର ଉଦ୍ଦେଶ୍ୟ ହେଉଛି ଛୋଟ ପିଲାମାନଙ୍କ ମନରେ ଥିବା ପୁଲିସ ପ୍ରତି ଭୟକୁ ଦୂରକରିବା। ଯାହା ଦ୍ୱାରା ସମାଜରେ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ ପୁଲିସ ସହଜରେ ଖବର ପାଇବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନରେ ସହାୟକ ହେବ। ଏଥିସହିତ ବିଭିନ୍ନ ଅପରାଧରେ ଜଡ଼ିତ ହେଉଥିବା ଛୋଟ ପିଲାମାନଙ୍କୁ ଏହି "ଶିଶୁ ଅନୁକୂଳ ପୁଲିସ ଥାନା' ମାଧ୍ୟମରେ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସହିତ ପୁଲିସ ଅଧିକାରୀ ମାନେ ଆଲୋଚନା କରିବା ସହିତ ସେମାନଙ୍କୁ ଅପରାଧିକ କାର୍ଯ୍ୟକଳାପ ଏବଂ ଏହାର ପ୍ରତିରୋଧ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା।

## ଦୁର୍ଘଟଣା ଛଡ଼ାଇନେଲା ସୁଖ | ଭୋକ ଉପାସରେ ଦିନ କାଟୁଛନ୍ତି ବୃଦ୍ଧ ଦମ୍ପତି



ପାରାଦୀପ,୧୭।୩(ସମିସ): ଦୁର୍ଘଟଣା ଛଡାଇନେଇଛି ମୁହଁରୁ ହସ। ଗୋଟିଏ ଗୋଡ଼ ଦୁର୍ଘଟଣାରେ କଟିଯିବା ପରେ ଅନ୍ୟ ଗୋଟିଏ ଗୋଡ଼ରେ ଆଶାବାଡି ଧରି ବାଟ ଚାଲୁଥିବା ବେଳେ ସେହି ଗୋଡ଼ଟି ସଂକ୍ରମଣ ହେବାରୁ ତାକୁ ବି କାଟିଦେଲେ ଡାକ୍ତର। ଦୁଇଗୋଡ଼ ହରାଇବା ପରେ ବିଛଣାରେ ବିତୁଛି ଜୀବନ। ସ୍ୱାମୀର ଦୁର୍ଘଟଣା ପରେ ପତ୍ନୀ ଶକୁନ୍ତଳା ଦୁଇଜଣଙ୍କ ପେଟ ପୋଷିବା ପାଇଁ ଭଜା ବାଦାମ, ବୁଟ, ମଟର ଇତ୍ୟାଦି ନେଇ ବାହାରେ ବୁଲି ଦୁଇପଇସା ରୋଜଗାର କରୁଥିଲେ। କିନ୍ତୁ ତାଙ୍କର ବ୍ରେନଷ୍ଟ୍ରୋକ ପରେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଯାହା ଫଳରେ ବୃଦ୍ଧ ଦମ୍ପତି କେବଳ ଭଗବାନଙ୍କୁ ଭରସା କରି ଦିନ କାଟୁଛନ୍ତି। ଯଦି କେହି ଘରକୁ ଆସୁଛି, କିଛି ସାହାଯ୍ୟ କରୁଛି ତା' ହେଲେ କିଛିଦିନ ପେଟକୁ ଆହାର ଯୋଗାଡ଼ ହୋଇଯାଉଥିବା ବେଳେ ପରେ ପୁଣି ସମାନ ଅବସ୍ଥା। ଏହିଭଳି ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ପାରାଦୀପ ମ୍ୟୁନିସିପାଲିଟି ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀ ପାଞ୍ଚ ନମ୍ବର ଅଞ୍ଚଳରେ।

ଦୀର୍ଘ ତିରିଶ ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଅଞ୍ଚଳର ଶେଷଦେବ ସାହୁ ପାରାଦୀପ ଆସି ଏହି ବୃନ୍ଦାବନ କଲୋନୀରେ ରହି ଦହିବରା ବେପାର କରି ନିଜର ପେଟ ପୋଷଣ କରୁଥିଲେ। ୩ ଝିଅଙ୍କୁ ବିବାହ ଦେବା ପରେ ଦହିବରା ବ୍ୟବସାୟ କରି ଶେଷଦେବ ଓ ପତ୍ନୀ ଶକୁନ୍ତଳା ବାକି ଜୀବନ ହସଖୁସିରେ ଚାଲିଥିଲା। ଥଣ୍ଡା ଜ୍ୱର ପାଇଁ ବଡ଼ପଡ଼ିଆ ମାର୍କେଟରୁ ମେଡ଼ିସିନ ଆଣି ଘରକୁ ଆସୁଥିବା ସମୟରେ ଏକ ଦୁର୍ଘଟଣାରେ ଗୋଟିଏ ଦୁଇଟି ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ଗୋଟିଏ ଗୋଡ଼ କାଟିଦେଇଥିବା ବେଳେ ଶେଷଦେବ ଘରକୁ ଆସି ଆଶାବାଡି ଧରି ଯା' ଆସ କରୁଥିଲେ। ସ୍ୱାମୀଙ୍କ ଦୁର୍ଘଟଣା ପରେ ପତ୍ନୀ ଶକୁନ୍ତଳା ଘରେ ବାଦାମ, ମଟର ଭାଜି ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବୁଲି ବ୍ୟବସାୟ କରିବା ଦ୍ୱାରା କିଛି ମାତ୍ରରେ ପରିବାର ଚାଲୁଥିଲା। ତେବେ ହଠାତ ଶକୁନ୍ତଳାଙ୍କୁ ବ୍ରେନ୍‌ଷ୍ଟ୍ରୋକ ହେବାରୁ ସେ ଘରେ ରହିଯାଇଥିଲେ। ଶେଷଦେବଙ୍କ ଗୋଟିଏ ଗୋଡ଼ କାଟିଥିବା ବେଳେ ଅନ୍ୟ ଗୋଟିଏ ଗୋଡ଼ ଧୀରେ ଧୀରେ ସଂକ୍ରମଣ ହୋଇ ଦୁର୍ଗନ୍ଧ ହେବାରୁ ଡାକ୍ତରକୁ ଦେଖାଇଥିଲେ। ଯାହା ଫଳରେ ଏହି ଗୋଡ଼ କାଟିବାକୁ ଡାକ୍ତର ପରାମର୍ଶ ଦେବା ସହିତ କଟାଯାଇଥିଲା। ଶେଷଦେବ ଦୁଇଟି ଗୋଡ଼ ହରାଇ ଶଯ୍ୟାଶାୟୀ ହୋଇପଡିଥିବା ବେଳେ ଶକୁନ୍ତଳା ମଧ୍ୟ ରୋଗଗ୍ରସ୍ତ। ଯାହା ଫଳରେ ଦୁଇ ଓଳି ପେଟକୁ ଆହାର ଯୋଗାଇବା ଏହି ବୃଦ୍ଧ ଦମ୍ପତିଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି। ଏହି ଖବର ପାଇବା ପରେ ସ୍ୱେଚ୍ଛାସେବୀ ସଂଗଠନ ଆଦିଶକ୍ତି ପରିବାରର ଅଧକ୍ଷା ଡ. ବନ୍ଦିତା ପଟ୍ଟନାୟକଙ୍କ ସହିତ ସମସ୍ତ ସଦସ୍ୟ ସଦସ୍ୟାମାନେ ନିଜ ସମ୍ବଳ ଅନୁଯାୟୀ ଏହି ବୃଦ୍ଧ ଦମ୍ପତିଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ସ୍ୱାମୀ, ସ୍ତ୍ରୀଙ୍କ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଛନ୍ତି। ଦୁଇଗୋଡ଼ ହରାଇ ଅସହାୟ ଅବସ୍ଥାରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ଶେଷଦେବଙ୍କର ବିକଳାଙ୍ଗ ଭତ୍ତା ବାବଦକୁ ମିଳୁଥିବା ୩୫୦୦ ଟଙ୍କା ପରିବାର ଚାଲିବାର ସମ୍ବଳ ହୋଇଥିବା ବେଳେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଶେଷଦେବଙ୍କୁ ଏକ ବ୍ୟାଟେରୀ ଚଳିତ ଗାଡି ସହାୟତା କରିବା ସହିତ ଦୁଇ ବୃଦ୍ଧ ସ୍ୱାମୀ ସ୍ତ୍ରୀ ଦୁଇଓଳି ଦୁଇମୁଠା ଆହାର ପାଇଁ ପାରାଦୀପର ବଡ଼ ବଡ଼ ଶିଳ୍ପସଂସ୍ଥା ଓ ସମାଜସେବୀ ସଂଗଠନ ମାନେ ସାହାଯ୍ୟ ଓ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ● ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

# ମାର୍ଚ୍ଚ ୧୮ ରୁ କ୍ରୀଡ଼ାବିତ୍ ଚୟନ

ଜଗତସିଂହପୁର,୧୭।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ମାର୍ଚ୍ଚ ୧୮ ତାରିଖରୁ ଜଗତସିଂହପୁର ଜିଲ୍ଲାରେ ବ୍ଲକ୍ ଓ ମଣ୍ଡଳ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ୮ ରୁ ୧୪ ବର୍ଷର କ୍ରୀଡାବିତ୍‌ମାନଙ୍କୁ ଚୟନ କରି ସେମାନଙ୍କୁ ସ୍ପୋର୍ଟସ ହଷ୍ଟେଲରେ ପ୍ରବେଶ ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୩ ଗୋଟି କ୍ରୀଡ଼ା (ଆଥଲେଟ୍, ଖୋ-ଖୋ, ଭଲିବଲ୍) ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଚୟନ ପ୍ରକ୍ରିୟା କରାଯିବ। ୧୮ରେ ଆଥଲେଟ୍, ୨୨ରେ ଖୋ-ଖୋ ଓ ୨୫ରେ ଭଲିବଲ୍ ପାଇଁ ଯେଉଁମାନେ ପଞ୍ଜିକୃତ କରିଛନ୍ତି ଓ ଯେଉଁମାନଙ୍କର ପଞ୍ଜିକୃତ କରିବାକୁ ଇଛା ସେହିମାନେ ଏହି ନିର୍ଦ୍ଦିଷ୍ଟ ବୟସ ସୀମାରେ ରହିଛନ୍ତି ସେମାନେ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହି କାର୍ଯ୍ୟକ୍ରମ ସକାଳ ୭ରୁ ୫ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ନବବଧୂଙ୍କୁ ଶାଶୂ ଘର ମାରିଦେଇଥିବା ଅଭିଯୋଗ; ସ୍ୱାମୀ ଅଟକ

ତିର୍ତ୍ତୋଲ, ୧୭।୩(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ତିର୍ତ୍ତୋଲ ନିକଟ ଅରଜଙ୍ଗ ଗ୍ରାମରେ ସଞ୍ଜୟ ନାଥଙ୍କ ପତ୍ନୀ ରୂପାଲି (୨୨)ଙ୍କୁ ଯୌତୁକ ନିର୍ଯାତନା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଶାଶୁ ଘର ଲୋକମାନେ ମାରି ଦେଇଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ମୃତ ରୂପାଲିଙ୍କ ବାପା କୁଜଙ୍ଗ ଥାନା ଅଗପାଳ ଗ୍ରାମର ନଟବର ନାଥଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ଝିଅକୁ ଗତ ୭-୫-୨୦୨୫ ତାରିଖରେ ଅରଜଙ୍ଗ ଗ୍ରାମର ଅଭିନ୍ନ ନାଥଙ୍କ ପୁତ୍ର ସଂଜୟଙ୍କୁ ବୈଦିକ ରୀତିରେ ବିବାହ ଦେଇଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଜାନି ଯୌତୁକ ପ୍ରଦାନ କରାଯାଇଥିଲା। କିନ୍ତୁ ବିବାହ ପରେ ଅଧିକ ୫ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଦୁଇ ମାସ ତଳେ ଶାଶୂଘର ଲୋକେ ଟଙ୍କା ଆଣିବା ପାଇଁ ବାପ ଘରକୁ ପଠାଇ ଦେଇଥିଲେ। ପରେ ନଟବର ଝିଅ ହାତରେ ଦୁଇ ଲକ୍ଷ ଟଙ୍କା ଦେଇ ଝିଅକୁ ଶାଶୁ ଘରକୁ ପଠାଇଥିଲେ। ଗତକାଲି ରାତିରେ ଝିଅ ଆତ୍ମହତ୍ୟା କରିଛି ବୋଲି ଶାଶୂଘର ଲୋକେ ଖବର ଦେଇଥିଲେ। ନଟବର ପହଞ୍ଚି ଝିଅର ମୃତ୍ୟୁରେ ସନ୍ଦେହ ପ୍ରକଟ କରି ତିର୍ତ୍ତୋଲ ଥାନାରେ ଏ ସଂପର୍କରେ ଏକ ଲିଖିତ ଅଭିଯୋଗ କରିଥିଲେ। ତିର୍ତ୍ତୋଲ ପୁଲିସ ଶବକୁ ଜବତ କରି ଆଜି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ମାମଲା ରୁଜୁ କରି ସ୍ୱାମୀ ସଞ୍ଜୟଙ୍କୁ ଅଟକ ରଖି ପଚରାଉଚରା କରୁଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି।

## ପପୁ ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ୟୁନିଟ ଇଲେଭେନ ଚାମ୍ପିଅନ




ପାରାଦୀପ, ୧୭/୩ (ସମିସ) : ପାରାଦୀପ ନଗର ବିଜୁ ଜନତା ଦଳ ସହଯୋଗରେ ଦଳର ପୂର୍ବତନ ସାଂସଦଙ୍କ ପ୍ରତିନିଧି ସ୍ୱର୍ଗତ ପପୁ ପରିଡ଼ାଙ୍କ ସ୍ମୃତିରେ ଦୁଇ ଦିନ ଧରି ଆୟୋଜିତ ପପୁ ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାରାଦୀପ ପୌର ପରିଷଦର ୨ ନମ୍ବର ୱାର୍ଡ ଗୋପିନାଥ କଲୋନୀର ୟୁନିଟ୍ ଇଲେଭେନ ଚାମ୍ପିଅନ ହୋଇଥିବା ବେଳେ ଷଣ୍ଢକୁଦର ଜିସିସି ରନର୍ସଅପ ହୋଇଥିଲା। ଚାମ୍ପିଅନ ଟିମ୍‌କୁ ମୁଖ୍ୟଅତିଥି ୨୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ ଟିମ୍‌କୁ ୧୬ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ତେବେ ଗତକାଲି ରାତି ୧୨ଟା ସୁଦ୍ଧା ମେଘୁଆ ପାଗ ପାଇଁ ଫାଇନାଲ ମ୍ୟାଚକୁ ୪ ଓଭରରେ ସୀମିତ ରଖାଯାଇଥିଲା। ପ୍ରଥମେ ୟୁନିଟ୍ ଇଲେଭେନ ଟସ୍ ଜିତି ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇ ୪ ଓଭରରେ ୨୨ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଷଣ୍ଢକୁଦ ଜିସିସି ୪ ଓଭରରେ ୧୪ ରନ ସଂଗ୍ରହ କରିଥିଲା। ଶେଷରେ ୟୁନିଟ ଇଲେଭେନକୁ ଚାମ୍ପିଅନ ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ପରିଷଦର ଉପାଧକ୍ଷା ଛବିଲତା ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ବିଜେଡି ବରିଷ୍ଠ ନେତା କୈଳାସ ଚନ୍ଦ୍ର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ସୁଶୀଲ ମହାପାତ୍ର ଓ ଜିଲ୍ଲା ସମ୍ପାଦକ ମାନସ ବିଶ୍ୱାଳ, କାଉନସିଲର ମନୋଜ ନାୟକ, ବିଜେଡି ନେତା ଲିପନ ପରିଡା, ଦିପୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଂଟ ଦିବଙ୍ଗତ ପପୁ ପରିଡାଙ୍କ ବଡ଼ ଭାଇ ତଥା ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଦିବଙ୍ଗତ ପପୁ ପରିଡାଙ୍କ ଝିଅ ପ୍ରୀୟାଁସି ପରିଡା ଉଦ୍‌ଯାପନୀ ମ୍ୟାଚରେ ଉପସ୍ଥିତ ଥିଲେ।

# ଜେଏସ୍‌ଡବ୍ଲୁ ପକ୍ଷରୁ ଜାତୀୟ ସୁରକ୍ଷା ଦିବସ



ପାରାଦୀପ, ୧୭।୩ (ସମିସ): ୨୭ ଫେବୃଆରୀରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ଜେଏସଡବ୍ଲୁ ପାରାଦୀପ ସାଇଟରେ ମେସର୍ସ ଚେନ୍ନାଇ ରାଧା ଇଞ୍ଜିନିୟରିଂ ୱାର୍କସ (ପ୍ରା) ଲିମିଟେଡ୍ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷ ଦିବସକୁ ସଫଳତାର ସହିତ ପାଳନ କରାଯାଇଛି। କର୍ମଚାରୀ, ପରିଚାଳନା ସଦସ୍ୟ ଏବଂ ସୁରକ୍ଷା ଅଧିକାରୀ ମାନେ ଏହି କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ରିୟୁ ଲେଡିଜ୍ କ୍ଲବ୍ - ପାରାଦୀପ ୟୁନିଟ୍ ଦ୍ୱାରା ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା। ୫୫ତମ ଜାତୀୟ ସୁରକ୍ଷା ଦିବସ "ଗ୍ରାଣ୍ଡ ସେଲିବ୍ରେସନ' ସମାପନ ସମାରୋହ ଜେଏସଡବ୍ଲୁ-ପିଇକ୍ୟୁ ସିଟିପିଏଲ୍ ସାଇଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ, "ସୁରକ୍ଷା ମହଲ' ଶୀର୍ଷକ ଏକ ସୁରକ୍ଷା ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ଏକ ସୁରକ୍ଷା ସଚେତନତା ନାଟକ "ନୁକ୍କଡ ନାଟକ' ସମେତ ଅନେକ ମଞ୍ଚ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭିଆର୍ ରାମୁ (ନିର୍ଦ୍ଦେଶକ-କ୍ରିୟୁପିଏଲ) ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲୁ ୟୁନିଟ ହେଡ କ୍ୟାପ୍ଟେନ ସିଦ୍ଧାର୍ଥ ଶୁକ୍ଳ, ଜେଏସଡବ୍ଲୁ ଭିପି (ସେଫ୍‌ଟି) ଗଜେନ୍ଦ୍ର ଚନ୍ଦ୍ର ବିଶୋଇ, ଜେଏସଡବ୍ଲୁ ହେଡ (ଓଆଣ୍ଡଏମ୍) ସନ୍ଦୀପକୁମାର ମିଶ୍ର, ବନ୍ଦରର ହେଡ୍ କ୍ରାଇମ କେସି ମୁଣ୍ଡ, ଇନ୍ସପେକ୍ଟର ଇନ୍‌ଚାର୍ଜ (ସିଆଇଏସଏଫ) ପିଣ୍ଟୁ କୁମାର ଏବଂ ପାରାଦୀପ ଆଡିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ପାଳନର ଏକ ଅଂଶ ଭାବରେ, ପିପିଇ ପ୍ରଦର୍ଶନ ଷ୍ଟେଲ୍, ଅଗ୍ନି ନିର୍ବାପନ ପ୍ରଦର୍ଶନ ଷ୍ଟିଲ୍, ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଏବଂ ସୁରକ୍ଷା ଉପକରଣ ମଡ୍ୟୁଲ୍ ଏବଂ ସୁରକ୍ଷା ଚିତ୍ର ପ୍ରଦର୍ଶନ ସମେତ ଅନେକ ସଚେତନତା ଷ୍ଟଲ୍ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ସପ୍ତାହ ସମୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଲୁଣ୍ଡପୋଖରୀରେ ଅଷ୍ଟପ୍ରହରୀ ନାମଯଜ୍ଞ

ଏରସମା,୧୭।୩(ସମିସ): ଏରସମା ବ୍ଲକ୍ କୁଞ୍ଜକୋଠୀ ପଞ୍ଚାୟତ ଅନ୍ତର୍ଗତ ଲୁଣ୍ଡପୋଖରୀ ମା' ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୪ର୍ଥ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ପାଳିତ ହୋଇଯାଇଛି। ଗ୍ରାମର ସମସ୍ତ ପୁରୁଷ ଓ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ସାରିବା ପରେ କର୍ତ୍ତା ବିପ୍ଳବ ମହାପାତ୍ର ଗ୍ରାମ ପୁଷ୍କରିଣୀ ନିକଟରେ ପୂଜାର୍ଚ୍ଚନା କରିଥିଲେ। ବାଜା, ବାଣ,ଘଣ୍ଟ ,ଘଣ୍ଟି, ହରି ବୋଲ ହୁଳହୁଳି ସହିତ ଗ୍ରାମବାସୀ ଏକ କଳସ ଯାତ୍ରାରେ ଆସି ମା' ବନଦୂର୍ଗା ମନ୍ଦିର ନିକଟରେ ପହଞ୍ଚିଥିଲେ। ପଣ୍ଡିତ ବନମାଳୀ ଦାଶ କଳସାଧିବାସ, ସୂର୍ଯ୍ୟପୂଜା, ଯଜ୍ଞ ପୂର୍ଣ୍ଣାହୁତି ସମ୍ପର୍ଣ୍ଣ କରି ସାରିବା ପରେ ନଗର କୀର୍ତ୍ତନ କରାଯାଇଥିଲେ।

# ପାରାଦୀପରେ କେନ୍ଦ୍ରାଞ୍ଚଳ ପୁଲିସର ଦିନିକିଆ କର୍ମଶାଳା

## ମାନବ ଚାଲାଣ ଏବଂ ମହିଳା ସଶକ୍ତୀକରଣ ଉପରେ ରେଞ୍ଜସ୍ତରୀୟ କର୍ମଶାଳା

ପାରାଦୀପ, ୧୭।୩ (ସମିସ)




ଆଜି କଟକ କେନ୍ଦ୍ରୀୟ ରେଞ୍ଜର ପୁଲିସ ମହାନିରୀକ୍ଷକ ଡ. ସତ୍ୟଜିତ ନାୟକ ଆଇପିଏସ୍‌ଙ୍କ ନେତୃତ୍ୱରେ ପାରାଦୀପ ହୋଟେଲ ମେ' ଫେୟାର ବେ-ରିସର୍ଟର ସମ୍ମିଳନୀ କକ୍ଷରେ କେନ୍ଦ୍ରାଞ୍ଚଳ ପୁଲିସ ତରଫରୁ ଏକ ମାନବ ଚାଲାଣ ଓ ମହିଳା ସଶକ୍ତୀକରଣ ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରାଞ୍ଚଳ ପୁଲିସ ଅଧୀନରେ ରହିଥିବା ୭ଟି ଜିଲ୍ଲାର ସମସ୍ତ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହିତ ସମସ୍ତ ଥାନା ଅଧିକାରୀ ମାନେ ଉପସ୍ଥିତ ରହି ଏହି କର୍ମଶାଳାରେ ପ୍ରଶିକ୍ଷଣ ନେଇଥିଲେ। ଆଜିକାଲି ଯେଉଁଭଳି ପିଲାଚୋରି ଭଳି ଘଟଣାର ଗୁଜବ ଉଠିବା ଏବଂ ପିଲାଚୋରିର ଅଭିଯୋଗ ଆସିବା ଭଳି ଘଟଣା ଉପରେ କିପରି ରୋକ ଲଗାଇବା ଏବଂ ବିଭିନ୍ନ ସମୟରେ ମହିଳା ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ନିର୍ଯାତନା ଭଳି ଘଟଣାକୁ କିପରି ସଠିକ ଭାବରେ ମୁକାବିଲା କରିବା ଏବଂ ଏହାକୁ ସମାଧାନ କରି ନିଜ ଥାନା ଅଞ୍ଚଳରେ ଏଥିପ୍ରତି ସାଧାରଣ ଲୋକଙ୍କୁ ସଚେତନ କରାଇ ଏହାକୁ କିପରି ସଫଳତାର ସହିତ ଜଣସଚେତତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉନ୍ନତମାନର ପ୍ରଶିକ୍ଷକ ମାନଙ୍କୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଥିବା ନେଇ କହିଥିଲେ କେନ୍ଦ୍ରାଞ୍ଚଳ ଆଇଜି। ଏହି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ ଥାନା ଅଧିକାରୀ ମାନେ ପ୍ରଶିକ୍ଷଣ ନେଇ ନିଜ ନିଜ ଅଞ୍ଚଳରେ ମାନବ ଚାଲାଣ ଓ ମହିଳା ସଶକ୍ତିକରଣ ଉପରେ କାର୍ଯ୍ୟ କରିବା ସହିତ ନିଜ ନିଜ ଅଞ୍ଚଳ କୁ ଅପରାଧ ମୁକ୍ତ ଅଞ୍ଚଳ କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି। ତେବେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ଉପସ୍ଥିତରେ ଆୟୋଜିତ କର୍ମଶାଳାରେ ରାଜ୍ୟ ମହିଳା କମିଶନ ଏବଂ ଜେଜେବିର ପୂର୍ବତନ ସଦସ୍ୟ ଡ. ନମ୍ରତା ଚଡ୍ଡା, ଓଡିଶା ହାଇକୋର୍ଟର ଆଇନଜୀବୀ ବିଦ୍ୟାଲୋକ ମହାପାତ୍ର, ସ୍ତମ୍ଭକାର ତଥା ସମାଜସେବୀ ରୀନା ରାଉତରାୟ, ଆଇନିଜୀବୀ ସୁଶ୍ରୀ ରୋଜାନ ରାଜନ ଓ ଜଗତସିଂହପୁର ଡେପୁଟି ଏସ୍‌ପି ରଶ୍ମି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି କୁଣ୍ଡରେ ପଡ଼ି ୧୫ ମାସର ଶିଶୁ ମୃତ

**ପରଜଙ୍ଗ,୧୭ ।୩(ସମିସ):** ପରଜଙ୍ଗ ଥାନା ମଣ୍ଡେଇଲ ଗ୍ରାମର ହାଇସ୍କୁଲ ନିକଟସ୍ଥ ସାହିରେ ବାହାରେ ରଖାଯାଇଥିବା ପାଣି କୁଣ୍ଡରେ ଖସି ପଡ଼ି ଜଣେ ୧୫ ମାସର ଶିଶୁର ମୃତ୍ୟୁ ଘଟିଛି । ମଣ୍ଡେଇଲ ଗ୍ରାମର ଦୁର୍ଗା ପ୍ରସାଦ ଭୋଇ ଓ ସରୋଜିନୀ ଭୋଇଙ୍କ ଏହି ଶିଶୁପୁତ୍ର ଅପରାହ୍ଣ ପ୍ରାୟ ୫ଟା ବେଳେ ଖେଳୁଥିବା ସମୟରେ କେତେବେଳେ ଘର ବାହାରେ ବାସନ ସଫା ପାଇଁ ରଖାଯାଇଥିବା ପାଣି କୁଣ୍ଡରେ ପଡ଼ି ଯାଇଥିଲା । ଘରେ ଛୁଆକୁ ନ ପାଇ ଘର ବାହାରେ ଦେଖିଲା ବେଳକୁ ପାଣି କୁଣ୍ଡରେ ଛୁଆ ପଡ଼ି ଯାଇଛି । ସଙ୍ଗେ ସଙ୍ଗେ ଘରଲୋକ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

# ବିଶ୍ୱ ମୋଟାପା ଦିବସ



**ହିନ୍ଦୋଳ/ଖଜୁରିଆକଟା,୧୭।୩(ସମିସ):** ଓଡ଼ାପଡ଼ା ବ୍ଲକ୍ ହିନ୍ଦୋଳ ରୋଡ୍‌ସ୍ଥିତ ଲାୟନ୍ସ ଇଣ୍ଟରନ୍ୟାସନାଲ ବିଦ୍ୟାଳୟଠାରେ ବିଶ୍ୱ ମୋଟାପା ଦିବସ ପାଳିତ ହୋଇଯାଇଛି । ଭାରତୀୟ ମଧୁମେହ ଅଧ୍ୟୟନ ଗବେଷଣା ସମିତି ଆର୍‌ଏସ୍‌ଏସ୍‌ଡିଆଇ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ସୌମ୍ୟରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ ଯେ ଭାରତ ବର୍ଷରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଘଟଣା ଉପରେ ଆଲୋକପାତ କରିବା ସହିତ ଏହାର କିପରି ନିରାକରଣ କରାଯାଇ ପାରିବ, ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଭାରତୀୟ ମଧୁମେହ ଅଧ୍ୟୟନ ଗବେଷଣା ସମିତି ଉଦ୍ୟମ ଜାରି ରଖିଥିବା କହିଥିଲେ । ନିଜର ସ୍ୱାସ୍ଥ୍ୟ ଠିକ ରଖିବା ପାଇଁ ମୋଟାପାକୁ ପ୍ରଥମେ କିପରି କମାଇ ହେବ ସେ ସମ୍ପର୍କରେ କହିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଫଟୋ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ଫାର୍ମାସିଷ୍ଟ ଦିଲ୍ଲୀପ କୁମାର ମହାନ୍ତି ପରିଚାଳନା କରୁଥିବାବେଳେ ହିନ୍ଦୋଳ ରୋଡ୍‌ସ୍ଥିତ ରାନୀ ମେଡିସିନ ଷ୍ଟୋର କର୍ମଚାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସ୍ୱାଇଁ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

# କୁମର୍ଦ୍ଦାରେ ପାନୀୟଜଳ ସମସ୍ୟା ଉତ୍କଟ

**ଭୁବନ,୧୭ ।୩(ସମିସ):** ଏବେ ବି ଅବହେଳିତ ଅବସ୍ଥାରେ ରହିଛି ଆଦିବାସୀ ଗାଁ କୁମର୍ଦ୍ଦା । ଏଠି ବିଶୁଦ୍ଧ ପାନୀୟ ଜଳ ଟିକିଏ ପାଇବା କଷ୍ଟ । ଗାଁରେ ଦୁଇ ଦୁଇଟି ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି ଥିବାବେଳେ ଏଠି ବି ପାନୀୟଜଳ ସମସ୍ୟା ରହିଛି । ପାଣି ପାଇଁ ଅଙ୍ଗନବାଡ଼ି ପିଲା ସ୍କୁଲ ନଳକୂପ ଉପରେ ନିର୍ଭର କରନ୍ତି । ଅଙ୍ଗନବାଡ଼ିର ହେଲପର ବା ରୋଷେୟା ଯାଇଥାନ୍ତି ସ୍କୁଲ ପରିସରକୁ । ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଞ୍ଚାୟତର ଆଦିବାସୀ ଗାଁ କୁମର୍ଦ୍ଦାର ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ଆହୁରି ଅନେକ ସମସ୍ୟା ମଧ୍ୟ ରହିଛି । ବିଦ୍ୟୁତ୍ ସଂଯୋଗ ଥିଲେ ହେଁ ପଙ୍ଖା ଚାଲୁନାହିଁ । ଅଙ୍ଗନବାଡ଼ି ପାଖରେ ଏକ ଟ୍ରାନ୍ସଫର୍ମର ରହିଥିବାବେଳେ ଏହାର ଚାରି ପାଖରେ ପାଚେରି ନଥିବାରୁ ପିଲାମାନଙ୍କ ପାଇଁ ବିପଦ ସାଜିଛି । କେତେବେଳେ ଯେ ଅଘଟଣ ନ ଘଟିବ କହି ହେବା ନାହିଁ । ତେଣୁ ତୁରନ୍ତ ଗ୍ରାମର ପାନୀୟ ଜଳ ସମସ୍ୟା ସହ ଅନ୍ୟ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଗଁଦିଆ କଂଗ୍ରେସ ପକ୍ଷରୁ ଏନ୍‌ଏସି ନିର୍ବାଚନ ନେଇ ଆଲୋଚନା



**ଗଁଦିଆ,୧୭ ।୩(ସମିସ):** ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଗଁଦିଆ ବ୍ଲକ୍ ସଭାପତି ଡକ୍ଟର ବନମାଳୀ ଦାସଙ୍କ ନେତୃତ୍ୱରେ ନୂତନ କରି ଗଠିତ ଗଁଦିଆ ଏନ୍‌ଏସି ପାଇଁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈତରଣୀ ଦଳ କିପରି ଭାବରେ ପାର ହେବ ତାହାକୁ ଦୃଷ୍ଟିରେ ରଖି ଆଲୋଚନା କରାଯାଇଥିଲା । ବୈଠକରେ ଢେଙ୍କାନାଳ ଜିଲ୍ଲା ଜାତୀୟ କଂଗ୍ରେସ ଦଳର ସଭାପତି ଛବିରାଜ ବିଶ୍ୱାଳ ଯୋଗ ଦେଇଥିଲେ । ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍‌ର ନୂତନ ଭାବରେ ଗଠିତ ହୋଇଥିବା ଏନ୍‌ଏସି ନିର୍ବାଚନୀର ପ୍ରଥମ ନିର୍ବାଚନୀ ବିଗୁଲ ବାଜିସାରିଲାଣି । ଅନ୍ୟ ଦଳଗୁଡ଼ିକ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ କଂଗ୍ରେସ ମଧ୍ୟ ଏଥିରୁ ବାଦ୍ ପଡ଼ିନଥିବା ଏଥିରୁ ସ୍ପଷ୍ଟ ହୋଇଛି । ଶ୍ରୀରାମ ଚନ୍ଦ୍ର ମେଡିକାଲ ପାଖ ଜାତୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ପୁରୁଣା ଓ ନୂଆ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଗାମୀ ଦିନରେ ଦଳ କିପରି ଭଲ ସଂଗଠନ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

# ୨ ବର୍ଷ ପରେ ବି ସୁଧୁରୁନି ପାନୀୟଜଳ ସମସ୍ୟା

**ପରଜଙ୍ଗ,୧୭ ।୩(ସମିସ)**




ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ସରାଙ୍ଗ ଗ୍ରାମ ର ଶବର ସାହି ଓ ଅନୁସୂଚିତ ସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଖରା ର ତାପମାତ୍ରା ବଢ଼ିବାରେ ଲାଗିଛି । ଏହି ବସ୍ତିରେ ନାହିଁ କୂଅ ପୋଖରୀ ଓ ନଳକୂପ, ସେଥିରୁ ପାଣି ପିଇବା ଉପଯୋଗୀ ହୋଇପାରୁନାହିଁ ତାଳଚେର ନିକଟରେ ସରାଙ୍ଗ ଗ୍ରାମଟି ରହିଥିବାରୁ ପାରଦ ମଧ୍ୟ ପ୍ରାୟତଃ ସମାନ । ପୁଣି ଆହୁରି ସେଥିରେ ପାନୀୟ ଜଳ ସମସ୍ୟା । ଶବର ସାହି ଓ ଅନୁସୂଚିତ ସାହି ବସ୍ତି ବାସିନ୍ଦାଙ୍କ ୨ ବର୍ଷ ଧରି ବାରମ୍ବାର ସରପଞ୍ଚ, ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଅଭିଯୋଗ ପରେ ମଧ୍ୟ କର୍ଣ୍ଣପାତ କରୁନଥିବା ପ୍ରକାଶ କରିଛନ୍ତି ବସ୍ତି ବାସିନ୍ଦା । ଏବେ ମାର୍ଚ୍ଚ ମାସ ସରିବାକୁ ବସିଲାଣି, ଆଗକୁ ତାପମାତ୍ରା ଆହୁରି ବଢ଼ି ବଢ଼ି ଚାଲିଛି । ଏବେ ଠାରୁ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ଦୁଇ ସାହି ର ମହିଳାମାନେ ପରଜଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଙ୍କୁ ଏକ ଲିଖିତ ଅଭିଯୋଗ ଦାବୀ ପତ୍ର ପ୍ରଦାନ କରି ପାନୀୟ ଜଳ ସଙ୍କଟ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି । ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ସାହି ବସ୍ତିର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ।

# ଆସୁଛି ଦଣ୍ଡଯାତ୍ରା: ଦୁଲୁକିବ ଗାଁଠୁ ସହର

**ଭୁବନ,୧୭ ।୩(ସମିସ):** କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଆଉ କିଛିଦିନ ପରେ ଆରମ୍ଭ ହେବ କାଷ୍ଠା ଓ ନିଷ୍ଠାର ଅନନ୍ୟ ପରମ୍ପରା ଦଣ୍ଡଯାତ୍ରା । ବ୍ରତଧାରୀ ଦଣ୍ଡୁଆଙ୍କ ଷୋହଳ ସୁଆଙ୍ଗ ଦଣ୍ଡଗୀତ ଓ ନାଚର ମଧୁର ଗୁଞ୍ଜନ ସହ ଢୋଲନିଶାନର ଷୋହଳ ଭରଣି ବାଦ୍ୟ ଓ ଶିବଶଙ୍କର କି ଭଜେ ମଣି ଡାକରେ କମ୍ପିବ ଗାଁରୁ ସହର । ତାଳୁଫଟା ଖରାରେ ଘଣ୍ଟବାଦ୍ୟ ସହ ଛତି, ଛତର, ବାନା, ବୈରଖ ସହ ଗାଁ ଗାଁରେ ଦଣ୍ଡୁଆଙ୍କ ପଟୁଆର ଲାଗିବ । ବନ୍ଦାଣ, ଧୂଳିଦଣ୍ଡ, ପାଣିଦଣ୍ଡ, ଘାଟଦଣ୍ଡ ଓ ରାତିରେ ଅଗ୍ନିଦଣ୍ଡ, ପରଭା ନାଚ, ଦାଣ୍ଡାଳୀ ନାଚ, ହର-ପାର୍ବତୀ, ହାଡ଼ି ହାଡ଼ିଆଣୀ, ଯୋଗୀ-ଯୋଗୀଆଣୀ, କେଳା-କେଳୁଣୀ, ଶବର-ଶବରୁଣୀ ଭଳି ନାଚଗୀତ ଦେଖିବାକୁ ମିଳିବ । ଓଡ଼ିଶାରେ ପାଳନ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଦଣ୍ଡଯାତ୍ରାର ସ୍ୱାତନ୍ତ୍ର୍ୟତା ରହିଛି । ପ୍ରତିବର୍ଷ ମୀନ ସଂକ୍ରାନ୍ତିର ୯ ଦିନ ପରେ ଆରମ୍ଭ ହେଉଥିବା ଏହି ଯାତ୍ରା ବିଭିନ୍ନ ଗାଁରେ ୨୧, ୧୭, ୧୩ ଦିନ ଧରି ପାଳନ ହୋଇଥାଏ । ମହାବିଷୁବ ସଂକ୍ରାନ୍ତି ଦିନ ଯାତ୍ରା ସମାପନ ହୋଇଥାଏ । ବ୍ରତଧାରୀ ବା ଦଣ୍ଡୁଆମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆମିଷ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ତ୍ୟାଗ ସହ ଆହାର, ନିଦ୍ରା, ମୈଥୁନ ସବୁ ପରିହାର କରି ନିଷ୍ଠାର ସହ ଏହି ବ୍ରତ ପାଳନ କରିବା ଅନିବାର୍ଯ୍ୟ । ଏସବୁ ନିୟମ ନିଷ୍ଠା ବିନା ଦଣ୍ଡଯାତ୍ରାରେ ସାମିଲ ହେଲେ ଅନେକ ଅନିଷ୍ଟ ହୁଏ ବୋଲି ବିଶ୍ୱାସ ରହିଛି । ଚଳିତବର୍ଷ ଦଣ୍ଡ ଯାତ୍ରାକୁ ନେଇ ଭୁବନ ବ୍ଲକ ଚଣ୍ଡୀପାଳ ଠାରେ ଢେଙ୍କାନାଳ ଜିଲ୍ଲାର ୫୨ଟି ଦଣ୍ଡ ଦଳ ବିଭିନ୍ନ ଗାଁରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୃଦଙ୍ଗାଠାରୁ ମହୁଲପାଳ, ପଣ୍ଡୁଆ ଠାରୁ ପାଳଗାଣ୍ଡୁଆ, ଭାଟକାଟେଣୀ ଭାଲିଆପାଟ ଏବଂ ଭୁବନ ଠାରୁ ଭଦଳିଆପଶି ଯାଏଁ ଚଳିତମାସ ଶେଷସପ୍ତାହ ଆଡକୁ ଦଣ୍ଡ ଉଠିଯିବ ବୋଲି ସୂଚନା ମିଳିଛି । ଆସନ୍ତାମାସ ପ୍ରଥମ ସପ୍ତାହ ବେଳକୁ ମା’ କାମନା କାଳୀ ପୀଠରେ ପୁଣିଥରେ ଶମ୍ଭୁ ମହାମିଳନ ଉତ୍ସବ ଆୟୋଜନ ହେବ ବୋଲି କମିଟି କହିଛି । ସେଥିରେ କିଛି ସ୍ଥାନୀୟ ଓ କିଛି ବାହାର ଜିଲାର ଦଣ୍ଡଦଳକୁ ଆମନ୍ତ୍ରଣ କରି ଏହି ଉତ୍ସବରେ ସାମିଲ କରିବାକୁ କମିଟି ଲକ୍ଷ୍ୟ ରଖିଛନ୍ତି । ଦୀର୍ଘବର୍ଷ ହେଲା ଦଣ୍ଡଯାତ୍ରା ବିଭିନ୍ନ ଅଞ୍ଚଳ ର ଲୋକକଳା, ଲୋକନୃତ୍ୟ, ଲୋକଗୀତ ଓ ପ୍ରାଚୀନ ଲୋକସଂସ୍କୃତିର ସ୍ୱର୍ଣ୍ଣଭ ସ୍ୱାକ୍ଷର ବହନ କରି ଆସୁଛି । ପାଖାପାଖି ୮୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଏ ଅଞ୍ଚଳରେ ଦଣ୍ଡଯାତ୍ରା ଉଜ୍ଜୀବିତ ହୋଇ ରହି ଆସିଛି ।

# କଦଳୀପାଳ-କେଞ୍ଝୁଡ଼ି ରାସ୍ତା ନିମ୍ନମାନର; ତଦନ୍ତ ଦାବି

**ଢେଙ୍କାନାଳ,୧୭ ।୩(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍‌ର କଦଳୀପାଳଠାରୁ କେଞ୍ଝୁଡି ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଚାରି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ଆଦିବାସୀ ଗ୍ରାମଗୁଡ଼ିକୁ ସଂଯୋଗ ନିମନ୍ତେ ନିର୍ମାଣ କରାଯାଉଛି । ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀଙ୍କ ସୁଯୋଗ ନେଇ ନିଯୁକ୍ତ ଠିକାଦାର ଓ ଯନ୍ତ୍ରୀ ଏହାର ସୁବିଧା ହାସଲ ନିମନ୍ତେ ବିଭିନ୍ନ ଫାଇଦା ଉଠାଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ଠିକାଦାର ସେମାନଙ୍କୁ ନାଲିଆଖି ଥିବାର ଜଣାପଡ଼ିଛି । ଏ ସମ୍ପର୍କରେ ଆରଡି ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଉ ନଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ କୌଣସି ସୂଚନା ଫଳକ ନ ଥିବା ଦେଖାଦେଇଛି । ଫଳରେ ସ୍ଥାନୀୟ ଆଦିବାସୀ ଲୋକମାନେ ରାସ୍ତାକାମକୁ ବନ୍ଦ ରଖିଛନ୍ତି ଏବଂ ପ୍ରଶାସନକୁ ଜଣାଇଛନ୍ତି । ସୂଚନା ଥାଉ କି ଏ ରାସ୍ତା ଆଦିବାସୀ ଅଧ୍ୟୁଷିତ ବସ୍ତି ମଧ୍ୟ ଦେଇଯାଉଛି । ଲୋକଙ୍କ ସରକାର ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ଆଦିବାସୀଙ୍କ କଥା ପ୍ରଶାସନ ଶୁଣୁ ନଥିବା ଉଦ୍‌ବେଗର ବିଷୟ । ଏହି କାର୍ଯ୍ୟର ତଦନ୍ତ କରାଯାଇ ଉଚିତମାନର ରାସ୍ତା ତିଆରି କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# କାଙ୍କଡ଼ପାଳ ଗ୍ରାମରେ ବାଦିଦଣ୍ଡ ପ୍ରତିଯୋଗିତା



**ଢେଙ୍କାନାଳ,୧୭ ।୩(ସମିସ):** ସଦର ବ୍ଲକ୍ କାଙ୍କଡ଼ପାଳ ଗ୍ରାମର ଖେଳପଡ଼ିଆ ପ୍ରାଙ୍ଗଣରେ ବାଦି ଦଣ୍ଡ ଅନୁଷ୍ଠିତ ହୋଇଯାଇଛି । ସୁନେଇପାଳ ଦଣ୍ଡନୃତ୍ୟ ସହିତ କାଣ୍ଡସର ଦଣ୍ଡନୃତ୍ୟ ଦ୍ୱାରା ବାଦିଦଣ୍ଡ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ବାଦିଦଣ୍ଡରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଅଧ୍ୟକ୍ଷ ତଥା ବାଜି ରାଉତ ଉତ୍କଳୀୟ ଦଣ୍ଡ ସଂସ୍କୃତି ସଂଘର ସଭାପତି ଉପେନ୍ଦ୍ର କୁମାର ମାହୁଁନ୍ତ ଏବଂ ସଦର ବ୍ଲକ ଯନ୍ତ୍ରୀ ନିମେଇଁ ଚରଣ ନାଏକ ବିଚାରପତି ପଦରେ ଆସନ ଅଳଙ୍କୃତ କରି ସମୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ କାଙ୍କଡ଼ପାଳ ଗ୍ରାମର ସଭାପତି ଚନ୍ଦନ ମହାନ୍ତି ଓ ସମ୍ପାଦକ ପୁରସ୍ତମ ଦାସ ଏବଂ କମିଟିର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କାଙ୍କଡ଼ପାଳ ଗ୍ରାମର ବଜରଙ୍ଗ କ୍ଲବର ସଦସ୍ୟମାନେ ଏହାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିଥିଲେ । ଏହି ଦଣ୍ଡନୃତ୍ୟରେ ଶିବ ପାର୍ବତୀ, ହାଡ଼ି ହାଡ଼ିଆଣୀ, ଶବର ଶବରୁଣୀ, କେଳା କେଳଉଣୀ, ନାବିକ ଇତ୍ୟାଦି ବହୁ ବେଶରେ କଳାକାରମାନେ ଅତି ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ । ଆଖପାଖ ଅଞ୍ଚଳର ବହୁ ଲୋକ ଏଠାରେ ଏକତ୍ରୀତ ହୋଇ ଦଣ୍ଡନୃତ୍ୟକୁ ଉପଭୋଗ କରିଥିଲେ । ଏହି ଦଣ୍ଡନୃତ୍ୟ କଳାକୁ ବଜାୟ ରଖିଥିବାରୁ କମିଟି ପକ୍ଷରୁ ସମସ୍ତ କଳାକାରଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଚୈତ୍ର ଦ୍ୱିତୀୟ ମଙ୍ଗଳବାରରେ ବିଶେଷ ପୂଜାର୍ଚ୍ଚନା



**ଢେଙ୍କାନାଳ,୧୭ ।୩(ସମିସ):** ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା’ ତାରିଣୀଙ୍କ ପୀଠରେ ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ ମଧ୍ୟାହ୍ନ ପଣା ଲାଗି ହୋଇଥିଲା । ସନ୍ଧ୍ୟାରେ ଆଳତି ପରେ ରାତ୍ରରେ ପହଡ଼ ପଡ଼ିଥିଲା । ସେହିପରି ବାଜିଚୌକସ୍ଥିତ ମା’ ବ୍ରାହ୍ମଣୀ ଦେଇ ପୀଠରେ ଚୈତ୍ର ଦ୍ୱିତୀୟ ମଙ୍ଗଳବାର ଥିବାରୁ ମାଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ, ମଧ୍ୟାହ୍ନରେ ପଣା ଲାଗି ହୋଇଥିଲା । ସନ୍ଧ୍ୟାବେଳେ ଆଳତି ପରେ ପହଡ଼ ପଡ଼ିଥିଲା ।

## ଆମିଗୋସ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍‌ର ନିଯୁକ୍ତିରେ ବ୍ୟାପକ ଜାଲିଆତି

# ତଦନ୍ତ ସହିତ କଳା ତାଲିକାଭୁକ୍ତ କରିବାକୁ ଦାବି



**ଢେଙ୍କାନାଳ,୧୭ ।୩(ସମିସ):** ଢେଙ୍କାନାଳ ଯୁବ ସ୍ୱାଭିମାନ ମଞ୍ଚ ତରଫରୁ ଆମିଗୋସ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ ତରଫରୁ ନିଯୁକ୍ତି ନାମରେ ଆର୍ଥିକ ଅନିୟମିତତା,ଜାଲିଆତିର ତଦନ୍ତ ଏବଂ ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ସୂଚନା ଅନୁସାରେ ଢେଙ୍କାନାଳ ଯୁବ ସ୍ୱାଭିମାନ ମଞ୍ଚ, ଜିଲ୍ଲାର ଶିକ୍ଷିତ ଯୁବଗୋଷ୍ଠୀଙ୍କ ଅଭିଯୋଗ ଅନୁସାରେ ଓଡିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୋକେସନାଲ ଶିକ୍ଷାର ପରିଚାଳନା ପାଇଁ ଆମିଗୋସ ସଲ୍ୟୁସନ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ନିଯୁକ୍ତି ନାମରେ ଅର୍ଥ ଆଦାୟ, ସଂସ୍ଥାର ନିର୍ଦ୍ଦେଶକ ରାହୁଲ ଅଗ୍ରୱାଲ ଟ୍ରେନର ନିଯୁକ୍ତି ନାମରେ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଛି । ସେହିପରି ଜାଲ ପ୍ରମାଣପତ୍ର ବ୍ୟବହାର କରି ଓସେପା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭିଯୋଗ କରାଯିବା ସହିତ ଏହାର ରାଜ୍ୟସ୍ତରୀୟ ତଦନ୍ତ, ସଂସ୍ଥାକୁ ଓଡ଼ିଶାରେ କାର୍ଯ୍ୟ କରିବାକୁ ନିଷେଧ କରାଯିବା ସହିତ କଳା ତାଲିକାଭୁକ୍ତ କରାଯିବା ଠକାମିର ଶିକାର ହୋଇଥିବା ପ୍ରାର୍ଥୀମାନଙ୍କୁ ନ୍ୟାୟପ୍ରଦାନ ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଲେ ଗ୍ରାମବାସୀ

**ପରଜଙ୍ଗ,୧୭ ।୩(ସମିସ):** ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ଅନ୍ତର୍ଗତ କେଞ୍ଝୁଡି କଦଳିପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ନିୟୋଜିତ ଠିକାସଂସ୍ଥା ନିମ୍ନମାନର କରୁଥିବା ନେଇ ଅଭିଯୋଗ ହୋଇଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ୮ କିଲୋମିଟର ବିଶିଷ୍ଟ ରାସ୍ତା ମହୁଲଡଗର, ରଘୁଆବୋଲ, ଡଙ୍କାବୋଲ, ଭେରୁଣିଆ, କିଆପାତାନୀ ଆଦି ଗ୍ରାମର ଲୋକମାନେ ଉପକୃତ ହୋଇପାରିବେ । ଯାହା ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଲୋକଙ୍କ ଦାବି ହୋଇ ଆସୁଥିଲା । ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ରାସ୍ତା ନିର୍ମାଣ ହେଉଛି । ମାତ୍ର ସମ୍ପୃକ୍ତ ରାସ୍ତାଟି ନିୟୋଜିତ ଠିକାସଂସ୍ଥା ନିମ୍ନ ମାନର କରୁଥିବା ଗ୍ରାମବାସୀ ମାନେ ଦୃଷ୍ଟିଗୋଚର କରିଛନ୍ତି । ରାସ୍ତାରୁ ଛେଲା ଛେଲା ପିଚୁର ଆସ୍ତରଣ ଉଠି ଯାଉଛି । ଏପରିକି ସଠିକ ଭାବରେ କରାଯାଇନଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଠିକାସଂସ୍ଥା କିମ୍ବା ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ଯାହାକୁ ନେଇ ସ୍ଥାୟୀ ସମାଧାନ କରାନଗଲେ ଆନ୍ଦୋଳନ ଜାରି ରହିବ ବୋଲି ରଘୁଆବୋଲ ଗ୍ରାମର ଯୁବତୀ ପୂର୍ତ୍ତୀ, ବିଜୟ ପୂର୍ତ୍ତୀ, ଗଙ୍ଗାଧର ପୂର୍ତ୍ତୀ ସମେତ ବହୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଗ୍ରାମର ଶତାଧିକ ମହିଳା ପୁରୁଷ ରାସ୍ତା ଉପରେ ବସି ପ୍ରତିବାଦ କରିଛନ୍ତି ।

## ଗଣ୍ଡାନାଳୀର ଟୁଇଟର ବୟ ଦୀପକଙ୍କ ପ୍ରୟାସ

# ୪ ବର୍ଷରେ ୨ ହଜାର ସମସ୍ୟାର ସମାଧାନ

**ଖଜୁରିଆକଟା,୧୭ ।୩(ସମିସ)**



ବର୍ତ୍ତମାନ ସମୟରେ ମୋବାଇଲ ଓ ସୋସିଆଲ ମିଡିଆକୁ ଯୁବଗୋଷ୍ଠୀ ମନୋରଞ୍ଜନର ମାଧ୍ୟମ ଭାବେ ବାଛି ନେଇଥିବାବେଳେ ଜଣେ ଉଚ୍ଚଶିକ୍ଷିତ ଯୁବକ ଏହାକୁ ଆୟୁଧ କରି ଲୋକଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିପାରୁଛନ୍ତି । ଢେଙ୍କାନାଳ ଜିଲ୍ଲା ନୁହେଁ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ସମସ୍ୟା ସମ୍ପର୍କରେ ସେ ପ୍ରଶାସନକୁ ଟୁଇଟ୍ କରି ସମାଧାନ କରିବାରେ ସକ୍ଷମ ହୋଇଛନ୍ତି । ସେ ସାମାଜିକ ଗଣମାଧ୍ୟମ ଟୁଇଟର ମାଧ୍ୟମରେ ଗତ ୪ ବର୍ଷ ମଧ୍ୟରେ ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହୋଇ ପାରିଛନ୍ତି । ପେସାରେ ସେ ଜଣେ ଲେଖକ ଓ ସାମ୍ବାଦିକ ହୋଇଥିଲେ ମଧ୍ୟ ନିଜର ବ୍ୟସ୍ତବହୁଳ ସମୟ ଭିତରୁ ସମୟ ବାହାର କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମାଧାନ କରୁଛନ୍ତି । ଏହି ଯୁବକ ଜଣଙ୍କ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ଗ୍ରାମର ଲକ୍ଷ୍ମଣ ନାଏକ ଓ ମିନତୀ ନାଏକଙ୍କ ଜ୍ୟେଷ୍ଠ ପୁତ୍ର ଦୀପକ କୁମାର ନାଏକ । ତାଙ୍କ ଟୁଇଟ ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରୁଥିବାରୁ ସେ ଏବେ ଟୁଇଟର ବୟ ଭାବେ ବେଶ ପରିଚିତ । ଗରିବ ଲୋକଙ୍କ ଭତ୍ତା, ରୋଗୀଙ୍କୁ ଚିକିତ୍ସା ସୁବିଧା, ରକ୍ତ ଯୋଗାଡ଼, ରାସ୍ତା ଏବଂ ପାଣି ସମସ୍ୟାର ସମାଧାନ ଆଦି ତାଙ୍କ ଟୁଇଟ ମାଧ୍ୟମରେ ହୋଇପାରିଛି । ଲୋକେ ନିଜ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରିବା ପାଇଁ ଦୀପକଙ୍କ ପାଖରେ ପହଞ୍ଚୁଛନ୍ତି । ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ସେ ତତ୍‌କ୍ଷଣାତ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଟୁଇଟ୍ ମାଧ୍ୟମରେ ଜଣାଇ ଦେଉଛନ୍ତି । ଏମିତିକି ସମସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ସେ ପ୍ରଶାସନ ସହ ଯୋଗାଯୋଗରେ ରହିଥାଆନ୍ତି । ତାହା ସମାଧାନ ହେବା ପରେ ଫେସବୁକ୍ ମାଧ୍ୟମରେ ଲୋକଙ୍କ ସଚେତନତା ଉଦ୍ଦେଶ୍ୟରେ ପୋଷ୍ଟ କରିଥାଆନ୍ତି । ଦୀପକଙ୍କ ଏପରି ମହତ କାର୍ଯ୍ୟକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଉଚ୍ଚପ୍ରଶଂସା କରାଯାଇଛି । ଏ ସମ୍ପର୍କରେ ଶ୍ରୀ ଦୀପକଙ୍କୁ ପଚାରିବାରେ ସେ କୁହନ୍ତି ମାନବ ସେବା ହିଁ ମାଧବ ସେବା, ମୁଁ ମୋ ଜୀବନକୁ ସମାଜ ସେବାରେ ଉତ୍ସର୍ଗ କରିଦେଇଛି । ମୋ ଦେହରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଲୋକଙ୍କ ସେବା ଏମିତି ଜାରି ରଖିବି ।

# ଚାରିଦିନ ନଯାଉଣୁ ରାସ୍ତାରୁ ଉଠିଲା ପିଚୁ



**ଭୁବନ,୧୭ ।୩(ସମିସ):** ଭୁବନ ଥାନା ଛକରୁ କୀର୍ତ୍ତନପୁର ପର୍ଯ୍ୟନ୍ତ ରାସ୍ତା ପିଚୁ କାର୍ଯ୍ୟ ମାତ୍ର ୫ ଦିନ ପୂର୍ବରୁ ହୋଇଛି । କାର୍ଯ୍ୟ ସମୟରେ ବହୁ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ ପିଚୁର ମାତ୍ରା ବହୁତ କମ ରହୁଛି । ମାନ ଠିକ ରହୁନି । ଯାହାକି ଏବେ ସତ ପ୍ରମାଣିତ ହୋଇଛି । କାମ ହେବାର ମାତ୍ର ୫ ଦିନ ପରେ ପିଚୁ ଉଠିଗଲାଣି । ଭୂଷଳ ଶାନ୍ତି ଆଶ୍ରମ ନିକଟରେ ଏହି ପିଚୁ ଉଠିଯାଇଥିବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି ଗ୍ରାମବାସୀ । ରାସ୍ତାର ୨ ପାର୍ଶ୍ୱରେ ମୋରମ ପକାଇବା କଥା, ମାତ୍ର ଅନେକ ସ୍ଥାନରେ ମୋରମ ପକାଯାଇ ନ ଥିବା ଦେଖିବାକୁ ମିଳିଛି । ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ ।

## ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତି

# ସହସଂପାଦକଙ୍କ ବେଆଇନ ନିଯୁକ୍ତିକୁ ନେଇ ତେଜୁଛି ବିବାଦ

ଜଗତସିଂହପୁର,୧୭।୩(ସମିସ)

ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତିରେ ବିଗତ ୧୫ ବର୍ଷରୁ ଅଧିକ ସମୟ ହେବ ସହ-ସଂପାଦକ ଭାବେ କାମ କରୁଥିବା ସଂଗ୍ରାମଜିତ୍ ସେନାପତିଙ୍କ ନିଯୁକ୍ତି ବେଆଇନ ବୋଲି ତଦନ୍ତ ରିପୋର୍ଟରେ ସ୍ୱଷ୍ଟ ଉଲ୍ଲେଖ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ସୂଚନା ମିଳିଛି। ଶ୍ରୀ ସେନାପତିଙ୍କ ନିଯୁକ୍ତି ସଂପୂର୍ଣ୍ଣ ବେଆଇନ ଏବଂ ସମବାୟ ସମିତିରେ ନିଯୁକ୍ତି ପାଇଁ ରହିଥିବା ଗାଇଡ୍‌ଲାଇନ ଉଲ୍ଲଙ୍ଘନ କରି ତାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗ ଉଠାଇଥିଲେ ସ୍ଥାନୀୟ ଚାଷୀ ବୈକୁଣ୍ଠ ବିଶ୍ୱାଳ। ତଦନ୍ତ ପରେ ଏହି ଅଭିଯୋଗରେ ସତ୍ୟତା ରହିଥିବା ଜଣାପଡିଥିଲା। ତେବେ ତଦନ୍ତ ରିପୋର୍ଟ ଆସିବାର ୮ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସଂପୃକ୍ତ ସହସଂପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ଉଠାଇଛନ୍ତି ଚାଷୀ ବୈକୁଣ୍ଠ ବିଶ୍ୱାଳ। ଶ୍ରୀ ବିଶ୍ୱାଳ ପୂର୍ବରୁ ଅନେକ ଥର ଜିଲ୍ଲା ପ୍ରଶାସନ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ବେଳେ ପ୍ରଶାସନ ନିଦାବିଷ୍ଟୁ ପାଲଟିଥିବା ଅଭିଯୋଗ କରିଛନ୍ତି। ଆଜି ପୁନର୍ବାର ଶ୍ରୀ ବିଶ୍ୱାଳ ଏହି ଦାବିକୁ ଦୋହରାଇବା ସହିତ ଆଗାମୀ ୭ ଦିନ ମଧ୍ୟରେ ସଂପୃକ୍ତ ସହ ସଂପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲ୍ଲା ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତିରେ ସଂଗ୍ରାମଜିତ ସେନାପତିଙ୍କୁ ଗତ ୨୦୧୦ ମସିହା ଜାନୁଆରୀ ୨୭ ତାରିଖ ସାଧାରଣ ପରିଷଦ ବୈଠକର ନିଷ୍ପତି ଅନୁସାରେ ତତ୍‌କାଳୀନ ସଭାପତି ଜାନୁଆରୀ ୨୮ ତାରିଖରେ ସହ-ସଂପାଦକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ଏହି ନିଯୁକ୍ତି ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇନଥିଲା। ସେହିପରି ଏହି ନିଯୁକ୍ତି ପ୍ରକ୍ରୀୟାରେ ଓସିଏସ୍ ଆକ୍ଟ ୧୯୬୨ ଏବଂ ୧୯୬୫ ରୁଲ୍ସକୁ ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ଉଠାଇ ଜଗତସିଂହପୁର ସମବାୟ ସମିତି ସମୂହର ଉପ-ନିବନ୍ଧକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଥିଲେ ଚାଷୀ ବୈକୁଣ୍ଠ ବିଶ୍ୱାଳ ଏବଂ ଗୌରାଙ୍ଗ ଦାସ। ଏହି ଅଭିଯୋଗର ତଦନ୍ତ ପାଇର୍ ଗତ ୨୦୨୫ ମସିହା ଜାନୁଆରୀ ୧୫ ତାରିଖରେ ଉକ୍ତ କାର୍ଯ୍ୟାଳୟର ସହକାରୀ ନିବନ୍ଧକ ପିଙ୍କି ହାଂସଦାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିବର୍ଷ ଫେବୃଆରୀ ୨୮, ଏପ୍ରିଲ ୨୫, ମେ' ୭ ଏବଂ ମେ' ୨୩ ତାରିଖ ମୋଟ ୪ଟି ପର୍ଯ୍ୟାୟରେ ଏହି ଅଭିଯୋଗ ଉପରେ ତଦନ୍ତ ହୋଇଥିଲା ଏବଂ ସମବାୟ ସମିତିରେ ନିଯୁକ୍ତି ପାଇଁ ରହିଥିବା ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଶ୍ରୀ ସେନାପତିଙ୍କୁ ନିଯୁକ୍ତି ମିଳିଥିବା ସ୍ପଷ୍ଟ ହୋଇଥିଲା। ଏହି ତଦନ୍ତ ସମୟରେ ସମିତିର ୨୦୧୦-୧୧ ବର୍ଷରୁ ୨୦୧୭-୧୮ ବର୍ଷ ପର୍ଯ୍ୟନ୍ତ ଅଡିଟ୍ ରିପୋର୍ଟ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ସହ-ସଂପାଦକ ଶ୍ରୀ ସେନାପତିଙ୍କ ନିଯୁକ୍ତି ସଂପର୍କରେ ଭ୍ରମିତ ତଥ୍ୟ ରହିଥିବା ପରିଲକ୍ଷିତ ହୋଇଥିଲା। କେତେକ ସ୍ଥାନରେ ସହସଂପାଦକ ପଦ ଖାଲିଥିବା ଦର୍ଶାଯାଇଥିବା ବେଳେ ଆଉ କିଛି ସ୍ଥାନରେ ନିଯୁକ୍ତି ତାରିଖ ୨୦୧୨ ଏପ୍ରିଲ ୧ ତାରିଖ ବୋଲି ଉଲ୍ଲେଖ ରହିଥିଲା। ଆଉ କିଛି ସ୍ଥାନରେ ମଧ୍ୟ ଶ୍ରୀ ସେନାପତିଙ୍କ ନିଯୁକ୍ତି ତାରିଖ ୨୦୧୦ ଜାନୁଆରୀ ୨୭ ତାରିଖ ଉଲ୍ଲେଖ ଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଶ୍ରୀ ସେନାପତିଙ୍କ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୯୦ ମସିହା ଏପ୍ରିଲ ୨୯ ତାରିଖ ରହିଥିବା ବେଳେ ସେ ନିଯୁକ୍ତି ପାଇଥିବା ତାରିଖ ୨୦୧୦ ମସିହା ଜାନୁଆରୀ ୨୮ ବେଳକୁ ତାଙ୍କୁ ୨୧ ବର୍ଷ ପୂର୍ଣ୍ଣ ହୋଇନଥିଲା। ସମବାୟ ସମିତିରେ ସିଧାସଳଖ ନିଯୁକ୍ତି ପାଇଁ ସର୍ବନିମ୍ନ ବୟସ ୨୧ ରହିଥିବା ବେଳେ ଶ୍ରୀ ସେନାପତିଙ୍କ ନିଯୁକ୍ତି ସଂପୂର୍ଣ୍ଣ ବେଆଇନ ବୋଲି ତଦନ୍ତ ରିପୋର୍ଟରେ ସ୍ୱଷ୍ଟ ଉଲ୍ଲେଖ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରୀୟାରେ ଓସିଏସ୍ ଆକ୍ଟ ୧୯୬୨ (୧୯୬୩ ଓଡିଶା ଆକ୍ଟ ୨)ର ସେକ୍ସନ ୩୩-ଏ ଏବଂ ଆରସିଏସ(ଓ) ଭୁବନେଶ୍ୱର ଗାଇଡଲାଇନକୁ ଉଲ୍ଲଙ୍ଘନ କରାଯାଇଛି। ତେବେ ତଦନ୍ତ ରିପୋର୍ଟ ଆସିବାର ୮ ମାସ ପରେ ମଧ୍ୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଚାଷୀ ବୈକୁଣ୍ଠ ବିଶ୍ୱାଳ ଅଭିଯୋଗ କରିଛନ୍ତି।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୭।୩(ସମିସ): ସାନଜରିଆ ପଞ୍ଚାୟତର ବଡ଼ଜରିଆ ମା' ସରସ୍ୱତୀ ବିଦ୍ୟାମନ୍ଦିରର ୫ମ ବାର୍ଷିକ ଉତ୍ସବ ଓ ପିତୃମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷାବିତ ମିର୍ଜା ଉମର ବେଗଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟାପକ ସତ୍ୟଜିତ ରାଉତରାୟ ମୁଖ୍ୟଅତିଥି, ପଣ୍ଡିତ ପ୍ରମୋଦ ତ୍ରିପାଠୀ ମୁଖ୍ୟବକ୍ତା, ଶିକ୍ଷାବିତ ସଞ୍ଜୀବ ତରାଇ, ସୁଲେଖ ପ୍ରଧାନ, ସତ୍ୟବ୍ରତ ସ୍ୱାଇଁ, ସଞ୍ଜୟ ଜେନା, ପଣ୍ଡିତ ରମାକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ତମ ଶିକ୍ଷା ଓ ସଂସ୍କାର ପିଲାଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବ ପୂର୍ବରୁ ଆୟୋଜିତ ପିତୃମାତୃ ସମ୍ମିଳନୀରେ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ପିତୃମାତୃଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅନୁ ଗୁରୁମା ସ୍ୱାଗତ ଭାଷଣ ଓ ମାନସୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଗୁରୁଜୀ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ପ୍ରେମଲତା ମହାନ୍ତି, ସରସ୍ୱତୀ ଦାସ ଓ ରୋଜାଲିନ ରାଉତ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ଏମ୍‌ଏନ ହାଇସ୍କୁଲର ସଫଳତା




ପଟ୍ଟାମୁଣ୍ଡାଇ,୧୭।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲର ଛାତ୍ରଛାତ୍ରୀ ସଫଳତା ହାସଲ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ଜିଲ୍ଲାର ୧୧ଟି ହାଇସ୍କୁଲ ଯୋଗ ଦେଇଥିଲେ। ଏମ୍‌ଏନ ହାଇସ୍କୁଲର ୪୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଭାଗ ନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ଏନ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ସହକାରୀ ଶିକ୍ଷକ ସରୋଜ ସ୍ୱାଇଁ, ଅଶୋକ ଦାଶ, ତାପସ ବେହେରା, ଅନୀତା ଧଳ, ଶଶାଙ୍କଶେଖର ସାହୁ, ଅଭିଷେକ ନାୟକ, ବିନୋଦ ନାଥ, ବିନୋଦ ଜେନା, ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ଶାଶ୍ୱତୀ ଶୁଭଦର୍ଶିନୀ ସାହୁ, ରଶ୍ମିତା ତରାଇ, ତପସ୍ୱିନୀ ମଲ୍ଲିକଙ୍କ ମାର୍ଗଦର୍ଶନ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଛି।

## ବିଜୟଚାନ୍ଦପୁର ସ୍କୁଲର ବାର୍ଷିକ ଉତ୍ସବ



ପାରାଦୀପ,୧୭।୩(ସମିସ): ପାରାଦୀପ ବିଜୟଚାନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ଗଡ଼ କ୍ଲଷ୍ଟର ସିଆର୍‌ସିସି ସମୀର କୁମାର ଓଝା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆଗଡ଼ ପଞ୍ଚାୟତର ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ମହାନ୍ତି, ଆର୍‌ସେଲର ମିତ୍ତଲ ନିପ୍ପନ ଷ୍ଟିଲର ସଂଯୁକ୍ତା ନାୟକ, ପରିଚାଳନା କମିଟିର ସଭାପତି ଜଗନ୍ନାଥ ହାଲଦାର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ଉପସ୍ଥିତ ଥିଲେ।

## ପିଚୁ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ



ବାଲିକୁଦା,୧୭।୩(ସମିସ): ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ମଠ ସାହି କ୍ଲବ ଗଡ଼ା ନିକଟରୁ ଅପଣ୍ଡରା ବଜାର ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୬ ଲକ୍ଷ ଟଙ୍କାର ନିର୍ମାଣ ହେଉଥିବା ପିଚୁ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଏସି ଓ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଏହି ରାସ୍ତା ତାଙ୍କ ନିଜସ୍ୱ ପଞ୍ଚାୟତର ହୋଇଥିବା ବେଳେ ଭାରୀଯାନ ଚଳାଚଳ କରିବା କାରଣରୁ ରାସ୍ତା ଉପରୁ ପିଚୁ ସ୍ତର ଉଠିଯାଇ ଖାଲଖମାରେ ପରିଣତ ହୋଇଥିଲା। ଯାହାକୁ ନେଇ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟି ଅନେକ ବ୍ୟକ୍ତି କ୍ଷତବିକ୍ଷତ ହୋଇଛନ୍ତି। ଯାହାକୁ ନେଇ ସେ ବ୍ୟକ୍ତିଗତ ଭାବେ ଜିଲ୍ଲାପାଳ ଓ ବିଭାଗ ସହ ବାରମ୍ବାର ଆଲୋଚନା କରିବା ପରେ ରାସ୍ତା ମଞ୍ଜୁରୀ ପାଇବା ସହ ଏନେଇ ଟେଣ୍ଡର ହୋଇଥିଲା। ଟେଣ୍ଡର ପାଇଥିବା ଠିକାଦାର ଆଜି କାର୍ଯ୍ୟ ଆରମ୍ଭ କରିଥିବା ବେଳେ କାର୍ଯ୍ୟରେ ତାରପେଟ ନକରି କେବଳ ପତଳା ପରସ୍ତରେ ସିଲ୍‌କୋର୍ଟ ଦେଇ କାର୍ଯ୍ୟ କରିଛି। ଏପରିକି ରାସ୍ତା ସଠିକ ଭାବେ ସଫେଇ କରାନଯାଇ ଅଳ୍ପ ପରିମାଣର ପିଚୁ ତେଲ ବ୍ୟବହାର କରାଯାଉଥିବା କାରଣରୁ କାର୍ଯ୍ୟ ସରିବାର କିଛି ଦିନ ମଧ୍ୟରେ ଏହି ରାସ୍ତା ଉପରେ ଭାରୀଯାନ ଚଳାଚଳ କରିବା ଦ୍ୱାରା ପିଚୁ ଉଠିଯିବାର ଆଶଙ୍କା ରହିଥିବା ସେ ଅଭିଯୋଗ କରିଥିଲେ। ଠିକାଦାର ଲାଭ ପାଇବା ଆଶାରେ ନିମ୍ନମାନର କାର୍ଯ୍ୟ କରୁଥିବା ସେ କହିଛନ୍ତି। ଏନେଇ ସେ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ସ୍ୱାଇଁଙ୍କ ସହ ଆଲୋଚନା କରିଥିବା ବେଳେ ସେ ଆଜି କାର୍ଯ୍ୟ କରାଯାଉଥିବା ସମ୍ପର୍କରେ ଠିକାଦାର ସଂସ୍ଥା ତାଙ୍କୁ ଅବଗତ କରାଇ ନଥିବା ପ୍ରକାଶ କରିଥିବା ବେଳେ ବିଭାଗୀୟ ଏସି ଅନିରୁଦ୍ଧ ଡୋରା ଯନ୍ତ୍ରୀଙ୍କୁ ପଠାଇ ତଦନ୍ତ କରିବେ ଓ ସଠିକ ଭାବେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ଏନେଇ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ସ୍ୱାଇଁ କହିଛନ୍ତି ତାଙ୍କ ସହ ଅଧ୍ୟକ୍ଷଙ୍କ ଆଲୋଚନା ହୋଇଛି ଓ ସେ କାଲି କାର୍ଯ୍ୟସ୍ଥଳୀକୁ ଆସି ନିଜେ ତଦନ୍ତ କରିବେ। ଯଦି କାର୍ଯ୍ୟ ୨୦ ଏମ୍‌ଏମ୍‌ରୁ କମ ହୋଇଥାଏ ତେବେ ସେ ଆଉଥରେ ଠିକାଦାରଙ୍କ ଦ୍ୱାରା ସେହି କାର୍ଯ୍ୟ କରାଇବେ।

## ସମସ୍ୟା ଘେରରେ ଦୋହଲୀ ମଡ଼େଲ ହାଇସ୍କୁଲ



ଡେରାବିଶ, ୧୭।୩(ସମିସ): ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଲୋକବର୍ତ୍ତିକା ସାଜି ୧୯୪୬ରେ ପ୍ରତିଷ୍ଠା ହୋଇଥିବା ଡେରାବିଶ ବ୍ଲକ୍‌ର ସର୍ବପୁରାତନ ଉଚ୍ଚବିଦ୍ୟାଳୟ ଦୋହଲୀ ମଡେଲ ହାଇସ୍କୁଲ ଅଧୁନା ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ଏବେ ବହୁ ସମସ୍ୟା ମଧ୍ୟଦେଇ ଗତି କରୁଥିବାବେଳେ ଏହାର ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବନ୍ଦ ହୋଇରହିଥିବା ଦେଖାଯାଇଛି।

୭୦ ଦଶକରେ ଏହି ବିଦ୍ୟାଳୟକୁ ଦୂରଦୂରାନ୍ତରୁ ଆସୁଥିବା ଶିକ୍ଷକଙ୍କ ରହିବା ପାଇଁ କ୍ୱାଟର ବ୍ୟବସ୍ଥା ଥିବା ସହିତ ପ୍ରଧାନଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର କ୍ୱାଟରର ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟରେ ପ୍ରାୟ ସମସ୍ତ ସମୟରେ ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ଶିକ୍ଷକ ସେଠାରେ ରହୁଥିଲେ। କିଛିବର୍ଷ ପରେ ପ୍ରଧାନଶିକ୍ଷକଙ୍କ କ୍ୱାଟର ନଷ୍ଟ ହେବାକୁ ଲାଗିଲା ଓ ମରାମତି ଅଭାବରୁ ଏହା ସମ୍ପୂର୍ଣ୍ଣ ଭାଙ୍ଗି ଏବେ ଭୂତକୋଠିରେ ପହଞ୍ଚିଛି। ଏହି ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଯୋଜନାରେ ବହୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ବି ତହିଁରୁ କିଛି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏକ ଗୃହର ନିର୍ମାଣ କାର୍ଯ୍ୟ କେବଳ ପିଲାରର ରଡ୍ ଉପରକୁ ଲମ୍ବିଥିବାବେଳେ ଦୁଇବର୍ଷ ହେଲା ଡିପିସିଠାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଫଳରେ ପିଲାର ପାଇଁ ବାହାରକୁ ବାହାରିଥିବା ରଡ୍‌ଗୁଡ଼ିକ ଖରାବର୍ଷାରେ କଳଙ୍କି ଲାଗିଗଲାଣି। ବିଦ୍ୟାଳୟରେ ସଂସ୍କୃତ ପଢ଼ାଇବା ପାଇଁ ଦୀର୍ଘ ବର୍ଷ ଧରି ନିଯୁକ୍ତି ପାଇଥିବା ସଂସ୍କୃତ ଶିକ୍ଷୟିତ୍ରୀ ଜଣକ ଡେପୁଟେସନ୍‌ରେ ପୁରୀ ଜିଲ୍ଲାରେ କାର୍ଯ୍ୟ କରି ଏଠାରୁ ମୋଟାଅଙ୍କର ଦରମା ନେଇ ଚାଲିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତୃତୀୟ ଭାଷା ସଂସ୍କୃତ ପଢ଼ିବାକୁ ଇଚ୍ଛାଥିଲେ ବି ଶିକ୍ଷକ ଅଭାବରୁ ବାଧ ହୋଇ ସଂସ୍କୃତ ବଦଳରେ ଆଇଟି ବିଷୟ ନେଇ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ବାରମ୍ବାର ଅଭିଭାବକଙ୍କ ଦାବି ପରେ ଚଳିତ ବର୍ଷ ନିକଟସ୍ଥ ଏକ ବିଦ୍ୟାଳୟରୁ ସପ୍ତାହକୁ ତିନିଦିନ ପଢ଼ାଇବା ପାଇଁ ଜଣେ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଏହି ବିଦ୍ୟାଳୟରେ ପଢ଼ାଇବା ପାଇଁ ସାମୟିକ ଭାବେ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅଭିଭାବକମାନେ ତୁରନ୍ତ ଡେପୁଟେସନ୍‌ରେ ଯାଇଥିବା ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଏଠାକୁ ଫେରାଇ ଆଣିବା ନତୁବା ତାଙ୍କୁ ଏଠାରୁ ବଦଳି କରାଯାଇ ଅନ୍ୟଜଣେ ସଂସ୍କୃତ ଶିକ୍ଷକଙ୍କୁ ଏଠାରେ ସ୍ଥାୟୀ ନିଯୁକ୍ତି କରିବା, ବିଦ୍ୟାଳୟର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ପ୍ରଧାନଶିକ୍ଷକଙ୍କ କ୍ୱାଟର ସହିତ ଅନ୍ୟ ଶିକ୍ଷକଙ୍କ କ୍ୱାଟର ନିର୍ମାଣ କରିବା ପାଇଁ ଦାବି କରିଛନ୍ତି।

## କନିକା ଅଞ୍ଚଳରେ ବଢ଼ିଚାଲିଛି ବାଲି ଓ ମାଟି ଚାଲାଣ

ରାଜକନିକା,୧୭।୩(ସମିସ): କନିକା ତହସିଲ ପ୍ରଶାସନ ପାଇଁ ଏବେ ଚୋରା ମାଟି ଓ ବାଲି ଚାଲାଣର ଚଢ଼ଉ ମୁଖ୍ୟ ବେଉସା ପାଲଟିଛି। ବର୍ଷ ବର୍ଷ ଧରି ବେଆଇନ ଭାବେ ଚୋରା ବାଲି ଓ ମାଟି ଚାଲାଣ ଜାରି ରହିଥିବାବେଳେ ତହସିଲ ପ୍ରଶାସନ ରାଜସ୍ୱ ଆଦାୟ ନାମରେ କେବଳ ଭେଳିକି କରି ଚଢ଼ଉ ଫାର୍ସ କରି ସ୍ୱଚ୍ଛତାର ପ୍ରମାଣ ଦେବା ଲୋକହସା ପାଲଟିଛି। ରାଜସ୍ୱ ମାମଲାପ୍ରବଣ କନିକା ତହସିଲର ସର୍ବସାଧାରଣ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଚାଲିଯିବା, ବହୁ ଦିନରୁ ପଡିରହିଥିବା ବହୁ ବିବାଦୀୟ ଜମିଜମା ମାମଲାକୁ ଯେନତେନ ପ୍ରକାରେ ଭିତିରିଆ ସମାଧାନ କରି ମୋଟା ଅଙ୍କର ଲାଞ୍ଚ ନେଇ ବର୍ତ୍ତମାନ ତହସିଲ ଚର୍ଚ୍ଚାରେ ଥିବା ସମାଲୋଚିତ ହୋଇଛି। କନିକା ତହସିଲରେ ବିନା ଲାଞ୍ଚରେ କୌଣସି ଗୋଟିଏ ବି କାମ ହେଉ ନ ଥିବାବେଳେ ଏବେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ଉପରେ ଚଢ଼ଉ ହୋଇ ଟ୍ରକ୍, ହାଇୱା, ଟ୍ରାକ୍ଟର ଜବତ ହେବା ପରେ ପରେ ପୁଣି ଖଲାସ ହେବା ରୀତିମତ ଧାରା ବଳବତ୍ତର ରହିଛି। ବେଆଇନ ଭାବେ ମାଟି ଓ ବାଲି ଚାଲାଣ ଅଭିଯୋଗରେ ଜବତ ହୋଇଥିବା କୁହାଯାଇ ଅଟକ ରଖିବା ପରେ ପୁଣି ଛାଡି ଦିଆଯାଉଥିବା ଅଭିଯୋଗ ହେଉଛି। ଚୋରା ବାଲି ଓ ମାଟି ଚାଲାଣ ଉପରେ ଉଚ୍ଚ କର୍ତ୍ତୃପକ୍ଷ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ଜମ୍ମୁ-କାଶ୍ମୀରରେ ଓଡ଼ିଆ ବୋହୂଙ୍କୁ ହତ୍ୟା ଅଭିଯୋଗ

ରାଜନଗର,୧୭।୩(ସମିସ): ଜମ୍ମୁକାଶ୍ମୀରରେ ଓଡ଼ିଆ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସ୍ୱାମୀ, ନଣଦ, ଭିଣୋଇ ମିଶି ହତ୍ୟା କରିଥିବା ନେଇ ମୃତ ଝିଅର ବାପା ଅଭିଯୋଗ କରିଛନ୍ତି। ମହାକାଳପଡ଼ା ଥାନା ଅନ୍ତର୍ଗତ ବସୁଆପଲ୍ଲୀ ଗାଁର ରାଧାଶ୍ୟାମ ସାହୁଙ୍କ ଝିଅ ସ୍ୱର୍ଣ୍ଣଲତା ସାହୁ ୫ ବର୍ଷ ପୂର୍ବେ ରାଜନଗର ଥାନା ଅନ୍ତର୍ଗତ ତକିବାଙ୍କ ଗାଁର ନିରଞ୍ଜନ ରାଉତଙ୍କ ପୁଅ ମିଥୁନ ରାଉତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିଲା। ତାଙ୍କର ୪ ବର୍ଷର ଗୋଟିଏ ଝିଅ ଅଛି। ମିଥୁନ ଜମ୍ମୁ-କାଶ୍ମୀରରେ ପାଣିପାଇପ ଠିକାଦାର ଭାବେ କାମ କରନ୍ତି। ସ୍ୱାମୀ, ଝିଅ, ନଣନ୍ଦଙ୍କ ସହିତ ବାପାଙ୍କ ଭଉଣୀ ଓ ଭିଣୋଇ ସେଠାରେ ସାଙ୍ଗ ହୋଇ ରୁହନ୍ତି। ସେମାନେ ମିଳିମିଶି ତାଙ୍କ ଝିଅଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଥିଲେ। ୧୬ ତାରିଖ ଦିନ ସକାଳେ ଜମ୍ମୁ-କାଶ୍ମୀର ପୁଲିସ ତାଙ୍କୁ ଫୋନ କରି ଝିଅ ମରିଯାଇଥିବା ସୂଚନା ଦେଇଥିଲେ। ସ୍ୱାମୀ, ନଣଦ, ଭିଣୋଇ ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଛନ୍ତି ବୋଲି ଆଜି ରାଜନଗର ଥାନାରେ ରାଧାଶ୍ୟାମ ସାହୁ ଅଭିଯୋଗ କରିଛନ୍ତି। ଘଟଣା ଜମ୍ମୁ-କାଶ୍ମୀରରେ ଘଟିଥିବାରୁ ପୁଲିସ ଅଭିଯୋଗ ରଖିଥିଲେ ମଧ୍ୟ ମାମଲା ରୁଜୁ କରିନାହିଁ।

## ବ୍ରାହ୍ମଣୀ ନଦୀର ନଗଡ଼ ନିକଟରେ ପଥର ପ୍ୟାକିଂ ଦାବି

ରାଜନଗର,୧୭।୩(ସମିସ): ରାଜନଗର ବ୍ଲକ ନଦୀନାଳ ଘେରା ଅଞ୍ଚଳ। ଏହି ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ଜଳବାୟୁ ପରିବର୍ତ୍ତନ ଓ ବନ୍ୟା ଯୋଗୁଁ ବ୍ରାହ୍ମଣୀ ନଦୀ ପଠା ଖାଇ ଗାଁକୁ ଖାଇବାକୁ ବସିଲାଣି। ନଗଡ ଗାଁର ୨୦ରୁ ଊର୍ଦ୍ଧ୍ୱ ପରିବାରର ଭିଟାମାଟି ବ୍ରାହ୍ମଣୀ ଆଁରେ ଯାଇସାରିଛି। ବ୍ରାହ୍ମଣୀ ଆଁରୁ ଅଞ୍ଚଳକୁ ସୁରକ୍ଷା ଦେବାକୁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮ କୋଟି ଟଙ୍କା ତଟ ସୁରକ୍ଷା ପାଇଁ ସରକାର ଯୋଗାଇ ଦେଇଥିଲେ। ବ୍ରାହ୍ମଣୀ ନଦୀର ଗଜରିଆ ଲୁଣା ଘେରିବନ୍ଧର ସୁରକ୍ଷା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା। ସନ୍ଥପଡ଼ାଠାରୁ ନଗଡ ଯାଏଁ ୧୯୮୦ ମିଟର ଲମ୍ବର ପଥର ପ୍ୟାକିଂ ଓ ଡମ୍ପିଂ ପାଇଁ ଏହି ଅର୍ଥ ଦିଆଯାଇଛି। ବର୍ଷକ ମଧ୍ୟରେ କାମ ସାରିବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ନଗଡ ଗାଁକୁ ଯିବା ପାଇଁ ଥିବା ପୋଲରେ ପଥର ଗାଡ଼ି ଗଲେ ପୋଲ ଭାଙ୍ଗିଯିବ କହି ପଥର ଗାଡ଼ିକୁ କେତେକ ବ୍ୟକ୍ତି ଅଟକାଇଲେ, ଏପରିକି ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲ ଉପରେ ଗାଡ଼ି ନ ନେବାକୁ ତାଗିଦ କଲା। କେନାଲରେ ମାଟି ବନ୍ଧ କରି ପଥର ଗାଡ଼ି ନେବାକୁ ପରାମର୍ଶ ଦେଲେ। ଏବେ କେନାଲ ଉପରେ ହୋମ ପାଇପ ପକାଇ ଠିକାଦାର ପଥର ଗାଡ଼ି ନେବାକୁ ମାଟି ବନ୍ଧ କରିବା ସମୟରେ କେତେକ ବ୍ୟକ୍ତି କାମ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ୍ୟା ସମୟରେ ନଦୀ ଯେପରି ଭୟଙ୍କର ରୂପ ଧାରଣ କରୁଛି ଓ ଗୋଟିଏ ଦୁଇଟି ବନ୍ୟା ପରେ ନଗଡ ଗାଁ ସମ୍ପୂର୍ଣ୍ଣ ଭାବେ ନଦୀ ଗର୍ଭରେ ଚାଲିଯାଇଥିବ। କେବଳ ନଗଡ ଗ୍ରାମ ନୁହେଁ ସନ୍ଥପଡ଼ା, ଗୋବିନ୍ଦପୁର, ଛମାଣିଆ ବନ୍ଧ ମଧ୍ୟ ନଦୀ ଗର୍ଭକୁ ଚାଲିଯିବ। ତୁରନ୍ତ ବ୍ରାହ୍ମଣୀ ନଦୀ କୂଳରେ ପଥର ପ୍ୟାକିଂ ଓ ଡମ୍ପିଂ କାମ ତୁରନ୍ତ କରିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲ୍ଲାପାଳ, ରାଜନଗର ତହସିଲଦାର ଓ ଆଳି ତଟବନ୍ଧ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିକଲା ଜନମଞ୍ଚ

ପଟ୍ଟାମୁଣ୍ଡାଇ,୧୭।୩(ସମିସ): ରାଜ୍ୟ ସରକାର କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏହାକୁ ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଜନମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିସହିତ ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ଭିତ୍ତିଭୂମି ସୁଦୃଢ ପାଇଁ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋରଦାର କରିବା ପାଇଁ ଜନମଞ୍ଚର ଏକ ବୈଠକ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରଦୀପ ସାମନ୍ତରାୟ, ସର୍ବେଶ୍ୱର ବାରିକ, ଅଭିମନ୍ୟୁ ମଲ୍ଲିକ, ସର୍ବେଶ୍ୱର ସେଠୀ, କାଉନସିଲର ମଳୟ ଓଝା, କୃପାସିନ୍ଧୁ ସାମଲ, ବିଭୁପ୍ରସାଦ ଦାସ, ଅନ୍ତର୍ଯ୍ୟାମୀ ପରିଡା, ଶୈଳେନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ନାଥ, ଅମାପ ବିଶ୍ୱାଳ, ସରୋଜ ପଣ୍ଡା, ବୀରେନ୍ଦ୍ର ସାମଲ, ଶରତ ବିଶ୍ୱାଳ, ଅମର ନାଥ ମଲ୍ଲିକ, ବାଦଲ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ରବୀନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅଧ୍ୟକ୍ଷ ଅତୁଲ ବଳଙ୍କ ସ୍ମୃତିଚାରଣ ସଭା

ରାଜନଗର, ୧୭।୩(ସମିସ): ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ କୁମାର ବଳଙ୍କ ଦ୍ୱାଦଶାହରେ ମହାବିଦ୍ୟାଳୟ ଷ୍ଟାଫ୍ ଆସୋସିଏସନ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମୀୟ କୁମାର ଦାସ ସଭାକୁ ଉଦ୍‌ଘାଟନ କରିଥିବାବେଳେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା। ଷ୍ଟାଫ୍ ଆସୋସିଏସନ୍ ସଭାପତି ସନ୍ଦୀପ ମହାପାତ୍ର ସଭା ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତ ଅତୁଲ ସାରଙ୍କ କଲେଜ ପ୍ରତି ଭଲ ପାଇବା ଥିବା କହିଥିଲେ। ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଯୋଗଦେଇ ସ୍ୱର୍ଗତ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପୁରାତନ ଛାତ୍ର ସମାବେଶ

ନାଉଗାଁ,୧୭।୩(ସମିସ): ନାଉଗାଁ ବ୍ଲକର ପୁରାତନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଦ୍ୟାଳୟ ଆରମ୍ଭରୁ ତଥା ୧୯୬୨ ମସିହାରୁ ୨୦୨୬ ପର୍ଯ୍ୟନ୍ତ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବରିଷ୍ଠ ଛାତ୍ର ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶ ସଭାରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଆରମ୍ଭରୁ ଆଜିଯାଏ ସମସ୍ତ ସୁବିଧା ଅସୁବିଧା ବିଷୟରେ ନିଜନିଜର ମତ ପ୍ରକାଶ କରିବା ସହିତ ଆଗକୁ ଏହି ବିଦ୍ୟାଳୟର କିପରି ଉନ୍ନତିକରଣ କରାଯିବ ସେଥିପ୍ରତି ଆଲୋଚନା କରିଥିଲେ। ପରେ ପରେ ସମସ୍ତ ବ୍ୟାଚର ଛାତ୍ରଛାତ୍ରୀ ନିଜନିଜର ପୁରାତନ ବନ୍ଧୁ ମାନଙ୍କୁ ପାଖରେ ପାଇ ନିଜନିଜ ଭିତରେ ସୁଖଦୁଃଖ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଅଜୟ କୁମାର ଦଳାଇ, ରବୀନ୍ଦ୍ର କୁମାର ସ୍ୱାଇଁ, ଶିଶିର କୁମାର ନାୟକ, ଗିରିଧାରୀ ପୁହାଣ, ଉପେନ୍ଦ୍ରନାଥ ବିଶ୍ୱାଳ, ନିଲୁରାମ ଜେନାଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ପିଇଓଙ୍କ ତଥ୍ୟ ବଢ଼ାଇଲା ସନ୍ଦେହ

# ସରକାରୀ ଖାତାକୁ ଫେରିନି ଅଗ୍ରୀମ ଭତ୍ତା ଟଙ୍କା

ମହାକାଳପଡ଼ା,୧୭।୩(ସମିସ)

ମହାକାଳପଡ଼ା ବ୍ଲକ ଏବେ କିଛିଦିନ ହେବ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ଉଠୁଛି ପଡୁଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ୩୧ ପଞ୍ଚାୟତ ମଧ୍ୟରୁ ୨୭ଟି ପଞ୍ଚାୟତର ତଥ୍ୟ କହୁଛି ୧୦ ପଞ୍ଚାୟତକୁ ଛାଡି ଅବଶିଷ୍ଟ ୧୭ ପଞ୍ଚାୟତରେ ଏବେବି ଅଗ୍ରୀମ ଭତ୍ତା ଟଙ୍କା ୯୪,୭୦,୪୫୮ ଟଙ୍କା ସରକାରୀ ଖାତାକୁ ନ ଫେରି ବ୍ୟକ୍ତିଗତ ଭାବେ ହାତରେ ରହିଛି। ସରପଞ୍ଚ, ପିଇଓ ଓ ଏଡିଇଓ ଭତ୍ତା ଟଙ୍କା ପ୍ରଦାନ ପାଇଁ ନେଇଥିବା ଅଗ୍ରୀମ ଟଙ୍କା ଭତ୍ତା ବଣ୍ଟନ ପରେ ବଳକା ଟଙ୍କା ନ ଫେରାଇବା ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶାସନ ଏବେ ହରଡ଼ଘଣାରେ ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଗ୍ରୀମ ଟଙ୍କା ଉଠାଇଥିବା କିଛି ସରପଞ୍ଚଙ୍କ କାର୍ଯ୍ୟକାଳ ସରିଥିବାବେଳେ କିଛି କର୍ମଚାରୀଙ୍କ ଅନ୍ୟ ବ୍ଲକ୍‌କୁ ବଦଳି ହୋଇସାରିଛି। ଏ ନେଇ କିଛି ସଚେତନ ନାଗରିକ ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ଚିଠି ଲେଖି ଅଭିଯୋଗକୁ ସମାଧାନ କରିବା ପାଇଁ ପ୍ରୟାସ କରୁଛି। ଯାହାକୁ ନେଇ ପ୍ରଶାସନର ପାରିବାପଣିଆ ଉପରେ ଲୋକେ ଅସନ୍ତୋଷ ପ୍ରକଟ କରିଛନ୍ତି। ରାଜଗଡ଼ ପଞ୍ଚାୟତର ପିଇଓ ମୃତ୍ୟୁଞ୍ଜୟ ରାଉତ ଫେବୃଆରୀ ୬ ତାରିଖ ପର୍ଯ୍ୟନ୍ତ ଦେଇଥିବା ଭତ୍ତା ଟଙ୍କା ହିସାବ ଅନୁସାରେ ରାଜଗଡ଼ ପଞ୍ଚାୟତରେ ୮୭,୫୩,୧୦୦ ଟଙ୍କା ଅଗ୍ରୀମ ରହିଛି। ସେଥିମଧ୍ୟରୁ ତତ୍କାଳୀନ ଏଡିଇଓ ଲିପିକା ରାଉତଙ୍କ ପାଖରେ ସର୍ବାଧିକ ୮୬, ୭୦, ୮୦୦ ଟଙ୍କା ରହିଛି। ଏ ନେଇ ଆମେ ଲିପିକା ରାଉତଙ୍କ ସହିତ କଥା ହେବାରୁ ତାଙ୍କ ପାଖରେ କୌଣସି ଗଚ୍ଛିତ ଟଙ୍କା ନାହିଁ ବୋଲି କହିଥିଲେ। ସେ ଯେଉଁ ଅଗ୍ରୀମ ଟଙ୍କା ଆଣିଥିଲେ ତାହାକୁ ସେ ଭତ୍ତା ଟଙ୍କା ବାଣ୍ଟିବା ସହିତ ଅବଶିଷ୍ଟ ଟଙ୍କା ଜମା କରିସାରିଛନ୍ତି। ତେବେ ଏହି ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଖୋଦ୍ ପଞ୍ଚାୟତର ପିଇଓ ହାତକାଟି ଲେଖିଛନ୍ତି କି ତତ୍କାଳୀନ ଏଡିଇଓଙ୍କ ପାଖରେ ଅଗ୍ରୀମ ନେଇଥିବା ଟଙ୍କା ରହିଛି। ହେଲେ ଲିପିକା 'ସକାଳ'କୁ ଦେଇଥିବା କ୍ଲିନ୍‌ଚିଟ୍ ଉତ୍ତର ଏବେ ଏହି ଘଟଣାକୁ ଆହୁରି ରହସ୍ୟମୟ କରିଛି। ଏଠି ପ୍ରଶ୍ନ ଉଠୁଛି ଯେ ସତ କହୁଛି କିଏ? ପଞ୍ଚାୟତର ପିଇଓ ନା ତତ୍କାଳୀନ ଏଡିଇଓ? ତେବେ ଏହି ଅଗ୍ରୀମ ଭତ୍ତା ଟଙ୍କାର ଲୁଚକାଳି ଖେଳ ଭିତରେ ଏବେ ସମଗ୍ର ମହାକାଳପଡ଼ା ପ୍ରଶାସନକୁ ଦୋଷ ମୁଣ୍ଡାଇବାକୁ ପଡୁଛି। କେବେ ଏହି ଲୁଚକାଳି ଖେଳରେ ପ୍ରଶାସନ ପୂର୍ଣ୍ଣଚ୍ଛେଦ ପକାଇବ, ତାହା ଦେଖିବାକୁ ସମସ୍ତଙ୍କର ନଜର ରହିଛି।